# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୩୧/୨୦୨୩ (୧୬ ପୃଷ୍ଠା) | Bhubaneswar, Tuesday, October 31/2023 | Page 16 | ₹ 7.00 | SAMBALPUR

୪୯ଶ ଭାଗ ୩୩୫ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 335 | ମୂଲ୍ୟ ₹୭/-



DSPL-320




OIPR-19001/13/0042/2324

# ସିସୋଡିଆଙ୍କୁ ଜାମିନ ଦେଲେନି ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୩୦।୧୦

## ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲା


ମନୀଷ ସିସୋଡିଆ

ଦିଲ୍ଲୀ ଅବକାରୀ ନୀତି ସମ୍ପର୍କିତ ଦୁର୍ନୀତି ଓ ମନିଲଣ୍ଡରିଂ ମାମଲାରେ ଜେଲରେ ଥିବା ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆଙ୍କ ନିୟମିତ ଜାମିନ ଆବେଦନକୁ ସୋମବାର ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ଏହି ମାମଲାରେ ୩୩୮ କୋଟି ଟଙ୍କା ଟ୍ରାନ୍ସଫର କରାଯାଇଥିବା ଅଭିଯୋଗ ଆପାତତଃ ପ୍ରମାଣିତ ହୋଇଥିବା ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଛନ୍ତି।

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାର ତଦନ୍ତ କରାଯାଉଛି। ଏହି ମାମଲାରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ନେତା ସିସୋଡିଆଙ୍କୁ ସିବିଆଇ ଗତ ଫେବୃୟାରୀ ୨୬ରେ ଗିରଫ ହେବା ପରଠୁ ସେ ଜେଲରେ ଅଛନ୍ତି। ତାଙ୍କ ଜାମିନ ଆବେଦନକୁ ୨ ପ୍ରମୁଖ ତଦନ୍ତକାରୀ ସଂସ୍ଥା ବିରୋଧ କରିଆସୁଛନ୍ତି। ଏହା ଉପରେ ଶୀର୍ଷ ଅଦାଲତ ଗତ ଜୁଲାଇରେ ନୋଟିସ ଜାରି କରିଥିଲେ ଏବଂ ଅକ୍ଟୋବର ୧୭ରେ ରାୟ ସଂରକ୍ଷିତ ରଖିଥିଲେ। ଉଚ୍ଛେଦ ହୋଇସାରିଥିବା ଦିଲ୍ଲୀ ଅବକାରୀ ନୀତି ସମ୍ପର୍କିତ ଦୁର୍ନୀତି ଓ ମନିଲଣ୍ଡରିଂ ମାମଲାରେ ସିସୋଡିଆଙ୍କ ପକ୍ଷରୁ ଦାଖଲ ୨ଟି ନିୟମିତ ଜାମିନ ଆବେଦନ ଉପରେ ସୁପ୍ରିମକୋର୍ଟ ଏହି ରାୟ ଶୁଣାଇଛନ୍ତି। ଜଷ୍ଟିସ୍ ସଞ୍ଜୀବ ଖାନ୍ନା ଏବଂ ଏସ୍‌ଭିଏନ୍ ଭଟ୍ଟିଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ମାମଲା ୬ରୁ ୮ ମାସ ଭିତରେ ଶେଷ ହୋଇଯିବ ବୋଲି ତଦନ୍ତକାରୀ ସଂସ୍ଥାଗୁଡ଼ିକ ଦେଇଥିବା ବୟାନ ରେକର୍ଡ କରାଯାଇଛି। କିନ୍ତୁ ଅବହେଳା ଯୋଗୁ ତଦନ୍ତ ଅବଧି ବଢ଼ିଲେ ସିସୋଡିଆ ୩ ମାସ ମଧ୍ୟରେ ଜାମିନ ଆବେଦନ କରିପାରିବେ। ଅନୁଧ୍ୟାନ ପରେ କେତୋଟି ନିର୍ଦ୍ଦିଷ୍ଟ ପ୍ରସଙ୍ଗ ସାମ୍ନାକୁ ଆସିଛି, ଯାହାକୁ ଆମେ ସନ୍ଦେହଜନକ ବୋଲି କହିଛୁ। ତେବେ ସେଥିରୁ ଗୋଟିଏ ପ୍ରସଙ୍ଗ ଆପାତତଃ ପ୍ରମାଣିତ ହୋଇଛି। ତାହା ହେଲା ୩୩୮ କୋଟି ଟଙ୍କାର କାରବାର। ଏହାକୁ ଦୃଷ୍ଟିରେ ରଖି ଆମେ ଜାମିନ ଆବେଦନକୁ ଖାରଜ କରୁଛୁ ବୋଲି ଖଣ୍ଡପୀଠ କହିଛନ୍ତି। ରାୟ ଶୁଣାଇବାବେଳେ ଜଷ୍ଟିସ୍ ଖାନ୍ନା କହିଥିଲେ, ଯୁକ୍ତି ଆଧାରରେ ଏହି ନିଷ୍ପତ୍ତି ନିଆଯାଇଥିଲେ ହେଁ କେତେକ ଆଇନଗତ ପ୍ରଶ୍ନର ଉତ୍ତର ମିଳିନାହିଁ। ଯେଉଁ ପ୍ରଶ୍ନର ଉତ୍ତର ମିଳିଛି ତାହା ଅତ୍ୟନ୍ତ ସୀମିତ। ପ୍ରକାଶ ଯେ, ୨୦୨୧ ନଭେମ୍ବର ୧୭ରେ ଦିଲ୍ଲୀ ସରକାର ନୂଆ ଅବକାରୀ ନୀତି ଆଣିଥିଲେ। ଦୁର୍ନୀତି ଅଭିଯୋଗ ଆସିବା ପରେ ୨୦୨୨ ସେପ୍ଟେମ୍ବର ଶେଷ ଆଡ଼କୁ ଏହାକୁ ରଦ୍ଦ କରିଦିଆଯାଇଥିଲା। ତଦନ୍ତକାରୀ ସଂସ୍ଥା ଦ୍ୱୟ ମତରେ ନୂଆ ପଲିସିରେ ହୋଲ୍‌ସେଲରମାନଙ୍କ ଲାଭକୁ ୫%ରୁ ୧୨%କୁ ବୃଦ୍ଧି କରାଯାଇଥିଲା। ଏଥିରୁ ସିସୋଡିଆ ଲାଞ୍ଚ ଆକାରରେ ବିପୁଳ ଲାଭ ପାଇଥିଲେ। ଗତ ଫେବୃୟାରୀ ୨୮ରେ ସିସୋଡିଆ ଦିଲ୍ଲୀ କ୍ୟାବିନେଟରୁ ଇସ୍ତଫା ଦେଇଥିଲେ। ସିବିଆଇ ପକ୍ଷରୁ ତିହାର ଜେଲରେ ତାଙ୍କୁ ଜେରା କରାଯାଇଥିଲା। ସିବିଆଇକୁ ମିଳିଥିବା ତଥ୍ୟ ଆଧାରରେ ଇଡି ମାର୍ଚ୍ଚ ୯ରେ ତାଙ୍କୁ ଗିରଫ କରିଥିଲା। ମେ’ ୩୦ରେ ଦିଲ୍ଲୀ ହାଇକୋର୍ଟ ସିବିଆଇ ମାମଲାରେ ସିସୋଡିଆଙ୍କୁ ଜାମିନ ଦେବାକୁ ମନା କରିଦେଇଥିଲେ। ପୂର୍ବତନ ଉପମୁଖ୍ୟମନ୍ତ୍ରୀ ଓ ଅବକାରୀ ମନ୍ତ୍ରୀ ସିସୋଡିଆ ଜଣେ ହାଇପ୍ରୋଫାଇଲ ବ୍ୟକ୍ତି ହୋଇଥିବାରୁ ଜାମିନ ପାଇ ମୁକୁଳିଲେ ସାକ୍ଷୀମାନଙ୍କୁ ପ୍ରଭାବିତ କରିପାରନ୍ତି ବୋଲି ହାଇକୋର୍ଟ ସେତେବେଳେ କହିଥିଲେ। ଜୁଲାଇ ୩ରେ ହାଇକୋର୍ଟ ମନିଲଣ୍ଡରିଂ ମାମଲାକୁ ଅତ୍ୟନ୍ତ ଗମ୍ଭୀର ପ୍ରସଙ୍ଗ ବୋଲି ଦର୍ଶାଇବା ସହ ପୁନର୍ବାର ଜାମିନ ଆବେଦନକୁ ଖାରଜ କରିଥିଲେ। ଅନ୍ୟପକ୍ଷେ ସୁପ୍ରିମକୋର୍ଟ ରାୟ ଆସିବା ପରେ ଭାଜପା କହିଛି, ଦୁର୍ନୀତିରୁ ମିଳିଥିବା ୩୩୮ କୋଟି ଟଙ୍କା କୁଆଡ଼େ ଗଲା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ତାହା ଅଦାଲତଙ୍କୁ ଜଣାନ୍ତୁ। ଏହାର ଜବାବରେ ଏଏପି କହିଛି, ଅଦାଲତଙ୍କ ରାୟକୁ ଆମେ ସମ୍ମାନ ଦେଉଛୁ। କିନ୍ତୁ ଏଥିରେ ଆମେ ସହମତ ନୋହୁଁ। ସିସୋଡିଆଙ୍କୁ ମୁକ୍ତ କରିବା ପାଇଁ ଅନ୍ୟ ଆଇନଗତ ବିକଳ୍ପଗୁଡ଼ିକ ଉପରେ ଅନୁଧ୍ୟାନ କରିବୁ।

## କେଜ୍‌ରିୱାଲଙ୍କୁ ୨ରେ ଇଡି ଜେରା



ଅବକାରୀ ଦୁର୍ନୀତି ମାମଲାରେ ଇଡି ସୋମବାର ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ସମନ କରିଛି। ନଭେମ୍ବର ୨ରେ ହାଜର ହେବା ପାଇଁ ଏଥିରେ ନିର୍ଦ୍ଦେଶ ରହିଛି। ମନିଲଣ୍ଡରିଂ ନିବାରଣ ଆଇନ (ପିଏମ୍‌ଏଲ୍‌ଏ) ବଳରେ ଏଜେନ୍ସି ମୁଖ୍ୟାଳୟରେ କେଜ୍‌ରିୱାଲଙ୍କ ରେକର୍ଡ ବୟାନ କରାଯିବ ବୋଲି ସୂତ୍ରରୁ ଜଣାପଡ଼ିଛି। ପ୍ରକାଶ ଯେ, ଏହି ମାମଲାରେ ଇଡି ନିଜ ଚାର୍ଜଶିଟ୍‌ରେ ଏକାଧିକ ଥର ଏଏପି ଆବାହକ କେଜ୍‌ରିୱାଲଙ୍କ ନାମ ଉଲ୍ଲେଖ କରିଛି।

# ସୂଚନା କମିଶନ ପଦବୀ ପୂରଣ କର



ନୂଆଦିଲ୍ଲୀ,୩୦।୧୦

## କେନ୍ଦ୍ର, ରାଜ୍ୟକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

### ୩ ସପ୍ତାହରେ ଖାଲି ପଦବୀ ଓ ବିଚାରାଧୀନ ମାମଲା ସଂଖ୍ୟା ସମ୍ପର୍କିତ ତଥ୍ୟ ଦାଖଲ କରିବେ

କେନ୍ଦ୍ରୀୟ ସୂଚନା କମିଶନ (ସିଆଇସି) ଏବଂ ରାଜ୍ୟ ସୂଚନା କମିଶନ (ଏସ୍‌ଆଇସି)ଗୁଡ଼ିକରେ ଖାଲିଥିବା ପଦବୀଗୁଡ଼ିକୁ ପୂରଣ କରିବା ପାଇଁ ପଦକ୍ଷେପ ନେବା ସକାଶେ ସୋମବାର ସୁପ୍ରିମକୋର୍ଟ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟଥା ୨୦୦୫ରେ ପ୍ରଣୀତ ସୂଚନା ଅଧିକାର (ସୂଚନା ଅଧିକାର) ଆଇନ ଏକ ‘ମୃତପତ୍ର’ ପାଲଟିଯିବ ବୋଲି ତିନିଜଣିଆ ଖଣ୍ଡପୀଠ ସତର୍କ କରାଇଛନ୍ତି।

ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ଜେ.ବି. ପରଦିୱାଲା ଏବଂ ମନୋଜ ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ସିଆଇସି, ଏସ୍‌ଆଇସିରେ ଖାଲି ପଦବୀ ପୂରଣ ସକାଶେ କେନ୍ଦ୍ର ଓ ରାଜ୍ୟ ସରକାରମାନେ ବିଫଳ ହୋଇଥିବା ଦର୍ଶାଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏଥିସହ କାର୍ମିକ ଓ ତାଲିମ ବିଭାଗ (ଡିଓପିଟି)କୁ ସବୁ ରାଜ୍ୟରୁ ଏସ୍‌ଆଇସିରେ ମଞ୍ଜୁରିପ୍ରାପ୍ତ ସହ ଖାଲି ପଦବୀ ଏବଂ ଗଡୁଥିବା ମାମଲା ସଂଖ୍ୟା ସମ୍ପର୍କିତ ତଥ୍ୟ ସଂଗ୍ରହ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ଆର୍‌ଟିଆଇ କର୍ମୀ ଅଞ୍ଜଳି ଭରଦ୍ୱାଜଙ୍କ ଆବେଦନର ଶୁଣାଣି କରି ସିଜେଆଇ ଚନ୍ଦ୍ରଚୂଡ଼ କହିଥିଲେ, ଝାଡ଼ଖଣ୍ଡ, ତ୍ରିପୁରା ଓ ତେଲଙ୍ଗାନା ଭଳି ରାଜ୍ୟଗୁଡ଼ିକରେ ଏସ୍‌ଆଇସି ଅକାମୀ ହେବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ୩ ସପ୍ତାହ ମଧ୍ୟରେ ସମସ୍ତ ତଥ୍ୟ ସଂଗ୍ରହ କରି ଦାଖଲ କରିବାକୁ କେନ୍ଦ୍ର ଓ ରାଜ୍ୟକୁ ସିଜେଆଇ ସମୟ ଦେଇଛନ୍ତି। ପ୍ରକାଶ ଯେ, ୨୦୧୯ ଫେବୃୟାରୀ ୧୫ରେ ସୁପ୍ରିମକୋର୍ଟ ନିଜ ରାୟରେ କହିଥିଲେ, କେବଳ ଅମଲାତନ୍ତ୍ରୀଙ୍କୁ ନିଯୁକ୍ତି ନ ଦେଇ ସୂଚନା କମିଶନ ଅଧିକାରୀଙ୍କ ଚୟନ ବେଳେ ସ୍ୱଚ୍ଛତା ଅବଲମ୍ବନ ପୂର୍ବକ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ମଧ୍ୟ ସାମିଲ କରାଯିବା ଉଚିତ। ଏଥିସହ ଓଡ଼ିଶା, ପଶ୍ଚିମବଙ୍ଗ, ମହାରାଷ୍ଟ୍ର, ଗୁଜରାଟ, ନାଗାଲାଣ୍ଡ, ଆନ୍ଧ୍ର ପ୍ରଦେଶ, କେରଳ ଓ କର୍ନାଟକରେ ସୂଚନା କମିଶନ ପଦବୀ ଅବିଳମ୍ବେ ପୂରଣ କରିବାକୁ ସମ୍ପୃକ୍ତ ରାଜ୍ୟଗୁଡ଼ିକର ସରକାରମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଞ୍ଜଳି ଖାଲି ପଦବୀ ପୂରଣ ସକାଶେ ସୁପ୍ରିମକୋର୍ଟଙ୍କ ୨୦୧୯ ରାୟର ଅବତାରଣା କରି ଏହାର ଅନୁପାଳନ ହେଉ ନ ଥିବା ନିଜ ଆବେଦନରେ ଜଣାଇଥିଲେ। ଏଥିସହ ଓଡ଼ିଶା ଏସ୍‌ଆଇସିରେ ୧୬,୭୦୩ ମାମଲା ବିଚାରାଧୀନ ଥିବା ମଧ୍ୟ ଦର୍ଶାଇଥିଲେ। ୩ ସପ୍ତାହ ପରେ ଏହାର ଶୁଣାଣି ହେବ।

# ଏନ୍‌ସିପି ବିଧାୟକଙ୍କ ଘର ଜାଳିଦେଲେ



ବିକ୍ଷୋଭକାରୀମାନେ ବିଧାୟକ ପ୍ରକାଶ ସୋଲାଙ୍କେଙ୍କ ବାସଭବନରେ ନିଆଁ ଲଗାଇଦେଇଛନ୍ତି।

ମୁମ୍ବାଇ,୩୦।୧୦

## ମରାଠା ସଂରକ୍ଷଣ ଆନ୍ଦୋଳନ

ମରାଠା ସଂରକ୍ଷଣ ପାଇଁ ଆନ୍ଦୋଳନ ଚଳାଇଥିବା ବିକ୍ଷୋଭକାରୀମାନେ ସୋମବାର ସକାଳେ ମହାରାଷ୍ଟ୍ରର ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ବିଧାୟକ ପ୍ରକାଶ ସୋଲାଙ୍କେଙ୍କ ବିଡ୍‌ସ୍ଥିତ ବାସଭବନରେ ନିଆଁ ଲଗାଇଦେଇଛନ୍ତି। କୋଟା ସପକ୍ଷବାଦୀ କର୍ମୀ ମନୋଜ ଜରାଙ୍ଗେ ପାଟିଲ ଗତ ୨୫ରୁ ଅନଶନରେ ବସିଥିବାବେଳେ ପ୍ରକାଶ ତାଙ୍କ ବିରୋଧରେ ମନ୍ତବ୍ୟ ଦେଇଥିଲେ। ସେମାନେ ଏଥିରେ ଉତ୍ତ୍ୟକ୍ତ ହୋଇ ତାଙ୍କ ଘରେ ଓ ସେଠାରେ ଥିବା ଯାନବାହନ ଗୁଡ଼ିକରେ ନିଆଁ ଲଗାଇ ଦେଇଛନ୍ତି।

## ବାଂଲାଦେଶ କାଫେ ଆକ୍ରମଣ

# ୭ ଆତଙ୍କବାଦୀଙ୍କୁ ମୃତ୍ୟୁ ପର୍ଯ୍ୟନ୍ତ ଜେଲ

ଢାକା,୩୦।୧୦

୨୦୧୬ ଜୁଲାଇ ୧ରେ ବାଂଲାଦେଶ ରାଜଧାନୀ ଢାକାର ଏକ କାଫେରେ ଇସ୍‌ଲାମୀୟ ଆତଙ୍କବାଦୀମାନେ ଆକ୍ରମଣ କରିଥିଲେ। ରେଷ୍ଟୁରାଣ୍ଟରେ ଖାଉଥିବା ଲୋକଙ୍କୁ ପଣବନ୍ଦୀ ରଖି ଆତଙ୍କିତ କରିଥିଲେ। ଏହି ଆକ୍ରମଣରେ ଜଣେ ଭାରତୀୟ ଯୁବତୀଙ୍କ ସମେତ ୨୩ ନିହତ ଓ ଅନେକେ ଆହତ ହୋଇଥିଲେ। ଏହି ମାମଲାରେ ବାଂଲାଦେଶ ହାଇକୋର୍ଟ ସୋମବାର ୭ ଆତଙ୍କବାଦୀଙ୍କୁ ମୃତ୍ୟୁ ପର୍ଯ୍ୟନ୍ତ କାରାଦଣ୍ଡାଦେଶ ଦେଇଛନ୍ତି।

# ଇଡି ଅଫିସରେ ଗେହଲଟ୍‌ଙ୍କ ପୁଅ

ନୂଆଦିଲ୍ଲୀ,୩୦।୧୦


ବୈଭବ ଗେହଲଟ୍

ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍‌ଙ୍କ ପୁଅ ବୈଭବ ଗେହଲଟ୍‌ଙ୍କୁ ସୋମବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଜେରା କରାଯାଇଛି। ଏକ ବିଦେଶୀ ବିନିମୟ ପରିଚାଳନା ଆଇନ (ଏଫ୍‌ଇଏମ୍‌ଏ) ଉଲ୍ଲଂଘନ ମାମଲାରେ ହାଜର ହେବା ପାଇଁ ବୈଭବଙ୍କୁ ସଂଘୀୟ ଏଜେନ୍ସି ଗତ ସପ୍ତାହରେ ସମନ କରିଥିଲା। ୪୩ ବର୍ଷୀୟ ବୈଭବ ନୂଆଦିଲ୍ଲୀର ଅବ୍‌ଦୁଲ କଲାମ ରୋଡ୍‌ସ୍ଥିତ ଇଡି ମୁଖ୍ୟାଳୟରେ ହାଜର ହୋଇଥିଲେ। ନଭେମ୍ବର ୨୫ରେ ରାଜ୍ୟ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ରାଜସ୍ଥାନ କ୍ରିକେଟ ଆସୋସିଏଶନ୍ ଅଧ୍ୟକ୍ଷ ତଥା ଏଆଇସିସି ସଦସ୍ୟ ବୈଭବ ତାଙ୍କୁ ୧୦-୧୨ ବର୍ଷ ପୁରୁଣା ମିଥ୍ୟା ମାମଲାରେ ଫସାଇବା ପାଇଁ ଏପରି କରାଯାଇଥିବା କହିଛନ୍ତି।

# କଶ୍ମୀରରେ ୟୁପି ଶ୍ରମିକଙ୍କୁ ହତ୍ୟାକଲେ ଆତଙ୍କବାଦୀ

ଶ୍ରୀନଗର,୩୦।୧୦

ଜମ୍ମୁ-କଶ୍ମୀରରେ ଆତଙ୍କବାଦୀମାନେ କ୍ରିକେଟ ଖେଳୁଥିବା ଜଣେ ପୋଲିସ ଅଫିସରଙ୍କୁ ଟାର୍ଗେଟ କରିବା ପରେ ସୋମବାର ଉତ୍ତର ପ୍ରଦେଶର ଜଣେ ଶ୍ରମିକଙ୍କୁ ଗୁଳିକରି ହତ୍ୟା କରିଛନ୍ତି। ୟୁପିର ମୁକେଶ ନାମକ ଶ୍ରମିକ ପୁଲ୍‌ୱାମା ଜିଲା ତୁମ୍‌ଚି ନୋୱାପାରା ଅଞ୍ଚଳରେ କାମ କରୁଥିଲେ। ଆତଙ୍କବାଦୀମାନେ ତାଙ୍କୁ ଗୁଳି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ମୁକେଶଙ୍କ ମୃତ୍ୟୁ ଘଟିଥିବା ଜଣେ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି। ସମ୍ପୃକ୍ତ ଅଞ୍ଚଳକୁ ପୋଲିସ ଘେରି ତଲାସୀ ଆରମ୍ଭ କରିଛି। ଉପତ୍ୟକାରେ ୨୪ ଘଣ୍ଟା ମଧ୍ୟରେ ଏହା ହେଉଛି ଆତଙ୍କବାଦୀଙ୍କ ଦ୍ୱିତୀୟ ଗୁଳିକାଣ୍ଡ। ଏହାକୁ ରାଜନୈତିକ ଦଳଗୁଡ଼ିକ ନିନ୍ଦା କରିଛନ୍ତି।

## ମହିଳା ଆଇନଜୀବୀଙ୍କ ଆକାଉଣ୍ଟରୁ ୫୦ ଲକ୍ଷ ଉଭାନ୍

# ସିମ୍ ସ୍ୱାପ୍ ସ୍କାମ୍‌ରୁ ବର୍ତ୍ତିବା ଉପାୟ

ନୂଆଦିଲ୍ଲୀ,୩୦।୧୦

ଅକ୍ଟୋବର ୧୮ରେ ଉତ୍ତର ଦିଲ୍ଲୀ ହାଇକୋର୍ଟର ଜଣେ ମହିଳା ଆଇନଜୀବୀ ଫୋନ୍ ହ୍ୟାକିଂ ଠକେଇର ଶିକାର ହୋଇଥିଲେ। ଅଜଣା ନମ୍ବରରୁ ଆସିଥିବା ୩ଟି ମିସ୍‌ଡ କଲ୍ ଯୋଗୁ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୫୦ ଲକ୍ଷ ଟଙ୍କା ଉଭାନ୍ ହୋଇଯାଇଛି। ତେବେ ଓକିଲ ଜଣକ ତାଙ୍କ ପାଖକୁ ଆସିଥିବା କଲ୍‌ର ଉତ୍ତର ଦେଇ ନ ଥିଲେ କି ୱାନ୍-ଟାଇମ୍-ପାସ୍‌ୱାର୍ଡ (ଓଟିପି) ଶେୟାର କରି ନ ଥିଲେ। ଏହାସତ୍ତ୍ୱେ ଅଭିଯୁକ୍ତ ଓକିଲଙ୍କ ଆକାଉଣ୍ଟ ବିବରଣୀ ଓ ପ୍ରାଇଭେଟ୍ ଡେଟା ହାତେଇବାରେ ସକ୍ଷମ ହୋଇଥିଲେ, ଯାହାକି ତାଙ୍କୁ ଜମା ଟଙ୍କା ହାତେଇବାରେ ସହାୟକ ହୋଇଥିଲା। ଏହା ସିମ୍ ସ୍ୱାପିଂ ସ୍କାମ୍‌ର ସଦ୍ୟତମ ଦୃଷ୍ଟାନ୍ତ ବୋଲି ଦିଲ୍ଲୀ ପୋଲିସର ସାଇବର ୟୁନିଟ୍ କହିଛି।

ଘଟଣା ଦିନ ୩୫ ବର୍ଷୀୟା ଆଇନଜୀବୀଙ୍କ ନିକଟକୁ ଏକ ନିର୍ଦ୍ଦିଷ୍ଟ ଫୋନ୍ ନମ୍ବରରୁ ଲଗାତର ୩ଟି କଲ୍ ଆସିଥିଲା। ସେ ଅନ୍ୟ ଏକ ନମ୍ବରରୁ କଲର୍‌ଙ୍କୁ କଲ୍‌ବ୍ୟାକ୍ କରିଥିଲେ। କଲର୍ ତାଙ୍କୁ କହିଥିଲେ, ଆପଣଙ୍କ ଏକ କୋରିଅର ଡେଲିଭରି ଅଛି। ମହିଳା ଆଇନଜୀବୀ କୌଣସି ସମ୍ପର୍କୀୟଙ୍କଠାରୁ ପ୍ୟାକେଜ୍ ଆସିଥିବା ଭାବି କଲର୍‌ଙ୍କୁ ନିଜ ଘର ଠିକଣା ଦେଇଥିଲେ। ହେଲେ ତାଙ୍କ ଘରକୁ କୌଣସି ପ୍ୟାକେଟ୍ ଆସି ନ ଥିଲା। କିନ୍ତୁ ଏହା ପରେ ସେ ଦୁଇଟି ମେସେଜ୍ ପାଇଥିଲେ, ଯାହାକୁ ଦେଖି ତାଙ୍କ ହୋସ୍ ଉଡ଼ିଯାଇଥିଲା। ସେଥିରେ ଲେଖାଥିଲା, ଆପଣଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୨ ଥର ମୋଟ୍ ୫୦ ଲକ୍ଷ ଟଙ୍କା କଢ଼ାଯାଇଛି। ପୋଲିସ ଏହି ମାମଲାରେ କାହାରିକୁ ଗିରଫ କିମ୍ବା ସ୍କାମରଙ୍କୁ ଚିହ୍ନଟ କରିପାରି ନାହିଁ।




**ସିମ୍ ସ୍ୱାପିଂ ସ୍କାମ୍ କ’ଣ:** ଜଣେ ସ୍କାମର ଏକ ସିମ୍ କାର୍ଡ ଆକ୍‌ସେସ୍ କରିବାକୁ ସକ୍ଷମ ହେଲେ ତା’ର ଅପବ୍ୟବହାର କରି ସମ୍ପୃକ୍ତ ବ୍ୟକ୍ତିଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ଉଠାଇପାରନ୍ତି। ସ୍କାମରମାନେ ନେଟ୍‌ୱର୍କ ପ୍ରୋଭାଇଡରକୁ ଟ୍ରିକ୍ କରି ଟାର୍ଗେଟ ବ୍ୟକ୍ତିଙ୍କ ସିମ୍ ସହ ନିଜ ପାଖରେ ଥିବା ସିମ୍ କାର୍ଡକୁ ଲିଙ୍କ୍ କରାଇଥାଆନ୍ତି।

**ସୁରକ୍ଷିତ ରହିବେ କିପରି:** ସନ୍ଦିଗ୍ଧ ମନେହେଉଥିବା ବ୍ୟକ୍ତିଙ୍କୁ ପ୍ରଶ୍ରୟ ଦିଅନ୍ତୁ ନାହିଁ। ଆପଣଙ୍କ ସିମ୍ କାର୍ଡ ଲକ୍ ହୋଇଯାଇଥିଲେ କିମ୍ବା ସେଥିରେ ‘ନୋ ଭ୍ୟାଲିଡ୍’ ଭଳି ଏକ ଏରର୍ ମେସେଜ୍ ଆସିଥିଲେ, ତୁରନ୍ତ ସର୍ଭିସ୍ ପ୍ରୋଭାଇଡରକୁ ଯୋଗାଯୋଗ କରି ନିଜ ନମ୍ବର ବ୍ଲକ୍ କରାନ୍ତୁ। ଆପଣ ସିମ୍ ଲକ୍ ଫାସିଲିଟି ମଧ୍ୟ ହାସଲ କରିପାରିବେ। ଏହା ଆପଣଙ୍କ ବ୍ୟକ୍ତିଗତ ବିବରଣୀକୁ ସୁରକ୍ଷିତ କରିବ। ଏହା ପରେ ନିଜ ୟୁପିଆଇ ଏବଂ ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ୍‌କୁ ବ୍ଲକ୍ କରାନ୍ତୁ। ନିୟମିତ ବ୍ୟବଧାନରେ ପାସ୍‌ୱାର୍ଡ ମଧ୍ୟ ବଦଳାନ୍ତୁ। ନିଜ ଆକାଉଣ୍ଟ ଡିଟେଲ୍ସ ଯାଞ୍ଚ କରନ୍ତୁ। କୌଣସି ପ୍ରକାର ଫ୍ରଡ୍ ଟ୍ରାଞ୍ଜାକ୍ସନର ଶିକାର ହୋଇଥିଲେ ତୁରନ୍ତ ବ୍ୟାଙ୍କକୁ ଜଣାନ୍ତୁ। ଆପଣ ଟୁ ଫ୍ୟାକ୍ଟର ଅଥେଣ୍ଟିକେଶନ୍‌ର ସୁବିଧା ମଧ୍ୟ ନେଇପାରିବେ। ଏହା ଆପଣଙ୍କ ଆକାଉଣ୍ଟକୁ ସୁରକ୍ଷିତ ରଖିବ।

## ଫୁର୍‌ସତ୍

# ପାଳିତ ପୁଅକୁ ବିବାହ କଲେ ମହିଳା



ମସ୍କୋ

ଭଲପାଇବା କେତେବେଳେ ଜାତି, ଧର୍ମ, ବର୍ଣ୍ଣ ଦେଖି ନ ଥାଏ। ତାହା ଏକ ସୁନ୍ଦର ଅନୁଭବ। ଭଲପାଇବା କେତେବେଳେ, କେଉଁଠି, କାହା ସହିତ ବି ହୋଇପାରେ। ନିକଟରେ ଏପରି ଏକ ଭଲପାଇବା ଦେଖିବାକୁ ମିଳିଛି, ଯାହା ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗିବ। ଜଣେ ମହିଳା ୩୧ ବର୍ଷ ଛୋଟ ପାଳିତ ପୁଅକୁ ବିବାହ କରିଥିବା ଜଣାପଡ଼ିଛି। ରିପୋର୍ଟ ମୁତାବକ, ୨୨ ବର୍ଷୀୟ ଡାନିଏଲ ଚିଜହେଭସ୍କାଏଙ୍କୁ ଯେତେବେଳେ ୧୪ ବର୍ଷ ବୟସ ହୋଇଥିଲା, ସେତେବେଳେ ରୁଷିଆର ୫୩ ବର୍ଷୀୟା ସଙ୍ଗୀତକାର ଆଶ୍‌ଲୁ ଚିଜହେଭସ୍କାୟା ମିଙ୍ଗାଲିମ୍ ତାଙ୍କୁ ପାଳିଥିଲେ। ଆଶ୍‌ଲୁ ଡାନିଏଲଙ୍କୁ ଏକ ଅନାଥାଳୟରେ ଦେଖିବା ପରେ ତାଙ୍କୁ ପୁଅ କରିଥିଲେ। ସେତେବେଳେ ସେ ଡାନିଏଲଙ୍କୁ ଗୀତ ଶିଖାଉଥିଲେ। ପରେ ଡାନିଏଲଙ୍କୁ ଘରକୁ ଆଣିବା ପରେ ଦୁହିଁଙ୍କ ମଧ୍ୟରେ ଭଲପାଇବା ଆରମ୍ଭ ହେବାକୁ ଲାଗିଥିଲା। ଡାନିଏଲଙ୍କ ବ୍ୟତୀତ ଆଶ୍‌ଲୁ ଆଉ ୫ ଜଣଙ୍କୁ ମଧ୍ୟ ଅନାଥାଳୟରୁ ଆଣିଥିଲେ। ଆଶ୍‌ଲୁ ଏବଂ ଡାନିଏଲ୍‌ଙ୍କ ବିବାହ ପରେ ଅନାଥାଳୟ ଉକ୍ତ ୫ଜଣଙ୍କୁ ଆଶ୍‌ଲୁଙ୍କ ପାଖରୁ ନେଇଯାଇଥିବା ଜଣାପଡ଼ିଛି। ଆଶ୍‌ଲୁଙ୍କ ବିବାହ ଶୀଘ୍ର ହୋଇଯାଇଥିବାରୁ ତାଙ୍କର ଜଣେ ପୁଅ ମଧ୍ୟ ରହିଛି।

## ‘ଜୀବନସାଥୀ ସହିତ ରିଲ ପାର୍ଟନର ଆବଶ୍ୟକ’

**ନୂଆଦିଲ୍ଲୀ:** ଆଗକୁ ବିବାହ ଋତୁ ଆସୁଛି। ଯେଉଁଥିପାଇଁ ବିବାହ ସମ୍ବନ୍ଧୀୟ ବିଭିନ୍ନ ବିଜ୍ଞାପନ ମଧ୍ୟ ଦେଖିବାକୁ ମିଳିବ। ତେବେ ନିକଟରେ ଏକ ବିଜ୍ଞାପନକୁ ନେଇ ଖୁବ୍ ଚର୍ଚ୍ଚା ହେଉଛି; ଯେଉଁଥିରେ ଜଣେ ଯୁବତୀ ତାଙ୍କ ପାଇଁ ଉପଯୁକ୍ତ ପୁଅର ତଲାସରେ ଅଛନ୍ତି। ଏଥିସହ ତାଙ୍କୁ ରିଲ ପାର୍ଟନର ମଧ୍ୟ ଆବଶ୍ୟକ। ଖବରକାଗଜରେ ବିଜ୍ଞାପନ ଦିଆଯାଇଥିବା ଏକ ଫଟୋ ଏବେ ଏକ୍ସ’ରେ ଭାଇରାଲ ହେଉଛି। ଫଟୋ ବିବାହର ବିଜ୍ଞାପନରେ ଦେଖିବାକୁ ମିଳିଛି; ଯାହାକୁ ରିୟା ନାମ୍ନୀ ଜଣେ ଯୁବତୀ ଛପାଇଥିବା ଲେଖାଯାଇଛି। ହେଲେ ଏହି ବିଜ୍ଞାପନଟି କେଉଁ ଖବରକାଗଜରେ ଛପା ହୋଇଛି, ତାହା ଜଣାପଡ଼ିନି। ରିୟା ସେଥିରେ ଲେଖିଛନ୍ତି, ସେ ଜଣେ ଜୀବନସାଥୀ ସହିତ ରିଲ ପାର୍ଟନର ଖୋଜୁଛି। ଯିଏ କି କ୍ୟାମେରା ସମ୍ମୁଖରେ ଲାଜ କରୁ ନ ଥିବ ଏବଂ ତାଙ୍କ ସହ ରିଲେଶନଶିପ ରିଲ୍ କରିବାକୁ ପ୍ରସ୍ତୁତ ଥିବ, କଣ୍ଟେଣ୍ଟ ତିଆରି କରିଥିବା ଜାଣିଥିବ, ସେହି ପୁଅର ଯୌଥ ପରିବାର ନ ଥିବ। ଏଥିସହ ସେ ଯୁବତୀଙ୍କ ଭିଡିଓକୁ ଏଡିଟ୍ କରିପାରୁଥିବା ଦରକାର। ରିୟା ବିଜ୍ଞାପନରେ ତାଙ୍କ ଇ-ମେଲ୍ ଆଇଡି ମଧ୍ୟ ଦେବା ସହ ସେ ଆମାଜନ୍ ମିନିଟିଭିର ଏକ ଶୋ’ ବାବଦରେ ମଧ୍ୟ କହିଛନ୍ତି।

# ତିଆରି ହେବ ବୁର୍ଜ ଖଲିଫାଠୁ ଉଚ୍ଚ ବିଲ୍ଡିଂ

ରିୟାଦ

ବିଶ୍ୱର ସବୁଠୁ ଉଚ୍ଚ ବିଲ୍ଡିଂ ହେଉଛି ଦୁବାଇର ବୁର୍ଜ ଖଲିଫା; ଯାହାର ଉଚ୍ଚତା ୨,୭୧୬.୫ ଫୁଟ। ତେବେ ଆଗକୁ ଏହାଠାରୁ ଉଚ୍ଚ ବିଶିଷ୍ଟ ଏକ ବିଲ୍ଡିଂ ପ୍ରସ୍ତୁତ ହେବ ବୋଲି ଜଣାପଡ଼ିଛି; ଯାହାର ଉଚ୍ଚତା ବୁର୍ଜ ଖଲିଫାଠାରୁ ୫୦୦ ଫୁଟ ଅଧିକ ରହିବ। ଏହି ବିଲ୍ଡିଂ ସାଉଦି ଆରବିୟାର ଜେଦ୍ଦା ସହରରେ ତିଆରି ହେବ। ଏହାର ନାମ ଜେଦ୍ଦା ଟାୱାର ବୋଲି ରଖାଯିବ; ଯାହା ଅର୍ଦ୍ଧନିର୍ମିତ ଅବସ୍ଥାରେ ରହିଛି। ରିପୋର୍ଟ ମୁତାବକ, ପ୍ରିନ୍ସ ଆଲୱାଲିଡ୍ ବିନ୍ ତାଲା ସାଉଦି ଆରବିୟାରେ ୧ କି.ମି. ବିଶିଷ୍ଟ ଏକ ବିଲ୍ଡିଂ ତିଆରି କରିବାକୁ ଚାହୁଁଛନ୍ତି। ହେଲେ ବିଲ୍ଡିଂ ତିଆରି କରିବା ସମୟରେ ତାଙ୍କୁ ୨ ନିବେଶକଙ୍କୁ ସରକାରୀ ନିୟମର ସାମ୍ନା କରିବାକୁ ପଡ଼ିଲା। ସେ ଦୁହେଁ ୨୦୧୭ରେ ଗିରଫ ହୋଇଥିଲେ। ସେତେବେଳଠୁ ଏହି ଟାୱାର କାମ ଅଧାରେ ରହିଥିଲା। ପ୍ରୋଜେକ୍ଟ ପ୍ଲାନିଂ ଅନୁସାରେ, ଟାୱାର ଉଚ୍ଚତା ୧ହଜାର ମିଟର କରାଯିବ। ଏଥିରେ ୨୫୨ ମହଲା କରିବାର ଯୋଜନା ରହିଛି। ବର୍ତ୍ତମାନ ପର୍ଯ୍ୟନ୍ତ ଏହି ବିଲ୍ଡିଂରେ ୬୩ଟି ମହଲାର ପ୍ରସ୍ତୁତି ସରିଛି; ଯାହାର କାମ ୨୦୧୫ରୁ ୨୦୧୭ମଧ୍ୟରେ ନିର୍ମାଣ କରାଯାଇଥିଲା। ବର୍ତ୍ତମାନ ବହୁ ବର୍ଷ ପରେ ଏହି ଟାୱାର କାମ ପୁଣି ଆରମ୍ଭ ହୋଇଛି।




# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୩୧/୨୦୨୩ Bhubaneswar, Tuesday, October 31/2023 | ପୃଷ୍ଠା-୧




**'ଦି ଲେଡି କିଲର'ରେ ଭୂମି**

ନିର୍ଦ୍ଦେଶକ ଅଜୟ୍ ବହଲଙ୍କ ଫିଲ୍ମ 'ଦି ଲେଡି କିଲର'ରେ ବଲିଉଡ୍ ଅଭିନେତ୍ରୀ ଭୂମି ପେଡେନକରଙ୍କୁ ଏକ ଭିନ୍ନ ଚରିତ୍ରରେ ଦେଖିବାକୁ ମିଳିବ।

୦୨

୧୪

**ଭର୍ଷ୍ଟାପେନଙ୍କୁ ଟାଇଟଲ**

ରେଡବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍ ଫର୍ମୁଲାୱାନ ମେକ୍ସିକୋ ସିଟି ଗ୍ରାଁ ପ୍ରି ଜିତିଛନ୍ତି।



# ଦଳୀୟ ପାଣ୍ଠି ଉତ୍ସ ଜାଣିବାର ହକ୍ ନାହିଁ: କେନ୍ଦ୍ର

**ଇଲେକ୍ଟୋରାଲ ବଣ୍ଡ୍ ମାମଲା**

**ସାମ୍ବିଧାନିକ ପୀଠରେ ଶୁଣାଣି ଆଜି**

**ନୂଆଦିଲ୍ଲୀ,୩୦।୧୦(ପି.ଟି.)**

ରାଜନୈତିକ ଦଳଗୁଡ଼ିକ ଇଲେକ୍ଟୋରାଲ ବଣ୍ଡ୍ ଜରିଆରେ କେଉଁ ଉତ୍ସରୁ କେତେ ଟଙ୍କା ପାଇଛନ୍ତି, ସମ୍ବିଧାନର ଅନୁଚ୍ଛେଦ ୧୯(୧) (ଏ) ଅନୁସାରେ ତାହା ଜାଣିବା ଅଧିକାର ନାଗରିକମାନଙ୍କର ନାହିଁ ବୋଲି ସୋମବାର ସୁପ୍ରିମକୋର୍ଟରେ କେନ୍ଦ୍ର ଯୁକ୍ତି ବାଢ଼ିଛି। କେନ୍ଦ୍ରରେ କ୍ଷମତାସୀନ ଭାଜପା ସର୍ବାଧିକ ଚାନ୍ଦା ପାଉଥିବାରୁ ସରକାରଙ୍କ ଏଭଳି ଆଭିମୁଖ୍ୟକୁ କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ସମାଲୋଚନା କରିଛନ୍ତି।

କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଆଟର୍ନି ଜେନେରାଲ (ଏଜି) ଆର୍. ଭେଙ୍କଟରମଣୀ ମାମଲାର ଶୁଣାଣି ବେଳେ ଦଳଗୁଡ଼ିକ ପାଉଥିବା ଚାନ୍ଦାରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଥିବା ଦର୍ଶାଇ କହିଛନ୍ତି, କୌଣସି ବିଶେଷ କାରଣ ନ ଥିଲେ ନାଗରିକମାନେ ସାଧାରଣତଃ ଦଳୀୟ ଚାନ୍ଦାର ଉତ୍ସ ଜାଣିପାରିବେ ନାହିଁ। କାରଣ ଏହି ସ୍କିମ୍‌ରେ ଚାନ୍ଦା ଦେଉଥିବା ଦାତା ଗୋପନୀୟତା ସୁବିଧା ପାଇଆସୁଛନ୍ତି। ଏହି ଯୋଜନାରେ ସ୍ୱଚ୍ଛ ଅର୍ଥ ପ୍ରଦାନକୁ ନିଶ୍ଚିତ କରାଯିବା ସହ ପ୍ରୋତ୍ସାହନ ଦିଆଯାଇଥାଏ। ଟ୍ୟାକ୍ସ ସମ୍ପର୍କିତ ଉତ୍ତରଦାୟିତ୍ୱର ପାଳନ ପାଇଁ ମଧ୍ୟ ଏଥିରେ ନିଶ୍ଚିତ କରାଯାଇଛି। ତେଣୁ ଏହା ନାଗରିକଙ୍କ ଜାଣିବା ଅଧିକାର ପରିସରରେ ଆସୁନାହିଁ ବୋଲି ଏଜି ସର୍ବୋଚ୍ଚ ଅଦାଲତଙ୍କୁ ଅବଗତ କରାଇଛନ୍ତି।

ଇଲେକ୍ଟୋରାଲ ବଣ୍ଡ୍‌କୁ ଚ୍ୟାଲେଞ୍ଜ କରି ଦାଖଲ ହୋଇଥିବା ପିଟିଶନଗୁଡ଼ିକୁ ପ୍ରତ୍ୟାଖ୍ୟାନ କରି କେନ୍ଦ୍ରର ଶୀର୍ଷ ଆଇନ ଅଧିକାରୀ ଏଜି ଆହୁରି କହିଛନ୍ତି, ନ୍ୟାୟିକ ସମୀକ୍ଷା କ୍ଷମତାର ତାତ୍ପର୍ଯ୍ୟ ନୁହେଁ ଯେ, ଏହା ରାଷ୍ଟ୍ରନୀତିକରେ ପରିବର୍ତ୍ତନ ପାଇଁ ପ୍ରସ୍ତାବ ଦେବ। ଏକ ସାମ୍ବିଧାନିକ ଅଦାଲତ କେବଳ ସରକାରୀ କାର୍ଯ୍ୟକୁ ସମୀକ୍ଷା କରିପାରିବ। ରାଜନୈତିକ ଦଳଗୁଡ଼ିକୁ ମିଳୁଥିବା ଦାନର ଗଣତାନ୍ତ୍ରିକ ମହତ୍ତ୍ୱ ରହିଛି। ☞ପୃଷ୍ଠା–୨



ଓଡ଼ିଶାରେ ନବନିଯୁକ୍ତ ରାଜ୍ୟପାଳ ରଘୁବର ଦାସଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଅପରାହ୍ନରେ ରାଜଭବନଠାରେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରୁଛନ୍ତି।

# ମୃତ୍ୟୁସଂଖ୍ୟା ୧୩କୁ ବୃଦ୍ଧି, ୫୪ ଆହତ

**ଆନ୍ଧ୍ର ଟ୍ରେନ୍ ଦୁର୍ଘଟଣା**

**ରାୟଗଡ଼ା,୩୦।୧୦ (ଆଶିଷ ରଞ୍ଜନ ପଣ୍ଡା)**

ଆନ୍ଧ୍ରପ୍ରଦେଶର କଣ୍ଟକାପାଲୀ ଓ ଆଲମଣ୍ଡା ରେଳ ଷ୍ଟେଶନ ମଧ୍ୟରେ ରବିବାର ସନ୍ଧ୍ୟାରେ ଘଟିଥିବା ଟ୍ରେନ ଦୁର୍ଘଟଣାରେ ମୃତକଙ୍କ ସଂଖ୍ୟା ୧୩ ଛୁଇଁଛି। ଦୁର୍ଘଟଣାରେ ୫୪ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୨ଜଣ ମହିଳା ଓ ୯ ଜଣ ପୁରୁଷ ରହିଛନ୍ତି। ସମସ୍ତଙ୍କ ଘର ଆନ୍ଧ୍ରପ୍ରଦେଶ। ଏବେ ବି ଅନ୍ୟ ୨ଟି ମୃତଦେହ ଚିହ୍ନଟ ହୋଇପାରି ନ ଥିବା ରେଲୱେ ପକ୍ଷରୁ ସୂଚନା ମିଳିଛି। ତେବେ ମୃତକଙ୍କ ମଧ୍ୟରେ ଓଡ଼ିଶାର କେହି ନ ଥିବା ଜଣାପଡ଼ିଛି। ଉଦ୍ଧାର କାର୍ଯ୍ୟ ଶେଷ ହୋଇଥିବା ୱାଲଟିୟର ଡିଭିଜନ ଡିଆରଏମଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି। ମିଳିଥିବା ସୂଚନା ଅନୁସାରେ ବର୍ତ୍ତମାନ ଉକ୍ତ ରୁଟ୍‌ର ୨ଟି ଲାଇନ୍ ସ୍ୱାଭାବିକ ହେବା ସହ ସୋମବାର ୨ଟା ପରଠାରୁ ଟ୍ରେନ୍ ଚଳାଚଳ ସ୍ୱାଭାବିକ ରହିଛି। ଅନ୍ୟ ଗୋଟିଏ ରୁଟ୍‌ର ମରାମତି କାର୍ଯ୍ୟ ଚାଲିଛି। ☞ପୃଷ୍ଠା–୨

# ପୁଣି ମାନବୀୟ ତ୍ରୁଟି

**ବାହାନଗା ଟ୍ରେନ୍ ଟ୍ରାଜେଡିର ପୁନରାବୃତ୍ତି**

**ବିଶାଖାପାଟଣା,୩୦।୧୦ (ଆଇଏଏନ୍‌ଏସ୍)**

ଆନ୍ଧ୍ରପ୍ରଦେଶର ବିଜୟନଗରମ୍ ଜିଲାରେ ରବିବାର ଘଟିଥିବା ଟ୍ରେନ ଦୁର୍ଘଟଣା ୫ ମାସ ତଳର ବାଲେଶ୍ୱର ଜିଲା ବାହାନଗା ଟ୍ରେନ୍ ଟ୍ରାଜେଡିର ପ୍ରାୟ ପୁନରାବୃତ୍ତି ବୋଲି କୁହାଯାଉଛି। ରେଳ ଅଧିକାରୀମାନଙ୍କ କହିବାନୁଯାୟୀ, ମାନବୀୟ ତ୍ରୁଟି ଏହି ଦୁର୍ଘଟଣାର ସମ୍ଭାବ୍ୟ କାରଣ। ବିଶାଖାପାଟଣା- ରାୟଗଡ଼ା ପାସେଞ୍ଜର ଟ୍ରେନ୍ ସିଗ୍‌ନାଲ ଲଙ୍ଘନ କରିବା ଯୋଗୁ ଦୁର୍ଘଟଣା ଘଟିଥିବା ସେମାନେ କହିଛନ୍ତି।

ଗତ ଜୁନ୍ ୨ ତାରିଖରେ ଶାଲିମାର–ଚେନ୍ନାଇ ସେଣ୍ଟ୍ରାଲ କରମଣ୍ଡଳ ଏକ୍ସପ୍ରେସ୍ ବାହାନଗା ବଜାର ରେଳଷ୍ଟେଶନ ନିକଟ ମୁଖ୍ୟ ଲାଇନ୍ ବଦଳରେ ଲୁପ୍ ଲାଇନ୍‌ରେ ଆସିଯାଇଥିଲା। ଫଳରେ ଲୁପ୍ ଲାଇନ୍‌ରେ ଛିଡ଼ା ହୋଇଥିବା ☞ପୃଷ୍ଠା–୨

# ୭ ବର୍ଷର ଶିଶୁକୁ ଖାଇଗଲା ବାଘ

**ନୂଆପଡ଼ା ଜିଲାରେ ପୁଣି ବାଘ ଆତଙ୍କ**

**ନୂଆପଡ଼ା,୩୦।୧୦(ମକାରୁ ବେମାଲ)**

ନୂଆପଡା ଜିଲାରେ କିଛି ମାସ ବ୍ୟବଧାନ ପରେ ପୁଣି ସୁନାବେଡ଼ା ଅଭୟାରଣ୍ୟ ଭିତରେ ଅବସ୍ଥିତ ଭରୁଆମୁଣ୍ଡା ପଞ୍ଚାୟତ କଟିଙ୍ଗପାଣି ଗାଁର ଗୌଧସ ପଡ଼ାରେ ବାଘ ଆତଙ୍କ ଦେଖାଦେଇଛି। ସୋମବାର ସନ୍ଧ୍ୟାରେ ଧରମବନ୍ଧା ଥାନା କଟିଙ୍ଗପାଣି ଗ୍ରାମର ଗୌଧସ ପଡାର ଜଣେ ୭ ବର୍ଷର ଶିଶୁକୁ ବାଘ ଖାଇଥିବା ପରିବାର ଏବଂ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ମୃତକ ହେଲେ ଗୌଧସ ପଡାର ହୁମନ ଧରୁଆଙ୍କ ପୁଅ ଡମ୍ବୁର (୭)। ☞ପୃଷ୍ଠା–୨

**ଆଜିର ସମ୍ପାଦକୀୟ**

ମୁଣ୍ଡ ଗଡ଼ୁ







**ଆଜିର ମନ୍ତବ୍ୟ**
"ଦେଶରେ ବାରମ୍ବାର ଟ୍ରେନ୍ ଦୁର୍ଘଟଣା ଘଟିବା ଦୁର୍ଭାଗ୍ୟଜନକ। ଆନ୍ଧ୍ର ଟ୍ରେନ୍ ଟ୍ରାଜେଡିର ତୁରନ୍ତ ତଦନ୍ତ କରାଯାଉ।
– ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତା' କଥା ତାକୁ ଜଣା,
ମିଛେ ବୋଲୁଥାଇ ମୋହର କିଣା।**

କାହା ଅନ୍ତର କଥା କେହି ବୁଝିପାରନ୍ତି ନାହିଁ। ଅନ୍ୟର ମନ ତଳର ଗହନ କଥା ବୁଝିବା ଅତ୍ୟନ୍ତ କଷ୍ଟକର ହୋଇଥାଏ। ତେଣୁ ମୁହଁରେ ଯିଏ ଯାହା କହେ, ସେହି କଥାକୁ ନିଜ ବୁଦ୍ଧିରେ ସତ କିମ୍ବା ମିଛ ବୋଲି ଧାରଣା କରିବା ହିଁ ଉଚିତ ହୋଇଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ତା' କଥା ତା'ଠେଇଁ ଥାଉ
ମୋ କଥା ମତେ ଫେରାଇ ଦେଉ।**

ଯିଏ ନିଜ ଜିଦି ବା କଥାରେ ଅଟଳ, ତା'ପ୍ରତି କୌଣସି ପରାମର୍ଶ ବା ଉପଦେଶ କାଟୁ କରେ ନାହିଁ। ଏପରି ଅବସ୍ଥାରେ ତା'ପାଖରୁ ମନେ ମନେ ଖସି ଆସିବା ହିଁ ଭଲ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:




# ନୂଆ ରାଜ୍ୟପାଳଙ୍କୁ ସ୍ୱାଗତ, ଆଜି ଶପଥ

**ଭୁବନେଶ୍ୱର, ୩୦।୧୦(ଅସମାପିକା ସାହୁ)**

ଶପଥ ନେବାର ଦିନକ ପୂର୍ବରୁ ଓଡ଼ିଶାର ନୂଆ ରାଜ୍ୟପାଳ ରଘୁବର ଦାସ ସୋମବାର ଭୁବନେଶ୍ୱରସ୍ଥିତ ରାଜଭବନରେ ପହଞ୍ଚିଛନ୍ତି। ରାଜ୍ୟପାଳଙ୍କ ସମେତ ୧୦୦ରୁ ଅଧିକ ଅତିଥି ଆସିଛନ୍ତି। ରାଜଭବନଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବାଚସ୍ପତି ପ୍ରମିଳା ମଲ୍ଲିକ ରାଜ୍ୟପାଳଙ୍କୁ ସ୍ୱାଗତ କରିଛନ୍ତି। ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ଡିଜି ସୁନିଲ କୁମାର ବଂଶଲ ମଧ୍ୟ ନୂଆ ରାଜ୍ୟପାଳଙ୍କୁ ସ୍ୱାଗତ କରିଥିଲେ। ରାଜଭବନରେ ସମସ୍ତଙ୍କୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ଝାଡ଼ଖଣ୍ଡରୁ ରାଜ୍ୟପାଳ ଦାସ ପୁରୁଷୋତ୍ତମ ଏକ୍ସପ୍ରେସ୍ ଯୋଗେ ସୋମବାର ସକାଳେ ପୁରୀରେ ପହଞ୍ଚିଥିଲେ। ସେ ପ୍ରଥମେ ପୁରୀ ରାଜଭବନରେ ପହଞ୍ଚି ମହୋଦଧିକୁ ଯାଇ ସୂର୍ଯ୍ୟୋଦୟ ଦେଖିଥିଲେ। ପରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ଶ୍ରୀମନ୍ଦିରରୁ ବାହାରି ସ୍ଥାନୀୟ ରାଜଭବନକୁ ଫେରି ସେଠାରୁ ଭୁବନେଶ୍ୱର ଆସି ରାଜଭବନରେ ପହଞ୍ଚିଥିଲେ। ମଙ୍ଗଳବାର ସକାଳ ୮ଟା ୪୫ରେ ଲିଙ୍ଗରାଜଙ୍କ ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ସେଠାରେ ପ୍ରାୟ ୧ଘଣ୍ଟା କାଳ ପୂଜାର୍ଚ୍ଚନା କରିବେ। ଏହାପରେ ପୂର୍ବାହ୍ନ ୧୧ଟା ୪୫ରେ ରାଜଭବନର ନୂଆ ହଲ୍‌ରେ ଓଡ଼ିଶାର ରାଜ୍ୟପାଳ ଭାବେ ଶପଥ ଗ୍ରହଣ କରିବେ। ଶପଥ ପାଠ ସମୟରେ ସିଧାପ୍ରସାରଣ କରାଯିବ ବୋଲି ରାଜଭବନ ପକ୍ଷରୁ ସୂଚନା ମିଳିଛି। ନୂଆ ରାଜ୍ୟପାଳଙ୍କୁ ପ୍ରୋଟୋକଲ ଅନୁଯାୟୀ ଜେଡ୍ ପ୍ଲସ୍ ସୁରକ୍ଷା ଯୋଗାଇ ଦିଆଯାଇଛି।



# 'ଦି ଲେଡି କିଲର'ରେ ଭୂମି

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ଭୂମି ପେଡ଼େନେକର ଏବଂ ଅଭିନେତା ଅର୍ଜୁନ କପୁର ତାଙ୍କ ଆଗାମୀ ଫିଲ୍ମ 'ଦି ଲେଡି କିଲର'କୁ ନେଇ କିଛିଦିନ ହେବ ବେଶ୍ ଚର୍ଚ୍ଚାରେ ଅଛନ୍ତି। ସୋମବାର ଦୁହିଁଙ୍କ ଅଭିନୀତ ଏହି ସିନେମାର ଟ୍ରେଲର ରିଲିଜ୍ ହୋଇଛି। ଏହାକୁ ଫ୍ୟାନ୍ସମାନେ ବହୁତ ପସନ୍ଦ କରିଛନ୍ତି। ଅର୍ଜୁନଙ୍କଠାରୁ ଟ୍ରେଲରଟି ଆରମ୍ଭ ହୋଇଛି। ସେ ଏକ ନୂଆ ସହରକୁ ଯାଇଥିବାବେଳେ ସେଠାରେ ଭୂମିଙ୍କ ସହ ଦେଖା ହୋଇଛି। ଅର୍ଜୁନଙ୍କୁ ଏକ ଭିନ୍ନ ଲୁକ୍‌ରେ ଦେଖିବାକୁ ମିଳିଛି। ଫିଲ୍ମରେ ଅର୍ଜୁନଙ୍କ ଅଭିନୟକୁ ଦର୍ଶକ ବହୁତ ପ୍ରଶଂସା କରିଛନ୍ତି। ନିର୍ଦ୍ଦେଶକ ଅଜୟ ବହଲଙ୍କ ଏହି ଫିଲ୍ମ ଜରିଆରେ ଉଭୟ ପ୍ରଥମ ଥର ପାଇଁ ଏକାଠି ନଜରକୁ ଆସୁଛନ୍ତି। ଦୁହିଁଙ୍କ ଯୋଡ଼ି ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଛି। ନଭେମ୍ବର ୩ରେ ଫିଲ୍ମ ସିନେମା ହଲ୍‌ରେ ମୁକ୍ତିଲାଭ କରିବ। ଏହାପରେ ଫିଲ୍ମ ଓଟିଟିରେ ମଧ୍ୟ ରିଲିଜ୍ ହେବ। ତେବେ ଭୂମି ୨୦୧୫ରୁ ତାଙ୍କ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। ଏହାପରେ ସେ ଅନେକ ଫିଲ୍ମରେ ତାଙ୍କ ଦମ୍‌ଦାର ଅଭିନୟ କରିଛନ୍ତି। ଶେଷଥର ପାଇଁ ତାଙ୍କୁ ସିନେମା 'ଥ୍ୟାଙ୍କୁ ଫର କମିଂ'ରେ ଦେଖିବାକୁ ମିଳିଥିଲା।

# ବିକାଶର ନୂଆ ଶିଖରରେ ପହଞ୍ଚିବ ସବୁ ଗାଁ: ମୁଖ୍ୟମନ୍ତ୍ରୀ

## ଆମ ଓଡ଼ିଶା ନବୀନ ଓଡ଼ିଶା

- ରାୟଗଡ଼ାର ୩ ନିର୍ବାଚନମଣ୍ଡଳୀର ୨,୬୧୩ ପ୍ରକଳ୍ପ ପାଇଁ ୯୧ କୋଟି
- ଝାରସୁଗୁଡ଼ାର ୨ଟି ନିର୍ବାଚନମଣ୍ଡଳୀର ୯୫୭ ପ୍ରକଳ୍ପ ପାଇଁ ୩୯ କୋଟି
- ଗାଁର ରୂପାନ୍ତର ସାରା ଦେଶକୁ ରାସ୍ତା ଦେଖାଇବ: ପାଣ୍ଡିଆନ




**ଭୁବନେଶ୍ୱର,୩୦।୧୦(ଅନିଲ ଦାସ)**

ରାଜ୍ୟ ସରକାରଙ୍କ ମହତ୍ତ୍ୱାକାଂକ୍ଷୀ ଯୋଜନା 'ଆମ ଓଡ଼ିଶା ନବୀନ ଓଡ଼ିଶା' ମାଧ୍ୟମରେ ନୂଆ ଓଡ଼ିଶା ସଶକ୍ତ ଓଡ଼ିଶା ଗଠନର ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ଅଭିଯାନ ଆରମ୍ଭ ହୋଇଛି। ସୋମବାର ଭୁବନେଶ୍ୱରରୁ ଆଭାସୀ ଯୋଗେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କାର୍ଯ୍ୟକ୍ରମର ୬ଷ୍ଠ ଦିବସରେ ରାୟଗଡ଼ା ଓ ଝାରସୁଗୁଡ଼ା ଜିଲାରେ ଏହି ଯୋଜନାର ଶୁଭାରମ୍ଭ କରିଛନ୍ତି। ଫଳରେ ପ୍ରତି ପଞ୍ଚାୟତ ପାଇବେ ୫୦ ଲକ୍ଷ ଟଙ୍କା।

ରାୟଗଡ଼ା ଜିଲାର ରାୟଗଡ଼ା, ଗୁଣପୁର ଓ ବିଷମକଟକ ନିର୍ବାଚନମଣ୍ଡଳୀକୁ ୯୧ କୋଟି ଟଙ୍କା ମିଳିଛି। ଏହିସବୁ ନିର୍ବାଚନମଣ୍ଡଳୀର ୧୧ ବ୍ଲକରେ ୧୮୨ଟି ଗ୍ରାମପଞ୍ଚାୟତରେ ୨,୬୧୩ଟି ପ୍ରକଳ୍ପ ହେବ। ସେହିପରି ଝାରସୁଗୁଡ଼ା ଜିଲାର ଝାରସୁଗୁଡ଼ା ଓ ବ୍ରଜରାଜନଗର ନିର୍ବାଚନମଣ୍ଡଳୀ ପାଇଁ ୩୯ କୋଟି ଟଙ୍କା ମଞ୍ଜୁର ହୋଇଛି। ଏଥିରେ ୫ଟି ବ୍ଲକର ୭୮ଟି ଗ୍ରାମପଞ୍ଚାୟତରେ ୯୫୭ଟି ପ୍ରକଳ୍ପ କରାଯିବ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସଂସ୍କୃତିର ପ୍ରସାର ଓ ଆଧୁନିକ ଭିତ୍ତିଭୂମିର ଉନ୍ନତି ଗାଁଗୁଡ଼ିକୁ ବିକାଶର ଶିଖରରେ ପହଞ୍ଚାଇବ। ଗାଁ ଲୋକ ସମସ୍ତେ ଶିକ୍ଷା ଓ ସ୍ୱାସ୍ଥ୍ୟର ଗ୍ୟାରେଣ୍ଟି ପାଇବେ। ଗାଁରେ ଡିଜିଟାଲ ଭିତ୍ତିଭୂମିର ବିକାଶ ଏହି ଯୋଜନାର ଅନ୍ୟତମ ଲକ୍ଷ୍ୟ। ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ସଫଳ ରୂପାୟନରେ ମୁଖ୍ୟମନ୍ତ୍ରୀ ସମସ୍ତଙ୍କର ସହଯୋଗ କାମନା କରିଛନ୍ତି। ଏହି କାର୍ଯ୍ୟକ୍ରମ ପାଇଁ ରାୟଗଡା ଜିଲାର ୩ଟି ଓ ଝାରସୁଗୁଡା ଜିଲାର ୨ଟି ନିର୍ବାଚନମଣ୍ଡଳୀରେ ଆୟୋଜିତ କାର୍ଯ୍ୟକ୍ରମରେ ବିପୁଳ ଜନସମାଗମ ହୋଇଥିଲା।

୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମକୁ ସଂଯୋଜନା କରି ରୂପାନ୍ତର କାର୍ଯ୍ୟକ୍ରମ ଲୋକଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିଛି ବୋଲି କହିଛନ୍ତି। ସେ କହିଛନ୍ତି, 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଜରିଆରେ ସବୁ ଗାଁରେ ରୂପାନ୍ତର ଆଣିବା ମୁଖ୍ୟମନ୍ତ୍ରୀଙ୍କ ଲକ୍ଷ୍ୟ।

ରାୟଗଡ଼ା ଜିଲାର ରାୟଗଡ଼ା ନିର୍ବାଚନମଣ୍ଡଳୀରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା କାର୍ଯ୍ୟକ୍ରମରେ ୫୦ଟି ଶିକ୍ଷାନୁଷ୍ଠାନ ଓ ଧାର୍ମିକ ଅନୁଷ୍ଠାନ ପାଇଁ ୧୦.୩୫ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏଥିସହିତ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଜିଲାଗସ୍ତ ପରେ ୮ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ୩୪.୫୨ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହା ମଧ୍ୟରେ ରହିଛି ମା' ମଝିଘରିଆଣୀ ମନ୍ଦିରର ଉନ୍ନତି ଓ ସୌନ୍ଦର୍ଯ୍ୟକରଣ, ରାୟଗଡ଼ା ଜଗନ୍ନାଥ ମନ୍ଦିରର ଉନ୍ନତୀକରଣ, କାଶିପୁର କୁମାଖାଲରେ ୧୨୦ ଆସନ ବିଶିଷ୍ଟ ଏକ ହଷ୍ଟେଲ, ରାୟଗଡା ମଡେଲ ଡିଗ୍ରୀ କଲେଜ, ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଆଦିର ଉନ୍ନତୀକରଣ। ସେହିପରି ବିଷମକଟକ ନିର୍ବାଚନମଣ୍ଡଳୀରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା କାର୍ଯ୍ୟକ୍ରମରେ ୮୦ଟି ଶିକ୍ଷାନୁଷ୍ଠାନ ଓ ଧାର୍ମିକ ଅନୁଷ୍ଠାନ ପାଇଁ ୮.୫୧ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏଥିସହିତ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟର ଜିଲାଗସ୍ତ ପରେ ୯ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ୮.୯୧ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହା ମଧ୍ୟରେ ରହିଛି ଚଟିକଣା ଶିବ ମନ୍ଦିରର ଉନ୍ନତୀକରଣ, ନେଳିଆ ବନ୍ଧର ସୌନ୍ଦର୍ଯ୍ୟକରଣ ଓ ବିକାଶ, ଖଜୁରି ଗାଁ ଗଡ଼ଗଡ଼ା ଜଳପ୍ରପାତ ପର୍ଯ୍ୟଟନ କ୍ଷେତ୍ରର ବିକାଶ। ସେହିପରି ଗୁଣପୁର ନିର୍ବାଚନମଣ୍ଡଳୀରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା କାର୍ଯ୍ୟକ୍ରମରେ ୫୯ଟି ଶିକ୍ଷାନୁଷ୍ଠାନ ଓ ଧାର୍ମିକ ଅନୁଷ୍ଠାନ ପାଇଁ ୧୦.୪୫ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହାଛଡ଼ା ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟର ଜିଲାଗସ୍ତ ପରେ ୧୦ଟି ପ୍ରକଳ୍ପ ପାଇଁ ୮୨.୮୫ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହା ମଧ୍ୟରେ ରହିଛି ରାମେଶ୍ୱର ମହାଶମ୍ଭୁ ଶିବ ମନ୍ଦିରର ଉନ୍ନତୀକରଣ, ମାତରବନମ ସଉରା ମନ୍ଦିରର ସୌନ୍ଦର୍ଯ୍ୟକରଣ, ବଂଶଧାରା ନଦୀ ଉପରେ ସେତୁ। ଏହିପରି ଜିଲାରେ ୨୭ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ୧୨୬.୨୮ କୋଟି ଟଙ୍କା ମଞ୍ଜୁର କରାଯାଇଛି ଏବଂ ସଉରା ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ଅନ୍ତର୍ଭୁକ୍ତ କରିବା ପାଇଁ ପଦକ୍ଷେପ ନିଆଯାଇଛି ବୋଲି ପାଣ୍ଡିଆନ କହିଛନ୍ତି।

ସେହିପରି ଝାରସୁଗୁଡା ନିର୍ବାଚନମଣ୍ଡଳୀରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା କାର୍ଯ୍ୟକ୍ରମରେ ୧୨୬ଟି ଶିକ୍ଷାନୁଷ୍ଠାନ ଓ ଧାର୍ମିକ ଅନୁଷ୍ଠାନ ପାଇଁ ୧୧.୪୨ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏଥିସହିତ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଜିଲାଗସ୍ତ ପରେ ୪ଟି ପ୍ରକଳ୍ପ ପାଇଁ ୨.୭୪ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହା ମଧ୍ୟରେ ରହିଛି ଲଇକେରାସ୍ଥିତ ଜଂଘାଲିଙ୍ଗ ମନ୍ଦିର। ଏହା ସହିତ ଝାରସୁଗୁଡ଼ାର ଗୋଣ୍ଡ ସମାଜ ପାଇଁ ଭୁବନେଶ୍ୱର ଚନ୍ଦ୍ରଶେଖରପୁରଠାରେ ୫୦ ଡେସିମିଲ ଜମି ଦିଆଯାଇଛି। ଏହା ଦ୍ୱାରା ଗୋଣ୍ଡ ସମାଜର ରାଜଧାନୀରେ ରହିବା ସୁବିଧା ସହିତ ସେମାନଙ୍କ କଳା ଓ ସଂସ୍କୃତିର ପ୍ରଚାର ପ୍ରସାରରେ ସୁବିଧା ହେବ ବୋଲି ପାଣ୍ଡିଆନ କହିଛନ୍ତି। ବ୍ରଜରାଜନଗର ନିର୍ବାଚନମଣ୍ଡଳୀରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା କାର୍ଯ୍ୟକ୍ରମରେ ୧୧୮ଟି ଶିକ୍ଷାନୁଷ୍ଠାନ ତଥା ଧାର୍ମିକ ଅନୁଷ୍ଠାନ ପାଇଁ ୮.୦୮ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହାସହିତ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଜିଲାଗସ୍ତ ପରେ ୪ଟି ପ୍ରକଳ୍ପ ପାଇଁ ୫.୪୧ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏଥିରେ ରହିଛି ମା' ରାମଚଣ୍ଡୀ ମନ୍ଦିରର ଉନ୍ନତି ଓ ସୌନ୍ଦର୍ଯ୍ୟକରଣ। ଏହାଦ୍ୱାରା ବର୍ଷକୁ ଏହି ମନ୍ଦିରକୁ ଅତିକମ୍‌ରେ ୫୦ ହଜାର ଭକ୍ତ ଆସି ସୁବିଧାରେ ଦର୍ଶନ କରିପାରିବେ ବୋଲି ପାଣ୍ଡିଆନ କହିଛନ୍ତି। ସେହିପରି ହୀରାକୁଦ ବିସ୍ଥାପିତମାନଙ୍କ ପାଇଁ ଦୀର୍ଘ ବର୍ଷର ସମସ୍ୟାକୁ ସମାଧାନ କରି ରାଜ୍ୟ ସରକାର ସେମାନଙ୍କୁ ଜମି ପଟ୍ଟା ଦେବାର ବ୍ୟବସ୍ଥା କରିଛନ୍ତି ବୋଲି ପାଣ୍ଡିଆନ ସୂଚନା ଦେଇଛନ୍ତି। ୧,୮୦୦ରୁ ଅଧିକ ପରିବାରକୁ ୩,୧୩୦ ଏକରରୁ ଅଧିକ ଜମି ପାଇଁ ପଟ୍ଟା ଯୋଗାଇ ଦିଆଯିବ। ଫେବୃୟାରୀ ସୁଦ୍ଧା ସମସ୍ତଙ୍କୁ ପଟ୍ଟା ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ବୋଲି ସେ କହିଥିଲେ। ଜିଲାରେ ୮ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ୮.୧୫ କୋଟି ଟଙ୍କା ମଞ୍ଜୁର କରାଯାଇଛି ବୋଲି ପାଣ୍ଡିଆନ କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ଜଗନ୍ନାଥ ସାରକା, ବିଧାୟକ ମକରନ୍ଦ ମୁଦୁଲି, ରଘୁନାଥ ଗମାଙ୍ଗୋ, ବିଧାୟିକା ଦୀପାଳି ଦାସ, ଅଳକା ମହାନ୍ତି ପ୍ରମୁଖ ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଧନଭାବସ୍ଥ ଚନ୍ଦ୍ର ହେତୁ ସ୍ୱେଚ୍ଛାକୃତ ଭାବରେ ଏକ ମହତ୍ତ୍ୱପୂର୍ଣ୍ଣ କାମରେ ଅର୍ଥ ବ୍ୟୟ କରିପାରନ୍ତି। ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେଇପାରେ। କେତେକ ପାରିବାରିକ ସମସ୍ୟାକୁ କେନ୍ଦ୍ରକରି ଅନ୍ତର୍ଦ୍ୱନ୍ଦ୍ୱ ସୃଷ୍ଟିର ସମ୍ଭାବନା। ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ସନ୍ଧ୍ୟାରେ ତାହା ପାଇବେ।

**ବୃଷ** କୌଣସି ନୂତନ ଯୋଜନା କରିବା ସକାଶେ ମନ ବଳାଇବେ। ଶନିଙ୍କ ପ୍ରଭାବରୁ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। ପାରିବାରିକ କ୍ଷେତ୍ରରେ କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ। ପରିବହନ,ପ୍ରଶାସନ ଓ ପ୍ରକାଶନ, ଆନୁଷ୍ଠାନିକ କାମ ସାମାନ୍ୟ ବ୍ୟତିକ୍ରମ ମଧ୍ୟରେ ସମ୍ପନ୍ନ ହେବ।

**ମିଥୁନ** ବହୁ ଦିନରୁ ମନରେ ଚିନ୍ତା କରିଥିବା କାମଟିକୁ ଆଜି ସମ୍ପନ୍ନ କରିବେ। ରବିଙ୍କ ଦୁର୍ବଳତାରୁ ସାଧାରଣ ଯୁକ୍ତି ତର୍କ ହେତୁ ବନ୍ଧୁଙ୍କ ସହ ସୁସମ୍ପର୍କ ବ୍ୟାହତ ହୋଇପାରେ। ବନ୍ଧୁଙ୍କ ସାହାଯ୍ୟରୁ କୌଣସି ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବ୍ୟବସାୟ, ପ୍ରଶାସନ, କଳା, ସାହିତ୍ୟ ଚର୍ଚ୍ଚା, ସଙ୍ଗୀତ ଆସରରେ ଯୋଗଦେବାର ସୁଯୋଗ ପାଇବେ।

**କର୍କଟ** ଆଜି ପରିବାର ଭିତରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ସ୍ଥିତିରେ କାମ କରିବେ। ଦେବଦର୍ଶନ ଓ ଭ୍ରମଣ ସାଙ୍ଗକୁ କୌଣସି ନୂତନ ଜିନିଷ କିଣିବାକୁ ମନ ବଳାଇବେ। ବୁଧଙ୍କ ପ୍ରଭାବରେ ଭାଇଙ୍କ ଅଭାବ ଅସୁବିଧାକୁ କେନ୍ଦ୍ରକରି ମନ ସାମୟିକ ଅଶାନ୍ତ ରହିପାରେ। କର୍ମକ୍ଷେତ୍ରରେ ବନ୍ଧୁ ସୁବିଧାବାଦୀ ଗୁଣରେ ଶୋଷଣ କରିପାରନ୍ତି।

**ସିଂହ** ଅଭାବନୀୟ ପରିସ୍ଥିତି ସାଙ୍ଗକୁ କେତେକ ଆକସ୍ମିକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବ। ଅଫିସ୍‌ରେ କିମ୍ବା କାମରେ ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯିବେ। ପାରିବାରିକ ସମସ୍ୟାର ସମାଧାନ ହେତୁ ସାୟାହ୍ନରେ ଟେନ୍‌ସନ ଦୂରହେବ। ଶନିଙ୍କ କାରଣରୁ ପରୋକ୍ଷ ଶତ୍ରୁତା କରୁଥିବା ବ୍ୟକ୍ତିମାନେ ସମସ୍ୟା ସୃଷ୍ଟିକରିପାରନ୍ତି।

**କନ୍ୟା** ଆଜି ସବୁ କାମ ଶୃଙ୍ଖଳିତ ରହିବାରେ ବନ୍ଧୁଙ୍କ ସାହାଯ୍ୟ ଅବିସ୍ମରଣୀୟ ରହିବ। ଅଷ୍ଟମସ୍ଥ ଗ୍ରହ ହେତୁ ସହଜ ଓ ସୁବିଧାରେ କାମ କରିବା ପାଇଁ ଅନୁକୂଳ ପରିବେଶ ସୃଷ୍ଟି ନ ହୋଇପାରେ। ଆତ୍ମୀୟମାନଙ୍କ ମଧ୍ୟ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। କିନ୍ତୁ ପାରିବାରିକ କ୍ଷେତ୍ରରେ ଅନାଦର ପାଇପାରନ୍ତି।

**ତୁଳା** ଯାହା ଆଜି ପର୍ଯ୍ୟନ୍ତ ଖୋଜି ଖୋଜି ପାଉ ନ ଥିଲେ ଆଜି ତାହା ଆକସ୍ମିକ ଭାବରେ ପାଇବେ। ବୃହସ୍ପତିଙ୍କ ପ୍ରଭାବରେ ଶତ୍ରୁତା କରୁଥିବା ଲୋକଠାରୁ ମଧ୍ୟ କାମ ହାସଲ କରିନେବେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ବିବାଦ ବୃଦ୍ଧି ହୋଇପାରେ। ଆଲୋଚନା କ୍ଷେତ୍ରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ।

**ବିଛା** ଆଜିର ଯାତ୍ରା ମଙ୍ଗଳମୟ ହେବ ଓ ଲକ୍ଷ୍ୟ ହାସଲରେ କୌଣସି ଅସୁବିଧା ହେବ ନାହିଁ। ପରିବହନ, ବ୍ୟବସାୟ ଓ ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ମଙ୍ଗଳଜନିତ ପରୋକ୍ଷ ଭାବେ ଶତ୍ରୁମାନେ ସମସ୍ୟା ସୃଷ୍ଟି କରିବା ସକାଶେ ଯୋଜନା କରିବେ। ପରିବହନ କ୍ଷେତ୍ରରେ ଲାଭ କମ୍ ମିଳିଲେ ମଧ୍ୟ ଆଗାମୀ କ୍ଷେତ୍ର ପ୍ରସ୍ତୁତ ହୋଇରହିବ।

**ଧନୁ** ବନ୍ଧୁଙ୍କ ସହ ଭ୍ରମଣ, କ୍ରୀଡ଼ା ଓ ମନୋରଞ୍ଜନରେ ମଜ୍ଜି ରହିବେ। ଶନିଙ୍କ ଶୁଭଦୃ କାରଣରୁ ଏକ ଆଧ୍ୟାତ୍ମିକ ପରିବେଶରେ ସତ୍‌ସଙ୍ଗୀଙ୍କ ସାନ୍ନିଧ୍ୟରେ ସମୟ କଟିବ। ଆନୁଷ୍ଠାନିକ କାମରେ କିମ୍ବା ସଭାସମିତିରେ ସମ୍ମାନ ଲାଭ କରିବେ। ପିଲାମାନଙ୍କ ସଫଳତାରେ ଆନନ୍ଦ ଅନୁଭବ କରିପାରନ୍ତି। ଯାନ୍ତ୍ରିକ ତ୍ରୁଟି ଅସୁବିଧାରେ ପକାଇପାରେ।

**ମକର** ପାରିବାରିକ ସ୍ତରରେ ଭୁଲ୍ ବୁଝାମଣା କାରଣରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ରାଜଯୋଗ କାରଣରୁ ଚେଷ୍ଟା ସଫଳ ହେବାରେ ଜଣେ ପୁରାତନ ବନ୍ଧୁ ସାହାଯ୍ୟ କରିବେ। କର୍ମକ୍ଷେତ୍ରରେ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ। ନିଜର ଅନ୍ତରଙ୍ଗ ବନ୍ଧୁଙ୍କ ବ୍ୟବହାରରେ ଅସନ୍ତୋଷ ପ୍ରକାଶକରି ଦୁଃଖ ପ୍ରକାଶ କରିପାରନ୍ତି।

**କୁମ୍ଭ** ଆଜି ଆପଣ ଏକାଧାରରେ ଅର୍ଥ, ସମ୍ମାନ ଓ ପ୍ରଶଂସା ପାଇ ଉଲ୍ଲସିତ ହେବେ। ପାପଗ୍ରସ୍ତ ଗୁରୁ ଯୋଗୁ କେତେକ କ୍ଷେତ୍ରରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ସଙ୍ଗୀତ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ। ପରିବହନ, ଯାନ୍ତ୍ରିକ ଶିଳ୍ପ, ଅଳଙ୍କାର ଦୋକାନୀ ବିଶେଷ ଉପକୃତ ହେବେ।

**ମୀନ** କିଛି ଅସୁବିଧା ନ ଥିଲେ ମଧ୍ୟ ଅନ୍ୟମାନଙ୍କ ଅସୁବିଧାକୁ ନେଇ ମନ ଉଦ୍‌ବେଗ ରହିବ। ବିଭିନ୍ନ ଯୋଜନା କରି ପରିସ୍ଥିତିକୁ ସୁଧାରିନେବାର ପ୍ରଯତ୍ନକରି ପାରନ୍ତି। ବୃହସ୍ପତିଙ୍କ ଦୋଷରୁ କର୍ମକ୍ଷେତ୍ରରେ ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ ପରିସ୍ଥିତିକୁ ଜଟିଳ ମନେକରୁଥିବେ, ବାସ୍ତବରେ ସେପରି ହେବନାହିଁ।

ଆଜି କାର୍ତ୍ତିକ କୃଷ୍ଣ ତୃତୀୟା ମଙ୍ଗଳବାର, ଅକ୍ଟୋବର ୩୧ ତାରିଖ, ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ତିରୋଧାନ ଦିବସ, ରାଷ୍ଟ୍ରୀୟ ଏକତା ଦିବସ, ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ। ରାଶି ନକ୍ଷତ୍ର-ରୋହିଣୀ/ବୃଷ, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ. ୦୫।୫୦ ଗତେ, ଘ.୦୬।୩୬ ମଧ୍ୟେ, ଘ.୦୮।୪୦ ଗତେ, ଘ.୧୧।୦୭ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୧୯ ଗତେ, ଘ.୦୩।୪୪ ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### ଦଳୀୟ ପାଣ୍ଠି...

ଦଳୀୟ ପ୍ରାର୍ଥୀମାନଙ୍କ ଆପରାଧିକ ପୃଷ୍ଠଭୂମି ସମ୍ପର୍କରେ ଜାଣିବା ଅଧିକାରକୁ ଦଳର ଆୟ ସ୍ରୋତ ଉପରେ ଜାଣିବା ଅଧିକାର ସହ ତୁଳନା କରାଯାଇପାରିବ ନାହିଁ। ଅନ୍ୟପକ୍ଷେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ପି. ଚିଦାମ୍ବରମ୍ କହିଛନ୍ତି, ଭାଜପା ବଡ଼ ବଡ଼ କର୍ପୋରେଟ୍ ହାଉସ୍‌ରୁ ଷଡ଼ଯନ୍ତ୍ର କରି ଗୋପନୀୟ ଭାବେ ପାଣ୍ଠି ସଂଗ୍ରହ କରିବାକୁ ଚାହୁଁଥିବା ନେଇ ନିଜ ଉଦ୍ଦେଶ୍ୟ ଜଣାଇଛି। ଏହାର ଜବାବରେ ଭାଜପା କହିଛି, ରାଜନୈତିକ ପାଣ୍ଠି ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ ଓ ଗଣତାନ୍ତ୍ରିକ କରିବା ନେଇ ହେଉଥିବା ସବୁ ଉଦ୍ୟମକୁ କଂଗ୍ରେସ ଏପରି ଭାବେ ବିରୋଧ କରିଥାଏ।

ପ୍ରକାଶ ଯେ, ରାଜନୈତିକ ଦଳଗୁଡ଼ିକ ଦାନ ଆକାରରେ ପାଉଥିବା ପାଣ୍ଠିରେ ସ୍ୱଚ୍ଛତା ଆଣିବା ପାଇଁ ୨୦୧୮ ଜାନୁୟାରୀ ୨ରେ କେନ୍ଦ୍ର ସରକାର ଇଲେକ୍ଟୋରାଲ ବଣ୍ଡ୍ ସ୍କିମ୍ ଆଣିଥିଲେ। ସୁପ୍ରିମକୋର୍ଟ ୨୦୨୦ ଜାନୁୟାରୀ ୨୦ରେ ଏକ ଏନ୍‌ଜିଓର ଆବେଦନର ଶୁଣାଣି କରି ଇଲେକ୍ଟୋରାଲ ବଣ୍ଡ୍ ସ୍କିମ୍ ଉପରେ ଅନ୍ତରୀଣ ସ୍ଥଗିତାଦେଶ ଜାରି କରିବାକୁ ମନା କରିଦେଇଥିଲେ। ଏଥିସହ କେନ୍ଦ୍ର ସରକାର ଏବଂ ନିର୍ବାଚନ କମିଶନ (ଇସି)ଙ୍କୁ ଏହା ଉପରେ ଜବାବ ମାଗିଥିଲେ। ଦାନର ସ୍ୱଚ୍ଛତା ବଜାୟ ରଖିବା ପାଇଁ ଦାତାଙ୍କ ପରିଚୟ ଗୋପନ ରଖାଯିବା ଜରୁରୀ ବୋଲି କେନ୍ଦ୍ର ଏବଂ ଇସି ସେତେବେଳେ କହିଥିଲେ। ଏହା ପରେ ଯୋଜନାର ବୈଧତାକୁ କଂଗ୍ରେସ ନେତ୍ରୀ ଜୟା ଠାକୁର ଏବଂ ସିପିଆଇଏମ୍ ସମେତ ଆଉ ୨ ଜଣ ଆବେଦନକାରୀ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ୫ ଜଣିଆ ସାମ୍ବିଧାନିକ ପୀଠ ଅକ୍ଟୋବର ୩୧ରେ ଏହା ଉପରେ ଶୁଣାଣି ଆରମ୍ଭ କରିବେ। ପୀଠରେ ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ ଅଧ୍ୟକ୍ଷତା କରୁଥିବାବେଳେ ଜଷ୍ଟିସ୍ ସଞ୍ଜୀବ ଖାନ୍ନା, ବି.ଆର୍. ଗବାଇ, ଜେ.ବି. ପରଦିୱାଲା ଏବଂ ମନୋଜ ମିଶ୍ର ଏଥିରେ ସଦସ୍ୟ ରହିଛନ୍ତି।

### ମୃତ୍ୟୁସଂଖ୍ୟା ୧୩କୁ...

ସେହିଭଳି ରବିବାର ସନ୍ଧ୍ୟାଠାରୁ ଅଦ୍ୟାବଧି ମୋଟ ୪୭ଟି ଟ୍ରେନ୍‌କୁ ବାତିଲ କରାଯାଇଛି। କେତେକ ଟ୍ରେନ୍‌ର ରୁଟ୍ ପରିବର୍ତ୍ତନ କରାଯାଇ ଅନ୍ୟତ୍ର ଯାତ୍ରାର ସୁବିଧା କରାଯାଇଛି। ବିଶାଖାପାଟଣା-ରାୟଗଡ଼ା ପାସେଞ୍ଜର ଟ୍ରେନ୍ ରବିବାର ସନ୍ଧ୍ୟାରେ ବିଶାଖାପାଟଣା ଠାରୁ ମାତ୍ର ୩୪ କିମି ଦୂର ଆସିବା ପରେ କାଙ୍କଟାପଲ୍ଲୀଠାରେ କୌଣସି କାରଣବଶତଃ ଛିଡ଼ା ହୋଇଥିବା ବିଶାଖାପାଟଣା-ପଲାସା ଟ୍ରେନ୍‌କୁ ପଛପଟୁ ଧକ୍କା ଦେଇଥିଲା। ଟ୍ରେନ୍‌ରେ ରାୟଗଡ଼ା ଜିଲାର ବହୁ ଯାତ୍ରୀ ରାୟଗଡ଼ା ଫେରୁଥିଲେ ମଧ୍ୟ ଓଡ଼ିଶାର କୌଣସି ଯାତ୍ରୀଙ୍କ କିଛି କ୍ଷତି ହୋଇ ନ ଥିବା ଜଣାପଡ଼ିଛି। ବିଶାଖାପାଟଣା-ରାୟଗଡ଼ା ପାସେଞ୍ଜର ଟ୍ରେନ୍ ଲୋକୋ ପାଇଲଟ୍ ଏସ୍ଏମ୍ଏସ୍ ରାଓ, ବିଶାଖାପାଟଣା-ପଲାସା ଟ୍ରେନ୍‌ର ଗାର୍ଡ ଏମ୍ ଶ୍ରୀନିବାସଙ୍କ ସହ ୧୧ ଯାତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତ ୨ ମହିଳା ହେଲେ ଶ୍ରୀକାକୁଳମ ଜିଲାର ଏସ.ପି.ରାମଚନ୍ଦ୍ରପୁରମ୍‌ର ଗିଡ଼ିଜାଲା ଲକ୍ଷ୍ମୀ ଏବଂ ମେଟାଭାଲସା ଗ୍ରାମର ଟେଙ୍କଲା ସୁଗୁଣାମ୍ମା। ସେହିଭଳି ମୃତ ପୁରୁଷମାନେ ହେଲେ ବିଜୟନଗରମ ଜିଲାର ଗୋଡ଼ିକୋମ୍ମୁ ଗ୍ରାମର କାଞ୍ଚୁ ବାରାକି, କାପୁସାମ୍ଭମ୍ ଗ୍ରାମର କାରାନାମ ଆପଲନାଇଡୁ ଓ ପିଲ୍ଲା ନାଗାରାଜୁ, ବିଜୟନଗରମର ଚାଲା ସତିଶ, ବିଶାଖାପାଟଣାର ଏସ୍ଏମ୍ଏସ୍ ରାଓ, ବିଜୟନଗରମ୍ ଜିଲାର ଚିନ୍ତାଲା କ୍ରିଷ୍ଣମ୍, ଏମ.ଶ୍ରୀନିବାସ, ବିଜୟନଗରମ୍ ଜିଲାର ରେଡ୍ଡିପେଟା ଗ୍ରାମର ରେଡ୍ଡି ସୀତାମ ନାଇଡୁ ଓ ଗଦାବାଭାଲସା ଗ୍ରାମର ମାଜ୍ଜି ରାମୁ। ଆହତମାନେ ଏବେ ହସ୍ପିଟାଲରେ ଅଛନ୍ତି। ସେମାନଙ୍କ ମଧ୍ୟରୁ ୧୦ ଜଣଙ୍କର ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି।

### ପୁଣି ମାନବୀୟ...

ଏକ ମାଲବାହୀ ଟ୍ରେନ୍‌କୁ ପଛପଟୁ ଧକ୍କା ଦେଇ ଲାଇନ୍‌ଚ୍ୟୁତ ହୋଇଥିଲା। ଏହି ସମୟରେ ଆଉ ଏକ ଲାଇନ୍‌ରେ ଆସୁଥିବା ବେଙ୍ଗାଲୁରୁ-ହାଓଡା ସୁପରଫାଷ୍ଟ ଏକ୍ସପ୍ରେସର ପଛ କେତେକ ବଗି ସହ କରମଣ୍ଡଳ ଏକ୍ସପ୍ରେସ୍‌ର ଦୁର୍ଘଟଣାଗ୍ରସ୍ତ ବଗି ଧକ୍କା ଦେଇଥିଲା। ଫଳରେ ଉଭୟ ଯାତ୍ରୀବାହୀ ଟ୍ରେନର ୨୯୫ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ପ୍ରାୟ ୧ ହଜାର ଜଣ ଆହତ ହୋଇଥିଲେ। ସେତେବେଳେ ରେଳ ଅଧିକାରୀମାନେ କହିଥିଲେ, ଉତ୍ତର ସିଗ୍‌ନାଲ କ୍ୟାବିନ୍‌ରେ ସିଗ୍‌ନାଲିଂ-ସର୍କିଟ୍ ପରିବର୍ତ୍ତନରେ ତ୍ରୁଟି ଯୋଗୁ କରମଣ୍ଡଳ ଏକ୍ସପ୍ରେସ୍ ଲୁପ୍ ଲାଇନରେ ପ୍ରବେଶ କରି ମାଲବାହୀ ଟ୍ରେନ୍‌କୁ ଧକ୍କା ଦେଇଥିଲା।

ରବିବାରର ଘଟଣାକୁ ଦେଖିଲେ, ବିଶାଖାପାଟଣାଠାରୁ ପ୍ରାୟ ୩୪ କି.ମି. ଦୂର କାଣ୍ଟକାପଲ୍ଲୀଠାରେ ବିଶାଖାପାଟଣା-ପଲାସା ପାସେଞ୍ଜର (୦୮୫୩୨) ସିଗ୍‌ନାଲ ପାଇଁ ଅପେକ୍ଷା କରିଥିବାବେଳେ ବିଶାଖାପାଟଣା-ରାୟଗଡ଼ା ପାସେଞ୍ଜର (୦୮୫୦୪) ଧକ୍କା ଦେଇଥିଲା। ଫଳରେ ରାୟଗଡ଼ା ପାସେଞ୍ଜରର ଇଞ୍ଜିନ୍ (ଲୋକୋମୋଟିଭ) ଏବଂ ପଲାସା ପାସେଞ୍ଜରର ଗାର୍ଡ କୋଚ୍ ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଥିଲା। ଦୁର୍ଘଟଣା ଯୋଗୁ ରାୟଗଡ଼ା ପାସେଞ୍ଜରର କେତେକ ବଗି ଇଞ୍ଜିନ ଉପରେ ଚଢ଼ିଯାଇଥିଲା। ଏହାପରେ ସେହି ବଗିଗୁଡ଼ିକ ସଂଲଗ୍ନ ଅନ୍ୟ ଲାଇନ୍‌ରେ ଯାଉଥିବା ମାଲବାହୀ ଟ୍ରେନ ଉପରକୁ ଉଛୁଳି ପଡ଼ିଥିଲା। ପଲାସା ପାସେଞ୍ଜରର ମଧ୍ୟ ୨ଟି ବଗି ମାଲବାହୀ ଟ୍ରେନ ଉପରେ ଚଢ଼ିଯାଇଥିଲା। ଦୁଇ ପାସେଞ୍ଜରର ମୋଟ ୮ଟି ବଗି ଏବଂ ମାଲବାହୀ ଟ୍ରେନ ଏହି ଦୁର୍ଘଟଣାର ଶିକାର ହୋଇଥିବା ଜଣାପଡ଼ିଛି। ଦୁଇ ପାସେଞ୍ଜର ଟ୍ରେନରେ ପ୍ରାୟ ୧୪୦୦ ଜଣ ଯାତ୍ରା କରୁଥିଲେ। ଦୁର୍ଘଟଣାସ୍ଥଳ ବିଜୟନଗରମ୍-କୋଠଭାଲସା ରାଜପଥଠାରୁ ୫ କି.ମି. ଦୂରରେ ଥିବାରୁ ଆହତମାନଙ୍କୁ ଆମ୍ବୁଲାନ୍ସରେ ସ୍ଥାନାନ୍ତର କରିବାରେ ଉଦ୍ଧାରକାରୀଙ୍କ ପାଇଁ କଷ୍ଟକର ହୋଇପଡ଼ିଥିଲା। ଏହାସହ ରାତିର ଅନ୍ଧାର ମଧ୍ୟ ପୋଲିସ, ସ୍ଥାନୀୟ କର୍ତ୍ତୃପକ୍ଷ ଏବଂ ରେଳ କର୍ମଚାରୀମାନଙ୍କ ଉଦ୍ଧାର କାର୍ଯ୍ୟରେ ବାଧା ସୃଷ୍ଟି କରିଥିଲା।

ସୂଚନାଥାଉ କି, ଶ୍ରୀକାକୁଳମ ଜିଲାର ପଲାସା ଅଭିମୁଖେ ବିଶାଖାପାଟଣାରୁ ରବିବାର ଅପରାହ୍ନ ୫ଟା ୪୫ରେ ପାସେଞ୍ଜର ଟ୍ରେନ ବାହାରିଥିଲା। ଏହାର ୧୫ ମିନିଟ୍ ପରେ ସମାନ ଟ୍ରାକ୍‌ରେ ରାୟଗଡ଼ା ପାସେଞ୍ଜର ଛାଡ଼ିଥିଲା। ପ୍ରାୟ ଏକ ଘଣ୍ଟା ପରେ ପଛକୁ ପଛ ଯାଉଥିବା ଏହି ଦୁଇ ଟ୍ରେନ ମଧ୍ୟରେ ଦୁର୍ଘଟଣା ଘଟିଥିଲା।

### ୭ ବର୍ଷର ଶିଶୁକୁ...

ଏହି ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି। ପ୍ରାପ୍ତ ସୂଚନା ଅନୁସାରେ, ସନ୍ଧ୍ୟାରେ ଉମ୍ଭର ନିଜ ଘର ସମ୍ମୁଖରେ ଖେଳୁଥିଲେ। ଏହି ସମୟରେ ହଠାତ ଦୁଇଟି ବାଘ ପାଖ ଜଙ୍ଗଲରୁ ଆସି ଉମ୍ଭରୁଙ୍କୁ ଝାମ୍ପି ନେଇଥିଲେ। ଏହା ଦେଖି ପରିବାର ଲୋକେ ଓ ଗ୍ରାମବାସୀ ହୋହଲା କରି ହାତରେ ଠେଙ୍ଗା, ବାଡ଼ି, କୁରାଢ଼ି ଓ ମାରଣାସ୍ତ୍ର ଧରି ବାଘକୁ ଜଙ୍ଗଲକୁ ଘଉଡାଇ ଶିଶୁକୁ ଉଦ୍ଧାର କରିଥିଲେ। ହେଲେ ଘଟଣାସ୍ଥଳରେ ହିଁ ଶିଶୁର ମୃତ୍ୟୁ ଘଟିଥିଲା। ଏବେ ବାଘ ଆତଙ୍କରେ ଲୋକେ ଭୟଭୀତ ହୋଇ ତାଟିକବାଟ ବନ୍ଦ କରି ଆତଙ୍କିତ ଅବସ୍ଥାରେ ଅଛନ୍ତି। ମୃତଦେହ ଆମ୍ବୁଲାନ୍ସ ଜରିଆରେ ନୂଆପଡା ହସ୍ପିଟାଲକୁ ଅଣାଯାଉଛି। ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ଏଯାଏ ପହଞ୍ଚି ନ ଥିବା ଜଣାପଡ଼ିଛି।

ଉଲ୍ଲେଖଯୋଗ୍ୟଯେ, ଗତମାର୍ଚ୍ଚ ୨୦ରେ କୋମନା ବ୍ଲକ ଅଧୀନ ସୁନାବେଡ଼ା ବନ୍ୟପ୍ରାଣୀ ଅଭୟାରଣ୍ୟ ଭିତରେ ଅବସ୍ଥିତ ସୋସେଙ୍ଗ ପଞ୍ଚାୟତ ଜଲମଡେଇ ଗାଁର ବୃଦ୍ଧା ସାନମତି ବାରିକ (୬୮)ଙ୍କୁ ବାଘ ଜଙ୍ଗଲକୁ ଟେକି ନେଇ ଖାଇଥିଲା।

# ଟେଲିମେଡିସିନ ସେବା ନମ୍ବର ଅଚଳ

## କଟକ ଡାକ୍ତରଖାନା




**କଟକ,୩୦।୧୦(ଶିଳ୍ପା ପ୍ରିୟଦର୍ଶିନୀ)**

ଲୋକମାନଙ୍କ ହାତପାହାନ୍ତାରେ ଚିକିତ୍ସା ସେବା ଯୋଗାଇବା ଉଦ୍ଦେଶ୍ୟରେ ରହିଛି ଟେଲି ମେଡିସିନ ସେବା। ଫୋନ୍ କରି ରୋଗୀ କିମ୍ବା ସେମାନଙ୍କ ସମ୍ପର୍କୀୟ ବିଶେଷଜ୍ଞ ଡାକ୍ତରଙ୍କଠାରୁ ପରାମର୍ଶ ଗ୍ରହଣ କରିଥାଆନ୍ତି। ହେଲେ କଟକ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଏହି ଟେଲିମେଡିସିନ ସେବା ଏବେ ଠିକ୍‌ରେ କାମ କରୁ ନାହିଁ। ଏଠାରେ ଟେଲିମେଡିସିନ୍ ସେବା ପାଇଁ ଜାରି ହୋଇଥିବା ୨ଟି ଫୋନ୍ ନମ୍ବର ୭୬୫୫୦୫୧୬୦୪ ଏବଂ ୭୬୫୫୦୫୧୬୦୫ କାର୍ଯ୍ୟକ୍ଷମ ନାହିଁ। ଫୋନ୍ କଲେ ଇନ୍‌କମିଂ କଲ ଉପଲବ୍ଧ ନ ଥିବା ଶୁଣିବାକୁ ମିଳୁଛି। ଫଳରେ ଲୋକଙ୍କ ସେବା ପାଇଁ ଆରମ୍ଭ କରାଯାଇଥିବା ଏହି ବ୍ୟବସ୍ଥା ଏସ୍‌ସିବି ଭଳି ବଡ଼ ହସ୍ପିଟାଲ୍‌ରେ ଅଚଳ ହୋଇପଡ଼ିଛି। ଅପରପକ୍ଷରେ ଏହି ନମ୍ବର କାମ କରୁ ନ ଥିବା ସମ୍ପର୍କରେ ମେଡିକାଲ କର୍ତ୍ତୃପକ୍ଷଙ୍କ ନିକଟରେ ଖବର ନ ଥିବା କୁହାଯାଉଛି। ଏନେଇ ମେଡିକାଲର ବରିଷ୍ଠ ଅଧିକାରୀଙ୍କୁ ପଚାରିଲେ କୌଣସି ସନ୍ତୋଷଜନକ ଉତ୍ତର ମିଳୁ ନାହିଁ।

ସୂଚନାନୁଯାୟୀ, ୨୪ ଘଣ୍ଟିଆ ଟେଲିମେଡିସିନ ସେବା ଦ୍ୱାରା ବିଭିନ୍ନ ଜିଲାର ରୋଗୀମାନେ ଯେକୌଣସି ସମୟରେ ଡାକ୍ତରଙ୍କ ପରାମର୍ଶ ନେଇପାରନ୍ତି। ଏହାଦ୍ୱାରା ଫୋନ୍ ମାଧ୍ୟମରେ ରୋଗୀ ସହଜରେ ନିଜର ସ୍ୱାସ୍ଥ୍ୟସେବା ସମସ୍ୟା ସମ୍ପର୍କରେ ଜଣାଇପାରନ୍ତି। ଡାକ୍ତର ରୋଗୀଙ୍କ ସମସ୍ୟା ସମ୍ପର୍କରେ ଜାଣିବା ପରେ ଏହାର ଉପଶମ ଲାଗି ଔଷଧର ପରାମର୍ଶ ଦିଅନ୍ତି। ଏସ୍‌ସିବି ମେଡିକାଲରେ ୨୦୨୦ ଏପ୍ରିଲରେ ଏହି ସେବା ଆରମ୍ଭ ହୋଇଥିଲା। ଏଥିପାଇଁ ୨ଟି ନମ୍ବର ମଧ୍ୟ ଜାରି କରାଯାଇଥିଲା। କୋଭିଡ୍ ମହାମାରୀ ସମୟରେ ଏହି ସେବା ଆରମ୍ଭ ହୋଇଥିବାରୁ ଏହା ବେଶ୍ ଫଳପ୍ରଦ ହୋଇଥିଲା। ଏପରି କି କୌଣସି ସ୍ୱାସ୍ଥ୍ୟ ସମସ୍ୟା ଯଥା ସାମାନ୍ୟ ଥଣ୍ଡା, ଜ୍ୱର, କାଶ, ପେଟ ଯନ୍ତ୍ରଣା, ବାନ୍ତି ଆଦି ହେଲେ ରୋଗୀ ଏହି ଟେଲିମେଡିସିନ ସେବା ଦ୍ୱାରା ଯୋଗାଯୋଗ କରି ପାରୁଥିଲେ। ସେହି ସମୟରେ ମେଡିକାଲ୍‌ରେ ରୋଗୀଙ୍କ ସଂଖ୍ୟା ହ୍ରାସ କରିବା ଓ ଗହଳି କମାଇବା ଲାଗି ଟେଲିମେଡିସିନର ସହଯୋଗ ନେବାକୁ ମେଡିକାଲ କର୍ତ୍ତୃପକ୍ଷ ପରାମର୍ଶ ଦେଉଥିଲେ। ହେଲେ ୨୦୨୨ ଏପ୍ରିଲ, ମେ ଏବଂ ଜୁନ୍‌ରେ ଏହି ସେବା ବନ୍ଦ ହୋଇଯାଇଥିଲା। ଫଳରେ ଲୋକମାନେ ଫୋନ୍ ଯୋଗେ ଡାକ୍ତରଙ୍କ ପରାମର୍ଶ ନେଇ ପାରି ନ ଥିଲେ। ତେବେ ଗତ ଡିସେମ୍ବରରେ ଏହାକୁ ପୁନଃ କାର୍ଯ୍ୟକ୍ଷମ କରାଯାଇଥିଲା। ଏସ୍‌ସିବି ମେଡିକାଲର ଟେଲିମେଡିସିନ ସେବା ପାଇଁ ଫୋନ ଉଠାଇବା ଲାଗି ୧୦ଜଣ କର୍ମଚାରୀଙ୍କୁ ସ୍ୱତନ୍ତ୍ର ନିଯୁକ୍ତି ମିଳିଛି। ରୋଗୀଙ୍କ ଫୋନ ଆସିବା ମାତ୍ରେ ସେମାନେ ରୋଗୀଙ୍କ ନାମ, ଠିକଣା ଓ ରୋଗ ସମ୍ପର୍କରେ ପଚାରି ବୁଝିବେ। ରେଜିଷ୍ଟରରେ ସେମାନଙ୍କ ତଥ୍ୟ ଟିପି ରଖିବେ। ତା’ପରେ ଡାକ୍ତରଙ୍କ ନିକଟକୁ ରୋଗୀଙ୍କ ଫୋନ୍ କଲ୍ ଫରୱାର୍ଡ କରିବେ। ରୋଗୀ ଡାକ୍ତରଙ୍କ ସହ କଥାବାର୍ତ୍ତା ହୋଇ ରୋଗର ଉପଶମ ଲାଗି ପରାମର୍ଶ ଗ୍ରହଣ କରିଥାନ୍ତି। ହେଲେ ଏହି ସେବା ଏବେ ଉପଲବ୍ଧ ନ ଥିବାରୁ ରୋଗୀ ଓ ସମ୍ପର୍କୀୟ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଏନେଇ ଏସ୍‌ସିବି ମେଡିକାଲକୁ ବ୍ରହ୍ମପୁରରୁ ଆସିଥିବା ପଣ୍ଡା ପ୍ରଧାନ କହନ୍ତି, ଭାଇର ଜଣ୍ଡିସ ଯୋଗୁଁ ସପ୍ତାହ ହେବ ଏଠାରେ ଅଛି। ପ୍ରଥମେ ଟେଲିମେଡିସିନ ଯୋଗେ ଜାରି କରାଯାଇଥିବା ନମ୍ବରରେ ଯୋଗାଯୋଗ କରିଥିଲି, ହେଲେ ନମ୍ବରରେ ଯୋଗାଯୋଗ ହୋଇ ପାରି ନ ଥିଲା। ବହୁ ଚେଷ୍ଟା କରିବା ପରେ ଏସ୍‌ସିବି ମେଡିକାଲ ଆସିଛି। ଏହି ଟେଲିମେଡିସିନ ସେବାରେ ଜାରି କରାଯାଇଥିବା ନମ୍ବରକୁ ଯାଞ୍ଚ କରାଯାଉ ଏବଂ ଏହାକୁ ତୁରନ୍ତ ସେବାରେ ଉପଯୋଗୀ କରାଯାଇପାରିଲେ ବହୁ ଲୋକ ଉପକୃତ ହୋଇପାରିବେ। ସେହିପରି ମୟୂରଭଞ୍ଜରୁ ଏସ୍‌ସିବିକୁ ଆସିଥିବା ଯତିନ୍ ନାୟକ କହିଛନ୍ତି, ଏଠାରେ ଟେଲିମେଡିସିନ ସେବା ସୁବିଧା ରହିଛି, ହେଲେ ଯୋଗାଯୋଗ କଲେ ନମ୍ବର ଲାଗୁ ନାହିଁ। ଏହି ସେବା ଯୋଗୁ ବହୁ ରୋଗୀ ଓ ସମ୍ପର୍କୀୟ ଉପକୃତ ହୋଇଥାନ୍ତି। ଏହାକୁ କାର୍ଯ୍ୟକାରୀ କରିବା ନିହାତି ଆବଶ୍ୟକ ବୋଲି ସେ କହିଛନ୍ତି। ଏନେଇ ମେଡିକାଲ ଜରୁରିକାଳୀନ ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା କୌଣସି ମତାମତ ମିଳିପାରି ନ ଥିବାବେଳେ ଟେଲିମେଡିସିନ୍ ସେବା ଦାୟିତ୍ୱରେ ଥିବା ଅଧିକାରୀ ଏସ୍.ଏନ୍. ରାଉତରାୟ ମଧ୍ୟ ଏନେଇ କୌଣସି ମତ ଦେଇନାହାନ୍ତି।

# ଧରାପଡ଼ିଲା ଡକାୟତି ଗ୍ୟାଙ୍ଗ, ୯ ଗିରଫ



ଖବରଦାତା ସମ୍ମିଳନୀରେ ଗିରଫ ଡକାୟତଙ୍କ ସମ୍ପର୍କରେ ଏସ୍‌ପି ସୂଚନା ଦେଉଛନ୍ତି।

**ବାଲେଶ୍ୱର, ୩୦।୧୦ (ମାନସ ବିଶ୍ୱାଳ)**

ବାଲେଶ୍ୱର ଜିଲା ଖନ୍ତାପଡ଼ା ଥାନା ମଞ୍ଜରୀଗାଁର ଶଙ୍କର ଶତପଥୀଙ୍କ ଘରେ ଗତ ୨୬ତାରିଖ ରାତିରେ ହୋଇଥିବା ବଡଧରଣର ଲୁଟ୍ ଘଟଣାରେ ପୋଲିସକୁ ସଫଳତା ମିଳିଛି। ଖନ୍ତାପଡ଼ା ପୋଲିସ, ରେଲୱେ ପୋଲିସ ଓ କଟକ ସିଟି ପୋଲିସ ସହାୟତାରେ ୪୮ଘଣ୍ଟା ମଧ୍ୟରେ ୮ଜଣ ଡକାୟତଙ୍କୁ ଗିରଫ କରିଥିବା ସୋମବାର ଜିଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ସାଗରିକା ନାଥ ସୂଚନା ଦେଇଛନ୍ତି। ଗିରଫ ଡକାୟତମାନେ ହେଲେ ଖନ୍ତାପଡ଼ା ଥାନା ପଥରପେଣ୍ଠ ଅଞ୍ଚଳର ରୋହିତ ମହାନ୍ତି, ମାନସ ମହାଳିକ, ସଞ୍ଜୟ ସିଂ, ଇନ୍ଦୁ ମଲ୍ଲିକ, ସରୋଜ ମଲ୍ଲିକ, ସୋର ଥାନା ଅଧୀନ ପଥରପେଣ୍ଠ ଅଞ୍ଚଳର ଶରଣ ମହାଳିକ, ସୁଧା ମଲ୍ଲିକ ଓ ରାହୁଲ ଜେନା। ତେବେ ଡକାୟତି ପରେ ଅଭିଯୁକ୍ତମାନେ କଟକ ଦେଇ ବାହାର ରାଜ୍ୟକୁ ଫେରାର ହେବାର ଯୋଜନା କରୁଥିବା ବେଳେ ସେମାନଙ୍କୁ ସହାୟତା ଦେଇଥିବା କଟକର ତପନ ମହାଳିକଙ୍କୁ ମଧ୍ୟ ଗିରଫ କରାଯାଇଥିବା ଏସ୍‌ପି ସୂଚନା ଦେଇଛନ୍ତି।

ଗତ ୨୬ ତାରିଖ ରାତି ପ୍ରାୟ ୮ଟା୪୦ ମିନିଟ୍‌ରେ ଡକାୟତମାନେ ଶଙ୍କର ଶତପଥୀଙ୍କ ଘରେ ପଶିଥିଲେ। ସେମାନେ ଡକାୟତି ବେଳେ ଶତପଥୀଙ୍କ ପରିବାର ସଦସ୍ୟଙ୍କ ମୁହଁରେ ରାସାୟନିକ ଦ୍ରବ୍ୟ ମିଶ୍ରିତ ଗୋଲମରିଚ ଗୁଣ୍ଡ ଉଡ଼ାଇ ଆକ୍ରମଣ କରିଥିଲେ। ଦୁର୍ବୃତ୍ତମାନେ ଛୁରୀ ଦେଖାଇ ପୀଡ଼ିତଙ୍କ ଘର ଆଲମିରା ଓ ପରିବାରର ମହିଳାଙ୍କ ବେକରୁ ସୁନାଗହଣା, ମୋବାଇଲ ଫୋନ, ଲାପଟପ୍ ଓ ନଗଦ ୮ହଜାର ଟଙ୍କା ଲୁଟ୍ କରିଥିଲେ। ଏନେଇ ଖନ୍ତାପଡ଼ା ଥାନାରେ ଲିଖିତ ଅଭିଯୋଗ ପରେ ମାମଲା (ନଂ. ୨୩୬/୨୩) ରୁଜୁ କରି ତଦନ୍ତ ଆରମ୍ଭ ହୋଇଥିଲା। ଗିରଫ ଡକାୟତଙ୍କ ନିକଟରୁ ଚୋରି ହୋଇଥିବା ସମସ୍ତ ସୁନାଗହଣା ସହ ଗୋଟିଏ କେଟିଏମ୍ ବାଇକ, ଦୁଇଟି କଳା ପଲସର, ଗୋଟିଏ ଡେଲ ଲାପଟପ, ଦୁଇଟି କିପ୍ୟାଡ ଫୋନ, ୪ଟି ସ୍ମାର୍ଟ ଫୋନ ଓ ଦୁଇଟି ଛୁରୀ ଜବତ କରାଯାଇଥିବା ଏସ୍‌ପି ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ସଦର ଏସ୍‌ଡିପିଓ ଡ. ଶଶାଙ୍କ ଶେଖର ବେହୁରା ଓ ଖନ୍ତାପଡ଼ା ଥାନା ଭାରପ୍ରାପ୍ତ ଥାନାଧିକାରୀ ବିରଞ୍ଚି ସାହୁ ଉପସ୍ଥିତ ଥିଲେ।

# ନୂଆ ସଶକ୍ତ ଦୁର୍ନୀତିମୁକ୍ତ ଓଡ଼ିଶା ଗଠନରେ ସହଯୋଗ କର

## ଦୁର୍ନୀତି ନିବାରଣ ସଚେତନତା ସପ୍ତାହ




ରାଜ୍ୟସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଜିଲାନ୍ସ ଡାଇରେକ୍ଟର ୱାଇ.କେ. ଜେଠୱାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

**ଭୁବନେଶ୍ୱର,୩୦।୧୦(ଅନିଲଦାସ)**

ଚଳିତବର୍ଷ ଅକ୍ଟୋବର ୩୦ରୁ ନଭେମ୍ବର ୫ ଯାଏ ରାଜ୍ୟରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଉଛି। ଚଳିତ ବର୍ଷର ବାର୍ତ୍ତା ରହିଛି ‘କୁହ ଦୁର୍ନୀତିକୁ ନାଁ, ଜାତି ପ୍ରତି ରୁହ ପ୍ରତିଶ୍ରୁତିବଦ୍ଧ’। ଏହି ଉପଲକ୍ଷେ ଲୋକସେବା ଭବନ କନ୍‌ଭେନସନ ହଲ୍‌ଠାରେ ସୋମବାର ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନର ଶୁଭାରମ୍ଭ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ପ୍ରତ୍ୟେକ ଜିଲା ଓ ବ୍ଲକ ମୁଖ୍ୟାଳୟକୁ ଓଡ଼ିଶା ଷ୍ଟେଟ ୱାଇଡ୍ ନେଟୱର୍କ(ଓସ୍ୱାନ) ସହିତ ଯୋଡ଼ିବା ସହିତ ଏହାକୁ ଓଡ଼ିଶା ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ଟେଲିକାଷ୍ଟ କରିବା ବ୍ୟବସ୍ଥା ହୋଇଛି। ଏହି କାର୍ଯ୍ୟକ୍ରମରେ ଜନସାଧାରଣ, ସ୍କୁଲ ଓ କଲେଜର ଛାତ୍ରୀଛାତ୍ର, ସ୍ୱୟଂ ସହାୟକ ସଙ୍ଗଠନର ସଦସ୍ୟ, ପଞ୍ଚାୟତ, ଆଶାକର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କୁ ସାମିଲ କରାଯାଇଛି। ଏହାଦ୍ୱାରା ପ୍ରତ୍ୟେକ ସ୍ତରରେ ଦୁର୍ନୀତିମୁକ୍ତ ସମାଜ ଗଠନ ଦିଗରେ ସଚେତନତାକୁ ଅଧିକ ସୁଦୃଢ଼ କରାଯାଇପାରିବ। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ ରିପୋର୍ଟ ଅନୁଯାୟୀ ଦୁର୍ନୀତି ବିରୋଧରେ ଉତ୍ତମ କାର୍ଯ୍ୟ କରୁଥିବାରୁ ଦେଶର ପ୍ରଥମ ୧୦ଟି ଦୁର୍ନୀତି ନିବାରଣ ସଂସ୍ଥା ମଧ୍ୟରେ ଓଡ଼ିଶା ସ୍ଥାନ ପାଇଥିବାରୁ ମୁଖ୍ୟମନ୍ତ୍ରୀ ଭିଜିଲାନ୍ସ ବିଭାଗକୁ ଅଭିନନ୍ଦନ ଜଣାଇଛନ୍ତି। ଏଥିସହିତ ଦୁର୍ନୀତି ନିବାରଣ ସଂସ୍ଥା ଚଳିତବର୍ଷ ଅନେକ ଦୁର୍ନୀତିଗ୍ରସ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଆୟବହିର୍ଭୂତ ସମ୍ପତ୍ତି ଜବତ କରିଥିବାରୁ ମୁଖ୍ୟମନ୍ତ୍ରୀ ଖୁସି ବ୍ୟକ୍ତ କରିଛନ୍ତି। ଏଥିସହିତ ମନିଲଣ୍ଡରିଂ, ବେନାମୀ କାରବାର, ଡିଜିଟାଲ କାରବାର ମାଧ୍ୟମରେ ହେଉଥିବା ଦୁର୍ନୀତିକୁ ରୋକିବା ପାଇଁ ନୂତନ ଜ୍ଞାନକୌଶଳର ଉପଯୋଗ କରିବାକୁ ମୁଖ୍ୟମନ୍ତ୍ରୀ ଭିଜିଲାନ୍ସ ବିଭାଗକୁ ପରାମର୍ଶ ଦେଇଛନ୍ତି। ପ୍ରଶାସନକୁ ସ୍ୱଚ୍ଛ ଏବଂ ଦୁର୍ନୀତିମୁକ୍ତ କରିବାକୁ ରାଜ୍ୟ ସରକାର ୫-ଟି ବ୍ୟବସ୍ଥା କାର୍ଯ୍ୟକାରୀ କରିଛନ୍ତି। ନୂତନ ସଶକ୍ତ ଓଡ଼ିଶା ଏବଂ ଦୁର୍ନୀତିମୁକ୍ତ ଓଡ଼ିଶା ଗଠନ ଦିଗରେ ସହଯୋଗ କରିବାକୁ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କମ୍ପ୍ୟୁଟର ଆଧାରିତ ଇନ୍‌ଭେଷ୍ଟିଗେଶନ ଆଣ୍ଡ ପ୍ରସିକ୍ୟୁଶନ ସିଷ୍ଟମ, ଦୁର୍ନୀତିନିବାରଣ ବିଭାଗର ବାଲେଶ୍ୱର ଓ ରାଉରକେଲା ଡିଭିଜନ ନୂଆ ବିଲ୍ଡିଂର ଶୁଭାରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ.ପାଣ୍ଡିଆନ ଉପସ୍ଥିତ ଥିଲେ।

ଏହି ଅବସରରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା କହିଛନ୍ତି ଯେ, ଜନସାଧାରଣଙ୍କ ଜୀବନରେ ସାଧୁତା ଓ ସ୍ୱଚ୍ଛତା ହେଉଛି ଆମ ରାଜ୍ୟ ନୀତିର ମୁଖ୍ୟ ସ୍ତମ୍ଭ। ଦୁର୍ନୀତି ବିରୋଧ ଲଢେଇରେ ଓଡ଼ିଶା ସର୍ବଦା ଆଗରେ ରହି ଆସିଛି ବୋଲି ସେ କହିଛନ୍ତି। ଭିଜିଲାନ୍ସ ଡାଇରେକ୍ଟର ୱାଇ.କେ. ଜେଠୱା ସ୍ୱାଗତ ଭାଷଣ ଦେଇଥିବା ବେଳେ ଆଇଜି ଭିଜିଲାନ୍ସ ସଞ୍ଜୟ କୁମାର ଧନ୍ୟବାଦ ଦେଇଛନ୍ତି।

# ଜି.ଉଦୟଗିରି: ସର୍ବନିମ୍ନ ତାପମାତ୍ରା ୧୧ ଡିଗ୍ରୀ

**ଜି.ଉଦୟଗିରି, ୩୦।୧୦(ଶିଶିର ପଟ୍ଟନାୟକ):** କନ୍ଧମାଳ ଜିଲା ଜି.ଉଦୟଗିରି ସହର ସମେତ ଆଖପାଖ ଅଞ୍ଚଳରେ ପହିଲି ଶୀତ ଅନୁଭୂତ ହେଉଛି। ଗତ ଦୁଇଦିନ ଧରି ତାପମାତ୍ରା ହ୍ରାସ ପାଇଥିବା ବେଳେ ସୋମବାର ସକାଳ ୮ଟା ସୁଦ୍ଧା ଜି.ଉଦୟଗିରି ସହରର ସର୍ବନିମ୍ନ ତାପମାତ୍ରା ୧୧ ଡିଗ୍ରୀ ସେଲ୍‌ସିୟସ୍ ରହିଥିଲା। ରବିବାର ତାପମାତ୍ରା ୧୩ ଡିଗ୍ରୀ ସେଲ୍‌ସିୟସ୍ ରହିଥିଲା ବୋଲି ସ୍ଥାନୀୟ କୃଷି ଗବେଷଣା ଅନୁଷ୍ଠାନର ପାଣିପାଗ ବିଭାଗ ଅଧିକାରୀ ସତ୍ୟନାରାୟଣ ମହାନ୍ତି କହିଛନ୍ତି।

# ମାସକ ଭିତରେ ଜିଏସ୍ଏସ୍‌ୱାଇ ମେଧାବୃତ୍ତି ଆବେଦନ ପଠାଇବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୩୦।୧୦ (ଅସମାପିକା ସାହୁ)**

ଗତ ଦୁଇବର୍ଷ ହେଲା ଗୋପବନ୍ଧୁ ଶିକ୍ଷା ସହାୟତା ଯୋଜନା (ଜିଏସ୍ଏସ୍‌ୱାଇ) ମେଧାବୃତ୍ତି ଆବେଦନ ଜିଲାସ୍ତରରେ ପଡ଼ିରହିଛି। ଏହାକୁ ନେଇ ଉଚ୍ଚଶିକ୍ଷା ବିଭାଗ ଉଦ୍‌ବେଗ ପ୍ରକାଶ କରିଛି। ଏକମାସ ଭିତରେ ୨୦୨୧-୨୨ ଏବଂ ୨୦୨୨-୨୩ ଶିକ୍ଷାବର୍ଷର ଆବେଦନକୁ ବିଭାଗ ନିକଟକୁ ପଠାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏ ନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୋମବାର ସମସ୍ତ ଜିଲାପାଳଙ୍କୁ ଚିଠି ଲେଖାଯାଇଛି। ଓଡ଼ିଶାରେ ସ୍ନାତକ ଓ ସ୍ନାତକୋତ୍ତର ପଢ଼ିବା ପାଇଁ ଅବହେଳିତ ବର୍ଗର ଛାତ୍ରୀଛାତ୍ରଙ୍କୁ ସହାୟତା ନିମନ୍ତେ ରାଜ୍ୟ ସରକାର ଜିଏସ୍ଏସ୍‌ୱାଇ ମେଧାବୃତ୍ତି ଆରମ୍ଭ କରିଥିଲେ; ଯେଉଁଥିରେ ପ୍ରତିବର୍ଷ ଛାତ୍ରୀଛାତ୍ରଙ୍କୁ ୨୦ହଜାର ଟଙ୍କା ଦିଆଯାଏ। କିନ୍ତୁ ଜିଏସ୍ଏସ୍‌ୱାଇ ମେଧାବୃତ୍ତି ପାଇଁ ୨୦୨୧-୨୨ ଶିକ୍ଷାବର୍ଷରେ ୧୭୨ ଏବଂ ୨୦୨୨-୨୩ ଶିକ୍ଷାବର୍ଷରେ ୭୨୭ଟି ଆବେଦନ ଜିଲାସ୍ତରରେ ପଡ଼ିରହିଛି। ତେଣୁ ଏକମାସ ଭିତରେ ଆବେଦନର ସମସ୍ତ ଆବେଦନକୁ ଉଚ୍ଚଶିକ୍ଷା ବିଭାଗକୁ ପଠାଇବା ପାଇଁ ଚିଠିରେ ଉଲ୍ଲେଖ କରାଯାଇଛି।






ଜଣେ ନିଜର ଶୁଭେଚ୍ଛା ଦ୍ୱାରା ବହୁତ କିଛି ପରିବର୍ତ୍ତନ କରିପାରେ। କିନ୍ତୁ ତାହା ସଂପୂର୍ଣ୍ଣ ପବିତ୍ର ଓ ଅମିଶ୍ର ଶୁଭେଚ୍ଛା ହେବା ଉଚିତ। ...ଐକାନ୍ତିକ ଡାକ ନିଶ୍ଚୟ ପହଞ୍ଚେ ଏବଂ ତା'ର ଉତ୍ତର ଆସେ। –ଶ୍ରୀମା

# ମୁଣ୍ଡ ଗଡ଼ୁ

ପୁଣି ଥରେ ରେଳ ଦୁର୍ଘଟଣା। ତାହା ମଧ୍ୟ ଓଡ଼ିଶାରେ। ଅବଶ୍ୟ ଏହା ଓଡ଼ିଶାକୁ ଆସୁଥିବା ଏବଂ ଓଡ଼ିଶାର ସୀମାଞ୍ଚଳରେ ହୋଇଛି। ସେଥିପାଇଁ ତାହା ଆନ୍ଧ୍ରରେ ଘଟିଛି ବୋଲି କୁହାଯିବ। ଅକ୍ଟୋବର ୨୯ ରାତିରେ ଆନ୍ଧ୍ରପ୍ରଦେଶର ଆଲମଣ୍ଡା ଷ୍ଟେଶନ ନିକଟସ୍ଥ କାଣ୍ଟକାପଲ୍ଲୀଠାରେ ଘଟିଥିବା ରେଳ ଦୁର୍ଘଟଣାରେ ୧୩ ଜଣଙ୍କ ମୃତ୍ୟୁ ଘଟିଛି ବୋଲି ସରକାରୀ ସୂତ୍ରରୁ ଜଣାଯାଏ। ବାସ୍ତବରେ କେତେ ସଂଖ୍ୟା କେହି କହିପାରିବେ ନାହିଁ। ଏହି ଦୁର୍ଘଟଣାରେ ୫୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ବିଶାଖାପାଟଣା–ପଲାଶା ପାସେଞ୍ଜର ପଛରେ ବିଶାଖାପାଟଣା–ରାୟଗଡ଼ା ପାସେଞ୍ଜର ଧକ୍କା ଦେବାରୁ ଏଭଳି କ୍ଷତି ଘଟିଛି। ଚଳିତ ବର୍ଷ ଜୁନ୍ ୨ରେ ଓଡ଼ିଶାର ବାଲେଶ୍ୱର ଜିଲା ବାହାନଗାରେ ଘଟିଥିବା ମର୍ମନ୍ତୁଦ ରେଳ ଦୁଘର୍ଟଣା ପରେ ଅନେକ ଛୋଟ ଦୁର୍ଘଟଣା ଇତିମଧ୍ୟରେ ଘଟିଯାଇଛି। ସେଗୁଡ଼ିକ ପ୍ରତି କୌଣସି ଧ୍ୟାନ ଦିଆଗଲା ନାହିଁ ବୋଲି ଗତ ସପ୍ତାହର କାଣ୍ଟକାପଲ୍ଲୀର ଦୁର୍ଘଟଣା ପ୍ରମାଣ କରୁଛି। ଯଦି ବାସ୍ତବରେ ୧୩ ଜଣ ମରିଥାଆନ୍ତି (ଆମେ ଭାବୁଛୁ ଏହି ସଂଖ୍ୟା ନିଶ୍ଚିତ ଭାବେ ଅଧିକ ହୋଇଥିବ) ତେବେ ସେମାନଙ୍କ ଜୀବନହାନି ପାଇଁ ସରକାର ସମ୍ପୂର୍ଣ୍ଣ ଭାବେ ଦାୟୀ ହେବେ। ଏହି ଦୁଇ ଦୁର୍ଘଟଣା ମଧ୍ୟରେ ବିହାରରେ ଅକ୍ଟୋବର ୧୨ରେ ଦିଲ୍ଲୀ କାମାକ୍ଷା ଉତ୍ତର–ପୂର୍ବ ଏକ୍ସପ୍ରେସ୍ ଲାଇନ୍‌ଚ୍ୟୁତ ହୋଇ ୫ ଜଣଙ୍କ ମୃତ୍ୟୁ ହେବା ସହ ଓ ୭୦ ଜଣ ଆହତ ହୋଇଥିଲେ। ୫ ମାସ ମଧ୍ୟରେ ଏହିଭଳି ଦୁର୍ଘଟଣା ଭାରତୀୟ ରେଳର ଯାତ୍ରୀ ସୁରକ୍ଷା ଉପରେ ପ୍ରଶ୍ନ ଉଠାଇଛି। ସୂଚନାଯୋଗ୍ୟ ଯେ, ବାହାନଗା ଷ୍ଟେଶନ ନିକଟରେ ୩ଟି ଟ୍ରେନ ମଧ୍ୟରେ ଦୁର୍ଘଟଣା ଯୋଗୁ ୨୯୦ ଜଣଙ୍କ ଜୀବନ ଯିବା ସହ ୧୦୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ମନେହେଉଛି ସେଥିରୁ ମଧ୍ୟ କୌଣସି ଶିକ୍ଷା ନିଆଗଲା ନାହିଁ। ଦେଖାଯାଇଛି, ଅତୀତରୁ ଏଯାବତ ରେଳ ଦୁର୍ଘଟଣାଗୁଡ଼ିକରେ ପ୍ରାୟତଃ ଲାଇନମ୍ୟାନ ଓ ସିଗ୍‌ନାଲରମାନଙ୍କୁ ଦୋଷୀ କରାଯାଇଛି। ଏମାନଙ୍କୁ ଦୋଷୀ କରିବାରେ କିଛି ପରିବର୍ତ୍ତନ ହୋଇନାହିଁ କିମ୍ବା ଦୁର୍ଘଟଣା ସଂଖ୍ୟା ହ୍ରାସ କରାଯାଇପାରିନାହିଁ।

**ଆଜି ଭାରତୀୟ ରେଳର ଉଚ୍ଚପଦସ୍ଥ କର୍ମଚାରୀମାନଙ୍କର ଆଭିମୁଖ୍ୟ ନକାରାତ୍ମକ ହୋଇଯାଉଛି ବୋଲି ସ୍ପଷ୍ଟ ବୁଝାପଡ଼ୁଛି। ସେମାନଙ୍କ ମଧ୍ୟରୁ କେତେକେ ନିଜର ଅସମ୍ଭାଳ ପରିସ୍ଥିତି ଦର୍ଶାଇପାରନ୍ତି, କିନ୍ତୁ ସମସ୍ତେ ଏହି ବିରାଟ ସଂସ୍ଥାର ଲାଭ ଖାଇ ତାକୁ ହତ୍ୟା କରିବା ପାଇଁ ମନସ୍ଥ କରିସାରିଲେଣି।**

ଉଲ୍ଲେଖନୀୟ ଯେ, ଆନ୍ଧ୍ରପ୍ରଦେଶରେ ଦୁର୍ଘଟଣାଗ୍ରସ୍ତ ଦୁଇଟି ଟ୍ରେନ୍‌ରେ ଆଣ୍ଟି କଲିଜନ ଡିଭାଇସ ବା ଧକ୍କା ନିରୋଧୀ ଉପକରଣ 'କବଚ' ନ ଥିଲା। ସେଥିପାଇଁ ବାହାନଗା ଦୁର୍ଘଟଣା ପରେ କବଚ ଲଗାଇ ରେଳ ଯାତାୟାତକୁ ସୁରକ୍ଷିତ କରାଯିବ ବୋଲି ଯେଉଁ ଘୋଷଣା କରାଯାଇଥିଲା ତାହା ପାଣିର ଗାର ବୋଲି ବୁଝାପଡ଼ୁଛି। ମନେହେଉଛି ଯେପରି ଭାରତରେ ରେଳକୁ ଘରୋଇକରଣ କରିବା ଦିଗରେ ଜୋର୍‌ସୋର ଉଦ୍ୟମ ଆରମ୍ଭ ହୋଇଗଲାଣି। ସମାନ୍ତରାଳ ପରିସ୍ଥିତିକୁ ଦେଖିଲେ ଭାରତ ସଞ୍ଚାର ନିଗମ ଲିମିଟେଡ(ବିଏସ୍‌ଏନ୍‌ଏଲ୍)କୁ ଘରୋଇ କମ୍ପାନୀକୁ ଟେକିଦେବା ପୂର୍ବରୁ ଏକ ପ୍ରକାର ଅକାମୀ କରିଦିଆଯାଉଛି। ତାହା ଫଳରେ ସେହି ଟେଲିକମ୍ କମ୍ପାନୀ କ୍ଷତିରେ ଯିବା ପରେ କବ୍‌ଜା କରିବା ସହଜ ହୋଇଯିବ। ୧୪୦ କୋଟି ଜନତାଙ୍କ ମଧ୍ୟରୁ ଅନେକ ବଡ଼ପାଟିଆ ଅଛନ୍ତି, ଯେଉଁମାନେ ଜାଣିଶୁଣି ପ୍ରବାଦ କରିବେ ଯେ, ସରକାର କୌଣସି ବ୍ୟବସାୟରେ ସମ୍ପୂର୍ଣ୍ଣ ରହିବା ଉଚିତ ନୁହେଁ। ବିଶେଷକରି କ୍ଷତି ସହୁଥିବା କମ୍ପାନୀଗୁଡ଼ିକୁ ଅତିଶୀଘ୍ର ଘରୋଇକରଣ କରିଦେଲେ କରଦାତାଙ୍କର ଅର୍ଥ ବଞ୍ଚିଯିବ। ଦୁଃଖର ବିଷୟ ଯେ, ଏହି ଦଳେ ଲୋକଙ୍କୁ ବିରୋଧ କରିବା ପାଇଁ କେହି ବାହାରନ୍ତି ନାହିଁ। ସହଜରେ ବୁଝିହେବ ଯେ, କ୍ଷତି ସହୁଥିବା କୌଣସି କମ୍ପାନୀକୁ ଯିଏ କିଣିବ ସିଏ ନିହାତି ଅତ୍ୟନ୍ତ କମ୍ ମୂଲ୍ୟରେ ନେଇଯିବ। କିନ୍ତୁ ଯଦି ଲାଭ କରିବାର ସୁଯୋଗ ନ ଥିବ ତେବେ ମୂଲ୍ୟ ଯେତେ ହ୍ରାସ ହେଲେ ମଧ୍ୟ କେହି କିଣିବେ ନାହିଁ।

ଏବେ ମନେହେଉଛି, ଏୟାର ଇଣ୍ଡିଆ ଭଳି ଭାରତୀୟ ରେଳର ଅଧିକାଂଶ କର୍ମଚାରୀ ଲୁଟପାଟ କରିବା ସହିତ ଦେଶର ସେହି ମହାନ ଗୌରବକୁ ଧ୍ୱଂସ କରି ଛାଡ଼ିବା ପାଇଁ ମନସ୍ଥ କରିସାରିଲେଣି। ଇଂଲିଶରେ ଏକ ଢଗ ଅଛି 'ଆଫ୍ଟର ମି, ଡେଲ୍ୟୁଜ'। ଏହାର ଅର୍ଥ ହେଲା ମୋ ପରେ ସବୁ କିଛି ଭାସିଯାଉ। ଆଜି ଭାରତୀୟ ରେଳର ଉଚ୍ଚପଦସ୍ଥ କର୍ମଚାରୀମାନଙ୍କର ଆଭିମୁଖ୍ୟ ନକାରାତ୍ମକ ହୋଇଯାଉଛି ବୋଲି ସ୍ପଷ୍ଟ ବୁଝାପଡ଼ୁଛି। ସେମାନଙ୍କ ମଧ୍ୟରୁ କେତେକେ ନିଜର ଅସମ୍ଭାଳ ପରିସ୍ଥିତି ଦର୍ଶାଇପାରନ୍ତି, କିନ୍ତୁ ସମସ୍ତେ ଏହି ବିରାଟ ସଂସ୍ଥାର ଲାଭ ଖାଇ ତାକୁ ହତ୍ୟା କରିବା ପାଇଁ ମନସ୍ଥ କରିସାରିଲେଣି। ଏଭଳି ପରିସ୍ଥିତିରେ ଦୁର୍ବଳ ଚତୁର୍ଥଶ୍ରେଣୀ କର୍ମଚାରୀଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହଜ ହୋଇପାରେ, କିନ୍ତୁ ମୁଣ୍ଡ ଉପରୁ ଗଡ଼ିବା ଦରକାର।

# ଗାନ୍ଧିଜୀଙ୍କ ପଟ୍ଟଶିଷ୍ୟ ପଟେଲ



ଡ. ପ୍ରଫୁଲ୍ଲ କୁମାର ସାହୁ

ଆଧୁନିକ ଭାରତର ସ୍ଥପତି ସର୍ଦ୍ଦାର ବଲ୍ଲଭଭାଇ ପଟେଲ। ଭାରତୀୟ ମୁକ୍ତି ସଂଗ୍ରାମର ପ୍ରମୁଖ ସ୍ତମ୍ଭ। ଗାନ୍ଧିଜୀଙ୍କ ପରି ସେ ବିଲାତ ଯାଇ ବାରିଷ୍ଟରି ପଢ଼ିଥିଲେ ଏବଂ ୧୯୧୩ରେ ଭାରତ ଫେରିଆସି ଅହମଦାବାଦରେ ଆରମ୍ଭ କରିଥିଲେ ଆଇନ ବ୍ୟବସାୟ। ନିଜର ନିଷ୍ଠା ଓ ଅଧ୍ୟବସାୟ ବଳରେ ସେ ବର୍ଷ କେଇଟା ମଧ୍ୟରେ ହାସଲ କରିପାରିଥିଲେ ଜଣେ ଦକ୍ଷ ଆଇନଜ୍ଞର ପ୍ରତିଷ୍ଠା ଓ ପରିଚୟ। ୧୯୧୭ ମସିହାରେ ସେ ଅହମଦାବାଦ ପୌରସଂସ୍ଥାର ଜଣେ ନିର୍ବାଚିତ ପ୍ରତିନିଧି ଭାବରେ କାର୍ଯ୍ୟ କରିବା ଅବସରରେ ତାଙ୍କୁ ଖୁବ୍ ପ୍ରଭାବିତ କରିଥିଲା ମହାତ୍ମା ଗାନ୍ଧୀଙ୍କ ତେଜ, ବାଣୀ ଓ ଆଦର୍ଶ। ନାଗପୁରରେ ପତାକା ସତ୍ୟାଗ୍ରହ ଆନ୍ଦୋଳନ, ଅସହଯୋଗ ଆନ୍ଦୋଳନ, ଅହମଦାବାଦର ମିଲ୍ ଶ୍ରମିକଙ୍କ ସତ୍ୟାଗ୍ରହ, ଜାଲିଆନାୱାଲାବାଗର ନରସଂହାର ବିରୋଧରେ ଗାନ୍ଧିଜୀଙ୍କ ପ୍ରତିକ୍ରିୟା ଇତ୍ୟାଦି ବଲ୍ଲଭଭାଇଙ୍କ ବିଦ୍ରୋହୀ ମନକୁ ଏମିତି ଦୋହଲାଇ ଦେଲା ଯେ ସେ ସ୍ୱତଃ ଜାତୀୟ କଂଗ୍ରେସରେ ଯୋଗଦେଲେ ଏବଂ ନିଜର ସାଂଗଠନିକ ଦକ୍ଷତା ବଳରେ ୧୯୨୦ରେ ମଣ୍ଡନ କଲେ ଗୁଜରାଟ କଂଗ୍ରେସ କମିଟିର ଅଧ୍ୟକ୍ଷ ଆସନ।

୧୯୩୨ରେ ମହାତ୍ମା ଗାନ୍ଧୀ ଜେଲରେ ଥିବା କାରଣରୁ ବଲ୍ଲଭଭାଇଙ୍କ ନେତୃତ୍ୱରେ ପରିଚାଳିତ ହେଲା ନାଗପୁର କଂଗ୍ରେସ ସତ୍ୟାଗ୍ରହ। ବର୍ଦ୍ଦୋଲିରେ ଇଂରେଜ ସରକାରଙ୍କ ବର୍ଦ୍ଧିତ ଭୂମିକା ବିରୋଧରେ ଗାନ୍ଧିଜୀଙ୍କ ଆନ୍ଦୋଳନର (୧୯୨୮) ପୁରୋଭାଗରେ ଥିଲେ ବଲ୍ଲଭଭାଇ ପଟେଲ। ଏହି ଆନ୍ଦୋଳନକୁ ସେ ଏଭଳି ପରିଚାଳନା କଲେ ଯେ ସେତେବେଳେ ଟାଇମ୍ସ ଅଫ୍ ଇଣ୍ଡିଆ ଖବରକାଗଜ ଲେଖିଥିଲା – ବର୍ଦ୍ଦୋଲିରେ ବର୍ତ୍ତମାନ ବଲ୍‌ସେଭିକ୍ ଆନ୍ଦୋଳନ ଚାଲିଛି ଓ ବଲ୍ଲଭଭାଇ ହେଉଛନ୍ତି ବର୍ଦ୍ଦୋଲି ଲୋକଙ୍କର ଲେନିନ୍। ତାଙ୍କର ଦୃଢ଼ ନେତୃତ୍ୱ କାରଣରୁ କୃଷକ ଆନ୍ଦୋଳନକୁ ଦମନ କରି ନ ପାରି ମୁଣ୍ଡ ନୁଆଁଇବାକୁ ବାଧ୍ୟହେଲେ ଇଂରେଜ ସରକାର। ବର୍ଦ୍ଦୋଲି ଆନ୍ଦୋଳନର ସଫଳତା ପରେ ତାଙ୍କ ନେତୃତ୍ୱର ପରାକାଷ୍ଠା ସମ୍ପର୍କରେ ସାରାଦେଶ ଜାଣିଲା ଏବଂ ତାଙ୍କର ଅନମନୀୟ ବ୍ୟକ୍ତିତ୍ୱ ପାଇଁ ତାଙ୍କୁ ସର୍ଦ୍ଦାର ବୋଲି ସମ୍ବୋଧନ କଲା ଦେଶ। ଏହି ସୂତ୍ରରେ ବଲ୍ଲବଭାଇ ଓ ଗାନ୍ଧିଜୀଙ୍କ ମଧ୍ୟରେ ବିଶ୍ୱାସ ଓ ବନ୍ଧୁତାର ଏକ ନିବିଡ଼ ସମ୍ପର୍କ ସ୍ଥାପିତ ହେଲା, ଯାହା ଭାରତୀୟ ମୁକ୍ତି ସଂଗ୍ରାମ ଇତିହାସକୁ ଦେଇଥିଲା ନୂଆ ମୋଡ଼।

କର୍ମ ହିଁ ଥିଲା ସର୍ଦ୍ଦାର ପଟେଲଙ୍କ ଜୀବନର ମୂଳମନ୍ତ୍ର। ତାଙ୍କ କର୍ମଯୋଗରେ ନ ଥିଲା ବିଳାସ ଓ ବିଶ୍ରାମର ସ୍ଥାନ। ଯେଉଁ କାର୍ଯ୍ୟ ଦ୍ୱାରା ଦେଶବାସୀଙ୍କର ମଙ୍ଗଳ ହେବ ବୋଲି ସେ ଭାବୁଥିଲେ, ତାହା କରିବାକୁ ସେ ପଛାଉ ନ ଥିଲେ ହଜାରେ ବିରୋଧ ସତ୍ତ୍ୱେ। କର୍ମକ୍ଷେତ୍ରରେ ଏହି ଦୃଢ଼ତା ପାଇଁ ଲୋକେ



ତାଙ୍କୁ କହୁଥିଲେ ଲୌହମାନବ। ବାହାରକୁ ଅତ୍ୟନ୍ତ ରୁକ୍ଷ ଓ ଅନମନୀୟ ବୋଲି ମନେହେଲେ ବି ତାଙ୍କ ଭିତରେ ଥିଲା ଏକ ସ୍ନେହସିକ୍ତ କୋମଳ ହୃଦୟ। ଗାନ୍ଧିଜୀଙ୍କ ଭାଷାରେ ସର୍ଦ୍ଦାରଙ୍କ ଅଜେୟ ନିର୍ଭୀକତା ଏବଂ ଦେଶପ୍ରତି ଅଖଣ୍ଡ ଶ୍ରଦ୍ଧା କଥା ମୁଁ ଆଗରୁ ଜାଣିଥିଲି, କିନ୍ତୁ ଦୀର୍ଘ ଷୋହଳ ମାସ କାଳ ତାଙ୍କ ସହ ବନ୍ଦୀ ଜୀବନ ବିତାଇବା ପରେ ଜାଣିଲି ତାଙ୍କ ଶ୍ରଦ୍ଧା ଓ ଆତ୍ମୀୟତାର ଚେର କେତେ ଗଭୀର।

ସର୍ଦ୍ଦାର ପଟେଲ ଥିଲେ ଗାନ୍ଧିଜୀଙ୍କର ଜଣେ ପଟ୍ଟଶିଷ୍ୟ। ସେ ଜାଣିଥିଲେ ଗାନ୍ଧିଜୀ ହିଁ ଭାରତୀୟ ମୁକ୍ତି ସଂଗ୍ରାମର ସେନାପତି ଏବଂ ତାଙ୍କ ପ୍ରଦର୍ଶିତ ପନ୍ଥା ହିଁ ସ୍ୱାଧୀନତା ପ୍ରାପ୍ତି ଦିଗରେ ଏକମାତ୍ର ଧ୍ୟେୟ। ତେଣୁ ଗାନ୍ଧିଜୀଙ୍କ ଆଦେଶ ଥିଲା ତାଙ୍କ ପାଇଁ ଈଶ୍ୱରଙ୍କ ବାଣୀ। ୧୯୪୨ରେ ବମ୍ବେ କଂଗ୍ରେସ ସମ୍ମିଳନୀରେ ଗାନ୍ଧିଜୀ ଆଗତ କରିଥିବା ଭାରତଛାଡ଼ ଆନ୍ଦୋଳନ ପ୍ରସ୍ତାବକୁ ଯେତେବେଳେ ଜବାହରଲାଲ ନେହେରୁ, ରାଜ ଗୋପାଳଚାରୀ ଓ ମୌଲାନା ଆଜାଦ୍ ପ୍ରମୁଖ ବିରୋଧ କଲେ, ସେତେବେଳେ ଗାନ୍ଧିଜୀଙ୍କୁ ଦୃଢ଼ ସମର୍ଥନ କରି ସର୍ଦ୍ଦାର ପଟେଲ କହିଥିଲେ – "ସ୍ୱରାଜ୍ୟ ପାଇଁ କଂଗ୍ରେସ ଦୀର୍ଘବର୍ଷ ଧରି ଯେଉଁ ସଂଗ୍ରାମ କରି ଆସୁଅଛି, ଭାରତଛାଡ଼ ଆନ୍ଦୋଳନ ତା'ର ନିଷ୍କର୍ଷ। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ବର୍ତ୍ତମାନ ହିଁ ସବୁଠାରୁ ଉତ୍କୃଷ୍ଟ ସମୟ। ପଟେଲ୍‌ଙ୍କ ଏଭଳି ଅକାଟ୍ୟ ଯୁକ୍ତି ପରେ ବଦଳିଥିଲା ନେହେରୁ, ରାଜଗୋପାଳଚାରୀ ଓ ମୌଲାନା ଆଜାଦ୍ ତଥା ଅନ୍ୟ ଅନେକ ନେତାଙ୍କ ମତ।

ଆଇନ ବ୍ୟବସାୟ ହେଉ କି ରାଜନୀତି ହେଉ, ନିର୍ଭୁଲ ଭାବେ କାର୍ଯ୍ୟ ସମ୍ପାଦନ କରିବା ଥିଲା ପଟେଲଙ୍କ ବ୍ୟକ୍ତିତ୍ୱର ଏକ ବିଶେଷତ୍ୱ। ଜଣେ ସଚ୍ଚା ଦେଶଭକ୍ତ ଭାବରେ ତାଙ୍କୁ କେବେ ପଥଭ୍ରଷ୍ଟ କରି ନ ଥିଲା ପଦ ପଦବୀର ମୋହ। ସାରା ଜୀବନ ନିଜକୁ ଜଣେ କୃଷକ ଓ କଂଗ୍ରେସକର୍ମୀ ବୋଲି ଭାବୁଥିବାରୁ ତାଙ୍କ ରାଷ୍ଟ୍ରଭକ୍ତିର ପଥ କେବେ ଓଗାଳି ପାରି ନ ଥିଲା ବ୍ୟକ୍ତିଗତ ଅହଂ ଓ ରାଜନୈତିକ ମତାନ୍ତର। ୧୯୪୬ ମସିହାରେ କଂଗ୍ରେସ ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚନ ବେଳେ ୧୨ଟି ପ୍ରଦେଶର କଂଗ୍ରେସ କମିଟି ତାଙ୍କୁ ସମର୍ଥନ କରିଥିବା ବେଳେ ନେହେରୁଙ୍କ ସପକ୍ଷରେ ଥିଲା ମାତ୍ର ୩ଟି ପ୍ରଦେଶ କଂଗ୍ରେସ କମିଟିର ସମର୍ଥନ। ଅଥଚ ଗାନ୍ଧିଜୀଙ୍କ ପରାମର୍ଶ ମାନି ନେହେରୁଙ୍କୁ ସେ ରାସ୍ତା ଛାଡ଼ିଦେଇଥିଲେ ବିନା ପ୍ରତିବାଦରେ। ସର୍ଦ୍ଦାର ପଟେଲ ପ୍ରଧାନମନ୍ତ୍ରୀ ହୋଇପାରି ନ ଥିଲେ ସତ, କିନ୍ତୁ ଆଧୁନିକ ଭାରତବର୍ଷର ସ୍ଥପତି ଭାବରେ ସେ ସ୍ଥାନ ପାଇଛନ୍ତି କୋଟିକୋଟି ଭାରତୀୟଙ୍କ ହୃଦୟରେ।

ସ୍ୱାଧୀନତାର ବ୍ରାହ୍ମ ମୁହୂର୍ତ୍ତ ଥିଲା ଦେଶପାଇଁ ସବୁଠାରୁ ଅଶାନ୍ତ କାଳ। ସାଂପ୍ରଦାୟିକ ସଂଘର୍ଷକୁ ନେଇ ସେତେବେଳେ ଉଭୟ ଭାରତ ଓ ପାକିସ୍ତାନରୁ ଛୁଟିଥିଲା ଶରଣାର୍ଥୀଙ୍କ ସୁଅ। ଏହି ସଙ୍କଟମୟ ସ୍ଥିତିରେ ପଟେଲ ଯେଉଁ ରାଜନୈତିକ ବିଚକ୍ଷଣତା ଓ ପ୍ରଶାସନିକ ବିଜ୍ଞତାର ପରିଚୟ ଦେଇଛନ୍ତି, ତାହା କେବେ ବି ଭୁଲିପାରିବ ନାହିଁ ଏ ଦେଶ। ଭାରତୀୟ ପ୍ରଶାସନିକ ସେବା ସମୂହର ସେ ଥିଲେ ମୁଖ୍ୟ ବିଦ୍ଧାଣି। ଦେଶୀୟ ରାଜ୍ୟଗୁଡ଼ିକର ଭାରତ ସହ ମିଶ୍ରଣ ତଥା ଏକ ଦୃଢ଼ ଓ ଏକୀଭୂତ ସାର୍ବଭୌମ ଭାରତ ଗଠନ ଥିଲା ଏ ଜାତି ପ୍ରତି ସର୍ଦ୍ଦାର ପଟେଲଙ୍କର ସର୍ବଶ୍ରେଷ୍ଠ ଅବଦାନ।

ବାସ୍ତବରେ ସ୍ୱାଧୀନ ଭାରତର ପ୍ରଥମ ଉପପ୍ରଧାନମନ୍ତ୍ରୀ ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ସର୍ଦ୍ଦାର ପଟେଲ ଯେଉଁ ବିଚକ୍ଷଣ ଦୂରଦୃଷ୍ଟି ଓ କୌଶଳପୂର୍ଣ୍ଣ ପଦକ୍ଷେପ ବଳରେ ୫୬୫ଟି ବିକ୍ଷିପ୍ତ ଗଡ଼ଜାତକୁ ଭାରତ ସହ ମିଶେଇ ପାରିଥିଲେ, ତାହା ଅବିସ୍ମରଣୀୟ। ୧୯୨୧ରେ ଅହମଦାବାଦ ପୌରପାଳିକାରେ ପ୍ରଶାସକ ଭାବରେ ସେ ସହରର ସ୍ୱଚ୍ଛତା ତଥା ଡ୍ରେନେଜ ବ୍ୟବସ୍ଥାକୁ ଯେଭଳି ସୁନିଶ୍ଚିତ କରିପାରିଥିଲେ, ତାହା ଥିଲା ତାଙ୍କ ଦୂରଦୃଷ୍ଟି ଓ ସେବା ମନୋଭାବର ନମୁନା। ଆଜି ଯେଉଁ ଉଜ୍ଜ୍ୱଳ ସମବାୟ କ୍ଷେତ୍ରକୁ ନେଇ ଗର୍ବ ଅନୁଭବ କରୁଛି ଦେଶ ତା'ର ମୂଳଦୁଆ ପକାଇଥିଲେ ସର୍ଦ୍ଦାର ପଟେଲ। ସ୍ଥାନୀୟ ଲୋକ, ବିଶେଷ କରି ମହିଳାମାନଙ୍କୁ ସଶକ୍ତ କରିବା ଉଦ୍ଦେଶ୍ୟରେ ସେ ଗଢ଼ିଥିଲେ 'ଅମୁଲ' ଭଳି ଏକ ସମବାୟ ସଂସ୍ଥା। ନୀତିଗତ ନିଷ୍ପତ୍ତି କ୍ଷେତ୍ରରେ ପଣ୍ଡିତ ନେହେରୁଙ୍କ ସହ ତାଙ୍କର ବେଳେ ବେଳେ ମତପାର୍ଥକ୍ୟ ହେଉଥିଲେ ବି ଦେଶ ଗଠନ ଦିଗରେ ଉଭୟ ନେତା ଥିଲେ ପରସ୍ପରର ସହାୟକ ଓ ପରିପୂରକ। ନେହେରୁଙ୍କ ଭାଷାରେ– ସର୍ଦ୍ଦାର ପଟେଲ ଥିଲେ ଆଧୁନିକ ଭାରତ ବର୍ଷର ମାନଚିତ୍ରକୁ ବଦଳେଇ ଦେଇପାରିଥିବା ଜଣେ ଯଥାର୍ଥ ବୀର। ବାସ୍ତବରେ ଲୌହମାନବଙ୍କ ହୃଦୟର ଏହି ବିଶାଳତା ତାଙ୍କୁ ନେଇ ପହଞ୍ଚାଇ ଦେଇଛି ଆଖି ନପାଇଲା ଭଳି ଆଚମ୍ବିତ ଉଚ୍ଚତାରେ। ଦେଶପ୍ରତି ସର୍ଦ୍ଦାର ପଟେଲଙ୍କ ଅବଦାନକୁ ସମ୍ମାନ ଜଣାଇ ଗୁଜୁରାଟର କେଭାଡ଼ିଆ ଠାରେ ନିର୍ମିତ ହୋଇଛି ତାଙ୍କର ଏକ ସୁଉଚ୍ଚ ପ୍ରତିମୂର୍ତ୍ତି। ଏକତାର ତୀର୍ଥ ଭାବରେ ପରିଚିତ ଏହି ପ୍ରତିମା ହେଉଛି ପଟେଲଙ୍କ ପ୍ରତିଜ୍ଞା, ପ୍ରତିଭା ଓ ପୁରୁଷାର୍ଥର ପ୍ରତୀକ।

**ଅବସରପ୍ରାପ୍ତ ଅଧ୍ୟକ୍ଷ**
**ବିଜୁପଟ୍ଟନାୟକ ନଗର, ଭଦ୍ରକ**
**ମୋ: ୬୩୭୧୬୪୨୪୬୪**

# ମାଙ୍କଡ଼ କୁମ୍ଭୀର କଥା



ଅଲେଖ ଚନ୍ଦ୍ର ମିଶ୍ର

'ମାଙ୍କଡ଼ କୁମ୍ଭୀର' କଥା କାହାକୁ ଅବା ଅଜଣା। ଗଳ୍ପଟି ପଢ଼ି ବା ଶୁଣିସାରିଲା ପରେ କେହି କେହି କୁମ୍ଭୀରଟିକୁ ବୋକା ବା ନିର୍ବୁଦ୍ଧିଆ ଆଖ୍ୟା ଦେଇଥାନ୍ତି ତ ଅନ୍ୟ କେହି ମାଙ୍କଡ଼ଟିକୁ ବିଚକ୍ଷଣ ଓ ପ୍ରତ୍ୟୁତ୍ପନ୍ନମତି ବୋଲି ପ୍ରଶଂସା କରିଥାନ୍ତି। କିନ୍ତୁ ଖୁବ୍ କମ୍ ଲୋକ ଗଳ୍ପଟିର ଅନ୍ତର୍ନିହିତ ମର୍ମକୁ ସମ୍ୟକ୍ ଭାବରେ ଉପଲବ୍ଧି କରିଥାନ୍ତି ଏବଂ ଆହୁରି କମ୍ ଲୋକ ତାକୁ କାର୍ଯ୍ୟରେ ପରିଣତ କରନ୍ତି। ମର୍ମଟି ହେଲା ଅବିଶ୍ୱାସୀକୁ ବିଶ୍ୱାସ କରିବା ଅନୁଚିତ ଏବଂ ବିଶ୍ୱାସୀକୁ ଅତିମାତ୍ରାରେ ବିଶ୍ୱାସ କରିବା ଠିକ୍ ନୁହେଁ। ସବୁଠାରୁ ଅଧିକ ବିପଜ୍ଜନକ ହେଲା ଥରେ ବିଶ୍ୱାସଘାତକତା କରିଥିବା ଲୋକକୁ ପୁନରାୟ ବିଶ୍ୱାସ କରିବା। ଏହା ବେଳେବେଳେ ପ୍ରାଣଘାତକ ହୋଇଥାଏ।

ମାଙ୍କଡ଼ଟି ହୁଏତ ଏହାକୁ ଠିକ୍ ଭାବରେ ବୁଝିଥିଲା। ତେଣୁ କୁମ୍ଭୀରର ସମସ୍ତ ପ୍ରଚେଷ୍ଟା, କୈଫିୟତ୍ ଓ ବୁଝାମଣାକୁ ଆଦୌ ଭୃକ୍ଷେପ କରି ନ ଥିଲା। ବିଚରା କୁମ୍ଭୀର ! କେତେ ଛଳନା କଲା। ତଥାପି ମାଙ୍କଡ଼ ନିଜ ନିଷ୍ପତ୍ତିରେ ଅଟଳ। କାରଣ ସେ ଭଲ ଭାବରେ ବୁଝିଥିଲା ଯେ କୁମ୍ଭୀରଟିର ସମସ୍ତ ପ୍ରୟାସ ଛଳନାପୂର୍ଣ୍ଣ ଥିଲା ଏବଂ ହସ୍ତଚ୍ୟୁତ ବସ୍ତୁଟିକୁ ପୁନଃ ପ୍ରାପ୍ତି ପାଇଁ ଉଦ୍ଦିଷ୍ଟ ଥିଲା। ଶେଷରେ କୁମ୍ଭୀରକୁ ନିରାଶ ହେବାକୁ ପଡ଼ିଲା ଏବଂ କାଳ କାଳକୁ ବୋହି ଚାଲିଲା 'କୁମ୍ଭୀର କାନ୍ଦଣା'ର ଅପବାଦ ପସରା।

କାହାଣୀଟି ହୁଏତ କଳ୍ପନାପ୍ରସୂତ ହୋଇପାରେ। କିନ୍ତୁ ମାନବ ସମାଜ ପ୍ରତି ତା'ର ବାର୍ତ୍ତା ଚିରନ୍ତନ ସତ୍ୟ, ଯୁଗଯୁଗ ଧରି ପରୀକ୍ଷିତ ଓ ଅନୁଭୂତ। ସେ ପୁରାଣଶାସ୍ତ୍ରରେ ହେଉ, ଇତିହାସର ପୃଷ୍ଠାରେ ହେଉ ଅଥବା ଆଧୁନିକ ବିଜ୍ଞାନ ଯୁଗରେ ହେଉ। ଅସମ୍ଭବ ରୂପ ଧାରଣ କରିଥିବା ମାୟାମିରିଗକୁ ବିଶ୍ୱାସ କରି ମାତା ସୀତା ଓ ପ୍ରଭୁ ଶ୍ରୀରାମଙ୍କର ଦୁର୍ଦ୍ଦଶା, ବିଶ୍ୱାସୀ କୈକେୟୀଙ୍କୁ ଅତିବିଶ୍ୱାସ କରି ଦଶରଥଙ୍କର ହୀନସ୍ତା ଓ ମୃତ୍ୟୁ, ଅବିଶ୍ୱାସୀ କୌରବଙ୍କୁ ବିଶ୍ୱାସ କରି ପାଣ୍ଡବଙ୍କର ଜତୁଗୃହ ପ୍ରବେଶ, ଛଳନାର ମୂର୍ତ୍ତିମନ୍ତ ଅବତାର ଶକୁନିକୁ ବିଶ୍ୱାସ କରି କୌରବକୁଳର ସର୍ବନାଶ–ଏଭଳି ସଂଖ୍ୟାତୀତ ଦୃଷ୍ଟାନ୍ତ ସଂପୃକ୍ତ ଆପ୍ତବାଣୀର ବାର୍ତ୍ତାବହ। ରାଜକୁମାର, ଭଲ୍ଲୁକ ଓ ବ୍ୟାଘ୍ର ଏ ତିନିଜଣଙ୍କର ପାରସ୍ପରିକ ବିଶ୍ୱାସ ଉପରେ ପର୍ଯ୍ୟବସିତ 'ସସେମିରା କଥା', ଗୃଧ୍ରକୂଟ ପର୍ବତ ନିବାସୀ ଗୃଧ୍ର ଜରଦ୍ଗବ ଓ ଦୀର୍ଘକର୍ଣ୍ଣ ମାର୍ଜାର ଉପାଖ୍ୟାନ ଅଥବା ବୃଦ୍ଧବ୍ୟାଘ୍ର ସୁବର୍ଣ୍ଣ କଙ୍କଣ ଆଖ୍ୟାୟିକା –ଏ ସବୁ ସେଇ ଗୋଟିଏ ସତ୍ୟର ବାବଦୂକ, 'ବିଶ୍ୱାସଘାତକତା।' ସେହିପରି ଥରେ ବିଶ୍ୱାସଘାତକତା କରିଥିବା (ପ୍ରେମନିବେଦନ କରି ବିଫଳ ହୋଇ) ଭଣ୍ଡ ସନ୍ନ୍ୟାସୀ ବୃଦ୍ଧାକର୍ଣ୍ଣକୁ ପୁନର୍ବାର ବିଶ୍ୱାସ କରି (ନିଜର ପତିଙ୍କ ନିକଟରେ ତା' କଥା ଗୋପନ ରଖି) ସାଧବ ଲଳନା ରତ୍ନାବତୀ ଯେଉଁ ଦୁଃଖ ଭୋଗିଥିଲେ ଲୋକପ୍ରିୟ ଗ୍ରନ୍ଥ 'ପ୍ରସ୍ତାବସିନ୍ଧୁ'ରେ ତାହା ଏକ ଚର୍ଚ୍ଚିତ ଉପାଖ୍ୟାନ ହୋଇ ରହି ଯାଇଛି।

ଇତିହାସର ପୃଷ୍ଠା ଓଲଟାଇଲେ ବିଶ୍ୱାସରେ ବିଷ



ମିଶେଇବା ଘଟଣାର ଭୁରି ଭୁରି ନଜର ପଢ଼ିବାକୁ ମିଳେ। ଯେପରି ଶିବାଜୀ ଅଫଜଲ ଖାଁ ସମ୍ବାଦ, ଜୟଚନ୍ଦ୍ର ପୃଥ୍ୱୀରାଜ ମହମ୍ମଦ ଘୋରି ଉପାଖ୍ୟାନ, ସିରାଜଦୌଲା–ମିର୍ଜାଫର ସମ୍ପର୍କ, ନାଦୀରଶାହା–ସହାଆଲମଙ୍କର ମୁକୁଟ ବିନିମୟ ଘଟଣା ଇତ୍ୟାଦି।

ଏବେ ସାମ୍ପ୍ରତିକ ସମାଜରେ ଏହି ସୂକ୍ତିଟିର ପ୍ରାସଙ୍ଗିକତାକୁ ବିଚାର କରାଯାଉ। ନବବିବାହିତ କନ୍ୟାଟିଏ କେତେ ଆଶା ଭରସା ନେଇ ଶାଶୁ ଘରକୁ ଯାଏ। ଯଦି ସେଠାରେ ଦୈବାତ୍ ଯୌତୁକଯନ୍ତ୍ରଣାର ଶିକାର ହୁଏ ସେ ତ୍ରାହି ତ୍ରାହି ଡାକି ବାପଘରକୁ ଆଶ୍ରାକରେ। ବାପ ଘର ଲୋକେ ତାକୁ ଘରକୁ ନେଇ ଆସନ୍ତି ସତ, କିନ୍ତୁ କିଛିଦିନ ପରେ ଶାଶୁଘର ସହିତ କଥାବାର୍ତ୍ତା କରି ପୁଣି ତାକୁ ସେଠି ଛାଡ଼ି ଦେଇ ଆସନ୍ତି। ସେମାନେ ବୁଝନ୍ତିନି ଯେ ଲୋଭର ଅନ୍ତ ନ ଥାଏ। ଧନଲୋଭୀଙ୍କ ପାଇଁ ଦୟା, କ୍ଷମା, ବୁଝାମଣା ଭଳି ଶବ୍ଦର କିଛି ମୂଲ୍ୟ ନ ଥାଏ। ଫଳରେ ଏକା ଘଟଣାର ପୁନରାବୃତ୍ତି ହୁଏ। ଏଥରକ ବିଚରା ଝିଅଟି ଅସହାୟଭାବରେ ଅକାଳ ମୃତ୍ୟୁବରଣ କରେ। ଲତାଟିଏ ତା' ପାଖରେ ଥିବା ବୃକ୍ଷ ଉପରକୁ ମାଡ଼ିଲା ପରି ଅନ୍ତିମ କୈଶୋର କିମ୍ବା ଆଦ୍ୟ ଯୌବନର ଦୋଛକିରେ ଉପନୀତ ଝିଅଟି ତା' ଆଡ଼କୁ ପ୍ରଥମ ଥର ପାଇଁ ଲମ୍ବି ଆସୁଥିବା ସହାନୁଭୂତି, ଭରସା, ଆଶ୍ୱାସନା ଓ ପ୍ରତିଶ୍ରୁତିର ହାତକୁ ନିଜ ହାତ ସହିତ ଛନ୍ଦି ଦେବାକୁ ବ୍ୟାକୁଳ ହୋଇ ଅନିଶ୍ଚିତତା ଭିତରକୁ ଲମ୍ଫ ପ୍ରଦାନ କରେ। କିନ୍ତୁ ବାସ୍ତବତା ଜାଣିଲା ବେଳକୁ ନେଡ଼ି ଗୁଡ଼ କହୁଣିକୁ ବୋହିଯାଇଥାଏ। ପ୍ରେମିକ ଉପରେ ଅଖଣ୍ଡ ଭରସା ରଖି ବିବାହିତା ଏବଂ ସନ୍ତାନବତୀ ମହିଳାଟିଏ ଘର ଛାଡ଼େ। କିନ୍ତୁ ଯେତେବେଳେ ତା'ର ପ୍ରେମିକ ତାକୁ ପ୍ରତ୍ୟାଖ୍ୟାନ କରେ ତା'ର ଅବସ୍ଥା ଦୁଇ ନାବରେ ଗୋଡ଼ ଦେଲା ଭଳି ହୁଏ। ତ୍ରିକୋଣୀୟ ପ୍ରେମ, ପରକୀୟା, ଧନଲୋଭ, ବୋତଲବନ୍ଧୁ ଇତ୍ୟାଦି ଅନେକ ସମୟରେ ମୃତ୍ୟୁର କାରଣ ହୁଏ।

ସମାଜରେ ପ୍ରତିଷ୍ଠିତ ଅନେକ ଲୋକ ବି ଏଭଳି ଷଠତାର ଶରବ୍ୟ ହେବାର ବହୁତ ଦୃଷ୍ଟାନ୍ତ ରହିଛି। ସାମାନ୍ୟ ସମସ୍ୟାରୁ ମୁକ୍ତି ପାଇଁ ହେଉ ଅଥବା ତାତ୍କାଳିକ ପ୍ରାପ୍ତି ପାଇଁ ହେଉ କିଛି ଲୋକ ଭଣ୍ଡବାବାଙ୍କର ଶରଣାପନ୍ନ ହୁଅନ୍ତି। ତାଙ୍କ ଉପରେ ଅଖଣ୍ଡ ବିଶ୍ୱାସ ରଖି କେତେ ଯେ ପରିବାର ସର୍ବସ୍ୱାନ୍ତ ହୁଅନ୍ତି ତା'ର ହିସାବ ନାହିଁ।

ଏହାର ଅର୍ଥ ନୁହେଁ ସମସ୍ତଙ୍କୁ ଅବିଶ୍ୱାସ କରିବା। ସମାଜରେ ରହିବାକୁ ହେଲେ କିଛି ମାତ୍ରାରେ ବିଶ୍ୱାସ ତ ରଖିବାକୁ ପଡ଼ିବ। ତେବେ ଯେଉଁଠି ବିଶ୍ୱାସ ଓ ଅବିଶ୍ୱାସ ମଧ୍ୟରେ ଗୋପନୀୟତା ବା ସଂଶୟ ପ୍ରବେଶ କରେ ତାହା ସହଜରେ ଗ୍ରହଣୀୟ ନୁହେଁ। ବିଶ୍ୱାସ ଅବିଶ୍ୱାସର ଧାରା ଏକତରଫା ନ ହୋଇ ନିଜର ଆତ୍ମୀୟସ୍ୱଜନଙ୍କର ସହମତିରେ ବା ଜ୍ଞାତସାରରେ ହେବା ବିଧେୟ। ଏହାର ଅନ୍ୟ ଏକ ବିଭାବ ହେଲା ଲୋକଚରିତ୍ରକୁ ଠିକ୍ ଭାବରେ ଅନୁଧ୍ୟାନ କରି ଅଗ୍ରସର ହେବା। ବିଶ୍ୱାସ କରିବା ପୂର୍ବରୁ ଦେଶ କାଳ ପାତ୍ରକୁ ବିଚାର କଲେ ଅନେକ ସମସ୍ୟା ଏଡ଼େଇ ହେବ। ମାଙ୍କଡ଼ଟି ସିନା ସେଦିନ ମୃତ୍ୟୁମୁଖରୁ ଫେରି ଆସିଥିଲା, ହେଲେ ମଣିଷ ପାରିବ ତ ? ଅଣ୍ଟିଚ୍ଛୁରି ପରା ତଣ୍ଟି କାଟେ!

ମୋ: ୯୪୩୮୬୭୩୮୯୮

## ଏଇ ଭାରତରେ

ଆଜିର ସମୟରେ ଯୁବବର୍ଗ ଆଇଏଏସ୍ ଏବଂ ପ୍ରୋଭିନ୍‌ସିଆଲ ସିଭିଲ ସର୍ଭିସ(ପିସିଏସ୍) ହେବାର ସ୍ୱପ୍ନ ଦେଖୁଛନ୍ତି। କିନ୍ତୁ ଆର୍ଥିକ ସମସ୍ୟା ଯୋଗୁ ସେମାନଙ୍କ ସ୍ୱପ୍ନ ଅଧୁରା ରହିଯାଉଛି। ଏଭଳି ସ୍ଥିତିରେ ଆର୍ଥିକ କ୍ଷେତ୍ରରେ ଦୁର୍ବଳ ଯୁବବର୍ଗଙ୍କୁ କୋଚିଂ ଦେବା ଦାୟିତ୍ୱ ଗ୍ରହଣ କରିଛନ୍ତି ୟୁପିର ଅନୁପ ଉପାଧ୍ୟାୟ। ମାତ୍ର ୧ ଟଙ୍କା ଗୁରୁଦକ୍ଷିଣା ନେଇ ସେ ଛାତ୍ରୀଛାତ୍ରମାନଙ୍କୁ ଜି.କେ./ଜିଏସ୍ ପଢାଉଛନ୍ତି। ଅନୁପ ପେସାରେ ଜଣେ ଶିକ୍ଷକ। ଅନୁପ ଗତ ୮ ବର୍ଷ ଧରି ଲକ୍ଷ୍ନୌ, ଦିଲ୍ଲୀ ଏବଂ ପାଟନା ଭଳି ଅନେକ ସହରରେ ଆଇଏଏସ୍ ଏବଂ ପିସିଏସ୍ ପାଇଁ କୋଚିଂ ଯୋଗାଇ ଆସିଛନ୍ତି। ଏହା ବ୍ୟତୀତ ସେ ଏବେ ନିଜ ଜିଲା ବାଲିଆକୁ ଆସି ପିଲାମାନଙ୍କୁ ମଧ୍ୟ କୋଚିଂ ଦେବା ଆରମ୍ଭ କରିଛନ୍ତି। ସେ କୁହନ୍ତି, ମୁଁ ମଧ୍ୟ ଦାରିଦ୍ର୍ୟ ସହ ସଂଘର୍ଷ କରିଛି, ମୁଁ ଜାଣେ ଦାରିଦ୍ର୍ୟ କ'ଣ। ତେଣୁ ମୁଁ ମୋ ଜିଲାର ପିଲାମାନଙ୍କୁ ମାଗଣା ଶିକ୍ଷା ପ୍ରଦାନ କରିବାର ଦାୟିତ୍ୱ ଗ୍ରହଣ କରିଛି; ଯାହା ଦ୍ୱାରା ସେମାନେ ଭବିଷ୍ୟତରେ ବଡ଼ ପଦବୀରେ ପହଞ୍ଚିପାରିବେ। ବର୍ତ୍ତମାନ ପର୍ଯ୍ୟନ୍ତ କୋଚିଂ ପାଇ ଅନେକ ଶହ ଆଶାୟୀ ସେମାନଙ୍କ ଲକ୍ଷ୍ୟରେ ସଫଳ ହୋଇ ଉଚ୍ଚ ପଦବୀରେ କାର୍ଯ୍ୟ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୩୧ ଅକ୍ଟୋବର ୧୯୯୮**

- ଉପମୁଖ୍ୟମନ୍ତ୍ରୀ ବସନ୍ତ କୁମାର ବିଶ୍ୱାଳଙ୍କ ଦ୍ୱାରା ବହୁଚର୍ଚ୍ଚିତ ଜଳସମ୍ପଦ ଭବନ (ରାଜୀବ ଭବନ) ଉଦ୍‌ଘାଟିତ।
- ଜାତିସଂଘ ଶାନ୍ତିରକ୍ଷା ବାହିନୀର ସଦସ୍ୟମାନଙ୍କ ପାଇଁ ସର୍ବନିମ୍ନ ବୟସ ସୀମା ୨୫ ବର୍ଷକୁ ଧାର୍ଯ୍ୟ।
- ସ୍ୱିଡେନର ପଶ୍ଚିମାଞ୍ଚଳ ଅନ୍ତର୍ଗତ ଗୋଥେନବର୍ଗଠାରେ ଥିବା ଏକ ଡିସ୍କୋ ଥେକ (କ୍ଲବ୍)ରେ ଅଗ୍ନିକାଣ୍ଡ ଘଟି ୬୭ ଦଗ୍ଧ।

## ଚିରନ୍ତନୀ

ପରଶିଛି ପଥେ ପଥେ
ହରଷାଇ ଘାସରେ
ପରାଚୀର ପରଥମ ହାସରେ!
ତାରକା ଖଚିତ ନଭେ
ତାହାରି ପରଶ ଦ୍ରବେ
ପଞ୍ଚମୀ ଜୋଛନାର ପ୍ରାସରେ
ପରଶିଛି ହରଷାଇ ଘାସରେ!
–(ଶିଶିର–ହାସ୍ୟ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 3 | | 7 | | | | 1 | 4 |
| 4 | 7 | 2 | | | 6 | | 3 | |
| | | | | | | | | 6 |
| | 8 | | 4 | | | | | |
| 2 | | 9 | | | | | | |
| 6 | 4 | | 9 | | | | | 2 |
| 8 | | | | | 5 | | | 7 |
| | | | | | | 8 | | |
| 3 | | | | 1 | | 9 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 6 | 9 | 1 | 8 | 4 | 5 | 2 | 7 |
| 4 | 2 | 7 | 5 | 9 | 6 | 1 | 8 | 3 |
| 5 | 1 | 8 | 2 | 3 | 7 | 4 | 6 | 9 |
| 2 | 8 | 5 | 3 | 6 | 1 | 7 | 9 | 4 |
| 7 | 3 | 4 | 9 | 5 | 8 | 2 | 1 | 6 |
| 6 | 9 | 1 | 4 | 7 | 2 | 3 | 5 | 8 |
| 8 | 5 | 2 | 7 | 4 | 9 | 6 | 3 | 1 |
| 9 | 4 | 3 | 6 | 1 | 5 | 8 | 7 | 2 |
| 1 | 7 | 6 | 8 | 2 | 3 | 9 | 4 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପଞ୍ଚାୟତରେ ଆଧାର ସେବା

ମହାଶୟ,

ପୂର୍ବରୁ ସରକାରଙ୍କ ତରଫରୁ ପ୍ରତି ପଞ୍ଚାୟତରେ ଆଧାର ସେବାକେନ୍ଦ୍ର ସ୍ଥାପନ କରାଯିବାକୁ ଘୋଷଣା କରାଯାଇଥିଲା। ପୁନଶ୍ଚ ୯ ସେପ୍ଟେମ୍ବର ୨୦୨୩ରେ ୧୦ ବର୍ଷିଆ ଆଧାର ଅପ୍‌ଡେଟ୍‌ର ଅବଧିକୁ ୩ ମାସ ବୃଦ୍ଧି ସହ ମାଗଣାରେ ଅପ୍‌ଡେଟ୍ କରାଯିବ ବୋଲି ଘୋଷଣା କରାଗଲା। ହେଲେ ଅବଧି ବୃଦ୍ଧିର ୧ ମାସରୁ ଊର୍ଦ୍ଧ୍ୱ ବିତିଯାଇଥିଲେ ସୁଦ୍ଧା ପଞ୍ଚାୟତରେ କୌଣସି ଆଧାର ସେବାକେନ୍ଦ୍ର ବା କ୍ୟାମ୍ପ ପଡ଼ିନାହିଁ। ସରପଞ୍ଚ ଏ ବାବଦରେ କୌଣସି ପଦକ୍ଷେପ ନେଉନାହାନ୍ତି। ପ୍ରାଇଭେଟ୍ ଆଧାର ସେବାକେନ୍ଦ୍ର ବା ଜନସେବା କେନ୍ଦ୍ରରେ ଅପ୍‌ଡେଟ୍ କରାଇ ନୂଆ କାର୍ଡ ହସ୍ତଗତ ହେବା ପର୍ଯ୍ୟନ୍ତ ୩୫୦ରୁ ୪୦୦ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ଏଣୁ ଅଧିକ ସଦସ୍ୟ ଥିବା ପରିବାର ତଥା ଗରିବ ବା ଦିନମଜୁରିଆ ଶ୍ରେଣୀର ଲୋକଙ୍କ ପକ୍ଷେ ଅପ୍‌ଡେଟ୍ କରିବା ସମ୍ଭବ ହେଉନାହିଁ। ଏଣେ ଆଧାର କାର୍ଡ ଅପ୍‌ଡେଟ୍ ନ କଲେ ରାଶନ ସାମଗ୍ରୀ ମିଳିବ ନାହିଁ ବୋଲି ଡିଲର ସତର୍କ କରୁଛନ୍ତି। ପ୍ରତି ପଞ୍ଚାୟତରେ ତୁରନ୍ତ ଆଧାର କ୍ୟାମ୍ପ ପକାଇ ଜନସାଧାରଣଙ୍କ ଅସୁବିଧା ଦୂର କରାଯାଉ।

**–ରାଜକୁମାର ସାମଲ, ଅରେଇ, ଯାଜପୁର**


ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଗାଡ଼ି ଧକ୍କାରେ ଅବସରପ୍ରାପ୍ତ ଶିକ୍ଷକଙ୍କ ମୃତ୍ୟୁ

**ସିନାପାଲି,୩୦।୧୦(ମନଫୁଲ ମେହେର)**



ନୂଆପଡା ଜିଲା ସିନାପାଲି ବ୍ଲକ ସଦର ସିନାପାଲି ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ମଧୁରାମ ମେହେର (୬୭)ଙ୍କ ବିଜୁ ଏକ୍ସପ୍ରେସ (ଫୋରୱେ) ରାସ୍ତା ପଦରଭଟା ବ୍ରିଜଠାରେ ଅଜଣା ଗାଡି ଧକ୍କାରେ ମୃତ୍ୟୁ ଘଟିଛି। ସୂଚନାଯୋଗ୍ୟ ଯେ, ରବିବାର ସନ୍ଧ୍ୟାରେ ମେହେର ଓ ତାଙ୍କ ଦୁଇ ବନ୍ଧୁଙ୍କ ସହ କୌଣସି କାର୍ଯ୍ୟରେ ବିଜୁ ଏକ୍ସପ୍ରେସ ୱେରେ ଯାଉଥିଲେ। ହଠାତ ଏକ ଚାରି ଚକିଆ ଗାଡ଼ି ପଛପଟୁ ଧକ୍କା ଦେଇଥିଲା। ଘଟଣାସ୍ଥଳରୁ ଗୁରୁତର ଅବସ୍ଥାରେ ତାଙ୍କ ଦୁଇବନ୍ଧୁ ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ପ୍ରାଥମିକ ଚିକିତ୍ସା ପରେ ମୃତ ଘୋଷଣା କରିଥିଲେ। ଘଟଣାସ୍ଥଳରେ ସିନାପାଲି ପୋଲିସ ପହଞ୍ଚି ତଦନ୍ତ କରିଥିବା ବେଳେ ବ୍ୟବଚ୍ଛେ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ଏହି ଘଟଣା ପରେ ପରିବାର ଲୋକେ ଭାଙ୍ଗି ପଡିଥିଲେ। ମେହେରଙ୍କ ପୁଅ ଜିତେନ୍ଦ୍ରିୟ ମେହେର ମୁଖାଗ୍ନି ଦେଇଥିଲେ। ଏହି ଘଟଣାରେ ସିନାପାଲି ସାମ୍ବାଦିକ ସଂଘ, ଶିକ୍ଷକ ସଂଘ, ସ୍ଥାନୀୟ ବୁଦ୍ଧିଜୀବୀ, ସଚେତନ ନାଗରିକ ତଥା ଅଞ୍ଚଳରେ ଶୋକ ଋଚ୍ଛାୟା ଖେଳିଯାଇଛି।

### ପରେଶ ପଣ୍ଡାଙ୍କୁ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଦାୟିତ୍ୱ

**ଖଡ଼ିଆଲ,୩୦।୧୦(ସୁଜିତ୍ କୁମାର ପ୍ରଧାନ)**

ନୂଆପଡା ଜିଲା ଖଡ଼ିଆଲ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବେ ପରେଶ କୁମାର ପଣ୍ଡା ଯୋଗଦାନ କରିଛନ୍ତି। ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ କାହ୍ନୁଚରଣ ନାଏକ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପଣ୍ଡାଙ୍କୁ ସ୍ୱାଗତ କରିଥିଲେ।

# ବିନା ସୁରକ୍ଷା ଉପକରଣରେ ଓପିଏଲ୍ଏସ୍

**ଲୋଇସିଂହା,୩୦।୧୦(ସୁଶାନ୍ତ ବାରିକ)**

- ସ୍କ୍ରବ୍ ଟାଇଫସକୁ ନେଇ ଚିନ୍ତାରେ କର୍ମଚାରୀ
- ଉପରସ୍ଥ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରି ମିଳିନି ସୁଫଳ
- ନଭେମ୍ବର ୭ସୁଦ୍ଧା ସର୍ଭେ ସାରିବାକୁ ରହିଛି ନିର୍ଦ୍ଦେଶ

ସ୍କ୍ରବ୍ ଟାଇଫସ ଆକ୍ରାନ୍ତଙ୍କ ସଂଖ୍ୟା ବଲାଙ୍ଗୀର ଜିଲାରେ ବଢିବାରେ ଲାଗିଛି। ସତର୍କତା ଅବଲମ୍ବନ କରି ଖେତକୁ ଯିବାକୁ ଚାଷୀଙ୍କୁ ପରାମର୍ଶ ଦିଆଯାଉଛି। ଏଭଳି ସ୍ଥିତିରେ ୨୦୨୩–୨୪ ଆର୍ଥିକ ଖରିଫ ବର୍ଷରେ ପାକ୍ସରେ ଧାନ ବିକ୍ରୟ ପାଇଁ ପଞ୍ଜୀକୃତ ହୋଇଥିବା ଚାଷଜମିକୁ ଓଡ଼ିଶା ପେଡି ଲ୍ୟାଣ୍ଡ ସର୍ଭେ (ଓପିଏଲଏସ୍) ମାଧ୍ୟମରେ ସପ୍ତାହକ ମଧ୍ୟରେ ସର୍ଭେ ସାରିବା ପାଇଁ ସରକାର ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏହିକ୍ରମରେ ବିନା ସୁରକ୍ଷା ଉପକରଣରେ କୃଷି ସମବାୟ ସମିତି କର୍ମଚାରୀମାନେ ଜମିକୁ ଜମି ଯାଇ ସର୍ଭେ କରୁଛନ୍ତି। ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଆତଙ୍କିତ ଅବସ୍ଥାରେ କ୍ଷେତ୍ରକୁ ଯାଇ ସର୍ଭେ କରୁଥିବା ସମବାୟ କର୍ମଚାରୀ କହିଛନ୍ତି।

ବଲାଙ୍ଗୀର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନରେ ୧୫୧ ପ୍ରାଥମିକ କୃଷି ସମବାୟ ସମିତି ରହିଛି। ଚଳିତ ବର୍ଷ ଜିଲାର ୧୪ ବ୍ଲକର ୮୯ ହଜାର ୪୨୩ ଜଣ ଚାଷୀ ଖରିଫ ଧାନ ବିକ୍ରି ପାଇଁ ୧୫୧ କୃଷି ସମବାୟ ସମିରେ ପଞ୍ଜୀକୃତ ହୋଇଛନ୍ତି। ବର୍ତ୍ତମାନ ଅମଳ ସମୟ ଆରମ୍ଭ ହୋଇଛି। ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ପାକ୍ସ ଜରିଆରେ ଧାନ ସଂଗ୍ରହ କରାଯିବ। ପଞ୍ଜୀକୃତ ଚାଷୀଙ୍କ ଜମିରେ ପ୍ରକୃତ ଚାଷ ହୋଇଛି କି ନାହିଁ ଏନେଇ ସର୍ଭେ ଆରମ୍ଭ ହୋଇଛି। ଅକ୍ଟୋବର ୨୯ରୁ ନଭେମ୍ବର ୭ ସୁଦ୍ଧା ସର୍ଭେ ସାରିବାକୁ କୃଷି ସମବାୟ ସମିତି କର୍ମଚାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହାପୂର୍ବରୁ ଅକ୍ଟୋବର ୧୯ରେ ଜିଲାସ୍ତରରେ ଏ ନେଇ ଏକ ତାଲିମ ଶିବିର ଆୟୋଜିତ ହୋଇଥିଲା। ସେତେବେଳେ ସମବାୟ କର୍ମଚାରୀ ସ୍କ୍ରବ ଟାଇଫସ୍‌କୁ ନେଇ ଚିନ୍ତାବ୍ୟକ୍ତ କରି ବିଭାଗୀୟ ଉପନିବନ୍ଧକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ହେଲେ ଏଦିଗରେ ବିଭାଗ ହାଲୁକାଭାବେ ନେଇଥିବା ସମବାୟ ବିଭାଗ କର୍ମଚାରୀମାନେ କହିଛନ୍ତି। ଏ ନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

# ଦୁର୍ନୀତି ନିବାରଣ ପାଇଁ ଶପଥପାଠ




ଦୁର୍ନୀତି ନିବାରଣ ପାଇଁ ଶପଥ ପାଠ କରାଯାଉଛି।

**ନୂଆପଡ଼ା,୩୦।୧୦(ମକାରୁ ବେମାଲ)**

ଦୁର୍ନୀତି ନିବାରଣ ସପ୍ତାହ–୨୦୨୩ ଭିଡିଓ କନଫରେନ୍ସରେ କାର୍ଯ୍ୟକ୍ରମ ନୂଆପଡା ଜିଲାପାଳଙ୍କ ସଦଭାବନା ସଭା ଗୃହରେ ଆୟୋଜିତ ହୋଇଥିଲା। ନୂଆପଡା ଅତିରିକ୍ତ ଜିଲାପାଳ ଭୀମସେନ ଶବରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ନିର୍ବାହୀ ଅଧିକାରୀ ମଧୁଛନ୍ଦା ସାହୁ, ଉପଜିଲାପାଳ ସୁବାଷ ଚନ୍ଦ୍ର ରଇତା, ଡେପୁଟି କଲେକ୍ଟର ଆଲୋକ ଅନୁଗୁଳିଆ, ଗରିବ ଦୀପ, ରମେଶ ମହରା, ଜିଲା ସମାଜ ମଙ୍ଗଳ ଅଧିକାରୀ ମନ କୁମାରୀ ଲମ୍ଭୁ, ତହସିଲଦାର ପୁଷ୍ପାଞ୍ଜଳି ଦଣ୍ଡପାଟ ପ୍ରମୁଖ ଓ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଦୁର୍ନୀତି ନିବାରଣ ପାଇଁ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ଦେଶର ଆର୍ଥିକ, ରାଜନୈତିକ ଓ ସାମାଜିକ ପ୍ରଗତି ପଥରେ ଦୁର୍ନୀତି ହିଁ ସବୁଠୁ ବଡ ପ୍ରତିବନ୍ଧକ। ଦୁର୍ନୀତିର ମୂଳୋତ୍ପାଟନ ପାଇଁ ସମସ୍ତେ ଅଂଶୀଦାର ସରକାର, ନାଗରିକ ଓ ସମୁଦାୟ ତଥା ଘରୋଇ କ୍ଷେତ୍ର ଏକତ୍ର ହୋଇ କାର୍ଯ୍ୟ କରିବା ଆବଶ୍ୟକ। ସତ୍ୟନିଷ୍ଠାରେ ପ୍ରତିବନ୍ଧକ ରହି ଦୁର୍ନୀତି ବିରୋଧରେ ସଂଗ୍ରାମକୁ ସମର୍ଥନ କରିବା ଉଚିତ। ଦୁର୍ନୀକତିକୁ ବିରୋଧ କରି ସମସ୍ତେ ରାଷ୍ଟ୍ରପ୍ରତି ସମର୍ପିତ ରହିବା ପାଇଁ ଆହ୍ୱାନ କରାଯାଇଛି।

# ସ୍ୱଳ୍ପ ସଞ୍ଚୟ ସଚେତନତା ରଥ ଶୁଭାରମ୍ଭ

**ନୂଆପଡ଼ା,୩୦।୧୦(ମକାରୁ ବେମାଲ)**



ସ୍ୱଳ୍ପ ସଞ୍ଚୟ ରଥ ଶୋଭାଯାତ୍ରା ।

ନୂଆପଡା ଜିଲାପାଳ କାର୍ଯ୍ୟାଳୟଠାରୁ ସୋମବାର ସ୍ୱଳ୍ପ ସଞ୍ଚୟ ସଚେତନତା ରଥକୁ ଜିଲାପାଳ ହେମକାନ୍ତ ସାଏ ଓ ଆରକ୍ଷୀ ଅଧୀକ୍ଷକ ଜିଆର ରାଘବେନ୍ଦ୍ର ସବୁଜ ପତକା ଦେଖାଇ ଉଦଘାଟନ କରିଛନ୍ତି। ସଞ୍ଚୟ ଓ ଆର୍ଥିକ ସେବା ଅଧିକାରୀ ବିବେକାନନ୍ଦ ମହାନନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ସାଏ, ଆରକ୍ଷୀ ଅଧୀକ୍ଷକ ଜିଆର ରାଘବେନ୍ଦ୍ର, ଜିଲା ମୁଖ୍ୟ ନିର୍ବାହୀ ଅଧିକାରୀ ମଧୁଛନ୍ଦା ସାହୁ, ଅତିରିକ୍ତ ଜିଲାପାଳ ଭୀମସେନ ଶବର, ଉପଜିଲାପାଳ ସୁବାଷ ଚନ୍ଦ୍ର ରଏତା, ଜିଲାପାଳ ପ୍ରତିନିଧି ରମେଶ ମହରା, ଗରିବ ଦୀପ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ର, ଯୁବ ଗୋଷ୍ଠୀ, ଅଙ୍ଗନୱାଡି କର୍ମୀ, ଆଶା କର୍ମୀ, ଜିଲାର ସମସ୍ତ କାର୍ଯ୍ୟାଳୟ ଅଧିକାରୀ ଓ କର୍ମଚାରୀମାନଙ୍କୁ ନେଇ ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ସଚେତନତା ରଥ ସହ ଶୋଭାଯାତ୍ରା ବାହାରି ବିଭିନ୍ନ ସ୍ଲୋଗାନ ଦେଇ ସଚେତନତା କରିବା ପାଇଁ ସହର ପରିକ୍ରମା କରି ଜିଲାପାଳଙ୍କ ସଦଭାବନା ଗୃହ ପର୍ଯ୍ୟନ୍ତ ଆସିଥିଲା। ଏହି ରଥ ଜିଲାର ବିଭିନ୍ନ ସ୍ଥାନକୁ ଯାଇ ଲୋକେ ଠକାମୀର ଶିକାର ନ ହେବା ପାଇଁ ସଚେତନ କରିବ। ଅଣସ୍ୱୀକୃତି ପ୍ରାପ୍ତ, ଅଣଅଧିକୃତ ଓ ଅଣପଞ୍ଜିକୃତ ସଂସ୍ଥା/ଅନୁଷ୍ଠାନ କିମ୍ବା ବ୍ୟକ୍ତିଙ୍କ ମାଧ୍ୟମରେ ଅର୍ଥ କାରବାର କରିବା ନାହିଁ। ସଞ୍ଚୟ ଉପରେ ଅଧିକ ସୁଧହାର ପ୍ରଦାନ କିମ୍ବା ଅତିକମ ସୁଧହାରରେ ଋଣ ପ୍ରଦାନ ପ୍ରତିଶ୍ରୁତିରେ ପ୍ରଲୋଭିତ ହେବା ନାହିଁ। ଜମା କିମ୍ବା ଋଣ ଆଦି ଆର୍ଥିକ ଦେଣନେଣ ପାଇଁ ଅଗ୍ରୀମ ଅର୍ଥ ବା ଫି ପୈଠ କରିବା ନାହିଁ। ଆକସ୍ମିକ ଓ ଆକର୍ଷଣ ଅର୍ଥ ଉପହାର ପ୍ରଦାନ ପାଇଁ ଏସଏମଏସ, ଇ–ମେଲ, ଫୋନ କଲ, ଫେସବୁକ କିମ୍ବା ହ୍ୱାଟସଆପ ମାଧ୍ୟମରେ ପ୍ରେରିତ ବର୍ତ୍ତା ଉପରେ ଭରସା କରିବା ନାହିଁ। କେବଳ ସ୍ୱୀକୃତି ପ୍ରାପ୍ତ, ଅଧିକୃତ ଓ ପଞ୍ଜୀକୃତ ସଂସ୍ଥା ବା ଅନୁଷ୍ଠାରେ ଅର୍ଥ ନିବେଶ କରିବା, ଭାରତୀୟ ରିଜର୍ଭ ବ୍ୟାଙ୍କର ନୀତି ଓ ବ୍ୟାବସ୍ଥା ଦ୍ୱାରା ନିର୍ଦ୍ଧାରିତ ସୁଧହାର, ସଞ୍ଚୟ ଓ ଋଣ ଉପରେ ଗ୍ରହଣ ଓ ପ୍ରଦାନ କରିବା, ଡାକଘର ଓ ବାଣିଜ୍ୟିକ ବ୍ୟାଙ୍କ ସହ ପ୍ରତ୍ୟକ୍ଷ ଯୋଗାଯୋଗ ଏବଂ ବିଧିବଦ୍ଧ ପ୍ରଣାଳୀର ଅନୁସର କରିବା ପାଇଁ ସ୍ୱଳ୍ପ ସଞ୍ଚୟ ରଥ ଜିଲା ସାରା ଲୋକଙ୍କୁ ସଚେତନ କରିବ ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ।

## ଜୁଆ ଖେଳକୁ ନେଇ ଅସନ୍ତୋଷ, ପୋଲିସ ଚୁପ୍

**ଖଡ଼ିଆଲ,୩୦।୧୦(ସୁଜିତ୍ କୁମାର ପ୍ରଧାନ)**

ନୂଆପଡା ଜିଲା ଖଡ଼ିଆଲ ଅଞ୍ଚଳରେ ପାର୍ବଣ ଋତୁରେ ଜୁଆଖେଳକୁ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ପାର୍ବଣ ଋତୁ ଚାଲିଥିବା ବେଳେ ଏହାର ସୁଯୋଗ ନେଇ କିଛି ପ୍ରଭାବଶାଳୀ ବ୍ୟକ୍ତି ଜୁଆଖେଳ (ଘୁଡୁଘୁଡି ଖେଳ) ଖୁଲମଖୋଲା ଖେଳ ଜାରି ରଖିଛନ୍ତି। ଖଡ଼ିଆଲ ଥାନାଠାରୁ ୫ ଶହ ମିଟର ମଧ୍ୟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିଛି। ସେଠାରେ ବହୁଳ ଭାବେ ଜନସମାଗମ ହେଉଥିବା ବେଳେ ଜୁଆଖେଳ ଚାଲିଥିବାରୁ ସାଧାରଣ ଲୋକ ସର୍ବସ୍ୱାନ୍ତ ହେଉଥିବା ବେଳେ ଜୁଆଖେଳାଉ ଥିବା ବ୍ୟକ୍ତିମାନେ ମାଲାମାଲ ହେଉଛନ୍ତି। ଏହା ସତ୍ତ୍ୱେ ଏହି ଅଞ୍ଚଳରେ କିଛି ଅସାମାଜିକ ଯୁବକଙ୍କୁ ଜୁଆ ଖେଳ ଜାରି କରିଛନ୍ତି। ଏମାନେ ଆଇନ ଖୋଲା ଉଲ୍ଲଂଘନ କରି ଖେଳ ଚଳାଇଛନ୍ତି। ଫଳରେ ଏଥିରେ କେତେକ ନୀରିହ ଜୀବନ ପ୍ରତି ଅନେକ ସମସ୍ୟା ସୃଷ୍ଟି କରୁଛି। ତୁରନ୍ତ ଏଥପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ଗଜଲକ୍ଷ୍ମୀ ମଣ୍ଡପ ବୁଲିଲେ ବିଧାୟକ



ବିଧାୟକ ନରସିଂହ ମିଶ୍ର ଗଜଲକ୍ଷ୍ମୀ ପୂଜା ପୀଠରେ ଆଳତି କରୁଛନ୍ତି।

**ବଲାଙ୍ଗୀର, ୩୦।୧୦**
**(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ପୌରାଞ୍ଚଳ ଅନ୍ତର୍ଗତ ଶାସ୍ତ୍ରୀନଗର ଓ ଲାଲଟିକ୍ରାଠାରେ ସୋମବାର ସ୍ଥାନୀୟ ବାସିନ୍ଦାଙ୍କ ଦ୍ୱାରା ଆୟୋଜିତ ଦେବୀ ଗଜଲକ୍ଷ୍ମୀଙ୍କ ପୂଜାପୀଠରେ ପହଞ୍ଚି ବିଧାୟକ ନରସିଂହ ମିଶ୍ର ମା'ଙ୍କ ଆଳତି କରିଥିଲେ। ଏହି ଅବସରରେ ବିଧାୟକ ମିଶ୍ର ଅଞ୍ଚଳବାସୀଙ୍କ ସୁଖ ସମୃଦ୍ଧି, ଭାଇଚାରା କାମନା କରିଛନ୍ତି। ପୂଜା ମାଧ୍ୟମରେ ଲୋକେ ନିଜ ଭିତରେ ଏକତା ସୃଷ୍ଟି କରି ଅଞ୍ଚଳର ବିକାଶରେ ସହାୟକ ହୁଅନ୍ତୁ ବୋଲି କାମନା କରିଥିଲେ। ଉଭୟ ଶାସ୍ତ୍ରୀନଗର ଓ ଲାଲଟିକ୍ରାର ଜନସାଧାରଣ ବିଧାୟକ ମିଶ୍ରଙ୍କୁ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରିଥିଲେ। ବିଶେଷ କରି ଶାସ୍ତ୍ରୀନଗରର ମହିଳାମାନେ ସେମାନେ ସମ୍ମୁଖୀନ ହେଉଥିବା ପିଇବା ପାଣି ସମସ୍ୟା ଉପରେ ବିଧାୟକଙ୍କ ସହ ଆଲୋଚନା କରିଥିଲେ। ଏହା ସହ ବର୍ଷା ଦିନରେ ଜଳବନ୍ଦୀ ସମସ୍ୟା ହେଉଥିବାରୁ ଡ୍ରେନଗୁଡିକର ପୁନରୁଦ୍ଧାର ପାଇଁ ପଦକ୍ଷେପ ନିଆଯାଉ ବୋଲି ଲୋକେ ବିଧାୟକଙ୍କୁ କହିଥିଲେ। ଲାଲଟିକ୍ରାଠାରେ ଗଜଲକ୍ଷ୍ମୀଙ୍କ ଏକ ସ୍ଥାୟୀ ମଣ୍ଡପ ନିର୍ମାଣ ଓ ସେଠାକାର କିଛି ଅଞ୍ଚଳର ରାସ୍ତା ସମସ୍ୟାକୁ ନେଇ ସ୍ଥାନୀୟ ଲୋକେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଧାୟକ ମିଶ୍ରଙ୍କ ସହ ନଗର ସଭାପତି ବୁଲୁ ଦାନୀ, ଜିଲା ଉପସଭାପତି ମନୀଷ ମିଶ୍ର, ଜୁଲୁ ପଟ୍ଟନାୟକ, ଅଙ୍କିତ ସାହୁ, ନାସିର ଖାନ, ଲୋପନ ମିଶ୍ର, ଟଙ୍କଧର ଗଡତ୍ୟା ପ୍ରମୁଖ ଉପସ୍ଥିତ ଥିଲେ ।

# ମା' ଦକ୍ଷିଣ କାଳୀ ମନ୍ଦିର ନିର୍ମାଣ ପାଇଁ ଭୂମି ପୂଜା



ମନ୍ଦିର ନିର୍ମାଣ ପାଇଁ ଭୂମି ପୂଜନ କରାଯାଉଛି।

**ସିନାପାଲି,୩୦।୧୦**
**(ମନଫୁଲ ମେହେର)**

ନୂଆପଡ଼ା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ଭରୁଆମୁଣ୍ଡାସ୍ଥିତ ମା' ଦକ୍ଷିଣ କାଳୀ ମନ୍ଦିର ନିର୍ମାଣ ପାଇଁ ଭୂମିପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘଦିନରୁ ମା'ଙ୍କ ମନ୍ଦିର ନିର୍ମାଣ ପାଇଁ ପ୍ରଶାସନ ନିକଟରେ ଦାବି କରି ଆସୁଥିବା ବେଳେ ବର୍ତ୍ତମାନ ଏକ ଭବ୍ୟ ମନ୍ଦିର ନିର୍ମାଣ ପାଇଁ ପାଣ୍ଠି ଯୋଗାଇ ଦେଇଥିବାରୁ ସ୍ଥାନୀୟ ଲୋକେ ଖୁସିବ୍ୟକ୍ତ କରିଛନ୍ତି। ମା' ଦକ୍ଷିଣ କାଳୀଙ୍କ ଉପରେ ଭରସା କରି ଯେକୌଣସି କାର୍ଯ୍ୟ କିମ୍ବା ପଦକ୍ଷେପ ନେଲେ ତାହା ସଫଳ ହୋଇଥାଏ ବୋଲି ସମସ୍ତଙ୍କ ବିଶ୍ୱାସ ଅଛି। ମନସ୍କାମନା ପୂର୍ଣ୍ଣ ହେବା ପରେ ଅନେକ ଲୋକ ଏଠାରେ ମା'ଙ୍କୁ ବଳି ଦେଇଥାନ୍ତି। ବହୁ ଦୂରଦୂରାନ୍ତରୁ ଲୋକେ ଆସୁଥିବା ବେଳେ ଏଠାରେ ପ୍ରବଳ ଭିଡ଼, ସମାଗମ ଦେଖିବାକୁ ମିଳିଥାଏ। ସ୍ଥାନୀୟ ଦେବୀ ପୂଜକ ହରିଶ୍ଚନ୍ଦ୍ର ମାଝିଙ୍କ ନେତୃତ୍ୱରେ ମନ୍ଦିର ନିର୍ମାଣ ପାଇଁ ଭୂମିପୂଜନ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ବିରଞ୍ଚି ଜଗତଙ୍କ ସମେତ ନନ୍ଦଲାଲ ବାଗ, ଗୋବିନ୍ଦ ମାଝି, ମଦନ ପଟେଲ, ଲଚ ହଂସ, ବୈକୁଣ୍ଠ ବାଗ, ଗଜିନ୍ଦ୍ର ହଂସ, ନିରଞ୍ଜନ ଖର୍ସେଲ, ହେରାମ୍ବ ବାଗ, ଡ଼ିନ ମାଝି, ଘାସି ବାଗ, ପରମ ନାୟକ ପ୍ରମୁଖଙ୍କ ସହ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଭୂଲେଖ ତାଲିକାଭୁକ୍ତ ହୋଇନି ଜମି, ଚାଷୀ ହଇରାଣ

**ଲୋଇସିଂହା,୩୦।୧୦(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଆଗଲପୁର ତହସିଲ ପାଣ୍ଡରୀଡୁଙ୍ଗରି ଗ୍ରାମର ଚାଷୀ ରାମଚନ୍ଦ୍ର ମହାକୁର। ତାଙ୍କ ପୈତୃକ ଚାଷଜମି ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଭୂଲେଖ ୱେବସାଇଟରେ ତାଲିକାଭୁକ୍ତ ହୋଇନାହିଁ। ଏଥିଯୋଗୁ ରାମଚନ୍ଦ୍ର ଚାଷୀ ପରିଚୟପତ୍ର କରିବାରୁ ବଞ୍ଚିତ ରହିଛନ୍ତି। ଏଥିସହ କୃଷିଋଣ, ବୀମା ଏବଂ ବିଭିନ୍ନ ପ୍ରୋତ୍ସାହାନ ରାଶି ପାଇ ପାରୁ ନାହାନ୍ତି। ଭୂଲେଖ ତାଲିକାଭୁକ୍ତ ପାଇଁ ତହସିଲରୁ ନିରାଶ ହେବା ପରେ ନିକଟରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିବା ରାମଚନ୍ଦ୍ର କହିଛନ୍ତି। ସାଲେଭାଟ ରାଜସ୍ୱ ନିରୀକ୍ଷକ ଅନ୍ତର୍ଗତ ପାଣ୍ଡରୀଡୁଙ୍ଗରୀ ମୌଜା ଏବଂ ଖାତା ନଂ ୨୭ରେ ରାମଚନ୍ଦ୍ରଙ୍କ ବାପା ସ୍ୱର୍ଗତ ଚୈତୁ ମହାକୁରଙ୍କ ନାମରେ ୧୦.୨୩ ଏକର ଚାଷଜମି ରହିଛି। ହେଲେ ଚୈତୁଙ୍କ ଦସ୍ତାବିଜ ଭୂଲେଖରେ ତାଲିକାଭୁକ୍ତ ହୋଇପାରିନହିଁ। ୨୦୨୩ ଫେବୃୟାରି ୧୦ ଓ ଅଗଷ୍ଟ ୯ରେ ଆଗଲପୁର ତହସଲଦାରଙ୍କ ନିକଟରେ ଫେରାଦ ହୋଇ ଭୂଲେଖରେ ତାଲିକାଭୁକ୍ତ ପାଇଁ ଆବେଦନ କରିଥିଲେ। ଏହାପରେ ତହସିଲ ଡାଟା ଏଣ୍ଟ୍ରି ଅପରେଟର ଏବଂ ଭାରପ୍ରାପ୍ତ ଭୂଲେଖାଗାର ଚତୁରତରା ସହ ମାଳ, ବେର୍ଣ୍ଣା ୪.୦୬ ଏକର ଜମିକୁ ଭୂଲେଖରେ ତାଲିକାଭୁକ୍ତ କରିଛନ୍ତି। ଅବଶିଷ୍ଟ ବାହାଲ, ମାମୁଲି ଜମିକୁ ଭୂଲେଖ ତାଲିକାରୁ ବାଦ ଦିଆଯାଇଛି। ଏଥିଯୋଗୁ ଚଳିତବର୍ଷ କୃଷିବୀମା, ଚାଷୀ ପରିଚୟ ପତ୍ର, ଧାନ ବିକ୍ରି ପାଇଁ ସେ ପଞ୍ଜୀକୃତ ହୋଇ ପାରି ନାହାନ୍ତି। ରୋଗପୋକ କିମ୍ବା ମରୁଡି ପରିସ୍ଥିତି ସୃଷ୍ଟି ହେଲେ ସରକାରଙ୍କ ପକ୍ଷରୁ ପ୍ରଦତ୍ତ ପ୍ରୋତ୍ସାହାନ ରାଶିରୁ ବାଦ ପଡିବା ନେଇ ଜିଲାପାଳଙ୍କୁ ଦେଇଥିବା ଅଭିଯୋଗ ପତ୍ରରେ ସେ ଉଲ୍ଲେଖ କରିଛନ୍ତି। ଏ ସମ୍ପର୍କରେ ରାଜସ୍ୱ ନିରୀକ୍ଷକ ମନୋଜ ଗହିର କହିଛନ୍ତି, ଚାଷୀ ମୋ ନିକଟରେ କେବେ ଅଭିଯୋଗ କରିନାହାନ୍ତି। ରେକର୍ଡ ଦେଖିଲା ପରେ କ'ଣ ହୋଇଛି କହି ପାରିବେ ବୋଲି କହିଥିଲେ।

# କାମ କରୁନି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଡ

**ନୂଆପଡ଼ା,୩୦(ମକାରୁ ବେମାଲ)**

ନୂଆପଡା ଜିଲା ସିନାପାଲି ଥାନା ଗୋର୍ଲା ପଞ୍ଚାୟତ ଖିପ୍ରିମାଲ ଗାଁର ବଂଶୀଧର ନିଆଲ ଚିକିତ୍ସିତ ହେବା ପାଇଁ ଜିଲାପାଳଙ୍କୁ ନିବେଦନ କରି ଲିଖିତ ଭାବେ ଅତିରିକ୍ତ ଜିଲାପାଳ ଭୀମସେନ ଶବରଙ୍କୁ ଦେଇଛନ୍ତି। ପ୍ରାପ୍ତ ସୂଚନା ମୁତାବକ ବଂଶୀଧର ଜଣେ ଗରିବ ଅସହାୟ ବ୍ୟକ୍ତି। ଦିନ ମଜୁରିଆ ଭାବେ କାର୍ଯ୍ୟ କରି ପରିବାର ପ୍ରତି ପୋଷଣ କରିଥାନ୍ତି। ନିଳିଜି ଗାଁର ଦୀପକ ଅଗ୍ରୱାଲଙ୍କ ଜମି ଖିପ୍ରିମାଲରେ ରହିଛି। ସେ ଜମିର ଦେଖା ଭାଲ ବଂଶୀଧର କରେ। ଗତ ୨୨ ତାରିଖ (ଶୁକ୍ରବାର) ଜମିକୁ ଯିବା ସମୟରେ କିଶୋର ନିଆଲ ନାମକ ଜଣେ ଯୁବକ ରାସ୍ତାରେ ଏକ ବାଇକ୍‌ରେ ରହିଥିଲେ। ବଂଶୀଧର ରାସ୍ତାରେ କାହିଁକି ଛିଡା ହୋଇଛୁ ବୋଲି କହିବାରୁ କିଶୋର ଉତ୍ତ୍ୟକ୍ତ ହୋଇ ବଂଶୀଧରଙ୍କୁ ମାଡ ମାରିଥିଲେ। ଫଳରେ ବଂଶୀଧରଙ୍କ ଡାହାଡ ହାତ ପଞ୍ଜରା ପାଖରେ ଭାଙ୍ଗି ଯାଇଛି। ବଂଶୀ ପ୍ରଥମେ ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଜିଲା ମୁଖ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଥିଲେ। ତାଙ୍କର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଜୋଜନା କାର୍ଡ କାମ କରୁ ନ ଥିବାରୁ ବୃଦ୍ଧ ବାର ଦ୍ୱାର ହୋଇ ବୁଲୁଛନ୍ତି। ୩୦ ହଜାର ଟଙ୍କା ଦେଲେ ଅସ୍ତ୍ରୋପଚାର କରାଯିବ ବୋଲି ଡାକ୍ତର କହୁଥିବା ବଂଶୀ କହିଛନ୍ତି। ମୁ ଜଣେ ଅସହାୟ ଗରିବ ଶ୍ରେଣୀର ଲୋକ ୩୦ ହଜାର ଟଙ୍କା କାହିଁ ପାଇବି ଓ ଚିକିତ୍ସିତ ହେବି ବୋଲି ଜିଲା ପ୍ରଶାସନ ପାଖରେ ଗୁହାରି କରିଛି। ବସ ଭଡା ପାଇଁ ଟଙ୍କା ନ ଥିବାରୁ ଘରେ ଥିବା ଚାଉଳ ବିକ୍ରି କରି ବୃଦ୍ଧ ଦମ୍ପତି ନୂଆପଡା ଆସିଥିବା କହିଛନ୍ତି। ଚିକିତ୍ସା ପାଇଁ ବ୍ୟବସ୍ଥା କରାଯିବ ବୋଲି ଅତିରିକ୍ତ ଜିଲାପାଳ ଭୀମସେନ ଶବର ବୃଦ୍ଧଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।



ଚିକିତ୍ସା ସହାୟତା ପାଇଁ ଆସିଥିବା ବୃଦ୍ଧ ଦମ୍ପତି।


## ନୋଟିସ

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଏବଂ ପକ୍ଷ ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ସ୍ୱର୍ଗତ କୁବେର ଭରାସାଗର ଙ୍କ ଉତ୍ତରାଧିକାର ପ୍ରମାଣ ପତ୍ର ଆବେଦନ ପତ୍ର ସଂଖ୍ୟା : e-LHC/ ୨୦୨୩/୨୦୦୩୩୨ ତା ୧୧.୦୯.୨୦୨୩ ଅନୁମୋଦନ ନିମନ୍ତେ ତହସିଲଦାର, ମାନେଶ୍ୱର ଙ୍କ ଅଦାଲତ ରେ ବିଚାରାଧୀନ ଅଛି । ଯାହାର ତଦନ୍ତ ସ୍ୱରୂପ ଶ୍ରୀମତୀ ପୂର୍ଣ୍ଣମୀ ଭରାସାଗର ତାଙ୍କର ପ୍ରଥମ ସ୍ତ୍ରୀ ନିଖୋଜ ଏବଂ ନିସନ୍ତାନୀ ରୂପେ ଦର୍ଶାଯାଇଛି । ଏଣୁ ଏହି ଘୋଷଣା ପରବର୍ତ୍ତୀ ୧୫ ଦିନ ମଧ୍ୟରେ କୁବେର ଭରାସାଗର ଙ୍କ ସ୍ଥାବର/ ଅସ୍ଥାବର ସମ୍ପତ୍ତି ନିମିତ୍ତ କୌଣସି ଦାବି/ ଆବେଦନ/ ପ୍ରାର୍ଥନା ଦାଖଲ ନ କଲେ ତାଙ୍କର ନାମ ମୃତ ଘୋଷଣା ପୂର୍ବକ ଉତ୍ତରାଧିକାର ପ୍ରମାଣ ପତ୍ରରୁ ଖାରଜ କରାଯିବ ।

ଏହାର ଏକକିତା ନକଲ ନୋଟିସ ବୋର୍ଡ, ତହସିଲ କାର୍ଯ୍ୟାଳୟ/ ରାଜସ୍ୱ ନିରୀକ୍ଷକ ଙ୍କ କାର୍ଯ୍ୟାଳୟ ଏବଂ ଦୈନିକ ଖବରକାଗଜ ରେ ସର୍ବସାଧରଣଙ୍କ ଅବଗତି ନିମନ୍ତେ ପ୍ରକାଶ କରାଗଲା


## ଅଦା ପଡ଼ାକୁ ରାସ୍ତା ନିର୍ମାଣ ଦାବି

**ଖଡ଼ିଆଲ,୩୦।୧୦(ସୁଜିତ୍ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଲ ବ୍ଲକ ଲାଞ୍ଜି ଗ୍ରାମ ପଞ୍ଚାୟତ ଅଦା ପଡ଼ାରେ ୨୦ ପରିବାରର ୬୦ଜଣ ରହନ୍ତି। ଆଜକୁ ୫୦ ବର୍ଷ ପୂର୍ବରୁ କିଛି ପରିବାର ନିଜ ବିଲରେ ଘର କରି ଏଠାରେ ରହିଥିଲେ। ପଡ଼ାବାସୀଙ୍କ ମୁଖ୍ୟ ସମସ୍ୟା ହେଲା ଏ ପର୍ଯ୍ୟନ୍ତ ରାସ୍ତା ନାହିଁ। ଲୋକେ କାଦୁଅ ପଙ୍କ ରାସ୍ତାରେ ଯିବା ଆସିବା କରନ୍ତି। ବର୍ଷା ଦିନରେ ଆଣ୍ଠୁଏ କାଦୁଅରେ ଲୋକଙ୍କୁ ଯିବାକୁ ପଡ଼େ। ଫଳରେ ପୁଅଝିଅମାନେ ପଢିବାକୁ ଯାଇ ପାରନ୍ତି ନାହିଁ। ମହିଳାମାନେ ପାଣି ଆଣିବାରେ ନାହିଁ ନ ଥିବା ଅସୁବିଧା ଭୋଗ କରନ୍ତି। ବୃଦ୍ଧବୃଦ୍ଧା ଚାଲିବା ସମୟରେ ପଡ଼ି ଯାଆନ୍ତି ବୋଲି କହନ୍ତି। ସାଇକେଲ କିମ୍ବା ବାଇକ ଯାଇପାରେ ନାହିଁ। ପଡ଼ାବାସୀ ଦୀର୍ଘ ବର୍ଷରୁ ରାସ୍ତା ପାଇଁ ଦାବି କରି ଆସୁଛନ୍ତି। ଏ ନେଇ ଲାଞ୍ଜି ସମିତି ସଭ୍ୟା ତଥା ଖଡ଼ିଆଳ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦଙ୍କୁ ପଚାରିବାରୁ ସେହି ରାସ୍ତା କିଛି ଲୋକଙ୍କ ବେସରକାରୀ ଜମିଥିବାରୁ ହୋଇପାରୁନି, ଜମିମାଲିକମାନେ ରାସ୍ତା ପାଇଁ ଜାଗା ଦେଲେ ଅତିଶୀଘ୍ର ନିର୍ମାଣ କରାଯିବ ବୋଲି କହିଥିଲେ।

# ଜଳ ଯୋଗାଣ ଆରମ୍ଭ ହୋଇନି, ଟାଙ୍କିରୁ ଗଳୁଛି ପାଣି

## ନିମ୍ନମାନର କାର୍ଯ୍ୟ ଅଭିଯୋଗ

**କୋକସରା,୩୦।୧୦**
**(ଦୁଷ୍ମନ୍ତ କୁମାର ପାଟଯୋଶୀ)**

ପ୍ରତି ପଞ୍ଚାୟତରେ କୋଟି କୋଟି ଟଙ୍କା ବ୍ୟୟରେ ଗ୍ରାମ ଜଳ ଯୋଗାଣ ବିଭାଗ ପକ୍ଷରୁ ଓଭରହେଡ ପାଣି ଟାଙ୍କି ନିର୍ମାଣ କରାଯାଇ ଲୋକଙ୍କୁ ପାଣି ଯୋଗାଇ ଦିଆଯାଇଛି। ହେଲେ କାର୍ଯ୍ୟକ୍ଷମ ପୂର୍ବରୁ ଲୋକଙ୍କ ତୃଷା ମେଣ୍ଟାଇବା ବଦଳରେ ଟାଙ୍କିରୁ ପାଣି ଝରି ପଡୁଛି। ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। କଳାହାଣ୍ଡି ଜିଲା କୋକସରା ବ୍ଲକ ରେଙ୍ଗାଳପାଲି ପଞ୍ଚାୟତ ଝରିଆଗୁଡା ଗ୍ରାମର ଖେଳ ପଡ଼ିଆରେ ଆଜିକୁ ୬ ମାସ ତଳେ ଝରିଆଗୁଡା ଗ୍ରାମକୁ ଜଳଯୋଗାଣ ପାଇଁ ଓଭରହେଡ ଟାଙ୍କି ଗ୍ରାମ୍ୟ ଜଳଯୋଗାଣ ବିଭାଗ ପକ୍ଷରୁ ଜନୈକ ଠିକାସଂସ୍ଥା ନିର୍ମାଣ କରିଥିଲେ। ତେବେ ନିର୍ମାଣ ସମୟରେ କାର୍ଯ୍ୟ ନିମ୍ନମାନର ହେଉଥିବା ନେଇ ସ୍ଥାନୀୟ ଗ୍ରାମବାସୀ ଠିକାସଂସ୍ଥା ଓ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ। ଗ୍ରାମବାସୀଙ୍କ ଅଭିଯୋଗକୁ ଅଣଦେଖା କରିଥିଲେ। ରବିବାର ପ୍ରଥମ ଥର ଓଭରହେଡ ପାଣି ଟାଙ୍କିରେ ପାଣି ଉଠା ଯାଇଥିବା ବେଳେ ଟାଙ୍କିର ବିଭିନ୍ନ ସ୍ଥାନରେ ଲିକେଜ ହୋଇ ପାଣି ଗଳୁଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ସ୍ଥାନୀୟ ଗ୍ରାମବାସୀ ରାଜ କିଶୋର ସାହୁ, ଜୟଲାଲ ନାଏକ, ବିଭୀଷଣ ରାଉତ, ପରଜା ବଚ୍ଛା, ଟୁକୁ ନାଏକ, ବିକ୍ରମ ସାହୁ, ମନ୍ମଥ ସାହୁ, ଦ୍ରୋଣ ଗହୀର, ମୁକୁନ୍ଦ ପଟ୍ଟନାୟକ, ବାବୁ ସାହୁ, ହୃଷିକେଶ ଦାସ, ପ୍ରମୁଖ ଅଭିଯୋଗ କରିଛନ୍ତି। ଏ ନେଇ ଗ୍ରାମ୍ୟ ଜଳ ଯୋଗାଣ କନିଷ୍ଠ ଯନ୍ତ୍ରୀ ଫନୀନ୍ଦ୍ର ଆର୍ଜାଙ୍କୁ ଯୋଗାଯୋଗ କରିବାରୁ ମୋବାଇଲ ସ୍ୱିଚ ଅଫ ରହିଥିବା ବେଳେ ପଞ୍ଚାୟତ ନିର୍ବାହୀ ଅଧିକାରୀ ବିରଞ୍ଚି ଖର୍ସେଲଙ୍କୁ ପଚାରିବାରୁ ଠିକାସଂସ୍ଥା ଏ ପର୍ଯ୍ୟନ୍ତ ପଞ୍ଚାୟତକୁ ହସ୍ତାନ୍ତର କରି ନ ଥିବା କହିଛନ୍ତି। କୋଟି କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହୋଇଥିବା ପାଣି ଟାଙ୍କିର ସ୍ଥାୟିତ୍ୱ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



ଟାଙ୍କିରୁ ପାଣି ଗଳୁଛି।


## कार्यपालक अभियंता का कार्यालय
## पथ निर्माण विभाग, पथ प्रमण्डल, गोड्डा

**ई–प्रोक्योरमेंट सूचना**

ई–निविदा सूचना सं० – RCD/GODDA/1344/2023-24 दिनांक– 30/10/2023

1. निविदा आमंत्रित करने वाले अधिकारी के कार्यालय का नाम, पता एवं मो० नं० – कार्यपालक अभियंता, प०नि०वि०, पथ प्रमण्डल, गोड्डा मो० नं०– 8987675852
2. वेबसाईट में ई–निविदा प्रकाशन की तिथि/समय – 07.11.2023 के अपराह्न 03:30 बजे से
3. प्री–बीड बैठक का दिनांक/समय– 14.11.2023 के पूर्वाह्न 11:30 बजे
4. ऑनलाईन निविदा प्राप्त करने की अन्तिम तिथि/समय– 23.11.2023 के दोपहर 12:00 बजे तक
5. ई–निविदा खोलने की तिथि/समय– 24.11.2023 के अपराह्न 12:30 बजे
6. ई–प्रोक्योरमेंट सेल का हेल्पलाईन सं० /दूरभाष सं० – 0651–2446007

कार्य की विवरणी :–

| क्र० | कार्य का नाम | प्राक्कलित राशि (लाख में) | बीड जमानत की राशि (लाख में) | परिमाण विपत्र का मूल्य (लाख में) | कार्य पूर्ण करने की अवधि |
|---|---|---|---|---|---|
| 1. | गोड्डा जिलान्तर्गत "मोहनपुर (NH-133 पर) से करमाटाँड पथ भाया सिन्नी–ईमलीटाँड पथ (कुल लंबाई– 20.64 कि०मी०) का चौड़ीकरण एवं मजबूतीकरण/पुनर्निर्माण कार्य। | 6029.76047 | 60.30 | 10,000/– | 16 माह |
| 2. | गोड्डा जिलान्तर्गत "घटियारी (टेसोबथान– महादेव बथान पथ पर)–रतनपुर– राजपोखर (सुंदर डैम) पथ (कुल लंबाई– 11.720 कि०मी०) का चौड़ीकरण एवं मजबूतीकरण/पुनर्निर्माण कार्य। | 3862.33683 | 38.63 | 10,000/– | 20 माह |
| 3 | पथ प्रमंडल, गोड्डा अन्तर्गत "सुन्दरपहाड़ी (NH-333A)–चंदना–दामा– जमकुदार– अगियामोड़ पथ (कुल लंबाई– 24.440 कि०मी०) का चौड़ीकरण एवं मजबूतीकरण/पुनर्निर्माण कार्य। | 7278.12153 | 72.79 | 10,000/– | 18 माह |

नोट :– 1. प्राक्कलित राशि घट–बढ़ सकती है।
2. विशेष जानकारी के लिये http://jharkhandtenders.gov.in पर देखा जा सकता है।

कार्यपालक अभियंता,
पथ प्रमण्डल, गोड्डा

PR 310186 Road(23-24).D

## ସଂକ୍ଷେପରେ

### ଜିଲାପାଳ, ଏସ୍‌ପିଙ୍କ ଜନଶୁଣାଣି ଶିବିର

ବେଲପଡ଼ା, ୩୦।୧୦
(ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡା ବ୍ଲକ କାର୍ଯ୍ୟାଳୟରେ ଜିଲାପାଳ ଓ ଏସ୍‌ପିଙ୍କ ଜନଶୁଣାଣୀ ଶିବିର ସୋମବାର ଅନୁଷ୍ଠିତ ହୋଇଥିଲା। ଜିଲାପାଳ ଚଞ୍ଚଳ ରାଣା, ଏସ୍‌ପି ହୃଷୀକେଶ ଖିଲାରୀ, ପାଟଣାଗଡ଼ ଉପଜିଲାପାଳ ବିଜୟାନନ୍ଦ ସେଠୀ, ଏସ୍‌ଡିପିଓ ଜ୍ୟୋତିର୍ମୟ ଭୁକ୍ତା, ଉପଖଣ୍ଡ ଅବକାରୀ ଅଧିକ୍ଷକ ସତ୍ୟନାରାୟଣ ଦାସ, ବେଲପଡା ତହସିଲଦାର ବନ ହରିପାଲ, ବିଡିଓ ରାଜେଶ କୁମାର୍ ମେହେର, ବ୍ଲକ ଅଧ୍ୟକ୍ଷା କୁମାରୀ ଟିନା କୁମ୍ଭାର, ଉପାଧ୍ୟକ୍ଷ ଦୁର୍ଯ୍ୟୋଧନ କୁମ୍ଭାର, ଥାନା ଅଧିକାରୀ ସୁଶାନ୍ତ କୁମାର ଦାସ ଉପସ୍ଥିତ ଥିଲେ। ଶିବିରରେ ୧୮୬ଟି ଅଭିଯୋଗ ଦାଖଲ କରାଯାଇଥିଲା। ଆବାସ ଯୋଜନାରେ ଘର ପାଇଁ ୧୨୫ ଜଣ ଆବେଦନ ପତ୍ର ଦେଇଥିଲେ।

### ଡଙ୍ଗରପଡା କାନ୍ଧୁଲବୁଢ଼ା ଯାତ୍ରା ଉଦ୍‌ଯାପିତ

ଦେଓଗାଁ, ୩୦।୧୦
(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଧଣ୍ଡାମାଲ ପଞ୍ଚାୟତ ଅନ୍ତର୍ଗତ ଡଙ୍ଗରପଡା ଦେଶଗୁଡିଖଲାରେ ୨୭ତାରିଖରୁ ଚାଲିଥିବା ପ୍ରସିଦ୍ଧ କାନ୍ଧୁଲବୁଢ଼ା ଯାତ୍ରା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହିଦିନ ଦେବତାଙ୍କ ଆବିର୍ଭାବ ଓ ଶ୍ରଦ୍ଧାଳୁ ମାନସିକଧାରୀଙ୍କୁ ଆଶୀର୍ବାଚନ ପରେ ପୋଢ଼, ଛେଳି, ମେଣ୍ଢା, କୁକୁଡା ଆଦି ପଶୁପକ୍ଷୀଙ୍କ ବଳୀରେ ପୀଠ ରକ୍ତରଞ୍ଜିତ ହୋଇଥିଲା। ଜରାସିଂହାର ପାଟଖଣ୍ଡା ଦେବୀଙ୍କ ଯାତ୍ରା ସମ୍ପନ୍ନ ପରେ ସେଠାରୁ ପାଟସିନ୍ଦୁର ଅଣାଯାଇ କାନ୍ଧୁଲବୁଢ଼ା ଯାତ୍ରା ଅନୁଷ୍ଠିତ ହୋଇଥାଏ। ନିକଟସ୍ଥ ଧଣ୍ଡାମାଲ, ବନ୍ଧପଡା, ସିଂହାମୁଣ୍ଡା ଓ ବ୍ରାହ୍ମଣୀଯୋର ଆଦି ୪ଟି ପଞ୍ଚାୟତର ୧୬ ଖଣ୍ଡ ଗାଁର ଗଉନ୍ତିଆ, ଦେହେରିଆ, ଝାଙ୍କର, ନରିହା ଓ ଗ୍ରାମବାସୀ ଏଥିରେ ସହଯୋଗ କରିଥିଲେ। ବ୍ୟବସ୍ଥା ପ୍ରମୁଖ ଅମିତ କୁମାର ସିଂ ନିନାଙ୍କ ସଭାପତିତ୍ୱ ତଥା ହେଡ ମଲ୍ଲିକ ବାସୁଦେବ ସିଂ ନିନାଙ୍କ ପରିଚାଳନାରେ ହୋଇଥିବା ଏହିଯାତ୍ରାରେ ମୁଖ୍ୟ ଦେହୂରୀ ଶିବା ପ୍ରଧାନୀ, ପୂଜକ ଚନ୍ଦ୍ର ପ୍ରଧାନୀ, ଡେବରିଆ ଗୌର ବାଗ ଓ ଭୂଜନିଆ ଚକ୍ରାନନ୍ଦ ବରଗ୍ରିଁ ଓ ଦ୍ୱୀତିୟ ମଲ୍ଲିକଭାବେ ସଦାନନ୍ଦ ସିଂ ନିନା ଦାୟିତ୍ୱ ନିର୍ବାହ କରିଥିଲେ।

### ବ୍ଲକଛକ ଗଜଲକ୍ଷ୍ମୀ ପୂଜା, ଜମୁଛି ଶ୍ରଦ୍ଧାଳୁଙ୍କ ଭିଡ଼

ସଇଁତଲା, ୩୦।୧୦
(ରାଖାଲ ପ୍ରସାଦ ଶତପଥି)

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଛକରେ ମା' ଗଜଲକ୍ଷ୍ମୀଙ୍କ ପୂଜନୋତ୍ସବ ପାଳିତ ହେଉଛି। ଶନିବାର ପୂଜା ଆରମ୍ଭ ହୋଇଥିବାବେଳେ ବୁଧବାର ବିସର୍ଜନ କାର୍ଯ୍ୟକ୍ରମ ରହିଛି। ପ୍ରତ୍ୟହ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିଛି। ବିଶେଷ କରି ସନ୍ଧ୍ୟା ଆଳତୀ ସମୟରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଛି। ସୋମବାର ସକାଳୁ ଷୋହଳ ପ୍ରହର ନାମଯଜ୍ଞ ଆରମ୍ଭ ହୋଇଯାଇଛି। ଆଗକୁ ନିର୍ବାଚନ ଥିବାରୁ ଆଶାୟୀ ପ୍ରାର୍ଥୀମାନେ ମା'ଙ୍କ ଦର୍ଶନ ପାଇଁ ଭିଡ଼ ଲଗାଉଥିବା ଦେଖିବାକୁ ମିଳୁଛି। ପୂଜା କମିଟି ତରଫରୁ ଜନସାଧାରଣଙ୍କ ପାଇଁ ଅନ୍ନଛତ୍ରର ବ୍ୟବସ୍ଥା କରାଯାଇଥିବା କମିଟି ସଭାପତି ପରମେଶ୍ୱର କର୍ମୀ କହିଛନ୍ତି।

# ୫ ଅଭିଯୁକ୍ତ ଗିରଫ, ୫ ବାଇକ୍ ଜବତ

**ରାସ୍ତାରେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣା**

- ପୂର୍ବ ଶତ୍ରୁତାରୁ ଗଣ୍ଡଗୋଳ ହୋଇଥିଲା: ଏସ୍‌ଡିପିଓ
- ଗିରଫ ଅଭିଯୁକ୍ତଙ୍କ ନାଁରେ ରହିଛି ପୂର୍ବରୁ ମାମଲା
- ଜାମିନ୍‌ରେ ଫେରିଥିଲେ ଗିରଫ ଅଭିଯୁକ୍ତ
- ବଲାଙ୍ଗୀରରେ ନିଶା କାରବାର, ଅପରାଧ ବୃଦ୍ଧିକୁ ନେଇ ବଢ଼ୁଛି ଅସନ୍ତୋଷ



ଗିରଫ ୫ ଅଭିଯୁକ୍ତ।



ଜବତ ୫ ବାଇକ୍।

ବଲାଙ୍ଗୀର, ୩୦।୧୦
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସହର ୨୬ ନମ୍ବର ଜାତୀୟ ରାଜପଥ କଡ ରେଡିଓ ଷ୍ଟେଶନ ନିକଟରେ ରବିବାର ଅପରାହ୍ଣରେ ଦୁଇଜଣ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ କରାଯାଇଥିଲା। ଲୁହାରଡ୍, ଭୁଜାଲି ଆଦି ମାରଣାସ୍ତ୍ରରେ ୧୦ରୁ ୧୨ଜଣ ମୁଖାପିନ୍ଧା ଯୁବକ ସଂଘବଦ୍ଧ ଆକ୍ରମଣ କରିଥିବା ଟାଉନ୍ ଥାନାରେ ଅଭିଯୋଗ ହୋଇଥିଲା। ଆକ୍ରମଣରେ ଶାସ୍ତ୍ରୀନଗରର ରାଜା ଭାଟି (୨୬) ଗୁରୁତର ଆହତ ହୋଇଥିଲେ ଓ ଗୁପ୍ତେଶ୍ୱରନଗରର ସୁରମ୍ୟ ରଞ୍ଜନ ଯାଦବ (୨୫) ଆହତ ହୋଇଥିଲେ। ଏହି ଘଟଣାରେ ବଲାଙ୍ଗୀର ଟାଉନ୍ ଥାନା ପୋଲିସ ୫ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୫ଟି ବାଇକ୍ ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଟାଉନ୍ ଥାନା ଲର୍କପାଲିର ଭରତ କୁମ୍ଭାର ଓରଫ୍ ଅନୁକୂଳ(୨୫), ସରୋଜ ନାଗ(୧୮), କନ୍ଧପାଲିପଡାର ଚିଣ୍ଟୁ ସାହୁ (୨୬), ରାକେଶ ପ୍ରଧାନ (୩୪) ଓ ରାଜକିଶୋର ସ୍ୱାଇଁ (୨୧)। ଏସ୍‌ଡିପିଓ ତୋଫାନ୍ ବାଗ ଗଣମାଧ୍ୟମକୁ କହିଛନ୍ତି ଯେ, ରବିବାର ଅପରାହ୍ଣ ପାୟ ୪ଟାରେ ରାଜା ଓ ସୁରମ୍ୟ ରେଡିଓ ଷ୍ଟେଶନ ନିକଟ ଚା' ଦୋକାନ ସମ୍ମୁଖରେ ଠିଆ ହୋଇଥିବାବେଳେ ବାଇକ୍‌ରେ ୧୦/୧୨ ଜଣ ଯୁବକ ମୁହଁରେ ମୁଖାପିନ୍ଧି ଆସି ଅତର୍କିତ ଆକ୍ରମଣ କରିଥିଲେ। ରାଜା ଭାଟିଙ୍କ ଅଭିଯୋଗ କ୍ରମେ ଟାଉନ୍ ଥାନାରେ ଏକ ମାମଲା (୫୯୨/୨୩) ରୁଜୁ କରାଯାଇଛି। ଏସ୍‌ପି ଋଷିକେଶ ଖିଲାରୀଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ରାତିତମାମ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କ ମଧ୍ୟରୁ ୫ ଜଣଙ୍କୁ ଗିରଫ କରାଯାଇଛି। ଅନ୍ୟ ଅଭିଯୁକ୍ତମାନେ ଫେରାର ଅଛନ୍ତି। ସେମାନଙ୍କୁ ସ୍ୱତନ୍ତ୍ର ଟିମ୍ ଖୋଜୁଛି। ଗିରଫ ୫ଅଭିଯୁକ୍ତଙ୍କ ନାଁରେ ପୂର୍ବରୁ ଅନେକ ମାମଲା ରହିଛି। କିଛିଦିନ ପୂର୍ବରୁ ସେମାନେ ଜାମିନ୍‌ରେ ବାହାରିଛନ୍ତି। ଅଭିଯୁକ୍ତମାନେ ଜାମିନ୍ ଚୁକ୍ତି ଉଲ୍ଲଂଘନ କରିଥିବାରୁ ସେମାନଙ୍କ ଜାମିନ୍ ରଦ୍ଦ କରିବାକୁ ଅନୁରୋଧ କରାଯିବ। ଏହାସହିତ ବଲାଙ୍ଗୀର ପୋଲିସର ଅପରାଧି ବିରୁଦ୍ଧ ସ୍ୱତନ୍ତ୍ର ଅଭିଯାନ ସରକାରୀ ଜାଗାରୁ ଉଚ୍ଛେଦ ପ୍ରକ୍ରିୟା ଦିଗରେ ଯାଞ୍ଚ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ପୂର୍ବ ଶତ୍ରୁତାରୁ ଏହି ଆକ୍ରମଣ ଘଟିଛି ବୋଲି ପ୍ରାରମ୍ଭିକ ରିପୋର୍ଟରୁ ଜଣାପଡିଛି। ତେବେ ଅଧିକ ତଦନ୍ତ ଚାଲିଛି ବୋଲି ଏସ୍‌ଡିପିଓ ବାଗ କହିଛନ୍ତି। ବଲାଙ୍ଗୀର ସହରରେ ଦିନକୁ ଦିନ ନିଶା କାରବାର, ଗ୍ୟାଙ୍ଗୱାର ବୃଦ୍ଧି ପାଉଥିବାରୁ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇଛି।

### ବଳାତ୍କାର ଉଦ୍ୟମ ଅଭିଯୋଗ, ଅଭିଯୁକ୍ତ ବାପାଙ୍କ ପାଲଟା ଏତଲା

ମୁରିବାହାଲ, (ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ଥାନା ବଡସାଇମରା ଅଞ୍ଚଳର ଜଣେ ମହିଳାଙ୍କୁ ବଳାତ୍କାର ଉଦ୍ୟମ ହୋଇଥିବା ଅଭିଯୋଗ ହୋଇଛି। ମହିଳାଙ୍କ ଘରେ ପଶି ଜଣେ ଆଦିବାସୀ ଯୁବକ ଶୁକ୍ରବାର ରାତିରେ ଏପରି କାଣ୍ଡ କରିଥିବା ପୀଡ଼ିତା ମହିଳା ଶନିବାର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଦଫା ୩୫୪(କ)ରେ ଏକ ମାମଲା(୨୬୯/୨୩) ରୁଜୁ କରି ପୋଲିସ ତଦନ୍ତ କରୁଥିଲା। ଅପରପକ୍ଷରେ ଅଭିଯୁକ୍ତ ଯୁବକଙ୍କ ବାପା ସୋମବାର ଥାନାରେ ପୀଡିତା ଓ ତାଙ୍କ ସ୍ୱାମୀଙ୍କ ନାମରେ ପାଲଟା ଅଭିଯୋଗ ଆଣିଛନ୍ତି। ସମ୍ପୃକ୍ତ ମହିଳା ଓ ତାଙ୍କ ସ୍ୱାମୀ ମଧ୍ୟାହ୍ନରେ ତାଙ୍କ ଘରକୁ ଆସି ଗାଳିଗୁଲଜ କରିବା ସହ ତାଙ୍କ ପରିବାର ଲୋକଙ୍କୁ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ। ଏହା ପରଠାରୁ ତାଙ୍କ ପୁଅର କୌଣସି ପତ୍ତା ମିଳୁନି ବୋଲି ଅଭିଯୁକ୍ତଙ୍କ ବାପା ଏତଲାରେ ଦର୍ଶାଇଛନ୍ତି। ଏତଲା ଆଧାରରେ ଆଦିବାସୀ ନିର୍ଯାତନା ଆଇନ ଅନୁଯାୟୀ ଏକ ମାମଲା(୨୭୦/୨୩) ରୁଜୁ ହୋଇଛି। ଦୁଇଟି ପୃଥକ ମାମଲା ରୁଜୁ କରି ତଦନ୍ତ କରାଯାଉଥିବା ଆଇଆଇସି ସିପୋରା ସରାୟ ଲୁଗୁନ କହିଛନ୍ତି।

# ରାତ୍ରି ଜଗୁଆଳି ନିଯୁକ୍ତିକୁ ନେଇ ବିଡିଓଙ୍କୁ ଦାବିପତ୍ର

**ହଳଦୀ ୫-ଟି ବିଦ୍ୟାଳୟ**

ମୁରିବାହାଲ, ୩୦।୧୦(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ହଳଦୀ ୫-ଟି ବିଦ୍ୟାଳୟରେ ରାତ୍ରି ଜଗୁଆଳି ନାହାନ୍ତି। ତୁରନ୍ତ ରାତ୍ର ଜଗୁଆଳ ନିଯୁକ୍ତ କରିବାକୁ ଦାବି କରି ସୋମବାର ଗ୍ରାମବାସୀ ଓ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ ସ୍ଥାନୀୟ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ସେମାନେ ଉଲ୍ଲେଖ କରିଛନ୍ତି ଯେ, ସରକାରୀ ନିୟମ ଅନୁଯାଇ, ଶିକ୍ଷା ବିଭାଗ, ସମନ୍ୱିତ ଶିଶୁ ବିଭାଗ, ଓଡ଼ିଶା ଜୀବିକା ମିଶନର ମିଳିତ ଉଦ୍ୟମରେ ଏକ ସ୍ୱୟଂ ସହାୟକ ଗୋଷ୍ଠୀକୁ ଜଗୁଆଳି ନିଯୁକ୍ତି ଦେବାର ନିୟମ ଅଛି। କିନ୍ତୁ ନିଯୁକ୍ତି ପ୍ରକ୍ରିୟାରେ ପାତରଆନ୍ତର ନୀତି ଅବଲମ୍ବନ କରା ଯାଇଛି ବୋଲି ଅଭିଯୋଗରେ ଦର୍ଶାଯାଇଛି। ଏଥିପୂର୍ବୁ ଗତ ସେପ୍ଟେମ୍ବର ୩୦ତାରିଖରେ ହଳଦୀ ଗ୍ରାମର ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ଉକ୍ତ ବିଦ୍ୟାଳୟରେ ତାଲା ପକାଇ ପ୍ରତିବାଦ କରିଥିଲେ। ବ୍ଲକ ଶିକ୍ଷା ଅଧିକାରୀ ଶାନ୍ତନୁ କୁମାର ପଢ଼ିହାରି ଘଟଣାସ୍ଥଳକୁ ଆସି ନିଯୁକ୍ତି ପ୍ରକ୍ରିୟା ନିୟମ ଅନୁସାରେ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏକ ମାସ ପରେ ମଧ ସଠିକ କାର୍ଯ୍ୟ ହୋଇନାହିଁ ବୋଲି ଅଭିଯୋଗପତ୍ରରେ ଦର୍ଶାଯାଇଛି। ହଳଦୀ ଗ୍ରାମରେ ଅନେକ ସ୍ୱୟଂ ସହାୟକ ଗୋଷ୍ଠୀ ଥିବା ବେଳେ ଅନ୍ୟ ଏକ ଗାଁର ଗୋଷ୍ଠୀକୁ ନିଯୁକ୍ତି ଦେବାର ବ୍ୟବସ୍ଥା କରାଯାଉଛି ବୋଲି ଏଥିରେ ଦର୍ଶାଯାଇଛି। ହଳଦୀ ଗ୍ରାମର ୨୦ରୁ ଉର୍ଦ୍ଧ୍ୱ ସ୍ୱୟଂ ସହାୟକ ଗୋଷ୍ଠୀ ଏକ ପ୍ରସ୍ତାବ କରି ଜୟ ମଙ୍ଗଳା ଗୋଷ୍ଠୀକୁ ରାତ୍ର ଜଗୁଆଳ ନିଯୁକ୍ତି ଦେବା ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ହଳଦୀ ସମିତି ସଭ୍ୟ ଚୁନାମଣି ମହାନନ୍ଦଙ୍କ ନେତୃତ୍ୱରେ ଏସ୍‌ଏଚ୍‌ଜି ମହିଳାମାନେ ବିଡ଼ିଓଙ୍କ ଅନୁପସ୍ଥିତରେ ବ୍ଲକର ମୁଖ୍ୟ କିରାଣୀ ରାଜୁ ନାଏକଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ସୁଲକ୍ଷଣୀ ବାଗ, ସସ୍ମିତା ସା, କୌଶଲ୍ୟା ମଲ୍ଲିକ, ସ୍ମୃତି ମଲ୍ଲିକ, ପ୍ରତିମା ସେଟ, ଓ ହରିପ୍ରିୟା ତରିଆ ପ୍ରମୁଖ ଉପସ୍ଥିତ ଥିଲେ।



ବିଡିଓଙ୍କ ଉଦ୍ଦେଶ୍ୟରେ ଏସ୍‌ଏଚ୍‌ଜି ମହିଳାମାନେ ଦାବିପତ୍ର ଦେଉଛନ୍ତି।

### ବିରକେଲରେ ବାଘ ଆତଙ୍କ

ଲୋଇସିଂହା, ୩୦।୧୦(ସୁଶାନ୍ତ ବାରିକ)

**ବନ ବିଭାଗର ତନାଘନା**

ବଲାଙ୍ଗୀର ଜିଲା ଲୋଇସିଂହା ବନାଞ୍ଚଳ ଅନ୍ତର୍ଗତ ବିରକେଲା ଗ୍ରାମରେ କଲରାପତରିଆ ବାଘ ଆତଙ୍କ ଦେଖାଦେଇଛି। ରବିବାର ରାତିରେ ଗାଁର ୨ଜଣଙ୍କ ଗୁହାଳେ ପଶି ଗୋଟିଏ ଛେଳି ଓ ୩ ଗୋରୁଙ୍କୁ ଆକ୍ରମଣ କରିଥିବା ଲୋକେ ଅଭିଯୋଗ କରିଛନ୍ତି। ସୋମବାର ଫରେଷ୍ଟର ସମୀର ମହାପାତ୍ର ଏବଂ ବନ କର୍ମଚାରୀ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ଗୋରୁର ଆଖିପତା ଉପର ଏବଂ ଛେଳିର ତଳମୁହରେ ଖଣ୍ଡିଆ ଚିହ୍ନ ରହିଛି। ତେବେ ମାଟିରେ କୌଣସି ପାଦଚିହ୍ନ ଦୃଷ୍ଟିଗୋଚର ନହେବାରୁ ଆକ୍ରମଣ କରିଥିବା ଯନ୍ତୁ କ'ଣ ତାହା ବନ ବିଭାଗ ସ୍ପଷ୍ଟ କରି ପାରିନାହିଁ। ତେବେ ସ୍ଥାନୀୟ ଲୋକେ କଲରାପତରିଆ ବାଘ ବୋଲି ଦାବି କରିଛନ୍ତି। ଏଥିପ୍ରତି ବିଭାଗ ସତର୍କ ରହିଛି, ସମ୍ପୃକ୍ତ ଅଞ୍ଚଳରେ କର୍ମଚାରୀ ଜଗି ରହିବେ ବୋଲି ଲୋଇସିଂହା ରେଞ୍ଜ ଅଫିସର ପାଉଲ ହରପାଲ କହିଛନ୍ତି। ସୂଚନା ଅନୁଯାୟୀ, ରବିବାର ସନ୍ଧ୍ୟାରେ ଗ୍ରାମର ଛେଳିଚାଷୀ ରତ୍ନମଣୀ ପଟେଲଙ୍କ ଗୁହାଳରେ ଥିବା ଏକ ଛେଳିକୁ ଏକ ଯନ୍ତୁ ଆକ୍ରମଣ କରି ୪ରୁ ୫ଫୁଟ ଘୋଷାଡି ନେଇଥିଲା। ଗୁହାଳରେ ଥିବା ଅନ୍ୟ ଛେଳି ଧାଁଦଉଡ ପରେ ରତ୍ନମଣୀ ଘରୁ ବାହାରିବା ପରେ ବାଘ ଖସି ପଳାଇଥିଲା। ସେହିପରି ଗ୍ରାମର କଷ୍ଟ କାଲସାଏଙ୍କ ୨ ଗାଈ ଏବଂ ଗୋଟିଏ ବାଛୁରୀଙ୍କୁ ମଧ୍ୟ ବାଘ ଆକ୍ରମଣ କରିଥିବା ଗ୍ରାମବାସୀ କହିଛନ୍ତି। ବିରକେଲଠାରୁ ୧୨ କିମି ଦୂର ଉପରବାହାଲ ନିକଟରେ ରହିଛି ସୁନାଦେଇ ଜଙ୍ଗଲ। ସେଠାର କଲରାପତରିଆ ବାଘ ଆସିଥିବା ସ୍ଥାନୀୟ ଲୋକେ ଆଶଙ୍କାବ୍ୟକ୍ତ କରିଛନ୍ତି। ସନ୍ଧ୍ୟା ସମୟ ହୋଇଥିବାରୁ ଲୋକଙ୍କ ଚଳପ୍ରଚଳ ଲାଗି ରହିଥିଲା। ଖବର ପାଇ ଲୋକେ ରୁଣ୍ଡ ହୋଇ ଯିବାରୁ ବାଘ ଚାଲିଯାଇଥିବା ଗ୍ରାମବାସୀ କହିଛନ୍ତି।

# ଦୁର୍ଘଟଣା ରୋକିବାକୁ ଆନ୍ତରିକତା ନାହିଁ

ବଲାଙ୍ଗୀର, ୩୦।୧୦ (ବୀରେନ୍ଦ୍ର କୁମାର ଝାଙ୍କର)

ବିଗତ ୨୦ ବର୍ଷ ମଧ୍ୟରେ ଘଟିଥିବା ରେଳ ଦୁର୍ଘଟଣା ଗୁଡିକର ଗୁରୁତ୍ୱପୂର୍ଣ୍ଣ ତଥ୍ୟକୁ ନେଇ ରେଳ ବିଭାଗ ଗମ୍ଭୀର ନୁହେଁ। ସୂଚନା ଅଧିକାର ଆଇନ ବଳରେ ରେଳବିଭାଗକୁ ରେଳ ଦୁର୍ଘଟଣା ସମ୍ପର୍କିତ ତଥ୍ୟ ମଗାଯାଇଥିଲା। ହେଲେ ଦେଶର ସମସ୍ତ ରେଳ ଦୁର୍ଘଟଣା ସମ୍ପର୍କିତ ସୂଚନା ବିଭିନ୍ନ ଜୋନ୍‌ରେ ବିକ୍ଷିପ୍ତ ହୋଇ ରହିଥିବା କୁହାଯାଇଥିଲା। ଏଭଳିକି ରେଳ ବିଭାଗର କେନ୍ଦ୍ରୀୟ ସୂଚନା ଅଧିକାରୀ ପ୍ରଦାନ କରିଥିବା ଏଭଳି ସୂଚନାକୁ ସଠିକ୍ ବୋଲି ରେଳ ବିଭାଗ ଆପିଲେଟ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏସ.ଏନ. ଯୋଶୀ ବଲାଙ୍ଗୀରର ସୂଚନା ଅଧିକାରୀ କର୍ମୀ ହେମନ୍ତ କୁମାର ପଣ୍ଡାଙ୍କୁ ପତ୍ରସଂଖ୍ୟା ଏମଓଆରଏଲୱାଇ/ଏ/ଇ/୨୩/୦୦୬୭୪ ଯୋଗେ ଜଣାଇଛନ୍ତି। ଏଭଳି ସୂଚନା ପାଇବା ପରେ ଦୁର୍ଘଟଣା ରୋକିବା ଦିଗରେ ରେଳ ବିଭାଗର ଆନ୍ତରିକତା ନାହିଁ ବୋଲି ସୂଚନା ଅଧିକାର କର୍ମୀ ପଣ୍ଡା ଏକ ପ୍ରେସ ବିଜ୍ଞପ୍ତିରେ କହିଛନ୍ତି। ଦୁର୍ଘଟଣାକୁ ନେଇ ରେଳ ବିଭାଗ କେତେ ଗମ୍ଭୀର ସେକଥା ଏଭଳି ଉତ୍ତରରୁ ସ୍ପଷ୍ଟ ବୋଲି ସେ କହିଛନ୍ତି।

ସୂଚନା ଅଧିକାର କର୍ମୀ ପଣ୍ଡା ଆହୁରି କହିଛନ୍ତି ଯେ, ବିଗତ ୨୦ ବର୍ଷ ମଧ୍ୟରେ ଘଟିଥିବା ରେଳ ଦୁର୍ଘଟଣାର ସଂଖ୍ୟା ଓ କାରଣ ସହ ରେଳ ସୁରକ୍ଷା ପାଇଁ ନିଆଯାଇଥିବା ପଦକ୍ଷେପ ବିଷୟରେ ସେ ରେଳ ବିଭାଗର ମୁଖ୍ୟ ଦପ୍ତର ରେଲୱେ ବୋର୍ଡକୁ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମାଗିଥିଲେ। କିନ୍ତୁ ଦୁର୍ଘଟଣାକୁ ନେଇ ରେଳ ବିଭାଗର ମୁଖ୍ୟ ଦପ୍ତର ସୂଚନା ଦେବା ପରିବର୍ତ୍ତେ ସମସ୍ତ ଦୁର୍ଘଟଣାର ତଥ୍ୟ ସମ୍ପର୍କରେ ସୂଚନା ପାଇଁ ରେଳ ଜୋନ୍ ଗୁଡିକୁ ଯୋଗାଯୋଗ କରିବାକୁ କହିଥିଲେ। ଏହାକୁ ନେଇ ସୂଚନା କର୍ମୀ ପଣ୍ଡା ବିସ୍ମୟ ପ୍ରକାଶ କରିଛନ୍ତି। ପ୍ରତ୍ୟେକ ଜୀବନ ମୂଲ୍ୟବାନ ହୋଇଥିବା ବେଳେ ରେଳ ବିଭାଗର ମୁଖ୍ୟ ଦପ୍ତରରେ ଦୁର୍ଘଟଣା ସଂକ୍ରାନ୍ତୀୟ ସମସ୍ତ ତଥ୍ୟକୁ ସାଇତି ରଖା ନଯିବା ଦୁର୍ଘଟଣା ପ୍ରତି ରେଳବିଭାଗ କେତେ ସମ୍ବେଦନଶୀଳ ତାହା ସ୍ପଷ୍ଟ ବୋଲି ପଣ୍ଡା କହିଛନ୍ତି। ରେଳ ସୁରକ୍ଷା ପାଇଁ ଅନେକଗୁଡିଏ ପଦକ୍ଷେପ ନିଆଯାଇଥିବା କଥା ତଥ୍ୟରେ କୁହାଯାଇଛି। ସମଗ୍ର ଦେଶରେ ୩୧ ମେ ୨୦୨୩ ପର୍ଯ୍ୟନ୍ତ ୬୩୭୭ ଷ୍ଟେଶନକୁ ଇଲେକ୍ଟ୍ରିକାଲ ଇ-ଋଲକିଙ୍ଗ ସିଷ୍ଟମ ପ୍ରଦାନ କରାଯାଇଛି। ଏହି ପ୍ରଣାଳୀ ରେଳ ଗାଡି ମାନଙ୍କର ସୁରକ୍ଷାକୁ ସୁନିଶ୍ଚିତ କରିଥାଏ। କବଚ୍ ପ୍ରଣାଳୀ କେବଳ ଦକ୍ଷିଣ କେନ୍ଦ୍ର ରେଳର ୧୪୬୫ କିଲୋମିଟର ରାସ୍ତା ଏବଂ ୧୨୧ଟି ରେଳ ଇଞ୍ଜିନରେ କାର୍ଯ୍ୟ କରୁଛି। ରେଳ ଲାଇନ ଉପରେ ରହିଥିବା ରେଳ ଗାଡିର ସୂଚନା ପାଇଁ ୬୩୭୭ ଷ୍ଟେଶନମାନଙ୍କର ଟ୍ରାକ ସାର୍କିଟିଂ ବ୍ୟବସ୍ଥା କରାଯାଇଛି। ରେଳ ସୁରକ୍ଷା ପାଇଁ ଏଭଳି ଅନେକ ପ୍ରକାର ପଦକ୍ଷେପ ନିଆଯାଇ ଶହଶହ କୋଟି ଟଙ୍କା ଖର୍ଚ୍ଚ କରାଯାଉଥିଲେ ମଧ ରେଳ ଦୁର୍ଘଟଣା ସଂଖ୍ୟାରେ ହ୍ରାସ ହୋଇନାହିଁ ବୋଲି ପଣ୍ଡା କହିଛନ୍ତି। ବ୍ଲକ୍ ପ୍ରୁଭିଙ୍ଗ ଏକ୍ସେଲ କାଉଣ୍ଟର, ଅଟୋମେଟିକ ବ୍ଲକ ସିଗ୍‌ନାଲିଙ୍ଗ ବା ଏବିଏସ ଇତ୍ୟାଦି ବ୍ୟବସ୍ଥା କରାଯାଉଥିଲେ ମଧ ରେଳ ସୁରକ୍ଷାକୁ ନିଶ୍ଚିତ କରାଯାଇପାରିନାହିଁ। ରେଳଯାତ୍ରୀଙ୍କ ସୁରକ୍ଷା ପାଇଁ ରେଳ ବିଭାଗର ଆନ୍ତରିକତା ଓ ସମ୍ବେଦନଶୀଳତାକୁ ନେଇ ପଣ୍ଡା ପ୍ରଶ୍ନ କରିବା ସହ ଉତ୍ତରଦାୟିତ୍ୱହୀନତା ରହିଥିବା ଉଲ୍ଲେଖ କରିଛନ୍ତି।

# ଦୁର୍ନୀତି ନିବାରଣ ଲାଗି ଶପଥ ପାଠ



ବ୍ଲକ କର୍ମଚାରୀମାନେ ଦୁର୍ନୀତି ନିବାରଣ ପାଇଁ ଶପଥ ନେଉଛନ୍ତି।

ଖପ୍ରାଖୋଲ, ୩୦।୧୦(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କାର୍ଯ୍ୟାଳୟ ପରିସରରେ ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ସେକ୍ସନ ଅଧିକାରୀ ବ୍ରଜବନ୍ଧୁ ଠାକୁରଙ୍କ ଅଧ୍ୟକ୍ଷତାରେ ଶପଥ ପାଠ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ସୁସ୍ଥ ସମାଜ ଗଠନ ପାଇଁ ଦୁର୍ନୀତିକୁ ସମ୍ପୂର୍ଣ ବନ୍ଦ କରିବାକୁ ହେବ। ଲାଞ୍ଚ ଦେବା ନାହିଁ କି ଲାଞ୍ଚ ନେବା ନାହିଁ ବୋଲି କର୍ମଚାରୀମାନେ ଶପଥ ପାଠ କରିଥିଲେ। ଏହି ଅବସରରେ ବିଡ଼ିଓ ଆକାଶ ରଞ୍ଜନ ସାହୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ଇ. କୁଳମଣି ଭୋଇ, ଜିପିଇଓ ବିକାଶ ବାର୍ଲା, ବିଏସ୍‌ଏସ୍‌ଓ କନିଷ୍କ ବିଭାର, ଉମାକାନ୍ତ ପ୍ରଧାନ, ତପନ ମେହେର, ଅକ୍ଷୟ ପ୍ରଧାନ, ସମେତ ଅନ୍ୟ ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ।

# ନିର୍ମାଣାଧୀନ କୋଠା କାମ ତଦାରଖ କଲେ

**ନାଗରିକ କମିଟି ସଦସ୍ୟଙ୍କ ହୋମିଓପାଥିକ ଚିକିତ୍ସାଳୟ ପରିଦର୍ଶନ**



ବଲାଙ୍ଗୀର ନାଗରିକ କମିଟି ସଦସ୍ୟ ହୋମିଓପାଥିକ ଚିକିତ୍ସାଳୟ ପରିଦର୍ଶନ ବେଳେ ଡାକ୍ତରଙ୍କ ସହ ଆଲୋଚନା କରୁଛନ୍ତି।

ବଲାଙ୍ଗୀର ୩୦।୧୦
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର କଲେଜ ଛକ ନିକଟରେ ଥିବା ସରକାରୀ ହୋମିଓପାଥିକ ଚିକିତ୍ସାଳୟ ଦୁର୍ଦ୍ଦଶା ମଧ୍ୟରେ ଗତି କରୁଥିଲା। ଏହି ଚିକିତ୍ସାଳୟର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ବହୁ ପୂର୍ବରୁ ଦାବି କରାଯାଇ ଆସୁଥିଲା। ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ସହ ନାଗରିକ କମିଟି ଏଦିଗରେ ସରକାର ଓ ପ୍ରଶାସନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ହସ୍ପିଟାଲ କୋଠା ଜରାଜୀର୍ଣ୍ଣ ହୋଇପଡିଥିବାରୁ ନୂତନ କୋଠା ନିର୍ମାଣ ପାଇଁ ସରକାର ପ୍ରାୟ ୨୮ଲକ୍ଷ ଟଙ୍କାର ଅନୁଦାନ ପ୍ରଦାନ କରିଛନ୍ତି। ଏହି ଅନୁଦାନରେ ନିର୍ମାଣ କାମ ଚାଲିଛି। ଚିକିତ୍ସାଳୟର ନୂତନ କୋଠା ଛାତ ପର୍ଯ୍ୟନ୍ତ କାମ ସରିଲାଣି। ଆଗକୁ ଆହୁରି କିଛି କାମ ବାକି ରହିଛି। ବଲାଙ୍ଗୀର ଓ ସୁବର୍ଣ୍ଣପୁର ଜିଲାରେ ଥିବା ୨୩ଟି ହୋମିଓପାଥିକ ଚିକିତ୍ସାଳୟର ମୁଖ୍ୟ କାର୍ଯ୍ୟାଳୟ ବଲାଙ୍ଗୀରରେ ରହିଛି। ଏଠାରେ ୩ ହଜାର ବର୍ଗଫୁଟ୍ ପରିମିତ ଜମିରେ ନିର୍ମାଣ ପାଇଁ ପ୍ରାୟ ଦେଢ଼ କୋଟି ଟଙ୍କା ମଞ୍ଜୁର ହୋଇଛି। ସୋମବାର ନାଗରିକ କମିଟି ସଭାପତି ଇଂ. ବେଲାର ସିଂ ଭୋଇ, ସାଧାରଣ ସମ୍ପାଦକ ମନୋରଞ୍ଜନ ସାହୁ, ସହସମ୍ପାଦକ ଚକ୍ରପାଣି ଦାଶ, ଗଜେନ୍ଦ୍ର ଭ୍ରମର, ଗୋପଭୂଷଣ ନାଥ, ଜୟରାମ ମିଶ୍ର, ପଙ୍କଜିନୀ ପଣ୍ଡା, ମନୋରଞ୍ଜନ ପୁରୋହିତ, ଗୋପବନ୍ଧୁ ପୁରୋହିତ, ପର୍ଶୁରାମ ନାୟକ, ବିମଳ କୁମାର ଚୋପଦାର, ସଲିମ୍ ଖାନ୍ ଚିକିତ୍ସାଳୟ ପରିଦର୍ଶନ କରି ନିର୍ମାଣ କାମ ତଦାରଖ କରିଥିଲେ। ହୋମିଓପାଥିକ ଚିକିତ୍ସାଳୟର ଡାକ୍ତର ଅଶୋକ ସେଠୀଙ୍କ ସହ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ବିଶେଷ କରି ଚିକିତ୍ସାଳୟର ପାରିପାର୍ଶ୍ୱିକ ସ୍ଥିତିକୁ ସବୁଜ ସୁନ୍ଦର ଓ ପ୍ରଦୂଷଣମୁକ୍ତ କରିବା ପାଇଁ ମତ ପ୍ରକାଶ ପାଇଥିଲା। ହୋମିଓପାଥିକ ଚିକିତ୍ସା ଲୋକପ୍ରିୟ ହେଉଥିବାରୁ ଏହି ଚିକିତ୍ସାଳୟର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଚିକିତ୍ସାଳୟର ଉନ୍ନତି ଦିଗରେ ନାଗରିକ କମିଟି ଜିଲାପାଳ ଓ ପ୍ରଶାସନକୁ ଲିଖିତ ଦାବି ଜଣାଇବେ ବୋଲି ସମ୍ପାଦକ ସାହୁ କହିଛନ୍ତି।

# ଜାତୀୟ କରାଟେ ପ୍ରତିଯୋଗିତାରେ ଭାଗନେବେ ସମୀକ୍ଷା, ଜୟମ୍

ବଲାଙ୍ଗୀର, ୩୦।୧୦
(ବୀରେନ୍ଦ୍ର କୁମାର ଝାଙ୍କର)



କୃତୀ ପ୍ରତିଯୋଗୀଙ୍କ ସହ କୋଚ୍ ଅସୀମ ଭୋଇ।

ଭୁବନେଶ୍ୱର ଉତ୍କଳ କରାଟେ ସ୍କୁଲରେ ୩୫ତମ ରାଜ୍ୟସ୍ତରୀୟ ସବ୍ ଜୁନିୟର କରାଟେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଲାଙ୍ଗୀର ଅସୀମ କରାଟେ ଏକାଡେମୀର ୮ ଜଣ ପ୍ରତିଯୋଗୀ କୋଚ ଅସୀମ କୁମାର ଭୋଇଙ୍କ ନେତୃତ୍ୱରେ ଭାଗ ନେଇଥିଲେ। ପ୍ରତିଯୋଗିତାରେ ସମୀକ୍ଷା ସମୃଦ୍ଧି ଷଡଙ୍ଗୀ (୧୧ ବର୍ଷ ବାଳିକା, ୪୫ କେଜି) କୁମିତେ ବିଭାଗରେ ସ୍ୱର୍ଣ୍ଣ, ଜୟମ୍ ସାହୁ (୧୨ ବର୍ଷ ବାଳକ ୫୦ କେଜି) କୁମିତେ ବିଭାଗରେ ସ୍ୱର୍ଣ୍ଣ ଓ ଦୀପିକା ଭୋଇ (୮ ବର୍ଷ, ବାଳିକା ବିଭାଗ -୩୦ କେଜି) କୁମିତେ ବିଭାଗରେ ବ୍ରୋଞ୍ଜ ପଦକ ପାଇ ଓଡିଶାକୁ ଗୌରବାନ୍ୱିତ କରିଛନ୍ତି। ଆସନ୍ତା ନଭେମ୍ବର ମାସରେ ଦିଲ୍ଲୀରେ ହେବାକୁ ଥିବା ଜାତୀୟ ସ୍ତରୀୟ କରାଟେ ପ୍ରତିଯୋଗିତାରେ ସମୀକ୍ଷା ସମୃଦ୍ଧି ଷଡଙ୍ଗୀ ଓ ଜୟମ ସାହୁ ଭାଗ ନେବେ ବୋଲି କୋଚ ଭୋଇ ଜଣାଇଛନ୍ତି। ଏହି ଅବସରରେ ଓଡିଶା ରାଜ୍ଯ କରାଟେ ସଂଘ ସମ୍ପାଦିକା ଡ. ଗୌରୀ ମହାନ୍ତି କୃତୀ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

### ପ୍ରଯୋଜକ ସଂଘର ନିଷ୍ପତ୍ତି ଦୁର୍ଭାଗ୍ୟଜନକ: ନରସିଂହ

ବଲାଙ୍ଗୀର, ୩୦।୧୦ (ବୀରେନ୍ଦ୍ର କୁମାର ଝାଙ୍କର)

ସିନେ ଅଭିନେତା ମନୋଜ ମିଶ୍ରଙ୍କୁ ଦୁଇବର୍ଷ ପାଇଁ ବ୍ୟାନ୍ ଘୋଷଣା ହଟାଯିବ ନାହିଁ ବୋଲି ପ୍ରଯୋଜକ ସଂଘ ନିଷ୍ପତ୍ତି ଦୁର୍ଭାଗ୍ୟଜନକ। ଏଭଳି ନିଷ୍ପତ୍ତିକୁ ସେ ନିନ୍ଦା କରୁଛନ୍ତି ବୋଲି କହିଛନ୍ତି ବିଧାୟକ ନରସିଂହ ମିଶ୍ର। ସଂଘ ଯେତେବେଳେ ବ୍ୟାନ୍ ନିଷ୍ପତ୍ତି ନେଲେ ସେତେବେଳେ ମନୋଜଙ୍କୁ ଡକାଯାଇ ନ ଥିଲା। ବ୍ୟାନ ନିଷ୍ପତ୍ତି ଉଠାଇବା ବେଳେ ସେ ଆସୁନାହାନ୍ତି ବୋଲି କହିବା ସେମାନଙ୍କର କ'ଣ ଅଧିକାର ଅଛି ବୋଲି ସେ ପ୍ରଶ୍ନ କରିଛନ୍ତି। ପ୍ରଥମେ ତାଙ୍କ ଉପରୁ ବ୍ୟାନ୍ ଉଠାଇ ଆଲୋଚନା କରାଯାଇପାରିବ। ମନୋଜ ମିଶ୍ର ସ୍ପଷ୍ଟ ଭାବେ କହୁଛନ୍ତି ସେ ଓଡିଆ ସିନେମାକୁ ସ୍ୱାଗତ କରୁଛନ୍ତି। ଏଥିରୁ ପ୍ରଯୋଜକଙ୍କ ମତାମତରୁ ଆଞ୍ଚଳିକତାର ଗନ୍ଧ ଆସୁଛି। ସମସ୍ୟାର ସମାଧାନ ନହେଲେ ସେ ଯେଉଁ ଭବିଷ୍ୟତବାଣୀ କରିଛନ୍ତି ସେ ଆଡକୁ କଥା ଯିବ ବୋଲି ବିଧାୟକ ମିଶ୍ର ପୁଣି ଥରେ ସୂଚିତ କରିଛନ୍ତି।

## ସଂକ୍ଷେପରେ

### ବିଶ୍ୱ ମିତବ୍ୟୟତା ଦିବସ ପାଳିତ

**ବୌଦ୍ଧ,୩୦।୧୦(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲା ପ୍ରଶାସନ, ସଞ୍ଚୟ ଆର୍ଥିକ ସେବା ସଂଗଠନର ମିଳିତ ସହଯୋଗରେ ସୋମବାର ଦିନ ବିଶ୍ୱ ମିତବ୍ୟୟତା ଦିବସ ପାଳିତ ହୋଇଛି। ଏହି ଅବସରରେ ସଚେତନତା ପାଇଁ ଏକ ସଞ୍ଚୟ ରଥକୁ ଜିଲାପାଳ ନୃସିଂହ ଚରଣ ସ୍ୱାଇଁ ଶୁଭାରମ୍ଭ କରିଥିଲେ। ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ ରୀତାକାନ୍ତି ବଳିଆରସିଂ, ଡେପୁଟି କଲେକ୍ଟର କୁମଦଚନ୍ଦ୍ର ଦଳବେହେରାଙ୍କ ସମେତ ସଞ୍ଚୟ ସେବା ସଂଗଠନର ସଦସ୍ୟ ଉପସ୍ଥିତ ଥିଲେ। ଟଙ୍କା ସଞ୍ଚୟର ଗୁରୁତ୍ୱକୁ ଲୋକେ ଉପଲବଧି କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ଏହି ରଥ ଜିଲାର ବିଭିନ୍ନ ଅଞ୍ଚଳ ପରିଭ୍ରମଣ କରି ଜନସାଧାରଣଙ୍କୁ ସଚେତନ କରିବାର କାର୍ଯ୍ୟକ୍ରମ ରହିଛି।

### ବୌଦ୍ଧ ଜିଲା କଂଗ୍ରେସ କମିଟିର ଖବରଦାତା ସମ୍ମିଳନୀ

**ବୌଦ୍ଧ,୩୦।୧୦(ଅଜିତ କୁମାର ବାରିକ)**

ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭି.କେ. ପାଣ୍ଡିଆନଙ୍କ ଇସ୍ତଫା ପଛରେ ଭାଜପା ଓ ବିଜେଡି ସରକାରର ଷଡଯନ୍ତ୍ର ରହିଛି ବୋଲି ବୌଦ୍ଧ ଜିଲା କଂଗ୍ରେସ କମିଟି ପକ୍ଷରୁ ସୋମବାର ଦିନ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଅଭିଯୋଗ କରାଯାଇଛି। ଜିଲା କଂଗ୍ରେସ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏହି ଖବରଦାତା ସମ୍ମିଳନୀରେ ଦଳର ମୁଖ୍ୟ ପ୍ରବକ୍ତା ଶାନ୍ତନୁ କୁମାର ମହାପାତ୍ର ଯୋଗଦେଇ କହିଥିଲେ ଯେ, କେନ୍ଦ୍ର ସରକାର ପାଣ୍ଡିଆନଙ୍କ ଇସ୍ତଫାପତ୍ର ଗୃହୀତ କରିବା ପରେ ରାଜ୍ୟ ସରକାର ତାଙ୍କୁ କ୍ୟାବିନେଟ ମନ୍ତ୍ରୀ ପାହ୍ୟା ପ୍ରଦାନ କରିଛନ୍ତି। ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଜିଲା କଂଗ୍ରେସ କମିଟି ସଭାପତି ନବ କୁମାର ମିଶ୍ର, ଦଳର ବରିଷ୍ଠ ନେତା ସୁଧୀର କୁମାର କର୍ଣ୍ଣ, ଉପସଭାପତି ସମରେଶ ମିଶ୍ର, ରୋହିତାଶ୍ୱ ବେହେରା ଓ ପଙ୍କଜ କୁମାର କର୍ଣ୍ଣ ପ୍ରମୁଖ ଉପସ୍ଥିତ ଥିଲେ।

### ବ୍ଲକସ୍ତରୀୟ ଶୌଣ୍ଡିକ ସମାଜର ବନ୍ଧୁମିଳନ

**ଘଣ୍ଟାପଡ଼ା,୩୦।୧୦(ପ୍ରଭାତ କୁମାର ସାହୁ)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ଥାନା ଅଧୀନ ନାରାୟଣପ୍ରସାଦ ପଞ୍ଚାୟତସ୍ଥିତ ଭଡେନ ଗ୍ରାମର ମାଆ ପେଞ୍ଜିପାଟ ମନ୍ଦିର ପ୍ରାଙ୍ଗଣରେ ଉଡ଼େନ ଜୋନର ଶୌଣ୍ଡିକ ସମାଜ ତରଫରୁ ବ୍ଲକସ୍ତରୀୟ ଶୌଣ୍ଡିକ ସମାଜର ସଭାପତି କରୁଣା କର ସାହୁଙ୍କ ସଭାପତିତ୍ୱରେ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ଶୌଣ୍ଡିକ ସମାଜର ସଭାପତି ଭୋଳାଗିରି ସାହୁ ଯୋଗଦେଇ ଜାତିଭିତ୍ତିକ ସମାଜର ରୀତିନୀତି ଉପରେ ଆଲୋକପାତ କରିଥିଲେ। ବର୍ତ୍ତମାନ ପାଇଁ ବାଲ୍ୟ ବିବାହ ନ କରିବା, ସମସ୍ତ ଶିଶୁଙ୍କୁ ବାଧ୍ୟତା ଶିକ୍ଷା ପ୍ରଦାନ କରିବା, ଅସହାୟଙ୍କୁ ସାହାଯ୍ୟ କରିବା ଉପରେ ଆଲୋଚନା ହୋଇଥିଲା।

### ସିନେ ଅଭିନେତା ପ୍ରଦ୍ୟୁମ୍ନ ସାହୁଙ୍କ ପିତୃ ବିୟୋଗ

**ସୋନପୁର,୩୦।୧୦ (ମୃତ୍ୟୁଞ୍ଜୟ ଶତପଥୀ)**

ସିନେ ଅଭିନେତା ପ୍ରଦ୍ୟୁମ୍ନ କୁମାର ସାହୁଙ୍କ ପିତା ଶମ୍ଭୁକୃଷ୍ଣ ସାହୁଙ୍କ ସୋମବାର ସକାଳେ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଡାକ୍ତରଖାନାରେ ପରଲୋକ ହୋଇଯାଇଛି। ସେ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟରେ ୨୦୦୬ ମସିହା ମାର୍ଚ୍ଚ ମାସ ପର୍ଯ୍ୟନ୍ତ ମୁଖ୍ୟ କିରାଣୀ ଭାବେ କାର୍ଯ୍ୟ ତୁଲାଇଥିଲେ । ଅବସର ପରେ ସେ ସ୍ଥାନୀୟ ରାମଜୀନଗରସ୍ଥିତ ନିଜ ବାସଭବନ ପୁରନ୍ଦର ନିବାସରେ ରହି ଆସୁଥିଲେ। ନିଜର ସମୟାନୁବର୍ତ୍ତିତା ଏବଂ କର୍ତ୍ତବ୍ୟ ପରାୟଣତା ପାଇଁ ସେ ଖୁବ ଶ୍ରଦ୍ଧାଭାଜନ ଥିଲେ। କିଛିଦିନ ହେବ ସେ ରୋଗାକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ରବିବାର ତାଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର ପାଇଁ ପରିବାର ଲୋକେ ଅପରାହ୍ନରେ ମରଶରୀରକୁ ନେଇ ପୁରୀ ଗମନ କରିଛନ୍ତି। ତାଙ୍କ ଜ୍ୟେଷ୍ଠ ପୁତ୍ର ସୁବର୍ଣ୍ଣପୁର ଜିଲା ଓକିଲ ସଂଘ ସମ୍ପାଦକ ଆଡଭୋକେଟ ପ୍ରଫୁଲ୍ଲ କୁମାର ସାହୁ ପିତାଙ୍କୁ ମୁଖାଗ୍ନି ଦେବେ। ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ ଲୀଳାବତୀ, ତିନି ପୁଅ, ବୋହୂ, ଝିଅ, ଜ୍ୱାଇଁ ନାତି, ନାତୁଣିଙ୍କ ସମେତ ବନ୍ଧୁବର୍ଗ ଉପସ୍ଥିତ ଥିଲେ।

# ନିଆଁରେ କାଳିଶି ସହ ଭକ୍ତ ଚାଲିଲେ

## ପାରମ୍ପରିକ ରୀତିରେ ସମ୍ପନ୍ନ ହେଲା ନିଆଁମଡ଼ା ଯାତ୍ରା

**ସୋନପୁର,୩୦।୧୦ (ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ସହର ଖଦାଲପଡାର ଅଧିଷ୍ଠାତ୍ରୀ ଦେବୀ ମା' ଠାକୁରାଣୀଙ୍କ ପୀଠରେ କଇଁଫୁଲ ବା ନିଆଁମଡା ଯାତ୍ରା ରବିବାର ଅର୍ଦ୍ଧ ରାତିରେ ଅନୁଷ୍ଠିତ ହୋଇଯାଇଛି। ନିଆଁ ଉପରେ ବରୁଆ(କାଳିଶି) ଚାଲିବା ପରେ ଶତାଧିକ ଶ୍ରଦ୍ଧାଳୁ ନିର୍ଭୟରେ ଏହି ନିଆଁ ଉପରେ ଚାଲିଥାନ୍ତି। ପ୍ରତିବର୍ଷ ବଳିଯାତ୍ରାରେ ଏହି ନିଆଁମଡ଼ା ଯାତ୍ରା ଦେଖିବାକୁ ମିଳିଥାଏ। ଢ଼ହ ଢ଼ହ ନିଆଁ ଉପରେ ଚାଲିବାର ପରମ୍ପରା ରାଜାରାଜୁଡା ଅମଳରୁ ଏହି ଯାତ୍ରାରେ ଦେଖିବାକୁ ମିଳେ। ତନ୍ତ୍ର ପୀଠ ସୁବର୍ଣ୍ଣପୁରରେ ଶତାଧିକ ବର୍ଷ ଧରି ତାନ୍ତ୍ରିକ ପଦ୍ଧତିରେ ବିଭିନ୍ନ ଦେବାଦେବୀଙ୍କୁ ପୂଜା ଆରାଧନା କରା ଯାଇଆସୁଛି। ଚଳିତବର୍ଷ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମରେ ଏହି ଯାତ୍ରା ହୋଇଥିଲା। ସୋମବାର ବିଳମ୍ବିତ ରାତିରେ ସ୍ଥାନୀୟ ବନ୍ଧରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହେବ ବୋଲି ପୂଜା କମିଟିର କର୍ମକର୍ତ୍ତାଙ୍କ ସୂତ୍ରରୁ ଜଣାପଡିଛି।


ଶ୍ରଦ୍ଧାଳୁମାନେ ନିଆଁରେ ଚାଲୁଛନ୍ତି।

ମା' ଠାକୁରାଣୀଙ୍କ ପୀଠରେ ଶତାଧିକ ବର୍ଷ ଧରି ନିଆମଡ଼ା ଯାତ୍ରା ପାଳିତ ହୋଇଆସୁଛି। ଦଶହରାରୁ ଏହି ପୂଜା ଆରମ୍ଭ ହୋଇଥାଏ। ଏହି ଯାତ୍ରାର ମୁଖ୍ୟ ଆକର୍ଷଣ ହେଉଛି ନିଆଁ ଉପରେ ଚାଲିବା। ପାରମ୍ପରିକ ପୂଜା ପାଠ ପରେ ପ୍ରାଚୀନ ଲୋକବାଦ୍ୟ ଧୁନକେଲ ସହ ଢୋଲ, ନିଶାନ ଓ ମହୁରୀର ତାଳେ ତାଳେ ୭ ଜଣ ମହିଳା ଓ ୨ ଜଣ ପୁରୁଷ ବରୁଆ ନୃତ୍ୟ କରିଥିଲେ। ଠାକୁରାଣୀ ପୀଠରୁ ନାଚି ନାଚି ନିଆଁମଡା ପଡିଆକୁ କାଳିଶିମାନେ ଆସିଥିଲେ। ସେଠାରେ ପ୍ରଥମେ କାଳିଶି ଜଳନ୍ତା ଅଙ୍ଗାର ଉପରେ ଚାଲିବା ପରେ ଶତାଧିକ ଶ୍ରଦ୍ଧାଳୁ ଖାଲିପାଦରେ ନିଆଁ ଉପରେ ଚାଲିଥିଲେ। ବରୁଆ ଚାଲୁଥିବା ଏହି ନିଆଁ ଉପରେ ଚାଲିଲେ ନିଜର ମନସ୍କାମନା ପୂରଣ ହେବା ସହ ରୋଗ ଦୁଃଖରୁ ମୁକ୍ତି ମିଳିଥାଏ ବୋଲି ଲୋକଙ୍କ ବିଶ୍ୱାସ ରହିଛି। ଗବେଷକମାନଙ୍କ ମତରେ ବଳିଯାତ୍ରା ପରି ଏହି ନିଆଁମଡ଼ା ଯାତ୍ରାରେ ତନ୍ତ୍ରର ପ୍ରୟୋଗ ହେଉଥିବା ଦେଖିବାକୁ ମିଳେ। ତନ୍ତ୍ର ଓ ମନ୍ତ୍ରର ପ୍ରୟୋଗରେ ନିଆଁକୁ ଶାନ୍ତ କରାଯାଏ। ଫଳରେ ନିଆଁ ଉପରେ ଖାଲି ପାଦରେ ଚାଲିଲେ ବି ତାହା ଶୀତଳ ଲାଗିଥାଏ ବୋଲି ଭକ୍ତମାନେ କୁହନ୍ତି। ଚୌହାନ ରାଜାମାନଙ୍କ ଶାସନ କାଳରୁ ପାରମ୍ପରିକ ରୀତିନୀତିରେ ଏହି ଠାକୁରାଣୀ ଯାତ୍ରା ପାଳିତ ହୋଇଆସୁଛି। ନିଆଁ ଉପରେ ଚାଲି ଠାକୁରାଣୀଙ୍କ କୃପା ପାଇବାକୁ ବିଭିନ୍ନ ପଡୋଶୀ ଜିଲାରୁ ଶ୍ରଦ୍ଧାଳୁମାନେ ଆସିଥିବା ପୂଜା କମିଟି ପକ୍ଷରୁ ସୂଚନା ମିଳିଛି।

# ହରଗୌରୀଙ୍କ ଯୁଗଳ ଦର୍ଶନ


ପୂଜା ମଣ୍ଡପରେ ହରଗୌରୀ ଭକ୍ତଙ୍କୁ ଯୁଗଳ ଦର୍ଶନ ଦେଉଛନ୍ତି।

**ସୋନପୁର,୩୦।୧୦(ମୃତ୍ୟୁଞ୍ଜୟ ଶତପଥୀ)**

ପ୍ରସିଦ୍ଧ ହରଗୌରୀ ଯାତ୍ରା ପାଇଁ ଢେରାପଡା ସମେତ ସୁବର୍ଣ୍ଣପୁର ସହର ଏବେ ଚଳଚଞ୍ଚଳ ହୋଇଉଠିଛି। ପରମ୍ପରା ଅନୁଯାୟୀ ପ୍ରଥମେ ଗୌରୀ ଓ ହରଙ୍କୁ ଆବାହନ କରି ଢେରାପଡାସ୍ଥିତ ପୂଜାମଣ୍ଡପରେ ସ୍ଥାପନ କରାଯିବା ପରେ ତେଲୁଗୁ ରୀତିନୀତି ଅନୁଯାୟୀ ଶିବ ସହସ୍ରନାମ ଓ ଷୋଡ଼ଶ ଉପଚାରରେ ପୂଜା, ରୁଦ୍ରାଭିଷେକ ପ୍ରଭୃତି ଚାଲୁ ରହିଛି। ସୋମବାର ଶ୍ରଦ୍ଧାଳୁମାନେ ହରଗୌରୀଙ୍କ ଯୁଗଳ ଦର୍ଶନ କରିଛନ୍ତି । ପଡାର ସମସ୍ତ ଘରୁ ସୋମବାର ହରଗୌରୀଙ୍କୁ ମୁଗବରା ଭୋଗ ଲଗାଯାଇଛି। ସେହିପରି ସୋମବାର ସନ୍ଧ୍ୟାରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ବଲାଙ୍ଗୀରର ପଞ୍ଚମ ଓ ସୋନପୁରର ପଏଁରୀ ଅନୁଷ୍ଠାନ ଦ୍ୱାରା ସମ୍ବଲପୁରୀ ଲୋକନୃତ୍ୟ ପରିବେଷଣ କରାଯାଇଥିଲା ।

# ରେଳପଥ ଯୋଗୁ ଉପୁଜୁଛି ସମସ୍ୟା | ରାସ୍ତାକୁ ନେଇ ଉତ୍ତେଜନା


ଠିକା ସଂସ୍ଥା କ୍ୟାମ୍ପ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

**ବୌଦ୍ଧ,୩୦।୧୦(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲା ଦେଇ ଖୋର୍ଦ୍ଧା–ବଲାଙ୍ଗୀର ରେଳପଥ ଯାଉଥିବା ବେଳେ ରେଳପଥ ନିର୍ମାଣକୁ ନେଇ ବିଭିନ୍ନ ସ୍ଥାନରେ ସମସ୍ୟା ଉପୁଜୁଥିବା ଅଭିଯୋଗ ହୋଇଆସୁଛି। ହରଭଙ୍ଗା ବ୍ଲକର ଚମ୍ପାପୁର ଛକରୁ କେଳାକଟା ଗ୍ରାମକୁ ଯାଇଥିବା ରାସ୍ତା ଉପରେ ରେଳପଥ ନିର୍ମାଣ ଯୋଗୁ ଲୋକମାନେ ନାହିଁ ନ ଥିବା ସସସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ଏହାର ସ୍ଥାୟୀ ସମାଧାନ ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ବିଭିନ୍ନ ସମୟରେ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଗଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଫଳରେ ସୋମବାର ଅପରାହ୍ନରେ ଗ୍ରାମବାସୀ ଠିକା ସଂସ୍ଥା କ୍ୟାମ୍ପ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଧାରଣାରେ ବସି ରହିଥିଲେ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିଲା। ଖବରପାଇ ପୋଲିସ ପହଞ୍ଚି ଗ୍ରାମବାସୀଙ୍କୁ ବୁଝୁଣୁଝା କରିଥିଲା। ଚମ୍ପାପୁର ଛକଠାରୁ କେଳାକଟା ଗ୍ରାମକୁ ଏକ ରାସ୍ତା ଯାଇଛି। ଏହି ରାସ୍ତା ଦେଇ ଗ୍ରାମବାସୀ ଜାତୀୟ ରାଜପଥକୁ ଆସି ଅନ୍ୟତ୍ର ଯାଇଥାନ୍ତି। ବର୍ତ୍ତମାନ ଉକ୍ତ ରାସ୍ତା ଦେଇ ଖୋର୍ଦ୍ଧା–ବଲାଙ୍ଗୀର ରେଳପଥ ଯାଉଥିବା ବେଳେ ଗ୍ରାମବାସୀଙ୍କ ଯିବା ଆସିବା ପାଇଁ ଠିକା ସଂସ୍ଥା ପକ୍ଷରୁ ଅନ୍ୟ ଏକ ବାଟରେ ଯିବା ପାଇଁ ବ୍ୟବସ୍ଥା କରାଯାଇଛି । କିନ୍ତୁ ଏହି ବାଟରେ ପାଣି ଜମି ରହୁଥିବାରୁ ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଖବର ଲେଖା ପର୍ଯ୍ୟନ୍ତ ଉତ୍ତେଜନା ଲାଗି ରହିଥିବା ଜଣାପଡିଛି।

# ଯୁଗ୍ମ ଜନଶୁଣାଣି ଶିବିର

**ଘଣ୍ଟାପଡ଼ା,୩୦।୧୦(ପ୍ରଭାତ କୁମାର ସାହୁ)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଆମ୍ବଗାଁ ପଞ୍ଚାୟତ ପରିସରରେ ବୌଦ୍ଧ ଜିଲାପାଳ ଓ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଜନଶୁଣାଣି ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ,ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ, ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରବି ନାରାୟଣ ତ୍ରିପାଠୀ, ଉପଜିଲାପାଳ ରବିନ୍ଦ୍ରନାଥ କହଁର, କଣ୍ଟାମାଳ ବିଡ଼ିଓ ସାମୀ ଜୟଶ୍ରୀ ରେଡ୍ଡୀ, କଣ୍ଟାମାଳ ତହସିଲଦାର ଶ୍ୱେତପଦ୍ମା ଯୋଶୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ଶେଖର ପୂଜାହାରୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ, ଜଳଛାୟା ପ୍ରକଳ୍ପ ଅଧିକାରୀ ପ୍ରଦୀପ୍ତ ମହାନ୍ତି, ଜିଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁର୍, ବ୍ଲକ ଶିକ୍ଷା ଅଧିକାରୀ ସନୋଜ ସେଠୀଙ୍କ ସମେତ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଯୋଗଦେଇ ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ପ୍ରତିମା ରଣା, ଅଳକା ପ୍ରଧାନ, ନଂ୧ ଜୋନର ଜିଲା ପରିଷଦ ସଦସ୍ୟା ସୁମିତ୍ରା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ସମୁଦାୟ ୧୮୦ଟି ମାମଲା ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ୧୭୬ଟି ବ୍ୟକ୍ତିଗତ ଓ ୪ଟି ସାମୁହିକ ମାମଲା ପଞ୍ଜୀକୃତ ହୋଇଥିଲା। ୪ ଜଣଙ୍କୁ ରେଡକ୍ରସ ଓ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ସହାୟତା ରାଶି ପ୍ରଦାନ କରାଯାଇଥିଲା।

# ରିକର୍ଭ, କମ୍ପାଉଣ୍ଡ ରାଉଣ୍ଡ ପାଇଁ ପ୍ରତିଯୋଗିତା


ତୀରନ୍ଦାଜ ପ୍ରତିଯୋଗୀମାନେ।

**ଅମରପାଲି,୩୦।୧୦(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଗାୟତ୍ରୀ ଆବାସିକ ଶିକ୍ଷା ନିକେତନ ନିକଟସ୍ଥ ପଣ୍ଡିଆପାଲି ଖେଳପଡିଆଠାରେ ଚାଲିଥିବା ୨୪ତମ ରାଜ୍ୟସ୍ତରୀୟ ତୀରନ୍ଦାଜ ପ୍ରତଯୋଗିତା ଚତୁର୍ଥ ଦିବସରେ ପହଞ୍ଚିଛି। ରବିବାର ରିକର୍ଭ ଓ କମ୍ପାଉଣ୍ଡ ରାଉଣ୍ଡ ପାଇଁ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ ମୁଖ୍ୟଅତିଥି ଏବଂ ତରଭା କଲେଜ ଅଧ୍ୟକ୍ଷା ମୀନତି ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ବରିଷ୍ଠ ସାମ୍ବାଦିକ ଗୋରେଖନାଥ ସାହୁ, ଜର୍ମାନୀରୁ ଆସିଥିବା ଅଧ୍ୟାପିକା ଉଲରିକେ ଜେହେଶାନ, ଜେଲ ଅଧୀକ୍ଷକ ଅଞ୍ଜଳି ପୁଟେଲ, ଉପଖଣ୍ଡ ପୋଲିସ ଅଧିକାରୀ ବାସୁଦେବ ଛତ୍ରିଆ, ରାଜ୍ୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଭୂଷଣ ପାତ୍ର, କୋଶଳ ଆବାସିକ ବିଦ୍ୟାଳୟର ପ୍ରତିଷ୍ଠାତା ସଞ୍ଜୟ ସାହୁ, ସାଂସଦ ପ୍ରତିନିଧି ନଳିନୀ ପଣ୍ଡା, ରାଜ୍ୟ ତୀରନ୍ଦାଜ ସଂଘର ସମ୍ପାଦକ ସମ୍ପୂର୍ଣ୍ଣାନନ୍ଦ ଦାସ, ଜିଲା ତୀରନ୍ଦାଜ ସଂଘର ସଭାପତି ପ୍ରଦୀପ ପଣ୍ଡା, ସମ୍ପାଦକ ପଙ୍କଜ ଖମାରୀ, ଶତ୍ରୁଘ୍ନ ମେହେର ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ସଂଘର କୋଷାଧ୍ୟକ୍ଷ ଯୁଧିଷ୍ଠିର ଖମାରୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଯୁଗ୍ମ ସମ୍ପାଦକ କୃଷ୍ଣଚନ୍ଦ୍ର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରଯାଇଥିଲା ।

# ବୌଦ୍ଧରୁ ଗଲେ ୬୧ ତୀର୍ଥଯାତ୍ରୀ

## ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା

**ବୌଦ୍ଧ,୩୦।୧୦ (ଅଜିତ କୁମାର ବାରିକ)**

ବୌଦ୍ଧ ଜିଲାପାଳଙ୍କ କାର୍ଯ୍ୟାଳୟ ଠାରେ ସୋମବାର ଦିନ ଜିଲାପାଳ ନୃସିଂହ ଚରଣ ସ୍ୱାଇଁ ସବୁଜ ପତାକା ଦେଖାଇ ବରିଷ୍ଠ ନାଗରିକ ତୀର୍ଥଯାତ୍ରାର ଶୁଭାରମ୍ଭ କରିଛନ୍ତି। ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ବରିଷ୍ଠ ନାଗରିକମାନେ ବୌଦ୍ଧରୁ ବାହାରି ବ୍ରହ୍ମପୁରରେ ପହଞ୍ଚିବେ। ସେଠାରୁ ସ୍ୱତନ୍ତ୍ର ଟ୍ରେନ ଯୋଗେ ତ୍ରିଭେନ୍ଦ୍ରମ ଓ କନ୍ୟାକୁମାରୀକୁ ଯାଇ ନଭେମ୍ବର ୫ ତାରିଖରେ ଫେରିବାର କାର୍ଯ୍ୟକ୍ରମ ରହିଛି। ଏହି ଯୋଜନାରେ ବୌଦ୍ଧ ଜିଲାର ୩ ଗୋଟି ବ୍ଲକରୁ ୬୧ ଜଣ ଯାଇଛନ୍ତି। ସେଥିମଧ୍ୟରୁ ପୁରୁଷ ତୀର୍ଥଯାତ୍ରୀ ୨୮, ମହିଳା ତୀର୍ଥଯାତ୍ରୀ ୧୩ ଓ ୨୦ ଜଣ ସ୍ୱାମୀ ସ୍ତ୍ରୀ ବରିଷ୍ଠ ନାଗରିକ ତୀର୍ଥଯାତ୍ରାରେ ଯାଇଛନ୍ତି। ତୀର୍ଥଯାତ୍ରୀଙ୍କୁ ସହଯୋଗ କରିବାକୁ ସେମାନଙ୍କ ସହ ଗାଇଡ୍ ଭାବେ ରାଜସ୍ୱ ସହାୟକ ପ୍ରମୋଦ ସେଠୀ ଓ ସୋମେଶ ନାଏକ ଯାଇଛନ୍ତି। ଜିଲାପାଳ ସ୍ୱାଇଁ ସମସ୍ତ ବରିଷ୍ଠ ନାଗରିକଙ୍କୁ ଫୁଲମାଳ ଦେଇ ସ୍ୱାଗତ କରିବା ସହ ଯାତ୍ରାର ସଫଳ କାମନା କରିଥିଲେ। ଏହି ଅବସରରେ ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, କନ୍ଧମାଳ ସାଂସଦ ପ୍ରତିନିଧି ତାରେଣୀ କୁମାର ମହାପାତ୍ର, ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ ରୀତାକାନ୍ତି ବଳିଆରସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ହକ୍ ପାଇବା ପାଇଁ ଏକଜୁଟ ହୁଅ

**ଘଣ୍ଟାପଡ଼ା,୩୦।୧୦ (ପ୍ରଭାତ କୁମାର ସାହୁ)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକର ଘଣ୍ଟାପଡ଼ା ବନ୍ୟା ଆଶ୍ରୟସ୍ଥଳୀରେ ପାଣ ଗଣ୍ଡା ସମାଜ ପକ୍ଷରୁ ୧ନଂ ଜୋନ ଅଧୀନସ୍ଥ ୮ଟି ପଞ୍ଚାୟତକୁ ନେଇ ଏକ ପ୍ରସ୍ତୁତି ବୈଠକ ହୋଇଥିଲା। ସଭାପତି ଦିଲିପ ବିଶ୍ୱାଳଙ୍କ ସଭାପତିତ୍ୱରେ ହୋଇଥିବା ଏହି ବୈଠକରେ ମୁଖ୍ୟଅତିଥି ଭାବେ ରହିତାଶ୍ୱ ମଲିକ ଓ ସମ୍ମାନିତ ଅତିଥି ଭାବେ ମହାଦେବ କଳତା, ବିଶ୍ୱଜିତ ହରିପାଳ, ଦେବଦତ୍ତ ସାଗର, ପୀତାମ୍ବର ବିଭାର ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଭବିଷ୍ୟତରେ ସମାଜର ପ୍ରତ୍ୟେକ କ୍ଷେତ୍ରରେ ଉନ୍ନତି ତଥା ନିଜ ହକ୍ ପାଇବା ପାଇଁ ଏକଜୁଟ ହେବା ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସଦସ୍ୟ ହୃଦାନନ୍ଦ କହଁର, ଦ୍ରୋଣ ବିଭାର, ମଦନ ସୁନ୍ଦର ହରିପାଳ, ବନମାଳୀ ମୁନା, ଧନବନ୍ତ ବିଭାର, ଚନ୍ଦନ ଦୀପ, ଦେବଘନ ମୁନା, ଦୁର୍ଗା ଚରଣ ସୁନା ପ୍ରମୁଖ ଉପସ୍ଥିତ ଥିଲେ। ସଦସ୍ୟ ସୁରେଶ ମହାନନ୍ଦ ଧନ୍ୟବାଦ ଦେଇଥିଲେ।

# ବିଶ୍ୱ ମିତବ୍ୟୟିତା ଦିବସ ପାଳିତ

**ସୋନପୁର,୩୦।୧୦ (ମୃତ୍ୟୁଞ୍ଜୟ ଶତପଥୀ)**

ଆର୍ଥିକ ଓ ସାମାଜିକ ନିରାପତ୍ତାକୁ ସୁଦୃଢ଼ କରିବା ସହ ସଞ୍ଚୟକୁ ସୁନିଶ୍ଚିତ କରିବା ବାର୍ତ୍ତା ନେଇ ସୁବର୍ଣ୍ଣପୁରଠାରେ ବିଶ୍ୱ ମିତବ୍ୟୟିତା ଦିବସ ସୋମବାର ପାଳିତ ହୋଇଯାଇଛି। ଭବିଷ୍ୟତକୁ ନଜରରେ ରଖି କଷ୍ଟୋପାର୍ଜିତ ଅର୍ଥର ସଞ୍ଚୟ ଆତ୍ମନିର୍ଭର ହେବାକୁ ପ୍ରବର୍ତ୍ତାଇ ଥାଏ ବୋଲି ଜିଲାପାଳ ବିମଳେନ୍ଦୁ ରାୟ ଓ ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପଧାନ ଅତିଥି ଭାବେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି । ଭାରପ୍ରାପ୍ତ ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ଅଶ୍ୱିନୀ କୁମାର ଭୋଇଙ୍କ ତତ୍ତ୍ୱାବଧାନରେ ସଚେତନତା ଶୋଭାଯାତ୍ରା ତଥା ସଞ୍ଚୟ ରଥ ସହର ପରିକ୍ରମା କରିଥିଲା । ଆଗାମୀ ଦିନରେ ସଞ୍ଚୟ ରଥ ଜିଲା ସଦର ମହକୁମା ସହିତ ବିଭିନ୍ନ ବ୍ଲକ ପରିକ୍ରମା କରି ସ୍ୱଳ୍ପ ସଞ୍ଚୟ ସକାଶେ ଜାଗରଣ ସୃଷ୍ଟି କରିବ । ଶୋଭାଯାତ୍ରା ଓ ସଞ୍ଚୟ ରଥକୁ ଜିଲାପାଳ ରାୟ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସବୁଜ ପତାକା ପ୍ରଦର୍ଶନ ପୂର୍ବକ ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମ ଅବସରରେ ଜିଲାର ପୋଷ୍ଟାଲ ଏଜେଣ୍ଟ, ଶିକ୍ଷକ ଶିକ୍ଷୟିତ୍ରୀ, ବୁଦ୍ଧିଜୀବୀ ଯୋଗଦାନ କରିଥିଲେ । ବିଭଗୀୟ କର୍ମଚାରୀ ମାନଭଞ୍ଜନ ପଟ୍ଟନାୟକ, ଦୁଃଖିଶ୍ୟାମ ସେଠୀ ଓ ସଞ୍ଜୟ ବାରିକ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।



ଜିଲାପାଳ ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି।

# ହକ୍ ପାଇଁ ଦକ୍ଷତା ପ୍ରତିପାଦନ ଜରୁରୀ

## ଆଦିବାସୀ ସମନ୍ୱୟ ସମିତି ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ

**ଘଣ୍ଟାପଡ଼ା,୩୦।୧୦(ପ୍ରଭାତ କୁମାର ସାହୁ)**



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ଥାନା ଅଧୀନ ଆମ୍ବଗାଁ ପଞ୍ଚାୟତ ଦେଣେମାଳର ଆଦିବାସୀ ମଣ୍ଡପରେ ଆଦିବାସୀ ସମନ୍ୱୟ ସମିତି ଅଧ୍ୟକ୍ଷ ସାମନ୍ତ ମାଝିଙ୍କ ତତ୍ତ୍ୱାବଧାନରେ ନୂଆଁଖାଇ ଭେଟ୍‌ଘାଟ ଅନୁଷ୍ଠିତ ହୋଇଯାଇଛି। କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା କଣ୍ଟାମାଳ ବିଧାୟକ ମହିଧର ରଣା , ଜିଲା ପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ , ଜିଲା ପରିଷଦ ସଦସ୍ୟା ସୁମିତ୍ରା ସାହୁ, ଆମ୍ବଗାଁ ସରପଞ୍ଚ ପ୍ରତିମା ରଣା, ଆଦିବାସୀ ନେତା ସତ୍ୟନାରାୟଣ ମାଝି, ବିପିନ ଭୋଇ, ଘନଶ୍ୟାମ ବୁଡ଼ାଏକ, ଘାସିରାମ ଫୁଟା ଓ ନୀଳାଚଳ ଭୋଇ ପ୍ରମୁଖ ଯୋଗଦେଇଥିଲେ। ସମସ୍ତ ଅତିଥିଙ୍କ ସହ ଭେଟଘାଟ ପରେ ଆଦିବାସୀଙ୍କ ପାଇଁ ଓଡ଼ିଶା ସରକାର କରିଥିବା ଜନହିତକାର ଯୋଜନା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପୂର୍ବରୁ ସମସ୍ତ ଆଦିବାସୀ ଏକତ୍ରିତ ହୋଇ ନିଜ ନିଜ ପାରମ୍ପରିକ ବେଶ ପୋଷାକରେ ବିଭିନ୍ନ ଅସ୍ତ୍ରଶସ୍ତ୍ର ଧରି ଢୋଲ ନିଶାନର ତାଳେ ତାଳେ, ନାଚଗୀତ ସହ ଗ୍ରାମ୍ୟ ପରିକ୍ରମା କରିଥିଲେ। ଏହାପରେ ନିଜର ଇଷ୍ଟଦେବୀ ମା' ଆଦିମାତା, ଆଦିଶକ୍ତିଙ୍କ ରୀତିନୀତିରେ ପୂଜାର୍ଚ୍ଚନା କରାଯିବା ପରେ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଆରମ୍ଭ ହୋଇ ମଧ୍ୟାହ୍ନ ପର୍ଯ୍ୟନ୍ତ ଚାଲିଥିଲା। ଦ୍ୱିତୀୟ ଅଧିବେଶନରେ ମୁଖ୍ୟଅତିଥି ଭାବେ ସୋନପୁରର ପଶ୍ଚିମ ଓଡ଼ିଶା ଉନ୍ନୟନ ପରିଷଦ ସଦସ୍ୟ ପ୍ରକାଶ ଚନ୍ଦ୍ର ସାହୁ ଓ ବୌଦ୍ଧ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ତଥା ପୂର୍ବତନ କଣ୍ଟାମାଳ ବିଧାୟକ ଭଗବାନ କହଁର, ସମ୍ମାନିତ ଅତିଥି ଭାବେ କଣ୍ଟାମାଳ ବ୍ଲକ ଆଦିବାସୀ ସଭାପତି ଡମ୍ବରୁଧର କହଁରଙ୍କ ସମେତ ଅନ୍ୟ ଜିଲାର ମୁଖ୍ୟମାନେ ଉପସ୍ଥିତ ରହି ଆଦିବାସୀ ନିଜର ହକ୍ ପାଇଁ ଦକ୍ଷତାର ଆବଶ୍ୟକ ରହିଛି ବୋଲି କହିଥିଲେ। ଏହି ଅବସରରେ ବିଭିନ୍ନ ଅଞ୍ଚଳରୁ ଆସିଥିବା କଳାକାରମାନଙ୍କ ଦ୍ୱାରା ନୃତ୍ୟ ଗୀତ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତର ଆଦିବାସୀ ମହିଳା ଓ ପୁରୁଷମାନେ ସାମିଲ ହୋଇଥିଲେ। ଆଦିବାସୀ ନେତା ନୀଳାଚଳ ଭୋଇ ଉଭୟ ଅଧିବେଶନର ମଞ୍ଚ ସଞ୍ଚାଳନ କରିଥିଲେ। ଶେଷରେ ଧର୍ମୁ କହଁର ଧନ୍ୟବାଦ ଦେଇଥିଲେ।

# ଜେଜେବାପାଙ୍କ ଉପରେ ୬ ନାତୁଣୀ ନାତିଙ୍କ ଦାୟିତ୍ୱ

ଲହୁଣୀପଡ଼ା,୩୦।୧୦( ଦାଶରଥି ପଣ୍ଡା)

ବୟସର ଅପରାହ୍ଣରେ ବାପା ମା' ଛେଉଣ୍ଡ ୬ ଭଉଣୀ ଭାଇଙ୍କୁ ଲାଳନ ପାଳନ କରୁଛନ୍ତି ଜେଜେବାପା ନବୀନ ମୁଣ୍ଡା (୭୦)। ଏଭଳି ଘଟଣା ଦେଖିବାକୁ ମିଳିଛି ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ କୁରଡ଼ା ପଞ୍ଚାୟତ ଟାଙ୍କଯୋଡା ଗ୍ରାମରେ। ନବୀନଙ୍କ ୨ ପୁଅ ଜୟ ଓ ଦଶରଥ। ଘରଡ଼ିହ ବ୍ୟତୀତ ଜମିବାଡ଼ି କିଛି ନାହିଁ। କୁଲି ମଜୁରୀ ଓ ପରଘରେ ମୂଲ ଲାଗି ପରିବାର ପ୍ରତିପୋଷଣ କରି ଆସୁଥିଲେ। ସେହି ଘରଡ଼ିହ ମଧ୍ୟରେ ଗୋଟିଏ ପାର୍ଶ୍ୱରେ ବଡ ପୁଅ ବିଜୟ ମୁଣ୍ଡାଙ୍କ ୫ ପ୍ରାଣୀ କୁଟୁମ୍ବ ରହୁଥିବା ବେଳେ ଅନ୍ୟ ପାର୍ଶ୍ୱରେ ସାନପୁଅ ଦଶରଥଙ୍କ ପରିବାର ରହୁଥିଲେ। ୨ ବର୍ଷ ପୂର୍ବେ ଅଜଣା ରୋଗରେ ଆକ୍ରାନ୍ତ ହୋଇ ଦଶରଥଙ୍କ ସ୍ତ୍ରୀ ସଞ୍ଜୁଙ୍କ ଅକାଳ



ବିୟୋଗ ଘଟିଥିଲା। ବଡ଼ ଝିଅ ଲିପି, ଜୁପି (୮ମ), ସିପି (୬ଷ୍ଠ) ୩ ଭଉଣୀ ବ୍ରାହ୍ମଣ ଗାଁ ସ୍କୁଲରେ ପଢୁଥିବା ବେଳେ, ଟିଙ୍କି (୫ମ), ମିକି ମୁଣ୍ଡା (ପ୍ରଥମ) ଏବଂ ଏକମାତ୍ର ପୁଅ ଆୟୁଷ (୩ୟ) ଟାଙ୍କ ଯୋଡ଼ା ପ୍ରାଥମିକ ବିଦ୍ୟାଳୟରେ ପାଠ ପଢୁଛନ୍ତି। କିନ୍ତୁ ସଞ୍ଜୁଙ୍କ ମୃତ୍ୟୁ ପରେ ବଡ଼ ଝିଅ ଲିପିର ପାଠପଢ଼ାରେ ସବୁଦିନ ପାଇଁ ଡୋରିବନ୍ଧା ହୋଇ ଯାଇଥିଲା। ସେ ଛୋଟ ଭଉଣୀଭାଇଙ୍କ ସହିତ ଜେଜେବାପାଙ୍କ ଦେଖା ଶୁଣା କରୁଥିଲେ। ଗତ ୨୧ରେ ଏକ ସଡ଼କ ଦୁର୍ଘଟଣାରେ ଦଶରଥଙ୍କ ମୃତ୍ୟୁ ଘଟିଥିଲା। ପରିବାର ଚଳାଉଥିବା ଏକମାତ୍ର ରୋଜଗାରିଆ ପୁଅକୁ ହରାଇ ବୃଦ୍ଧ ନବୀନ ଦୁଃଖରେ ଭାଙ୍ଗିପଡ଼ିଥିଲେ। ପରିଣତ ବୟସରେ ଏହି କୋମଳ ମତି ୬ ନାତୁଣୀ ନାତିଙ୍କ ମୁହଁରେ ମୁଠେ ଦାନା ଦେବା ପାଇଁ ଏବଂ ଦଶରଥଙ୍କ ଶୁଦ୍ଧିକ୍ରିୟା ପାଇଁ ପାଖରେ ସମ୍ବଳ ନ ଥିବାରୁ ନବୀନ ଦୁଃଖରେ ଭାଙ୍ଗି ପଡ଼ିଥିଲେ। ବଡ଼ ପୁଅ ଜୟଙ୍କ ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନୁହେଁ।

## ସହାୟତାର ହାତ ବଢ଼ାଇଲା ପ୍ରଶାସନ

ଏନେଇ ଖବର ପ୍ରସାରିତ ହେବା ପରେ ପ୍ରଶାସନ ତରଫରୁ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି। ଏହା ସହିତ ସୋମବାର ଜିଲା ମଙ୍ଗଳ ଅଧିକାରୀ ପବିତ୍ର ମୋହନ ପ୍ରଧାନ, ବ୍ଲକ ସମ୍ପ୍ରସାରଣ ଅଧିକାରୀ ଭାଗବତ ଟୁଡୁ ନବୀନଙ୍କ ଘରେ ପହଞ୍ଚି ଘଟଣାର ତଦନ୍ତ କରିବା ସହିତ ୩ ଝିଅ ଲିପି, ଜୁପି, ସିପିଙ୍କୁ ଉଲୁସୁରେଇ କନ୍ୟାଶ୍ରମରେ ଏବଂ ଟିଙ୍କି, ମିକି, ଆୟୁଷଙ୍କୁ ନିକଟସ୍ଥ ବନ୍ଧବେର୍ଣା ସେବାଶ୍ରମରେ ଶିକ୍ଷା ପ୍ରଦାନ କରାଯିବ ବୋଲି ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଭାଗବତ ଟୁଡୁ ସୂଚନା ଦେଇଥିବା ଜଣାପଡିଛି।

## ସଂକ୍ଷେପରେ

### କୁତ୍ରାରେ ଗଜଲକ୍ଷ୍ମୀ ପୂଜା



**କୁତ୍ରା,୩୦।୧୦(ଦେବାଶିଷ ସାହୁ):** ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକର ବିଭିନ୍ନ ଗ୍ରାମରେ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଯାଇଛି। କୁମାର ପୂର୍ଣ୍ଣିମା ଉପଲକ୍ଷେ ବିଭିନ୍ନ ପୂଜା ମଣ୍ଡପରେ ବହୁ ଆଡ଼ମ୍ବରର ସହିତ ମା' ଗଜଲକ୍ଷ୍ମୀ ପୂଜା ପାଉଛନ୍ତି। ଏହି ଅବସରରେ କୁତ୍ରା ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ଆୟୋଜିତ ଲକ୍ଷ୍ମୀପୂଜାରେ କର୍ତ୍ତା ଭାବେ ପ୍ରମୋଦ ଅଗ୍ରୱାଲ ଏବଂ ପୂଜକ ଭାବେ ରବିନ୍ଦ୍ର ପଣ୍ଡା ଦାୟିତ୍ୱ ତୁଲାଇଥିଲେ। ସଭାପତି ଶଙ୍କର ପ୍ରସାଦ ଟପ୍ପୋ, ସମ୍ପାଦକ ପ୍ରଶାନ୍ତ ସାହୁ, ଶିବ ପ୍ରସାଦ ବେହେରା, ଦେବାଶିଷ ସାହୁ, ବଜରଙ୍ଗ କେଶରୀ, ବୁଟୁ ଦାସ, ହୀରାଲାଲ ଟପ୍ପୋ, ମହେନ୍ଦ୍ର ଦାସ ପ୍ରମୁଖ ପୂଜାରେ ସହଯୋଗ କରିଥିଲେ। ସେହିଭଳି ବୁଡାକଟା ଗ୍ରାମରେ ମଧ୍ୟ ପୂଜା ଅନୁଷ୍ଠିତ ହୋଇଯାଇଛି। ପାତ୍ର ମାଝି, ଗୋଲବଦନ ଲାକ୍ରା ପ୍ରମୁଖ ପୂଜା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହା ସହିତ କିରିଙ୍ଗସେରା, କଟଙ୍ଗ, ଗଙ୍ଗାଜଳ, ଝାରବେଡାଠାରେ ଧୁମଧାମରେ ପୂଜାର୍ଚ୍ଚନା ହେବା ସହିତ ପ୍ରତ୍ୟେକ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ଦୁର୍ଘଟଣାରେ ଆହତ ଯୁବକଙ୍କ ମୃତ୍ୟୁ

**ବଡ଼ଗାଁ,୩୦।୧୦(ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ଦାଣ୍ଡଜମିରା ଗ୍ରାମରେ ରବିବାର ସନ୍ଧ୍ୟାରେ ହୋଇଥିବା ବାଇକ୍ ଦୁର୍ଘଟଣାରେ ଆହତ ହୋଇ ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣେ ଯୁବକଙ୍କ ସୋମବାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତକ ହେଲେ ଝାଡ଼ଖଣ୍ଡ ରାଜ୍ୟ ବଲବା ଗ୍ରାମର ଡେଭିଡ ମିଞ୍ଜ(୨୭)। ଏନେଇ ପୋଲିସ ଏକ ମାମଲା ରୁଜୁ କରିଛି।

### ଜିଲାସ୍ତରୀୟ ବିଶ୍ୱ ମିତବ୍ୟୟିତା ଦିବସ

**ସୁନ୍ଦରଗଡ,୩୦।୧୦(ଜୟ ନାରାୟଣ ମେଣ୍ଟୁଲି):** ଜିଲା ସ୍ତରୀୟ ବିଶ୍ୱ ମିତବ୍ୟୟିତା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ମାଝି ସଞ୍ଚୟ ରଥର ଶୁଭାରମ୍ଭ କରିଥିଲେ। ଏହି ରଥ ଜିଲାର ୫ଟି ବ୍ଲକର ଗାଁ କୁ ଗାଁ ବୁଲି ଲୋକଙ୍କୁ ମିତ ବ୍ୟୟିତା ସମ୍ପର୍କରେ ସଚେତନ କରିବ। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଏହି ରଥ ବାହାରି ଲୋକଙ୍କୁ ଠକାମୀରୁ ସାବଧାନ ହେବାପାଇଁ ସଚେତନ କରିଥିଲା। ଅଳ୍ପ ସମୟରେ ଟଙ୍କା ଦ୍ୱିଗୁଣିତ, ସାଇବର ଠକେଇ, ଅଣସ୍ୱୀକୃତି ସଂସ୍ଥା ଠାରୁ ଦୂରେଇ ରହିବା ପାଇଁ ଲୋକଙ୍କୁ ଅନୁରୋଧ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ କୌଶଲ୍ୟା ଭିତିରିଆ, ଉପଖଣ୍ଡ ଅଧିକାରୀ ପ୍ରକାଶ କୁମାର ମିଶ୍ର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ପ୍ରମୁଖ ଅଧିକାରୀ ଉପସ୍ଥିତ ଥିଲେ।

## ଭାଲୁଲତଠାରେ ଗଜଲକ୍ଷ୍ମୀ ପୂଜା



ବିଶ୍ରା,୩୦।୧୦(ବଟକୃଷ୍ଣ ସ୍ୱାଇଁ)

ଓଡ଼ିଶା ଝାଡଖଣ୍ଡ ରାଜ୍ୟର ସୀମା ନିକଟସ୍ଥ ଭାଲୁଲତଠାରେ ଗଜଲକ୍ଷ୍ମୀ ପୂଜା ପାଳିତ ହୋଇଯାଇଛି। ପୂଜା କମିଟି ସଭାପତି ଅର୍ଜୁନ ଓରାମଙ୍କ ଉପସ୍ଥିତିରେ ସକାଳେ ପୂଜାର୍ଚ୍ଚନା କରାଯାଇଥିଲା। ସନ୍ଧ୍ୟାରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନ ପ୍ରସାଦର ବ୍ୟବସ୍ଥା ହୋଇଥିଲା।

## ଦୁର୍ନୀତି ନିବାରଣ ସପ୍ତାହ ଅବସରରେ ଶପଥପାଠ କାର୍ଯ୍ୟକ୍ରମ



ଅଧିକାରୀ ଓ କର୍ମଚାରୀମାନେ ସାଧୁତାର ଶପଥପାଠ କରୁଛନ୍ତି।

ସୁନ୍ଦରଗଡ଼,୩୦।୧୦(ଜୟ ନାରାୟଣ ମେଣ୍ଟୁଲି)

ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ସୁନ୍ଦରଗଡ଼ଠାରେ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଦୁର୍ନୀତିର ମୁଳପୃଟନ ନିମନ୍ତେ ଆଭାସି ମାଧ୍ୟମରେ ସମସ୍ତ ଜିଲା ମୁଖ୍ୟାଳୟ ତଥା ବ୍ଲକ ମୁଖ୍ୟାଳୟ ମାନଙ୍କରେ ସମସ୍ତ ଅଧିକାରୀ ତଥା କର୍ମଚାରୀଙ୍କୁ ସାଧୁତାର ଶପଥ ପାଠ କରାଇଥିଲେ। ଏହି ଅବସରରେ ସୋମବାର ଜିଲା କାର୍ଯ୍ୟାଳୟର ଓସ୍ୱାନ କକ୍ଷଠାରେ ଜିଲା ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲାପପାଳ ଅଭିମନ୍ୟୁ ମାଝି, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁରେନ୍ଦ୍ର ମାଝି, ଭିଜିଲାନ୍ସ ବିଭାଗ ସୁନ୍ଦରଗଡ଼ ଶାଖାର ଡିଏସ୍‌ପି ଦୈତାରି ଘଡ଼ାଇ, ଜିଲା ସ୍ତରୀୟ ଅଧିକାରୀ, ଜିଲା ପୋଲିସର ଅଧିକାରୀ ତଥା ଭିଜିଲାନ୍ସ ଅଧିକାରୀମାନେ ଉପସ୍ଥିତ ରହି ଶପଥ ପାଠରେ ଅଂଶ ଗ୍ରହଣ କରିଥିଲେ। ସେହିପରି ସମସ୍ତ ବ୍ଲକ ଗୁଡ଼ିକରେ ତହସିଲଦାର ଓ ଅଧିକାରୀମାନେ ଆଭାସି ଜରିଆରେ ଶପଥ ପାଠ କରିଥିଲେ। ଜିଲା ସ୍ତରୀୟ ଅନ୍ୟାନ୍ୟ କାର୍ଯ୍ୟାଳୟରେ ମଧ୍ୟ କର୍ମଚାରୀ ଏହି ଶପଥ ପାଠ କରିଥିଲେ।

## ବିହାରୀ ସମାଜର ନୂଆଁଖାଇ ଭେଟ୍‌ଘାଟ୍

ସୁନ୍ଦରଗଡ,୩୦। ୧୦(ଜୟ ନାରାୟଣ ମେଣ୍ଟୁଲି)

ସୁନ୍ଦରଗଡ ବିହାରୀ ସମାଜର ଛଟ୍ ପୂଜା ପୂର୍ବ ପ୍ରସ୍ତୁତି ଅନୁଯାୟୀ ରବିବାର ସନ୍ଧ୍ୟାରେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ପୌରାଧ୍ୟକ୍ଷା ତନୟା ମିଶ୍ର, ଉପାଧ୍ୟକ୍ଷ ଲଲାଟେନ୍ଦୁ ପରିଡା, ପୂର୍ବତନ ବାଚସ୍ପତି କିଶୋର ଚନ୍ଦ୍ର ପଟେଲ, ପୂର୍ବତନ ନଗରପାଳ ରାଜକିଶୋର ଷଡ଼ଙ୍ଗୀ, ପୂର୍ବତନ ବିଧାୟକ ଯୋଗେଶ ସିଂହ, ବେଣୁମାଧବ ତ୍ରିପାଠୀ, ପୂର୍ବତନ ଏସ୍‌ଡିଏ ଅଧ୍ୟକ୍ଷ ସନ୍ତୋଷ ଅମାତ, ପଦ୍ମଶ୍ରୀ ଦିଲୀପ ତିର୍କୀ, ଚମେଲି ଓରାମଙ୍କ ସମେତ ସମସ୍ତ କାଉନସିଲର ଯୋଗ ଦେଇଥିଲେ। ଅତିଥିମାନେ ଛଟପୂଜା ଓ ନୂଆଁଖାଇ ଭେଟଘାଟର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ପଦ୍ମଶ୍ରୀ ତିର୍କୀ ସୂର୍ଯ୍ୟ ନାରାୟଣଙ୍କ ମନ୍ଦିର ନିର୍ମାଣ ପାଇଁ ତାଙ୍କର ସମସ୍ତ ପ୍ରକାର ସହଯୋଗ ରହିବ ବୋଲି କହିଥିଲେ। ବିହାରୀ ସମାଜ





କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

ପକ୍ଷରୁ ଛଟ୍ ପୂଜା ପାଇଁ ଇବ୍ ନଦୀରେ ୭ଟି ଘାଟର ଉନ୍ନତିକରଣ, ସଫେଇ, ଆଲୋକ ବ୍ୟବସ୍ଥା, ଲୁଗା ବଦଳାଇବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଆଦି ଦାବି ଉପରେ ପୌରାଧ୍ୟକ୍ଷା ମିଶ୍ର ଏଦିଗରେ ଛଟପୂଜା ପୂର୍ବରୁ ପୌରପାଳିକା ତରଫରୁ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିହାରୀ ସମାଜ ଛଟପୂଜା କମିଟିର ସଭାପତି ବୈଜୁ ସିଂ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। କମିଟିର ଆବାହକ ସଚିନ୍ଦ୍ର ବିଶ୍ୱକର୍ମା ସ୍ୱାଗତ ଅଭିଭାଷଣ ଓ ଧନ୍ୟବାଦ ପ୍ରଦାନ କରିଥିଲେ। ମନୋଜ ସାହୁ ଓ ଅଞ୍ଜନା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଙ୍ଗୁଲାଲ ସାହୁ, ଶିବ ଶଙ୍କର ଠାକୁର, ସୀତାରାମ ସାହୁ, ଯଶୋବନ୍ତ ସାହୁ, ରାମ ସିଂ, ବୀଣା ସାହୁ, ଶ୍ୟାମ ସହାୟ, ଅନୀଲ ସାହୁ, ଦୀନେଶ ଠାକୁର, ଅନୀତା ଶର୍ମା, ଦୀନେଶ ଠାକୁର ପ୍ରମୁଖ ସହଯୋଗ କରିଥିଲେ।

## ବଙ୍ଖେଇରେ ଗଜଲକ୍ଷ୍ମୀ ପୂଜା, ସାଂସ୍କୃତିକ କାର୍ଯ୍ୟକ୍ରମ

ବଡ଼ଗାଁ, ୩୦।୧୦(ଅଶୋକ ଷଡ଼ଙ୍ଗୀ)

ସମ୍ବଲପୁର ଜିଲା ବାମରା ବ୍ଲକ ବାଉଁଶଲଗା ପଞ୍ଚାୟତର ବଙ୍ଖେଇ ଗ୍ରାମରେ ଗଜଲକ୍ଷ୍ମୀ ପୂଜା ପାଳିତ ହୋଇଯାଇଛି। ଶନିବାର ଅଧିବାସ ଓ କଳସ ଯାତ୍ରା ହୋଇଥିଲା। ପୂଜାରେ ଚୈତନ୍ୟ କାଲୋ ଓ ତାଙ୍କ ସ୍ତ୍ରୀ ଲତିକା କର୍ତ୍ତା ହୋଇଥିବାବେଳେ ରଜତ ରଥ ପୂଜା କାର୍ଯ୍ୟ ତୁଲାଇଥିଲେ। ପୂଜା ଅବସରରେ ଗ୍ରାମର ବାଳିକା, ବାଳକ, ଯୁବତୀ, ଯୁବକଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ, ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ, ଅଜେକ କୁମାର ପ୍ରଧାନ, ସରପଞ୍ଚ ବୈଜନ୍ତି ନାଏକ, ସମିତି ମେମ୍ବର ସବିତା ପାତ୍ର, ପୂର୍ବତନ ସରପଞ୍ଚ ମହାବୀର ପ୍ରସାଦ ଖଣ୍ଡେଲଆଲ, ପୂର୍ବତନ ସରପଞ୍ଚ ଦିଲ୍ଲୀପ କୁମାର ଛତ୍ରିଆ, ହିରେନ୍ କୁମାର୍ ପାତ୍ର, ଜେନାମଣି ନାଏକ, ନିତ୍ୟାନନ୍ଦ ନାଏକ ସମ୍ମାନୀତ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଏହାପରେ ଝାରସୁଗୁଡ଼ା ମୟୂରଡିମା ଗ୍ରାମର ମା' ଇଷ୍ଟଦେବୀ ମେଲୋଡି ଦ୍ୱାରା ସଙ୍ଗୀତ ଓ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସୋମବାର ଗ୍ରାମବାସୀ ଶୋଭାଯାତ୍ରାରେ ଯାଇ ମା' ଗଜଲକ୍ଷ୍ମୀଙ୍କ ପ୍ରତିମା ବିସର୍ଜନ କରିଥିଲେ। ପୂଜା କମିଟି କର୍ମକର୍ତ୍ତା ଯଶ୍ୱିନ କାଲୋ, କୁମାର ନାଏକ, ନିତ୍ୟାନନ୍ଦ ନାଏକ, ଖଗେଶ୍ୱର ନାଏକ, ବଷ୍ଟି ନାଏକ, ଜେନାମଣି ନାଏକ, ଚୈତନ୍ୟ ପଟେଲ, ମୀନକେତନ କାଲୋ, କପିଲ୍ ନାଏକ, ଚୁଡ଼ାମଣି ନାଏକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ସ୍ୱର୍ଗତ ଛବିଳ ନାଏକ, ଟଙ୍କଧର ନାଏକ, ବିନୟ ନାଏକ, ସର୍ବେଶ୍ୱର କାଲୋ, ରାଜ କୁମାର ପଟେଲ, ପ୍ରଦୀପ ପଟେଲଙ୍କ ପ୍ରଚେଷ୍ଟା ଓ ଗ୍ରାମବାସୀଙ୍କ ସହଯୋଗରେ ୧୯୮୮ରୁ ଆରମ୍ଭ ହୋଇଥିବା ଏହି ପୂଜା ପ୍ରତିବର୍ଷ ପାଳିତ ହେଉଛି।

## ଓଡ଼ିଆ ଏଲିମେଣ୍ଟାରୀ ଶିକ୍ଷକ ସଂଘ ବୈଠକ

ବଡ଼ଗାଁ,୩୦।୧୦( ଅଶୋକ ଷଡ଼ଙ୍ଗୀ)

ଓଡିଶା ଏଲିମେଣ୍ଟାରୀ ଶିକ୍ଷକ ସଂଘ ବୈଠକ ସୁନ୍ଦରଗଡ଼ ଜିଲା ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷକ ନେତା ଭୋଜରାଜ୍ ମହାକୁଡଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯକ୍ରମରେ ସଂଘର ପୂର୍ବତନ ରାଜ୍ୟ ସଭାପତି ରଘୁବିର ପାଣ୍ଡେ, ରାଜ୍ୟ ସଭାପତି ଧନଞ୍ଜୟ ନାଏକ, ଶିକ୍ଷକ ନେତା ଅବନି ବରାଳ, ଶିକ୍ଷକ ନେତା ମିତ୍ରଭାନୁ ସିଂହ, ପର୍ଶୁରାମ ବାରିକ୍, ଉଜାଗର ମା, ଛବିଳ କୁମାର ନାଏକ ପ୍ରମୁଖ ଯୋଗଦେଇଥିଲେ। ସଂଘର ପୂର୍ବତନ ରାଜ୍ୟ ସଭାପତି ପାଣ୍ଡେ କହିଥିଲେ ଏଲିମେଣ୍ଟାରୀ ସଂଘ ମାଧ୍ୟମରେ ନଖିଳ ଓଡ଼ିଶା ଶିକ୍ଷକ ମହାସଂଘ ସହିତ ସାମିଲ ହୋଇ ଶିକ୍ଷକଙ୍କ ଓ ଶିକ୍ଷା ସମସ୍ୟାର ସମାଧାନ ପାଇଁ ଶିକ୍ଷକ ନେତା ବରାଳଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସଂଗ୍ରାମ କରିବାକୁ ପରାମର୍ଶ ଦେଇଥିଲେ। ସଂଘ ସଭାପତି ନାଏକ, ସମସ୍ତ ବର୍ଗର ଏଲିମେଣ୍ଟାରୀ ଶିକ୍ଷୟିତ୍ରୀ ଶିକ୍ଷକମାନେ ସଂଘ ସହିତ ସାମିଲ ହୋଇ ଶିକ୍ଷକମାନଙ୍କ ଓ ଶିକ୍ଷା ସମସ୍ୟାର ସମାଧାନ ପାଇଁ ଶିକ୍ଷକ ନେତା ବରାଳଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସଂଗ୍ରାମ କରିବାକୁ ପରାମର୍ଶ ଦେଇଥିଲେ। ସମସ୍ତ ବର୍ଗର ଏଲିମେଣ୍ଟାରୀ ଶିକ୍ଷୟିତ୍ରୀ ଶିକ୍ଷକମାନେ ସଂଘ ସହିତ ସାମିଲ ହୋଇ ନିଖିଳ ଓଡ଼ିଶା ଶିକ୍ଷକ ମହାସଂଘର ପତାକା ତଳେ ଏଲିମେଣ୍ଟାରୀ ଠାରୁ ୟୁନିଭରସିଟି ପର୍ଯ୍ୟନ୍ତ ସମସ୍ତ କର୍ମଚାରୀ ଏକାଠି ହେବାକୁ ଆହ୍ୱାନ ଦେଇଥିଲେ। ଓଇଟିଏ ମାଧ୍ୟମରେ ସଂଗ୍ରାମ ଜାରି ରଖି ସମସ୍ୟାର ସମାଧାନ କରିବାକୁ କହିଥିଲେ। ବୈଠକରେ ଉପସ୍ଥିତ ସମସ୍ତ କର୍ମକର୍ତ୍ତା ଓ ଶିକ୍ଷକ ନେତା, ଶିକ୍ଷକମାନେ ଏକାଠି ହୋଇ ସଂଗ୍ରାମ କରିବାକୁ ମତ ରଖିଥିଲେ।

## ୫୨ ଅଭିଯୋଗର ତତ୍କ୍ଷଣାତ ସମାଧାନ



ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମରେ ଉପସ୍ଥିତ ଆରକ୍ଷୀ ଅଧୀକ୍ଷକ ଓ ଅନ୍ୟମାନେ।

ସୁନ୍ଦରଗଡ଼,୩୦।୧୦(ଜୟ ନାରାୟଣ ମେଣ୍ଟୁଲି)

ବାଲିଶଙ୍କରା ବ୍ଲକ ପରିସରରେ ସୋମବାର ଯୁଗ୍ମ ଜନ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର ଏବଂ ଅତିରିକ୍ତ ଜିଲାପାଳ ରବି ନାରାୟଣ ସାହୁ ଯୋଗଦେଇ ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ଏହି ଜନ ଅଭିଯୋଗ ଶୁଣାଣିରେ ମୋଟ୍ ୧୨୦ ଅଭିଯୋଗର ଶୁଣାଣୀ ଆସିଥିବାବେଳେ ସେଥିମଧ୍ୟରୁ ୮୪ ବ୍ୟକ୍ତିଗତ ଏବଂ ୩୬ ସାମୂହିକ ଅଭିଯୋଗ ରହିଥିଲା। ଏହି ଅଭିଯୋଗ ଗୁଡ଼ିକ ମଧ୍ୟରେ ୫୨ ଅଭିଯୋଗର ତତ୍କ୍ଷଣାତ ସମାଧାନ ହୋଇଥିଲା। ଏହି ସବୁ ଅଭିଯୋଗ ଗୁଡ଼ିକ ମଧ୍ୟରେ ମୁଖ୍ୟତଃ ସ୍ୱାସ୍ଥ୍ୟ ସମସ୍ୟା, ଭତ୍ତା, ରାସନ୍ କାର୍ଡ, ରାସ୍ତା ଘାଟ ମରାମତି, ପାନୀୟ ଜଳ ସମସ୍ୟା ଆଦି ରହିଥିଲା। ଏହି ଅଭିଯୋଗ ଗୁଡ଼ିକ ମଧ୍ୟରୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ଏବଂ ରେଡକ୍ରସରୁ ଆର୍ଥିକ ସହାୟତା ନିମନ୍ତେ ଜଣେ ଲେଖାଏଁ ଆବେଦନ କରିଥିଲେ। ଏହି ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ମନୋଜ ମହାଜନ, ସଦର ଉପଜିଲାପାଳ ଦାଶରଥି ସରାବୁ, ବ୍ଲକ ଅଧକ୍ଷା କୁଞ୍ଜଲତା ଭିତ୍ରିଆ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ରାଜପଥରେ ବଢ଼ୁଛି ବେଆଇନ ପାର୍କିଂ

କୁଆଁରମୁଣ୍ଡା,୩୦।୧୦(ମହେନ୍ଦ୍ର କୁମାର ସାହୁ)

ଦେବବ୍ୟାସ- କୁଆଁରମୁଣ୍ଡାର ୧୪୩ ନମ୍ବର ଜାତୀୟ ରାଜପଥରେ ବେଆଇନ ଭାରିଯାନ ପାର୍କିଂ ବୃଦ୍ଧି ପାଉଛି। ଫଳରେ ଅନ୍ୟ ଗାଡି ଗୁଡିକ ଯାତାୟତରେ ସମସ୍ୟା ସୃଷ୍ଟି ହେଉଛି। ଶତାଧିକ ଗାଡି ପାର୍କିଂ ଯୋଗୁ ଜମୁନାନକି ବୁଲାଣି ନିକଟରେ ଦୁର୍ଘଟଣା ଘଟି ଧନ ଜୀବନ କ୍ଷୟକ୍ଷତି ହେଉଛି। ଏ ନେଇ ସ୍ଥାନୀୟ ଅଞ୍ଚଳରେ ଜନ ଅସନ୍ତୋଷ ପ୍ରକାଶ

### ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି

ପାଇଛି। ତେବେ ପରିବହନ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି। ଏ ସମ୍ପର୍କରେ ରାଉରକେଲା ଆଞ୍ଚଳିକ ପରିବହନ ଅଧିକାରୀ ବି.ଜୟସିଂ ରାୟଙ୍କୁ ମୋବାଇଲ ନମ୍ବର ୯୪୩୭୯୪୦୦୧୧ରେ ଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇନାହିଁ।



୧୪୩ ନମ୍ବର ଜାତୀୟ ରାଜପଥର କୁଆଁରମୁଣ୍ଡା ଯମୁନାନକିଠାରେ ଭାରିଯାନଗୁଡ଼ିକର ବେଆଇନ ପାର୍କିଂ।

## ୧୦ ଘଣ୍ଟା ପରେ ପ୍ରତ୍ୟାହୃତ ହେଲା ରେଳରୋକୋ

ବିଶ୍ରା/ରାଉରକେଲା, ୩୦।୧୦
(ବଟକୃଷ୍ଣ ସ୍ୱାଇଁ/ ସଙ୍ଗୀତା ଜେନା)

ଦକ୍ଷିଣପୂର୍ବ ରେଳପଥ ଅନ୍ତର୍ଗତ ଚକ୍ରଧରପୁର ରେଳମଣ୍ଡଳ ବିଶ୍ରା ରେଳ ଷ୍ଟେସନରେ ବହୁ ଦୂରଯାତ୍ରୀ ଟ୍ରେନ ଗୁଡ଼ିକ ରହଣୀ କରୁଥିଲା। କରୋନା ଯୋଗୁ ଟ୍ରେନ ରହଣୀ ବାତିଲ କରାଗଲା। ହେଲେ ସ୍ଥିତି ସ୍ୱାଭାବିକ ହେବା ପରେ ମଧ୍ୟ ଉକ୍ତ ଷ୍ଟେଶନରେ କୌଣସି ଟ୍ରେନ ରହୁ ନାହିଁ। ଫଳରେ ସ୍ଥାନୀୟ ଲୋକେ ଅସୁବିଧା ଭୋଗୁଛନ୍ତି। ପୂର୍ବ ପରି ଏଠାରେ ଟ୍ରେନ ରହିବା ପାଇଁ ଅଞ୍ଚଳବାସୀ ଦାବି କରୁଥିଲେ ହେଁ କୌଣସି ସୁଫଳ ମିଳୁ ନ ଥିଲା। ତେଣୁ ବାଧ୍ୟ ହୋଇ ସୋମବାର ସକାଳେ ଗ୍ରାମବାସୀ ଷ୍ଟେଶନରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ରେଳ ଚଳାଚଳ ପ୍ରଭାବିତ ହୋଇପଡ଼ିବାରୁ ରାଉରକେଲା, ରାଜଗାଙ୍ଗପୁର, କଲୁଙ୍ଗା ସମେତ ବିଭିନ୍ନ ଷ୍ଟେଶନରେ ଯାତ୍ରୀ ହନ୍ତସନ୍ତ ହୋଇଥିଲେ। କିଛି ଟ୍ରେନକୁ ସମୟ ପୂର୍ବରୁ ବାତିଲ କରାଯାଇଥିବା ବେଳେ କେତେକ ଟ୍ରେନର ରୁଟ ପରିବର୍ତ୍ତନ କରାଯାଇଥିଲା। ରେଳ ଷ୍ଟେସନ୍‌ରେ ବିରମିତ୍ରପୁର ପୂର୍ବତନ



ବିଶ୍ରା ରେଳଷ୍ଟେଶନରେ ବିକ୍ଷୋଭକାରୀମାନେ ରେଳରୋକୋ କରୁଛନ୍ତି।

ବିଧାୟକ ଜର୍ଜ ତିର୍କୀ, ଆବାହକ ପ୍ରଦୀପ ରାଉତରାୟ, ସିଟୁ ସର୍ବଭରତୀୟ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତି, ଶ୍ରମିକ ନେତା ସୁରେନ୍ଦ୍ର ଦାସ, ବିଜେଡି ସଭାପତି ହାଲୁ ମୁଣ୍ଡାରୀ, ବିରମିତ୍ରପୁର ବିଧାୟକ ଶଙ୍କର ଓରାମ, ବାବୁ ଖାନ୍, ସାମାଜିକକର୍ମୀ

### ଯାତ୍ରୀ ହନ୍ତସନ୍ତ

ତାରିକ ଅନସାରୀ ସମେତ ହଜାର ହଜାର ଗ୍ରାମବାସୀ ଏହି ବିକ୍ଷୋଭରେ ଅଂଶ ଗ୍ରହଣ କରିଥିଲେ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ବିକ୍ଷୋଭକାରୀ ଆନ୍ଦୋଳନରୁ ଓହରିବେ ନାହିଁ ବୋଲି ଅଡ଼ି ବସିଥିଲେ। ଅପରାହ୍ଣରେ ଚକ୍ରଧରପୁର ଏସିଏମ୍ ବିନିତ୍ କୁମାର, ଏଆର୍‌ଏମ୍ ରାଜିକଶୋର ମହାନ୍ତି ଘଟଣା ସ୍ଥଳରେ ପହଞ୍ଚି ସମସ୍ତ ପ୍ରକାର ବ୍ୟବସ୍ଥା କରାଯିବ ବୋଲି କହଥିଲେ। ପୂର୍ବରୁ ରହୁଥିବା ଟିଟିଲାଗଡ଼ ହାୱାଡା ସମଲେଶ୍ୱରୀ ଟ୍ରେନ୍, ପୁରୀ-ହରିଦ୍ୱାର କଳିଙ୍ଗ ଉତ୍କଳ ଟ୍ରେନ୍, ଟାଟା -ଏଲେପି ଟ୍ରେନ ବ୍ୟତୀତ ବାଦାମ ପାହାଡ଼ ରାଉରକେଲା ପାସେଞ୍ଜର ଟ୍ରେନ୍, ଟାଟା -ଏତୁଆରୀ ଟ୍ରେନ , ଇସ୍ପାତ ଟ୍ରେନ ଷ୍ଟେଶନରେ ଅପ୍ ଓ ଡାଉନ୍‌ରେ ରହଣି କରିବ। ଅନୁରୂପ ଭାବେ ପୂର୍ବରୁ ରହୁଥିବା ଟ୍ରେନ ଗୁଡ଼ିକ ସମ୍ପର୍କରେ ୧୫ ଦିନ ମଧ୍ୟରେ ଉଚ୍ଚ ଅଧିକାରୀଙ୍କ ସହ ଆଲୋଚନା କରିବା ପାଇଁ ଲିଖିତ ପ୍ରତିଶ୍ରୁତି ପରେ ୧୦ ଘଣ୍ଟା ପରେ ରେଳ ରୋକୋ ପ୍ରତ୍ୟାହାର ହୋଇଥିଲା।

## ଆଜି କ'ଣ କେଉଁଠି

**ସମ୍ବଲପୁର**

- ମୁଖ୍ୟଡାକ ଘର ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ କାର୍ଯ୍ୟକ୍ରମ, ସମ୍ବଲପୁର ପୋଷ୍ଟମାଷ୍ଟର ଜେନେରାଲ କାର୍ଯ୍ୟାଳୟ, ସକାଳ ୬ଟା ୪୫।
- ଜିଲାସ୍ତରୀୟ ଫୁଟବଲ ପ୍ରତିଯୋଗିତା, ରେଲୱେ ଷ୍ଟାଡିୟମ, ଅପରାହ୍ନ ୨ଟା ୩୦।
- ରାଜ୍ୟସ୍ତରୀୟ ସ୍କୁଲ ସମୂହ ସନ୍ତରଣ ପ୍ରତିଯୋଗିତା , ଡା.ଝସକେତନ ସାହୁ ସନ୍ତରଣାଗାର, ଅପରାହ୍ନ ୪ଟା।

## ମୋବାଇଲ ଦୋକାନରୁ ଚୋରି

**ରେଢାଖୋଲ, ୩୦।୧୦(ଅଚ୍ୟୁତାନନ୍ଦ ପୁରୋହିତ):** ସମ୍ବଲପୁର ଜିଲା ରେଢାଖୋଲ ବସଷ୍ଟାଣ୍ଡ ନିକଟ ଖୁସି ମୋବାଇଲ ଦୋକାନରୁ ରବିବାର ରାତିରେ ଦୋକାନର ଆଜବେଷ୍ଟସ ଭାଙ୍ଗି କେହି ଦୁର୍ବୃତ୍ତ ପ୍ରାୟ ୨୫ଟି ମୋବାଇଲ ଚୋରିକରି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ଜଣାପଡିଛି। ଦୋକାନ ମାଲିକ ସୌମେନ୍ଦ୍ର ପଣ୍ଡା ଅଭିଯୋଗ କରିବା ପରେ ପୋଲିସ ଏସ୍ଆଇ ସଞ୍ଜୟ କୁଲୁ ଘଟଣାସ୍ଥଳକୁ ଆସି ତଦନ୍ତ କରିଛନ୍ତି। ସୂଚନାଯୋଗ୍ୟ ଯେ, ସହରରେ ଗତ କିଛି ମାସ ଧରି ବିଭିନ୍ନ ଦୋକାନରୁ ନିୟମିତ ବ୍ୟବଧାନରେ ଚୋରି ହେଉଥିବାବେଳେ ପୋଲିସ କେବଳ ତଦନ୍ତ ନାଁରେ ଜଣେ ମଧ୍ୟ ଚୋର ଧରିବାରେ ସକ୍ଷମ ହୋଇପାରିନାହିଁ।

## 'ଆମ ଓଡ଼ିଶା ନବୀନ ଓଡ଼ିଶା' ଶୁଭାରମ୍ଭରେ ସାମିଲ ହେବେ ନାହିଁ ସରପଞ୍ଚ ସଂଘ

**ସମ୍ବଲପୁର,୩୦।୧୦(ବି.ଶଙ୍କର):** ସମ୍ପ୍ରତି ସରପଞ୍ଚମାନଙ୍କ ଆନ୍ଦୋଳନ ଶେଷ ହୋଇନାହିଁ । ରାଜ୍ୟ ସରକାରଙ୍କ ଭରସାରେ କେବଳ ସ୍ଥଗିତ ରହିଛି । ୧ ମାସ ମଧ୍ୟରେ ସରକାର ୧୫ ଦଫା ଦାବି ପୂରଣ ନେଇ ଘୋଷଣା କରିବାକୁ ରାଜ୍ୟ ସରପଞ୍ଚ ସଂଘ ଦାବି କରିଛି । ଏବେ ସଂଘ ଓ ସରକାରଙ୍କ ମଧ୍ୟରେ ହୋଇଥିବା ଆଲୋଚନାର ମାସେ ପୁରିବାକୁ ବସିଲାଣି। କିନ୍ତୁ ଏଦିଗରେ ସରକାର କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି। ଅଥଚ ଆମ ଓଡିଶା ନବୀନ ଓଡିଶା ଯୋଜନାର ଶୁଭାରମ୍ଭ କରିଛନ୍ତି । ଏହି ପରିପ୍ରେକ୍ଷୀରେ ସମ୍ବଲପୁର ଜିଲାରେ ଆସନ୍ତା ନଭେମ୍ବର ୪ ତାରିଖ ୧୨ଟାରେ ଆମ ଓଡିଶା ନବୀନ ଓଡିଶା ଯୋଜନାର ଶୁଭାରମ୍ଭ ପାଇଁ ସରକାର ଧାର୍ଯ୍ୟ କରିଛନ୍ତି। ଏଥିରେ ସମ୍ବଲପୁର ଜିଲା ସରପଞ୍ଚ ସଂଘ ସାମିଲ ହେବ ନାହିଁ ବୋଲି ସ୍ପଷ୍ଟ ହୋଇଛି। କେଉଁ ସମସ୍ତ ତ୍ରିସ୍ତରୀୟ ପଞ୍ଚାୟତ ପ୍ରତିନିଧି ଭାଗ ନେବେ ତାର ଏକ ତାଲିକା ପ୍ରସ୍ତୁତ କରିଛନ୍ତି। ଏଥିରେ ଅନ୍ୟ ତ୍ରିସ୍ତରୀୟ ପଞ୍ଚାୟତ ପ୍ରତିନିଧିମାନଙ୍କ ସହ ଜିଲାର ମୋଟ ୫ ଜଣ ସରପଞ୍ଚଙ୍କୁ ଅଂଶ ଗ୍ରହଣ କରିବାକୁ କୁହାଯାଇଛି । ତେବେ ୧୫ ଦାବି ମଧ୍ୟରେ ଆମ ଓଡିଶା ନବୀନ ଓଡିଶା ଯୋଜନାର ସଂଶୋଧନ ଏକ ମୁଖ୍ୟ ଦାବି ଅଟେ। ସରପଞ୍ଚମାନଙ୍କ ଦାବି ସମ୍ପର୍କରେ ସରକାର ବିଚାର ନ କଲା ଯାଏ ସଂଘର ନିଦ୍ଧାରିତ ନିଷ୍ପତ୍ତି ଅନୁଯାୟୀ ସରପଞ୍ଚ ସମୂହ କୌଣସି ସରକାରୀ କାର୍ଯ୍ୟକ୍ରମରେ ଭାଗ ନେବେ ନାହିଁ । ଏପରିକି ଜିଲା ସରପଞ୍ଚ ସଂଘ ସଭାପତି ଓ ଅନ୍ୟ ସରପଞ୍ଚମାନେ ମଧ୍ୟ ଏଥିରୁ ନିବୃତ୍ତ ରହିବେ ବୋଲି ଜିଲା ସଂଘ ଉପଦେଷ୍ଟା ଡା.ରାଜାରାମ ଷଡଙ୍ଗୀ ସ୍ପଷ୍ଟ କରିଦେଇଛନ୍ତି।

# ଡେବ୍ରୀଗଡ଼ରେ ବଢୁଛି ପର୍ଯ୍ୟଟକଙ୍କ ସଂଖ୍ୟା

**ସମ୍ବଲପୁର, ୩୦।୧୦ (ଭବାନୀଶଙ୍କର ଭୋଇ)**



ଡେବ୍ରୀଗଡ ଅଭୟାରଣ୍ୟରେ ସଫାରି ଗାଡିରେ ପର୍ଯ୍ୟଟକ।


ହୀରାକୁଦ ବନ୍ଧ ଭିତରେ ପର୍ଯ୍ୟଟକ।

ଡେବ୍ରୀଗଡ଼ ଅଭୟାରଣ୍ୟକୁ ପର୍ଯ୍ୟଟକମାନଙ୍କୁ ଆକଷିତ କରିବା ଯୋଜନା ସଫଳ ହେବାକୁ ଲାଗିଛି। ଚଳିତବର୍ଷ ଅକ୍ଟୋବର ସୁଦ୍ଧା ୩୦ ହଜାର ପର୍ଯ୍ୟଟକ ଡେବ୍ରୀଗଡକୁ ପହଞ୍ଚିସାରିଛନ୍ତି। ସେମାନଙ୍କ ଜରିଆରେ ଅଢେଇ କୋଟି ଟଙ୍କା ରାଜସ୍ୱ ଆଦାୟ କରାଯାଇଥିବା ହୀରାକୁଦ ବନ୍ୟପ୍ରାଣୀ ଡିଏଫ୍ଓ ଅଂଶୁପ୍ରଜ୍ଞା ଦାସ ସୂଚନା ଦେଇଛନ୍ତି। ଡେବ୍ରୀଗଡ଼ ଅଭୟାରଣ୍ୟକୁ ଅଧିକ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ପାଇଁ ଗତବର୍ଷ ଭିନ୍ନଭିନ୍ନ ପ୍ରକଳ୍ପ ଆରମ୍ଭ କରାଯାଇଥିଲା। ପର୍ଯ୍ୟଟକମାନେ ପାଖରୁ ବନ୍ୟପ୍ରାଣୀ ଦେଖିବା ଏବଂ ପ୍ରକୃତିକୁ ଉପଭୋଗ କରିବାର ସୁଯୋଗ ଦେବା ପାଇଁ ବ୍ୟବସ୍ଥା କରାଯାଇଛି। ହୀରାକୁଦ ନଦୀବନ୍ଧ ମଧ୍ୟରେ ଥିବା ବେଟ୍ ଦ୍ୱିପ, ଗୋରୁ ଦ୍ୱୀପ ଏବଂ ସୂର୍ଯ୍ୟାସ୍ତ ଦ୍ୱୀପରେ ବୁଲିବା ପାଇଁ ଖୋଲା ସଫାରି ଜିପ୍ ,ସାଇକ୍ଲିଙ୍ଗ ଆଦିର ବ୍ୟବସ୍ଥା କରାଯାଇଥିଲା। ଏହା ଦ୍ୱାରା ପର୍ଯ୍ୟଟକ ଆକର୍ଷିତ ହେବା ସହ ସ୍ଥାନୀୟ ଲୋକଙ୍କୁ ମଧ୍ୟ ରୋଜଗାର ମିଳିପାରିଥିବା ବନ୍ୟପ୍ରାଣୀ ଡିଏଫ୍ଓ କହିଛନ୍ତି। ଡେବ୍ରୀଗଡ଼ ଅଭୟାରଣ୍ୟରେ ଏବେ ୫୫ ଜଣ ସ୍ଥାନୀୟ ଲୋକ ବିଭିନ୍ନ କାମରେ ନିୟୋଜିତ ହୋଇଛନ୍ତି। ଚଳିତବର୍ଷ ପର୍ଯ୍ୟଟକମାନଙ୍କ ପାଇଁ ଆହୁରି ନୂତନ ପ୍ୟାକେଜ୍ ଆରମ୍ଭ କରାଯାଇଛି। ହୀରାକୁଦ ହ୍ରଦରେ ଗୋବିନ୍ଦପୁର ପକ୍ଷୀ ଗ୍ରାମକୁ ଯାତ୍ରା, ସଫାରିରେ ବାରବଖରୀ ଏବଂ ଜଳପ୍ରପାତକୁ ଯିବାର ବ୍ୟବସ୍ଥା, ଜିରୋପଏଣ୍ଟରେ ପର୍ଯ୍ୟଟକଙ୍କ ପାଇଁ ରେଷ୍ଟୁରାଣ୍ଟ, ସମ୍ବଲପୁର ପ୍ରାଣୀ ଉଦ୍ୟାନ ପରିଦର୍ଶନ ଆଦି ସୁବିଧା କରାଯାଇଥିବା ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଡେବ୍ରୀଗଡ ଇକୋଟୋରିଜିମ୍‌ରୁ ହେଉଥିବା ଆୟର ଶତ ପ୍ରତିଶତ ଅଞ୍ଚଳର ବିକାଶ ପାଇଁ ଖର୍ଚ୍ଚ କରାଯାଉଛି। ସ୍ଥାନୀୟ ଲୋକଙ୍କ ଦ୍ୱାରା ରକ୍ଷଣାବେକ୍ଷଣ ଆଦି କାର୍ଯ୍ୟ କରାଯାଉଛି। ଏହା ସହ ଗାଁ ଗୁଡିକର ବିକାଶ ଆଦିରେ ଅର୍ଥକୁ ଖର୍ଚ୍ଚ କରାଯାଉଥିବା ବନ୍ୟପ୍ରାଣୀ ବିଭାଗ ପକ୍ଷରୁ କୁହାଯାଇଛି। ଡେବ୍ରୀଗଡ ବିଷୟରେ ପର୍ଯ୍ୟଟକଙ୍କ ପାଇଁ ଏକ ସୂଚନା ପୁସ୍ତକ ଜିରୋପଏଣ୍ଟରେ ଉପଲବ୍ଧ କରାଯାଇଛି। ଡେବ୍ରୀଗଡକୁ ଆସୁଥିବା ୫୦ ପ୍ରତିଶତ ପର୍ଯ୍ୟଟକ ଓଡ଼ିଶା ରାଜ୍ୟର ହୋଇଥିବା ବେଳେ ଅବଶିଷ୍ଟ ଭାରତର ବିଭିନ୍ନ ରାଜ୍ୟରୁ ଆସୁଛନ୍ତି। ତା'ସହ ବହୁ ସଂଖ୍ୟାରେ ୟୁରୋପ, ଆମେରିକା ଆଦି ଦେଶରୁ ବିଦେଶୀ ପର୍ଯ୍ୟଟକ ମଧ୍ୟ ଆସିଥିବା ଜଣାପଡିଛି। ପର୍ଯ୍ୟଟକଙ୍କ ପାଇଁ ଅନଲାଇନ୍ ବୁକିଂର ବ୍ୟବସ୍ଥା କରାଯାଇଛି। ସଫାରି ଏବଂ ବୋଟିଂ ସମୟ ସକାଳ ୬ ଟାରୁ ସନ୍ଧ୍ୟା ୬ ଟା ପର୍ଯ୍ୟନ୍ତ ବନ୍ୟଜନ୍ତୁ କର୍ମଚାରୀଙ୍କ ସହଯୋଗରେ ସ୍ଥାନୀୟ ଲୋକଙ୍କ ଦ୍ୱାରା ପରିଚାଳିତ ହେଉଛି। ଅକ୍ଟୋବରରୁ ଫେବୃଆରୀ ପର୍ଯ୍ୟନ୍ତ ପର୍ଯ୍ୟଟନ ଋତୁ ରହିଥିବାରୁ ଆଗକୁ ଆହୁରି ପର୍ଯ୍ୟଟକ ଡେବ୍ରୀଗଡ଼ ପହଞ୍ଚି ପ୍ରକୃତିର ଉପଭୋଗ କରିବେ ବୋଲି ବନ୍ୟପ୍ରାଣୀ ବିଭାଗ ଆଶା ରଖିଛି।

## ଚିତ୍ରଗୁପ୍ତ ପୂଜା ପାଇଁ ପ୍ରସ୍ତୁତି ବୈଠକ

**ସମ୍ବଲପୁର,୩୦।୧୦ (ଭବାନୀଶଙ୍କର ଭୋଇ):** ସ୍ଥାନୀୟ ଚିତ୍ରଗୁପ୍ତ କଲ୍ୟାଣ ମଣ୍ଡପଠାରେ ରତ୍ନଭୂଷଣ ପୃଷେଠଙ୍କ ଅଧ୍ୟକ୍ଷତାରେ ଚିତ୍ରଗୁପ୍ତ ପୂଜା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆସନ୍ତା ନଭେମ୍ବର ୧୫ ସକାଳ ୯ଟାରେ କଳସ ଶୋଭାଯାତ୍ରା ଏବଂ ୧୭ରେ କଳସ ବିସର୍ଜନ କରାଯିବ ବୋଲି ସମ୍ପାଦକ ଅଖିଳ ପଟ୍ଟନାୟକ ସୂଚନା ଦେଇଛନ୍ତି। ବୈଠକରେ ପରଲୋକ ହୋଇଥିବା କରଣ ସମାଜର ବରିଷ୍ଠ କର୍ମକର୍ତ୍ତା ସୁରେନ୍ଦ୍ର ବହିଦାର, କିରଣ ପଟ୍ଟନାୟକ, ନିଲିମା ସାହାଣୀ, କନକ ପଟ୍ଟନାୟକ, ଭୂପେଶ ଭୂଷଣ ସାହାଣୀ, ଲକ୍ଷ୍ମଣ ପଟ୍ଟନାୟକ ଏବଂ ଯୁଗଳ କିଶୋର ପଟ୍ଟନାୟକଙ୍କ ଅମରଆତ୍ମାର ସଦଗତି ପାଇଁ ପ୍ରାର୍ଥନା କରାଯାଇଥିଲା। ବୈଠକରେ କରଣ ସମାଜର ଏକତା ପାଇଁ ଆଲୋଚନା କରାଯାଇଥିଲା। ବୈଠକରେ ଶାନ୍ତନୁ ପଟ୍ଟନାୟକ, ପରେଶ ଦାନୀ, ସୁକାନ୍ତ ବହିଦାର, ଦଗଦିଶ ବହିଦାର, ଶିବଶଙ୍କର ଦାନୀ ପ୍ରମୁଖ ସାମିଲ ହୋଇଥିଲେ।

# ବିଦ୍ୟାଳୟ ସମୂହ ସନ୍ତରଣ ପ୍ରତିଯୋଗିତା ଉଦ୍‌ଘାଟିତ


ସମ୍ବଲପୁରସ୍ଥିତ ଡ଼ା. ଝସକେତନ ସାହୁ ସନ୍ତରଣାଗାରରେ ସନ୍ତରଣ ପ୍ରତିଯୋଗିତାକୁ ଅତିଥିମାନେ ଶୁଭରାମ୍ଭ କରୁଛନ୍ତି।



ସମ୍ବଲପୁରସ୍ଥିତ ଡ଼ା ଝସକେତନ ସାହୁ ସନ୍ତରଣାଗାରରେ ରାଜ୍ୟ ବିଦ୍ୟାଳୟ ସମୂହ ସନ୍ତରଣ ପ୍ରତିଯୋଗିତାର ବ୍ରେକ ଷ୍ଟୋକ ଇଭେଣ୍ଟ ।

**ସମ୍ବଲପୁର, ୩୦।୧୦(ବି.ଶଙ୍କର)**

ରାଜ୍ୟ ବିଦ୍ୟାଳୟ ସମୂହ ସନ୍ତରଣ ପ୍ରତିଯୋଗିତା ସୋମବାର ସମ୍ବଲପୁରସ୍ଥିତ ଡା. ଝସକେତନ ସାହୁ ସନ୍ତରଣାଗାରରେ ଉଦ୍‌ଘାଟିତ ହୋଇଯାଇଛି। ଏହି ରାଜ୍ୟସ୍ତରୀୟ ଦୁଇ ଦିନିଆ ପ୍ରତିଯୋଗିତାରେ ଦଶଟି ଜିଲାରୁ ୯୭ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଏହାକୁ ପରିଚାଳନା କରିବା ପାଇଁ ୨୮ ଜଣ ଅଫିସିଆଲ, ୧୬ ଜଣ କୋଚ ଏବଂ ମ୍ୟାନେଜର ଯୋଗ ଦେଇଛନ୍ତି। ପ୍ରଥମ ଦିନରେ ୧୪ ବର୍ଷରୁ କମ୍ ବାଳିକା ଓ ବାଳକ ଏବଂ ୧୭ ବର୍ଷରୁ କମ ବାଳିକା ଓ ବାଳକ ବର୍ଗର ୫୦ ମିଟର ଫ୍ରି ଷ୍ଟାଇଲ ଓ ବ୍ରେଷ୍ଟ ଷ୍ଟ୍ରୋକ, ୨୦୦ ମିଟର ଫ୍ରି ଷ୍ଟାଇଲ, ୧୦୦ ମିଟର ଫ୍ରି ଷ୍ଟାଇଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଦୁଇଦିନରେ ମୋଟ ୫୮ଟି ଇଭେଣ୍ଟରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସମ୍ବଲପୁର ଜିଲା ଶିକ୍ଷା ଅଧିକାରୀ ମୀନାରାଣୀ ମଙ୍ଗଳ ମୁଖ୍ୟ ଅତିଥି, ଶାରୀରିକ ଶିକ୍ଷା ସହକାରୀ ନିର୍ଦ୍ଦେଶକ କୈଳାସ ଚନ୍ଦ୍ର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି କ୍ରୀଡା ପତାକା ଉତ୍ତୋଳନ ଓ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲର ଛାତ୍ରୀମାନେ ଉଦ୍‌ଘାଟନୀ ସଙ୍ଗୀତ ଗାନ କରିଥିଲେ। ଏହି ଅବସରରେ ଜିଲା ଶାରୀରିକ ଶିକ୍ଷା ଅଧିକାରୀ ସୁଜାତା ପଟ୍ଟନାୟକ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ପୂର୍ବତନ ଶାରୀରିକ ଶିକ୍ଷା ନିରୀକ୍ଷକ ଜଗବନ୍ଧୁ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଦୀପାଳୀ ଚୌଧୁରୀ ଓ ସିଆର୍‌ସିସି ଅସୀମ ପ୍ରଧାନ କାର୍ଯ୍ୟକ୍ରମ ପରିଚଳନା କରିଥିଲେ।

# ଝୁଝୁମୁରା ବ୍ଲକରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

**ସମ୍ବଲପୁର,୩୦।୧୦(ପ୍ରମୋଦ ବହିଦାର):** ଝୁଝୁମୁରା ବ୍ଲକରେ ସୋମବାର ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇ ଯାଇଛି। ଝୁଝୁମୁରା ବ୍ଲକ ପରିସରରେ ଜିଲାପାଳ ଅନନ୍ୟା ଦାସ, ଆରକ୍ଷୀ ଅଧୀକ୍ଷକ ମୁକେଶ ଭାମୁ, ଜିଲା ପରିଷଦ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକ, ବିଡିଓ ବିଜୟ କୁମାର ସଏ, ତହସିଲଦାର ଅଭିଷେକ ସାହୁ, ଜିଲା ପରିଷଦ ଉପାଧ୍ୟକ୍ଷ ମାଧବ ମିର୍ଦ୍ଧା, ବ୍ଲକ ଅଧ୍ୟକ୍ଷା ମମତା ନାଏକ ଯୋଗ ଦେଇଥିଲେ। ମୋଟ ୩୬ଟି ଅଭିଯୋଗର ସମାଧାନ ହୋଇଥିଲା। ଏହି ଅବସରରେ ଜଣେ ଭିନ୍ନକ୍ଷମଙ୍କୁ ହ୍ୱିଲ୍ ଚେୟାର ପ୍ରଦାନ କରାଯାଇଥିବାବେଳେ ୩ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଆର୍ଥିକ ସହାୟତା ସ୍ୱରୂପ ବ୍ୟାଙ୍କ ଋଣ ମଞ୍ଜୁରୀପତ୍ର ପ୍ରଦାନ କରାଯାଇଥିଲା।

# ଆଇଏମ୍‌ସି-୨୦୨୩ରେ ଭିସୁଟ ଛାତ୍ରଙ୍କ ଉତ୍କର୍ଷତା ପ୍ରତିପାଦନ


ଆଇଏମ୍‌ସି-୨୦୨୩ରେ ଉତ୍କର୍ଷତା ପ୍ରତିପାଦନ କରିଥିବା ଭିସୁଟ ଛାତ୍ରୀଛାତ୍ର।

**ସମ୍ବଲପୁର,୩୦।୧୦(ପ୍ରମୋଦ ବହିଦାର):** ଗତ ୨୭ରୁ ୨୯ ତାରିଖ ମଧ୍ୟରେ ନୂଆଦିଲ୍ଲୀର ପ୍ରଗତୀ ମୈଦାନସ୍ଥିତ ଭାରତ ମଣ୍ଡପମ୍‌ରେ ଇଣ୍ଡିଆ ମୋବାଇଲ୍ କଂଗ୍ରେସ୍ (ଆଇଏମ୍‌ସି-୨୦୨୩) ଆୟୋଜିତ ହୋଇଯାଇଛି। ଏଥିରେ ଭିସୁଟ୍ ଛାତ୍ରୀଛାତ୍ର ପ୍ରଯୁକ୍ତି ଓ ବୈଷୟିକ କ୍ଷେତ୍ରରେ ସଫଳ ଓ ଅଭିନବ ପ୍ରୟୋଗାତ୍ମକ ପ୍ରଦର୍ଶନ କରିଥିଲେ। ଉପସ୍ଥିତ ବିଶ୍ୱସ୍ତରୀୟ ପ୍ରଯୁକ୍ତି ବିଶେଷଜ୍ଞଙ୍କୁ ପ୍ରଭାବିତ କରିଥିଲା। ନୂଆଦିଲ୍ଲୀସ୍ଥିତ ଭାରତ ମଣ୍ଡପମ୍‌ରେ ଆୟୋଜିତ ଇଣ୍ଡିଆ ମୋବାଇଲ୍ କଂଗ୍ରେସ୍-୨୦୨୩କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ଘାଟନ କରିଥିଲେ। ଏଥିରେ କେନ୍ଦ୍ର ସୂଚନା ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହିତ ଜିଓ, ଏୟାରଟେଲ୍, ଭୋଡ଼ାଫୋନ ଭଳି ଦୂର ସଞ୍ଚାର କମ୍ପାନୀର ଶିଳ୍ପପତିମାନେ ମଧ୍ୟ ଯୋଗ ଦେଇଥିଲେ। ବିଶେଷକରି ଜେଏସ୍‌ଡବ୍ଲ୍ୟୁ ସହଭାଗିତାରେ ଭିସୁଟ୍ ଛାତ୍ରୀଛାତ୍ରଙ୍କ ପ୍ରଯୁକ୍ତି ଓ ବୈଷୟିକ ଉଦ୍ଭାବନ ଖଣି କ୍ଷେତ୍ରରେ ୫ଜି ସେବାର ଅତ୍ୟାଧୁନିକ ସମାଧାନର ସୂତ୍ର ଏଠାରେ ଉପସ୍ଥିତ ଇଲେକ୍ଟ୍ରୋନିକ୍ସ, ଦୂର ସଞ୍ଚାର, ସୂଚନା, ପ୍ରଯୁକ୍ତି ବିଶେଷଜ୍ଞ ଓ ବୃତ୍ତିଗତ ବ୍ୟକ୍ତିବିଶେଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଭିସୁଟ୍ ଇଲେକ୍ଟ୍ରୋନିକ୍ସ, ଟେଲି ଯୋଗାଯୋଗ ବିଭାଗ ମୁଖ୍ୟ ପ୍ରଫେସର ହରିଶ ସାହୁ ଓ ବଡ଼ବିଲ୍‌ସ୍ଥିତ ଜେଏସ୍‌ଡବ୍ଲ୍ୟୁର ଉପାଧ୍ୟକ୍ଷ ଅଶେଷ ପାଢ଼ୀଙ୍କ ଉଦ୍ୟମ ତଥା ଡ. ଦୀପ୍ତିମୟୀ କୋହ୍ଲାର, ଡ. ଆନନ୍ଦ କୁମାର ବେହେରା ଓ ବିରାଜ କୁମାର ଦାଶ ପ୍ରମୁଖ ଫେକଲ୍ଟି ସଦସ୍ୟଙ୍କ ଦିଗଦର୍ଶନ କ୍ରମେ ଆଇଏମ୍‌ସି-୨୦୨୩ ଭଳି ଏକ ବୃହତ୍ତ ବୈଷୟିକ ମଞ୍ଚରେ ଭିସୁଟ୍‌ର ପ୍ରତିନିଧିତ୍ୱ କରିଥିବା ଛାତ୍ରୀଛାତ୍ର ସେମାନଙ୍କ ପ୍ରଯୁକ୍ତି କ୍ଷେତ୍ରରେ ସେମାନଙ୍କ ଉତ୍କର୍ଷତା ପ୍ରତିପାଦନ କରିପାରିଥିଲେ। ଏହି ମଞ୍ଚରେ ଭିସୁଟ୍‌କୁ ପ୍ରତିନିଧିତ୍ୱ କରିଥିବା ପ୍ରତିଭାବାନ ଛାତ୍ରୀଛାତ୍ରମାନେ ହେଲେ ଶୁଭ୍ରାଂଶୁ ରଞ୍ଜନ ଦାସ, ଦେବଙ୍କର ଶୁଭରାମ, ପଲ୍ଲବୀ ପରିମିତା ନାୟକ ଓ ସାଇ ନନ୍ଦିନୀ।

# 'ଲିଟିସ୍ ମିସ୍ ଓ ମାଷ୍ଟର' ପ୍ରଥମ ଦଫା ଅଡିଶନ୍ ସମ୍ପନ୍ନ

**ସମ୍ବଲପୁର, ୩୦।୧୦(ପ୍ରମୋଦ ବହିଦାର)**

### ଉଭୟ ବାଳିକା, ବାଳକ ବର୍ଗରୁ ମୋଟ ୨୪ ପ୍ରତିଯୋଗୀଙ୍କୁ ଚୟନ


'ଲିଟିସ୍ ମିସ୍ ଓ ମାଷ୍ଟର' ପାଇଁ ପ୍ରଥମ ଦଫା ଅଡିସନ୍‌ରେ ଅଂଶଗ୍ରହଣକାରୀ।

ଆସନ୍ତା ନଭେମ୍ବର ୨୪ ଓ ୨୫ ଦୁଇଦିନ ଧରି ସମ୍ବଲପୁରଠାରେ ଅନୁଷ୍ଠିତ ହେବକୁ ଥିବା 'ଲିଟିସ୍ ମିସ୍ ଓ ମାଷ୍ଟର' ଏବଂ 'ଟିନ୍ ମିସ୍ ଓ ମାଷ୍ଟର-୨୦୨୩'ର ଦ୍ୱିତୀୟ ସଂସ୍କରଣର ପ୍ରଥମ ଦଫା ଅଡିସନ୍ ରବିବାର ସମ୍ପନ୍ନ ହୋଇଛି। ସ୍ଥାନୀୟ ଗଙ୍ଗାଧର ମଣ୍ଡପରେ ସମ୍ବଲପୁର ଜଗନ୍ନାଥ କଲୋନୀସ୍ଥିତ ସାଇ ଶିକ୍ଷା ପରିଷଦ ପକ୍ଷରୁ ଆୟୋଜିତ 'ଲିଟିସ୍ ମିସ୍ ଓ ମାଷ୍ଟର' ପାଇଁ ପ୍ରଥମ ଦଫା ଅଡିସନରେ ଅବିଭକ୍ତ ସମ୍ବଲପୁର ଜିଲାରୁ ୬ରୁ ୧୨ ବର୍ଷ ମଧ୍ୟରେ ୭୫ ରୁ ଅଧିକ ବାଳିକା ଓ ବାଳକ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରେ ରାମ୍ପ ଶୋ, ଇଣ୍ଟ୍ରୋଡକ୍ସନ୍, ଟ୍ୟାଲେଣ୍ଟ୍, କୁଇଜ୍ ଓ ଆଙ୍କରିଂ ଆଦି ୫ଟି କ୍ଷେତ୍ରରେ ପ୍ରତିଯୋଗିତା କରାଯାଇ ଉଭୟ ବର୍ଗରୁ ୧୨ଜଣ ଲେଖାଏଁ ମୋଟ ୨୪ ପ୍ରତିଯୋଗୀଙ୍କୁ ଫାଇନାଲ ପାଇଁ ଚୟନ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ସାଇ ଶିକ୍ଷା ପରିଷଦର ସଭାପତି ଭକ୍ତପ୍ରସାଦ ନନ୍ଦ ଉଦ୍‌ଘାଟନ କରିଥିଲେ। ଶିକ୍ଷାବିତ ସୁଜାତା ଲେଙ୍କା, ନୃତ୍ୟଗୁରୁ ଅସୀମ ପ୍ରଧାନ, ବିଶିଷ୍ଟ ଚିତ୍ରଶିଳ୍ପୀ ପ୍ରେମାଚନ୍ଦ ରାଉତ, ବିଶିଷ୍ଟ ଫଟୋଗ୍ରାଫର ଶିଶିର କର ଓ ବିଉଟିସିଆନ ତନୁଜା ମହାପାତ୍ର ପ୍ରମୁଖ ବିଚାରକ ଭାବେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସୀମନ୍ତିକା ଦାଶ ଏହାକୁ ସଂଯୋଜନା କରିଥିଲେ। ନିବେଦିତା ଦାଶ, ପାୟଲ ଭୋଇ, ମନୀଷା ସାହୁ, ସ୍ୱୟଂସିଦ୍ଧା ପଟ୍ଟନାୟକ, ତର୍ପଣ ପ୍ରଧାନ, ମନୋଜ ପ୍ରଧାନ, ଶରତ ନାୟକ, ଉମେଶ ମାଝୀ, ନୁପୁର ଭୋଇ, ସୋମନାଥ ଜାଲ, ସୀମା ଷଣ୍ଢ, ସ୍ୱୟଂଜିତ ପଟ୍ଟନାୟକ, ଧରଣୀଧର ନାଥଙ୍କ ସହିତ ହମ୍ପଟି ଡମ୍ପଟି ପ୍ଲେ ସ୍କୁଲ୍‌ର କର୍ମଚାରୀମାନେ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ଏଥିରେ ସାଇ ଶିକ୍ଷା ପରିଷଦର ନିର୍ଦ୍ଦେଶକ ନନ୍ଦ କିଶୋର ସାହୁ, କାର୍ଯ୍ୟକ୍ରମ ସଂଯୋଜକ ପରଭେଜ୍ ଅଲ୍ଲୀ ଖାନ ଓ ବିତ୍ତ ସଂଯୋଜକ ଭୋଲା ଶଙ୍କର ମହନ୍ତମ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ଆସନ୍ତା ନଭେମ୍ବର ୫ରେ ୧୨ରୁ ୧୭ବର୍ଷ ମଧ୍ୟରେ 'ଟିନ୍ ମିସ୍ ଓ ମାଷ୍ଟର' ପ୍ରତିଯୋଗିତା ପାଇଁ ଅଡିସନ ହେବ।

# ସରକାରୀ ଅଧିକାରୀ, କର୍ମଚାରୀଙ୍କ ଶପଥପାଠ



ସମ୍ବଲପୁର ଜିଲାପାଳ କାର୍ଯ୍ୟାଳୟରେ ଶପଥ ପାଠ କରାଯାଉଛି।

### ଦୁର୍ନୀତି ନିବାରଣ ସପ୍ତାହ ଶୁଭାରମ୍ଭ

**ସମ୍ବଲପୁର,୩୦।୧୦(ବି.ଶଙ୍କର):** ଦୁର୍ନୀତି ନିବାରଣ ସପ୍ତାହ ସୋମବାର ସମ୍ବଲପୁର ଜିଲା ପ୍ରଶାସନ ପକ୍ଷରୁ ପାଳିତ ହୋଇଛି। ଲୋକସେବା ଭବନ ସଭାଗୃହରେ ରାଜ୍ୟସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହକୁ ମୁଖ୍ୟମନ୍ତ୍ରୀ ଶୁଭାରମ୍ଭ କରିଥିଲେ। ସେଠାରେ ଉପସ୍ଥିତ ସମସ୍ତ ବିଭାଗର ଅଧିକାରୀ ଏବଂ ରାଜ୍ୟର ସମସ୍ତ ଜିଲା ଏବଂ ବ୍ଲକଗୁଡିକରୁ ଭିଡିଓ କନଫରେନସ ମାଧ୍ୟମରେ ଜଡିତ ହୋଇଥିବା ଅଧିକାରୀ, କର୍ମଚାରୀଙ୍କୁ ଶପଥପାଠ କରାଇଥିଲେ। ଏହି କ୍ରମରେ ସମ୍ବଲପୁର ଜିଲା ମୁଖ୍ୟାଳୟରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଓ ଅଜାମ୍ବର ମହାନ୍ତି, ଅତିରିକ୍ତ ଏସପି ହରେଶ ଚନ୍ଦ୍ର ପାଣ୍ଡେଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ, କର୍ମଚାରୀମାନେ ଶପଥ ପାଠ କରିଛନ୍ତି। ଜିଲାର ଅନ୍ୟ ସମସ୍ତ କାର୍ଯ୍ୟାଳୟରେ ମଧ୍ୟ ଶପଥପାଠ କରାଯାଇଛି। ସୂଚନାଯୋଗ୍ୟ ଯେ, ଭିଜିଲାନ୍ସ ବିଭାଗ ପକ୍ଷରୁ ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ସପ୍ତାହବ୍ୟାପି ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯିବାକୁ ସ୍ଥିର ହୋଇଛି। ଆସନ୍ତା ନଭେମ୍ବର ୫ ତାରିଖ ପର୍ଯ୍ୟନ୍ତ ବିବିଧ କାର୍ଯ୍ୟକ୍ରମ ହେବ।

# ସମ୍ବଲପୁରରେ ବିଜୁ ପ୍ରିମିୟର ଲିଗ୍‌ର ଟ୍ରଫି ଉନ୍ମୋଚନ

**ସମ୍ବଲପୁର,୩୦।୧୦(ବି.ଶଙ୍କର)**



ସମ୍ବଲପୁରରେ ବିଜୁ ପ୍ରିମିୟର ଲିଗ ଫୁଟବଲ ଓ କ୍ରିକେଟ ପ୍ରତିଯୋଗିତାର ଟ୍ରଫି ସୋମବାର ଉନ୍ମୋଚନ କରାଯାଉଛି।

ସମ୍ବଲପୁର ଜିଲା ବିଜୁ ଯୁବ-ଛାତ୍ର ଜନତା ଦଳ ପକ୍ଷରୁ ବିଜୁ ପ୍ରିମିୟର ଲିଗ୍ ଫୁଟବଲ ଓ କ୍ରିକେଟ ପ୍ରତିଯୋଗିତାର ଟ୍ରଫି ସୋମବାର ଉନ୍ମୋଚିତ ହୋଇଯାଇଛି। ମୁଦିପଡାସ୍ଥିତ ରାଧାନାଥ ରଥ କମ୍ୟୁନିଟି ହଲରେ ଏଥିପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅତିଥି ତଥା ଅଞ୍ଚଳର ଖେଳାଳି ଉପସ୍ଥିତ ଥିଲେ। ଜିଲା ଯୁବ ସଭାପତି ଲକ୍ଷ୍ମୀପ୍ରସାଦ ମହାପାତ୍ର, ଜିଲା ଛାତ୍ର ସଭାପତି ଶୁଭ୍ରାଂଶୁ ପାଢ଼ୀ, ସମ୍ବଲପୁର ଜୋନ ଯୁବ ସଭାପତି ଦେବାଶିଷ ପରିଡା, ସମ୍ବଲପୁର ଜୋନ ଛାତ୍ର ସଭାପତି ମିଲନ ହୋତା, ରାଜ୍ୟ ଯୁବ ସମ୍ପାଦକ ମନୋଜ ମହାପାତ୍ର, ରାଜ୍ୟ ଯୁବ ସମ୍ପାଦକ ଧର୍ମରାଜ ମରେଇ, ରାଜ୍ୟ ଛାତ୍ର ସମ୍ପାଦକ ଅନମୋଲ ଦାଶଙ୍କ ମିଳିତ ସଂଯୋଜନାରେ ଉତ୍ସବ ହୋଇଥିଲା। ବିଜେଡି ଜିଲା ସଭାପତି ରୋହିତ ପୂଜାରୀ, ରାଜ୍ୟ ଛାତ୍ର ସଭାପତି ତଥା ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ଯୁବ ନେତା ପ୍ରକାଶ ମହାନ୍ତି, ରାଜ୍ୟ ଯୁବ କଲ୍ୟାଣ ବୋର୍ଡ ଅଧ୍ୟକ୍ଷ କୁନ ବିହାରୀ ଦାସ, ରାଜ୍ୟ କେନ୍ଦୁପତ୍ର କର୍ମଚାରୀ କଲ୍ୟାଣ ବୋର୍ଡ ଉପଦେଷ୍ଟା ସଞ୍ଜିତ ମହାନ୍ତି, ଦେବଗଡ଼ ଜିଲା ପର୍ଯ୍ୟବେକ୍ଷକ ଅମରେଶ ଜେନା, ବସୁଧା ଯୋଜନା ଉପଦେଷ୍ଟା ଦିନେଶ ପ୍ରଧାନ, ଜାଗା ମିଶନ ଉପଦେଷ୍ଟା ହରିଶଙ୍କର ରାଉତ, ମାଲକାନଗିରି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଆଡମା ରାବା, ସମ୍ବଲପୁର ଯୁବ ଛାତ୍ର ପର୍ଯ୍ୟବେକ୍ଷକ ରାଜେଶ ରାଜ ସ୍ୱାଇଁ, ରାଜ୍ୟ ସାଧାରଣ ସମ୍ପାଦକ ସିଦ୍ଧାର୍ଥ ଦାସ, ପୂର୍ବତନ ସମ୍ବଲପୁର ନଗରପାଳ ସିଦ୍ଧାର୍ଥ ଶାହା, ପୂର୍ବତନ ଜିଲା ସଭାପତି ପ୍ରମୋଦ ରଥ, ମହାନଗର ସଭାପତି ସତୀଶ ବିଶି, ରାଜ୍ୟ ଯୁଗ୍ମ ସମ୍ପାଦକ ଦିଲୀପ ଦୂରିଆ, କୁଚିଣ୍ଡା ବ୍ଲକ ଅଧ୍ୟକ୍ଷ ଭୁବନେଶ୍ୱର କିଷାନ, ରାଜ୍ୟ ଯୁବ ଉପସଭାପତି ଦେବାଶିଷ ଖାଡେଙ୍ଗା ଯୋଗଦେଇଥିଲେ। ଏଥିସହ ଦେବଗଡ଼, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ଅନୁଗୋଳ ଜିଲାର ଯୁବ ଛାତ୍ର ନେତୃତ୍ୱ ଉପସ୍ଥିତ ଥିଲେ। ସମ୍ବଲପୁର ମହାନଗର ଯୁବ ସଭାପତି ନିଶାନ୍ତ ବହିଦାର ଅତିଥି ସ୍ୱାଗତ କରିଥିଲେ। ସୂଚନାଯୋଗ୍ୟ ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ଓ ସମ୍ବଲପୁର ଜିଲା ପର୍ଯ୍ୟବେକ୍ଷକ ଓ ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପଞ୍ଚାୟତରୁ ଜିଲାସ୍ତର ପର୍ଯ୍ୟନ୍ତ ଯୁବଛାତ୍ରମାନଙ୍କୁ ନେଇ କ୍ରୀଡା କ୍ଷେତ୍ରରେ ପରିଚୟ ସୃଷ୍ଟି କରିବା ପାଇଁ ଏହି ଅଭିନବ ପ୍ରୟାସ କରାଯାଇଛି। ନଭେମ୍ବର ମାସ ଦ୍ୱିତୀୟ ସପ୍ତାହରୁ ଫୁଟବଲ ଓ କ୍ରିକେଟ ମ୍ୟାଚ ହେବ।

**ନର୍ଲାଠାରେ ଜନଶୁଣାଣି ଶିବିର**

ରୁପ୍ରାରୋଡ୍,(ସଞ୍ଜୀବ ଦାସ): କଳାହାଣ୍ଡି ଜିଲା ନର୍ଲା ବ୍ଲକସ୍ଥିତ ପଞ୍ଚାୟତ ସମିତି ସମ୍ମିଳନୀ ଗୃହରେ ଅତିରିକ୍ତ ଜିଲାପାଳ ତ୍ରିଲୋଚନ ପାତ୍ରଙ୍କ ଅଧ୍ୟକ୍ଷତାରେ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନର୍ଲା ବିଡିଓ ଏମ୍ ଜଗଜିବନ ଚୌଧୁରୀ, ତହସିଲଦାର ବିଶ୍ୱରଞ୍ଜନ କହଁରଙ୍କ ସମେତ ସମସ୍ତ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଜନଶୁଣାଣି ଶିବିରରେ ୪୩ଜଣ ଆବେଦନକାରୀ ନିଜର ଅଭିଯୋଗପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୩୧ଟି ବ୍ୟକ୍ତିଗତ ସମସ୍ୟା ଓ ୧୨ଟି ଗ୍ରାମ୍ୟ ତଥା ସାମୂହିକ ସମ୍ମିଳିତ ଅଭିଯୋଗ ଥିଲା। ୫ଟି ଅଭିଯୋଗ ସମାଧାନ ତତକ୍ଷଣାତ୍ ସମାଧାନ କରାଯାଇଥିଲା।

# ଖାଉଟି ଚାଉଳ ବଣ୍ଟନରେ ଅନିୟମିତତା




ଦାବିପତ୍ର ଦେବାକୁ ଆସିଥିବା ୱାର୍ଡବାସୀ।

- ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ
- ହିତାଧିକାରୀଙ୍କୁ ୫ରୁ ୬ ମାସର ଚାଉଳ ମିଳିନି

ନୂଆପଡ଼ା,୩୦।୧୦(ମକାରୁ ବେମାଲ)

ନୂଆପଡା ବିଜ୍ଞାପିତ ଅଞ୍ଚଳ ପରିଷଦ ୱାର୍ଡ ନଂ. ୭ରେ କାଉଟି ଚାଉଳ ବଣ୍ଟନରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ୱାର୍ଡର ଶତାଧିକ ମହିଳା ଓ ପରୁଷ ସୋମବାର ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲାପାଳ ଅନ୍ୟ କୌଣସି କାର୍ଯ୍ୟରେ ବ୍ୟସ୍ତ ଥିବାରୁ ଅତିରିକ୍ତ ଜିଲାପାଳ ଭୀମସେନ ଶବରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନା ଯେ, ୧୪ ୱାର୍ଡ ବିଶିଷ୍ଟ ନୂଆପଡା ବିଜ୍ଞାପିତ ଅଞ୍ଚଳ ପରିଷଦର ୱାର୍ଡ ନଂ. ୭ ପଲସାଗୁଡାର ହିତାଧିକାରୀମାନେ ଦୀର୍ଘ ୫ରୁ ୬ ମାସରୁ ଉର୍ଦ୍ଧ୍ୱ ହେବ ଖାଉଟି ଚାଉଳ ପାଇ ନାହାନ୍ତି। ପ୍ରଭାମୟୀ ସ୍ୱୟଂ ସହାୟକ ଗୋଷ୍ଠୀ ସମ୍ପାଦିକାଙ୍କ ମାଧ୍ୟମରେ ଚାଉଳ ଦିଆଯାଉଛି। ପ୍ରାୟ ଏକ ବର୍ଷ ହୋଇଯିବ ନିୟମିତ ଭାବେ ଚାଉଳ ବଣ୍ଟନ କରାଯାଉ ନାହିଁ ବୋଲି ହିତାଧିକାରୀମାନେ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ୱାର୍ଡର ଅଧିକାଂଶ ହିତାଧିକାରୀ ୫ରୁ ୬ ମାସ ହେବ ଚାଉଳ ପାଇନାହାନ୍ତି। ଏ ସଂକ୍ରାନ୍ତରେ ଉପରିସ୍ଥ ଅଧିକାରୀମାନଙ୍କୁ ଅନେକ ଥର ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବାରୁ ୱାର୍ଡର ଶତାଧିକ ମହିଳା ଓ ପୁରୁଷ ଆସି ଜିଲାପାଳ, ଏନଏସି ନିର୍ବାହୀ ଅଧିକାରୀ ଓ ଜିଲା ଯୋଗାଣ ଅଧିକାରୀଙ୍କୁ ସାକ୍ଷାତ କରିଛନ୍ତି। ଆସନ୍ତାକାଲି (ମଙ୍ଗଳବାର) ତଦନ୍ତ କରିବା ପାଇଁ ପଠାଇବ ଓ ସତ୍ୟାସତ୍ୟ କ'ଣ ଜାଣିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବି ବୋଲି ଜିଲା ଯୋଗାଣ ଅଧିକାରୀ ପ୍ରଦ୍ୟୁମ୍ନ ରାଉତ ରାୟ ପ୍ରତିଶ୍ରୁତି ଦେଇଛନ୍ତି। ଏହି ସମସ୍ୟା ସମାଧାନ ଶୀଘ୍ର କରା ନ ଗଲେ ଆଗାମୀ ଦିନରେ ରାସ୍ତାରୋକୋ କରିବୁ ବୋଲି ୱାର୍ଡ ନଂ.୭ ପଲସାଗୁଡାର ହିତାଧିକାରୀମାନେ ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ୱାର୍ଡ ନଂ. ୭ର ବିମଳ ସାହୁ, ମାନାଜୀ ସାହୁ, ଦୁରମତ ରାଉତ, ଗୋପାଳ ବାରିକ, ସୁଭଦ୍ରା ସାହୁ, ପ୍ରମେଶ୍ୱରୀ ସାହୁ, ଗୋନ୍ଦା ବାଇ ମାଝି, ଭାମା ବାରିକ, ରାମବାଇ ବାରିକ, ଧନ କୁଆର ବାରିକ, ମୁନା କୁମାରୀ ସାହୁ, ବୃନ୍ଦାବତୀ ସାହୁ, ପୁଷ୍ପା ସାହୁ, ମାଳତି ମାଝି, ଲତା ବାଇ ସାହୁ, ଖଗେଶ୍ୱରୀ ସାହୁ, ତିପାଶ ରାଉତ ପ୍ରମୁଖ ଓ ୱାର୍ଡବାସୀ ସାମିଲ ଥିଲେ।

## ସଂକ୍ଷେପରେ

### କୋକସରା ବ୍ଲକରେ ନୂତନ ବିଡିଓଙ୍କ ଯୋଗଦାନ

କୋକସରା,୩୦।୧୦
(ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ କାର୍ଯ୍ୟାଳୟରେ ନୂତନ ବିଡିଓ ଭାବେ ସ୍ନେହାପ୍ରଭା ମାଝି ସୋମବାର ଯୋଗ ଦେଇଛନ୍ତି। ଭାରପ୍ରାପ୍ତ ବିଡିଓ ଶ୍ରୀଧର ପଣ୍ଡାଙ୍କଠାରୁ ମାଝି କାର୍ଯ୍ୟଭାର ଗ୍ରହଣ କରିଥିଲେ।



ତାଙ୍କୁ ବ୍ଲକର କର୍ମଚାରୀମାନେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ପୂର୍ବରୁ ସେ କୋଟପାଡ଼ ବିଡିଓ ଭାବେ କାର୍ଯ୍ୟ କରୁଥିଲେ। କୋକସରା ପୂର୍ବତନ ବିଡ଼ିଓ ଉତ୍ତମ ବାଗ ପଦୋନ୍ନତି ପାଇ ନୂଆପଡା ଜିଲାକୁ ବଦଳି ହେବାପରେ ସେ ଯୋଗଦେଇଛନ୍ତି। ଏହି ଅବସରରେ ବିଡିଓ ସମସ୍ତ ଜନ ପ୍ରତିନିଧି, କର୍ମଚାରୀ ଓ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ।

### ଜୁନାଗଡ଼ରେ ନୂତନ ତହସିଲଦାରଙ୍କ ଦାୟିତ୍ୱ ଗ୍ରହଣ

ଜୁନାଗଡ଼,୩୦।୧୦(ସୁନୀଲ କୁମାର ସିଂହ)

କଳାହାଣ୍ଡି ଜିଲା ଜୁନାଗଡ ତହସିଲରେ ସୋମବାର ନୂତନ ତହସିଲଦାର ଭାବେ ସୁର୍ମୀ ସୋରେନ ଦାୟିତ୍ୱ ଗ୍ରହଣ କରିଛନ୍ତି। ନୂତନ ତହସିଲଦାର ସୋରେନ ଯୋଗଦାନ କରିବା ପରେ ତାଙ୍କୁ ଜୁନାଗଡ ସିଟିଜେନ ଫୋରମ ତରଫରୁ ସଭାପତି ଅଶୋକ କୁମାର ପାତ୍ର, ଉପସଭାପତି ସନ୍ତୋଷ କୁମାର ସିଂହଦେଓ, ସମ୍ପାଦକ



ବିଜୟ ବେହେରା, କୋଷାଧକ୍ଷ କୁବଲେଶ୍ୱର ପାଣିଗ୍ରାହୀ, ବରିଷ୍ଠ ସଭ୍ୟ ଭୁବନେଶ୍ୱର ସାହୁ ପ୍ରମୁଖ ସ୍ୱାଗତ ସମ୍ବର୍ଦ୍ଧନା ଜଣେଇବା ସହ ଜୁନାଗଡ ତହସିଲର ପ୍ରମୁଖ ସମସ୍ୟା ଉପରେ ଅବଗତ କରିଥିଲେ। ତହସିଲଦାର ସୋରେନ ଅତିଶୀଘ୍ର ସମସ୍ୟାଗୁଡିକର ସମାଧାନ କରାଯିବ ବୋଲି ପ୍ରକାଶ କରିଥିଲେ।

### ରୁପ୍ରା ପଞ୍ଚାୟତରେ କୃଷକ ସଭା

ନର୍ଲା,୩୦।୧୦(ସନ୍ତୋଷ ପାତ୍ର)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ରୁପ୍ରା ପଞ୍ଚାୟତ ଧଅରାମାଲ ଗାଁରେ ଚାଷୀମାନଙ୍କୁ ନେଇ ଏକ କୃଷକ ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ରାଶି କମ୍ପାନୀର କର୍ମକର୍ତ୍ତା ଏବଂ ସ୍ଥାନୀୟ କୃଷି ସହାୟକ କେନ୍ଦ୍ର କିଶୋର ସାହୁଙ୍କ ଦ୍ୱାରା ଆୟୋଜିତ କରାଯାଇଥିଲା। ମୁଖ୍ୟଅତିଥି ଭାବେ କୃଷକ ସଙ୍ଗଠନ କଳାହାଣ୍ଡି ଜିଲା ଶାଖା ପକ୍ଷରୁ ଦୁର୍ଯ୍ୟୋଧନ କୁମାର ଓ ସମ୍ମାନିତ ଅତିଥି ଭଗବାନ ସାହୁ, କର୍ଲାପଡା କୃଷୀ ସହାୟକ କେନ୍ଦ୍ରର ଅଧିକାରୀ ପ୍ରିୟବ୍ରତ ପ୍ରଧାନ, କିଶୋର ସାହୁ, ମୁଖ୍ୟବକ୍ତା ରାଶି କମ୍ପାନୀର ଏରିଆ ମ୍ୟାନେଜର ଯୋଗଦେଇଥିଲେ। ଚୈତନ୍ୟ ସାହୁ ମଞ୍ଚ ପରିଚାଳନା କରିଥିଲେ। ସଭାରେ ୨୦୦ରୁ ଉର୍ଦ୍ଧ୍ୱ ଚାଷୀ ଉପସ୍ଥିତ ଥିଲେ। ଏଠାରେ ଉନ୍ନତମାନର କପା, ଧାନ ବିହନ ଆଣି ଫସଲ କିପରି କରିବା ଓ ମାଟି ପରୀକ୍ଷା କରି ଚାଷ କରିବା ପାଇଁ ଚାଷୀମାନଙ୍କୁ ବୁଝାଯାଇଥିଲା। ଶେଷରେ ଲଟାରି କରି ୩ଜଣ ଚାଷୀଙ୍କୁ ପୁରସ୍କାର ପ୍ରଦାନ କରଯାଇଥିଲା।

# ନୃତ୍ୟଗୁରୁ ମନ୍ଦାକିନୀ ସମ୍ମାନିତ



ମନ୍ଦାକିନୀ ବାଣ୍ଣୁଆଙ୍କୁ ସମ୍ମାନିତ କରାଯାଉଛି।

ଭବାନୀପାଟଣା,୩୦।୧୦(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଗାଇଗାଁ ପଞ୍ଚାୟତ ପୁଜିଗୁଡାଠାରେ ଭାଇଜିଉଁନ୍ତିଆ କମିଟି ପକ୍ଷରୁ ଶନିବାର ରାତିରେ ଏକ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଜିଲାରେ କଳା, ଶିକ୍ଷା, ସାମାଜିକ ଓ ରାଜନୈତିକ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଭବାନୀପାଟଣା ସହରର ସୁଶ୍ରୀ ମନ୍ଦାକିନୀ ବାଣ୍ଣୁଆଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଏହି ସମୟରେ ମୁଖ୍ୟଅତିଥି ଭାବେ ଗାଇଗାଁ ସରପଞ୍ଚ ପ୍ରମୋଦ କୁମାର ସାହୁ, ବରିଷ୍ଠ ଶିକ୍ଷକ ଜିତେନ୍ଦ୍ର କୁମାର ପ୍ରଧାନ, ୱାର୍ଡ ସଦସ୍ୟା ପୁଷ୍ପାଞ୍ଜଳୀ ଶବର ପ୍ରମୁଖ ଉପସ୍ଥିତ ରହି ମନ୍ଦାକିନୀଙ୍କୁ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ପ୍ରକାଶ ଯେ, ଜିଲାରେ ମନ୍ଦାକିନୀ ଜଣେ ଚର୍ଚ୍ଚିତ ନୃତ୍ୟ ଗୁରୁ ରହିଥିବାବେଳେ ଭବାନୀପାଟଣା ସହରସ୍ଥିତ ବଚପନ୍ ସ୍କୁଲରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ। ସେହିପରି ଜିଲାରେ ଜଣେ ଜଣାଶୁଣା ସାମାଜିକ କର୍ମୀ ଭାବେ ମଧ୍ୟ ପରିଚିତ ରହିଛନ୍ତି। ଏହାସହ ବର୍ତ୍ତମାନ ରାଜ୍ୟ ଯୁବ କଂଗ୍ରେସର ସାଧାରଣ ସମ୍ପାଦିକା ଭାବେ ମଧ୍ୟ ଦାୟିତ୍ୱ ନିର୍ବାହ କରୁଛନ୍ତି। ଅତି କମ ବୟସରେ ସେ ଦିନକୁ ଦିନକୁ ସଫଳତାର ପାହାଚ ଚଢିବାରେ ଲାଗିଛନ୍ତି। ସେହିପରି ଅନେକ ନୃତ୍ୟ ପ୍ରତିଯୋଗୀତାରେ ମଧ୍ୟ ସେ ବିଚାରକ ଭାବେ ଦାୟିତ୍ୱ ତୁଲାଇଛନ୍ତି। କାର୍ଯ୍ୟକ୍ରମରେ ଉଦ୍‌ଘୋଷକ ଭାବେ ବିନୟ କୁମାର ସାହୁ ଦାୟିତ୍ୱ ନିର୍ବାହ କରିଥିଲେ।

# ସିଟି ପ୍ରାଥମିକ ଶିକ୍ଷକ ସଂଘ ଜିଲାସ୍ତରୀୟ କାର୍ଯ୍ୟକାରିଣୀ ବୈଠକ




ଉଲ୍ଲେଖନୀୟ ଅବଦାନ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଭବାନୀପାଟଣା,୩୦।୧୦(ଉତ୍ତମ କୁମାର ଦାଶ)

ଭବାନୀପାଟଣା ସହର ଶକ୍ତି ନଗରପଡାସ୍ଥିତ ମା' ମଙ୍ଗଳା ଜନକଲ୍ୟାଣ କେନ୍ଦ୍ରରେ ରବିବାର କଳାହାଣ୍ଡି ଜିଲା ସିଟି ପ୍ରାଥମିକ ଶିକ୍ଷକ ସଂଘର ଜିଲାସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଲବ ଦୁର୍ଗାଙ୍କ ଅଧ୍ୟକ୍ଷତାରେ ଜିଲା ସାଧାରଣ ସମ୍ପାଦକ ଦୁର୍ଯ୍ୟୋଧନ ମାଝି ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ। ମୁଖ୍ୟଅତିଥି ଭାବେ ଓଡିଶା ରାଜ୍ୟ ସିଟି ଫେଡେରେଶନ ସଭାପତି ତଥା ବିଶିଷ୍ଟ ଶିକ୍ଷକ ନେତା ପ୍ରଦୀପ କୁମାର ସାହୁ ଯୋଗଦେଇ ଶିକ୍ଷକ କଲ୍ୟାଣର ବିଭିନ୍ନ ଯୋଜନା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବୈଠକରେ ଗତ ଗୁରୁଦିବସର ସମୀକ୍ଷା କରିଯାଇଥିଲା। ସେହିପରି ଶିକ୍ଷକଙ୍କ ଅନେକ ଅସମାହିତ ସମସ୍ୟା ପ୍ରତି ଆଲୋକପାତ କରାଯାଇଥିଲା। ଏଥିରେ ନୂତନ ପେନସନ ବଦଳରେ ପୁରୁଣା ପେନସନ ଲାଗୁ, କେନ୍ଦ୍ରୀୟ ହାରରେ ଦରମା, ମୂଳ ନିଯୁକ୍ତିରୁ ୨୮୦୦ ଗ୍ରେଡ଼ପେ ସହିତ ପୂର୍ବପରି ପ୍ରାଥମିକ ଶିକ୍ଷକଙ୍କୁ ୪୨୦୦ ଓ ୪୬୦୦ ଗ୍ରେଡ଼ ପେ ପ୍ରଦାନ, ପ୍ରାଥମିକ-ଉଚ୍ଚପ୍ରାଥମିକ ବିଦ୍ୟାଳୟରୁ ଚୁକ୍ତି ଭିତ୍ତିକ ନିଯୁକ୍ତି ପ୍ରଥା ଉଚ୍ଛେଦ କରାଯାଇ ପୂର୍ବର ୬ଟି ଇନକ୍ରେମେଣ୍ଟ ପ୍ରଦାନ, ଏକ୍ସକ୍ୟାଡର ଶିକ୍ଷକଙ୍କୁ କ୍ୟାଡର ଭୁକ୍ତ, ଏଲିମେଣ୍ଟାରୀ କ୍ୟାଡର ରୁଲର ସଂଶୋଧନ, ୨୦୧୧ରୁ ୨୦୧୯ ମଧ୍ୟରେ ସ୍ନାତକୋତ୍ତର ଶିକ୍ଷା ସମାପ୍ତ କରିଥିବା ଶିକ୍ଷକଙ୍କ ପଦୋନ୍ନତି ପାଇଁ ଓଟିଇଟି କୋହଳ, ପ୍ରାଥମିକ ବିଦ୍ୟାଳୟଗୁଡ଼ିକୁ ୫-ଟି ବିଦ୍ୟାଳୟରେ ରୂପାନ୍ତରିତ କରଣ, ଏକ ଶିକ୍ଷକ ବିଶିଷ୍ଟ ବିଦ୍ୟାଳୟର ଦ୍ୱିତୀୟ ପଦବୀ ପୂରଣ ଓ ଛାତ୍ର ଅନୁପାତରେ ଶିକ୍ଷକ ନିଯୁକ୍ତି ଆଦି ରହିଥିଲା। ଉପରୋକ୍ତ ସମସ୍ୟାଗୁଡି ରାଜ୍ୟ ଫେଡେରେଶନ ସଭାପତି ସାହୁଙ୍କ ଦୃଷ୍ଟି ଆକର୍ଷଣ କରି ସବିଶେଷ ଆଲୋଚନା କରାଯାଇ ପ୍ରସ୍ତାବ ଗୃହିତ ହୋଇଥିଲା। ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ ଶିକ୍ଷାବିତ ତଥା ପୂର୍ବତନ ଅତିରିକ୍ତ ଶିକ୍ଷା ଅଧିକାରୀ କାଳିନ୍ଦୀଚରଣ ପଟ୍ଟନାୟକ, ଜିଲା ଉପଦେଷ୍ଟା ପ୍ରଫୁଲ୍ଲ କୁମାର ତ୍ରିପାଠୀ, ସତ୍ୟନାରାୟଣ ରାଜପୁତ, ମୁକୁନ୍ଦ ରେଡ଼ି, କରୁଣାକର ଚିନ୍ଦା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ବରିଷ୍ଠ ଶିକ୍ଷୟିତ୍ରୀ ତଥା ଜିଲା ସଂଯୋଜିକା ବଶୁମତୀ ସାହୁ ସଂଯୋଜନା କରିଥିବା ବେଳେ ଜିଲା ଉପସଭାପତି ପ୍ରଭାତ କୁମାର ସାହୁ, ଶିକ୍ଷକ ନେତା ଧନଞ୍ଜୟ ପାଣିଗ୍ରାହୀ, ଭୃକୁଟି ଗୌଡ଼,ଜଗତରାମ ଶବର, ମନୋଜ ମହାକୁଡ଼, ଶିବ ନାଏକ ପ୍ରମୁଖ ସହଯୋଗ କରିଥିଲେ। ଜିଲା ସଙ୍ଗଠନ ସମ୍ପାଦକ ଧନଞ୍ଜୟ ସାହୁ ଧନ୍ୟବାଦ ଦେଇଥିଲେ।

# ବାଘ ଆକ୍ରମଣରେ ୫ଟି ଛେଳି ମୃତ ଅଭିଯୋଗ

ଲାଞ୍ଜିଗଡ଼,୩୦।୧୦
(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଦକ୍ଷିଣ ବନଖଣ୍ଡ ବିଶ୍ୱନାଥପୁର ରେଞ୍ଜ ମୂଷାନାଳ ସେକ୍ସନ ତୁର୍କା ଗାଁରେ ବାଘ ଆକ୍ରମଣରେ ୫ଟି ଛେଳି ମୃତ୍ୟୁ ଘଟିଥିବା ଅଭିଯୋଗ ହେଉଛି। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଦେଖାଦେଇଛି। ସୂଚନା ଅନୁସାରେ ଲାଞ୍ଜିଗଡ଼ ବ୍ଲକ ଲାଞ୍ଜି ପଞ୍ଚାୟତ ତୁର୍କା ଗାଁର ଲୋକେ ଶନିବାର ନିକଟରେ ଥିବା କାସ୍ପାଟ୍ରେଇଂ ଜଙ୍ଗଲକୁ ଛେଳି ଚରାଇବାକୁ ଯାଇଥିଲେ। ଘରକୁ ସନ୍ଧ୍ୟାରେ ଛେଳି ଆଣିବା ସମୟରେ ସେଥି ମଧ୍ୟରୁ ୫ଟି ଛେଳି ଘରକୁ ଫେରି ନ ଥିଲେ। ରବିବାର ସକାଳେ ଜଙ୍ଗଲକୁ ଯାଇ ଖୋଜାଖୋଜି କରିବା ବେଳେ କୁମୁଟି ମାଝିଙ୍କ ୧ ଛେଳି, ବୁଟେ ମାଝିଙ୍କ ୨ଟି, ଟୁମା ମାଝିଙ୍କ ୨ଟି ଛେଳି ବାଘ ଆକ୍ରମଣ କରି ଶରୀର ଖଣ୍ଡବିଖଣ୍ଡ ହୋଇ ଜଙ୍ଗଲ ମଧ୍ୟରେ ପଡିଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ। ବାଘ କି କୌଣସି ହିଂସ୍ର ଜନ୍ତୁଙ୍କ ଆକ୍ରମଣ ଛେଳିଙ୍କ ମୃତ୍ୟୁ ଘଟିଛି ତାହା ଏଯାଏଁ ସ୍ପଷ୍ଟ ହୋଇ ନ ଥିବା ବେଳେ ଘଟଣାସ୍ଥଳରେ ମୂଷାନାଳ ବନ ବିଭାଗ ପକ୍ଷରୁ କୌଣସି କର୍ମଚାରୀ ପହଞ୍ଚି ନ ଥିବା ଯୋଗୁ ଅସନ୍ତୋଷ ଦେଖାଦେଇଛି। ଆଦିବାସୀମାନେ ବାଘ ଆକ୍ରମଣରେ ଛେଳିଙ୍କ ମୃତ୍ୟୁ ଘଟିଛି ବୋଲି ଦାବି କରୁଛନ୍ତି। ଏମାନେ ଛେଳି ଚାଷ କରି ନିଜ ପେଟପୋଷଣ କରୁଥିବା ଯୋଗୁ ପ୍ରଶାସନ ପକ୍ଷରୁ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ବିଶ୍ୱନାଥପୁର ରେଞ୍ଜର ନରୋତ୍ତମ ମାଝିଙ୍କୁ ଫୋନ ଯୋଗେ ପଚାରିବାରୁ ସେ କହିଲେ ଏ ବିଷୟରେ ମୁଁ କୌଣସି ଖବର ପାଇନାହିଁ। ବର୍ତ୍ତମାନ ବାଘ ଆତଙ୍କ ଯୋଗୁ ତୁର୍କା ଗାଁ ଅଞ୍ଚଳରେ କୋକୁଆ ଭୟ ଦେଖିବାକୁ ମିଳିଛି।

# କଂଗ୍ରେସର ବିଶାଳ ପଦଯାତ୍ରା, ମିଶ୍ରଣ ପର୍ବ



କଂଗ୍ରେସର ମିଶ୍ରଣ ପର୍ବ।

ଥୁଆମୂଳ ରାମପୁର ୩୦।୧୦(ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ କଂଗ୍ରେସ ପକ୍ଷରୁ ଏକ ବିଶାଳ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଓଡିଶା ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ବ୍ଲକର ବିଷମଗିରୀ ଗ୍ରାମଠାରୁ ବାହାରି ବାରକାଉଡି -ବଡ଼ଦେର୍ଲା ଦେଇ ଡୁମେରପଦର ଗ୍ରାମ ପର୍ଯ୍ୟନ୍ତ ପଦଯାତ୍ରା ହୋଇଥିଲା। ପଦଯାତ୍ରାରେ ବ୍ଲକ କଂଗ୍ରେସର ବରିଷ୍ଠ କର୍ମକର୍ତ୍ତାଙ୍କ ସମେତ ଶହଶହ ମହିଳା ଓ ପୁରଷମାନେ ସାମିଲ ହୋଇଥିଲେ। ଏଥିସହ ବ୍ଲକ କଂଗ୍ରେସ ସଭାପତି ଜଳନ୍ଧର ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା ଏକ ବିଶାଳ ସଭାରେ ଜିଲା କଂଗ୍ରେସ କମିଟି ସଭାପତି ଭାରତ ଭୂଷଣ ବେମାଲ ମୁଖ୍ୟଅତିଥି ଭାବେଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ପୂର୍ବତନ ବ୍ଲକ ଅଧକ୍ଷା ଦ୍ରୌପଦୀ ମାଝି, ରାଜ୍ୟ କଂଗ୍ରେସ ମିଡିଆ ସେଲ ସଦସ୍ୟ ମୂରଳୀଧର ନାଏକ, ଚାଞ୍ଚେର ମାଝି, ତ୍ରିଲୋଚନ ପାଣିଗ୍ରାହୀ, ଅଶୋକ ସିଂ, ମହମ୍ମଦ ସାହେବଙ୍କ ସମେତ ଅନେକ ବରିଷ୍ଠ କର୍ମକର୍ତ୍ତା ଯୋଗଦେଇ ରାଜ୍ୟ ବିଜେଡି ସରକାରଙ୍କ କାର୍ଯ୍ୟକଳାପ ଓ କେନ୍ଦ୍ର ଭାଜପା ସରକାରଙ୍କ ଉପରେ ବର୍ଷିଥିଲେ। ଏହି ଅବସରରେ ଏକ ମିଶ୍ରଣ ପର୍ବରେ ଥୁଆମୂଳ ରାମପୁର ବ୍ଲକର ଉଭୟ ଭାଜପା ଓ ବିଜେଡିର ପ୍ରାୟ ୨୪ରୁ ଉର୍ଦ୍ଧ୍ୱ କର୍ମୀ କଂଗ୍ରେସରେ ସାମିଲ ହୋଇଥିବା ଜଣାପଡିଛି।

# ସଲଣ୍ଡିଆମୁଣ୍ଡାରେ ଅଷ୍ଟପ୍ରହର ନାମଯଜ୍ଞ

କର୍ଲାମୁଣ୍ଡା,୩୦।୧୦
(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା ସଲଣ୍ଡିଆମୁଣ୍ଡାଠାରେ ଗଜଲକ୍ଷ୍ମୀ ଚଳିତବର୍ଷ ୧୨ବର୍ଷରେ ପଦାର୍ପଣ କରିଛି। ଏହି ଅବସରରେ ସୋମବାରଠୁ ଅଷ୍ଟପ୍ରହର ନାମଯଜ୍ଞ ଚାଲିଛି। ଏଥିରେ ପୂଜକ ଭାବେ ରୁଦ୍ରଦେବ ଦାସ ପୂଜାକାର୍ଯ୍ୟ ସମ୍ପାଦନ କରୁଥିବା ବେଳେ ଜପକ ଭାବେ ଅଶୋକ କୁମାର ତ୍ରିପାଠୀ, ତ୍ରିବିକ୍ରମ ଦାସ ଓ ପାଚକ କାର୍ଯ୍ୟ ଅରୁଣ ଦାସ ତୁଲାଉଛନ୍ତି। ନାମଯଜ୍ଞରେ କର୍ତ୍ତା ଭାବେ ନରୋତ୍ତମ ସେଲମା ଓ ବନିତା ସେଲମା ରହିଛନ୍ତି। ଷଡ ବୈଷ୍ଣବ ଭାବେ ଲଛମନ ଭୋଇ, ସୀତାରାମ ରଣା, ଶେଷଦେବ ରଣା, ଫଗନୁ ରଣା ଖଗେଶ୍ୱର ରଣା, କମଳ ରଣା କାର୍ଯ୍ୟ ତୁଲାଉଛନ୍ତି। ପୂଜା କମିଟି ସଭାପତି ବାବୁଲି ଚରଣ ପରିଡା, ସମ୍ପାଦକ ନରୋତ୍ତମ ସେଲମା, ବାସୁଦେବ ସେଲମା, ହେମନ୍ତ ଭୋଇ, ରଞ୍ଜନ ନାଏକ, ଲୋଚନ ଭୋଇ, ହୃଷୀକେଶ ଭୋଇ, ଆଶୁତୋଷ ଦାସ, ମକୁନ୍ଦ ରଣା, ମନୋଜ ଜୈନ, ବିଭୁତି ଭୂଷଣ ସେଠ, ଲଳିତ ଗୌଡ଼, ପାର୍ଥ ସାହୁ, ସୁନୀଲ ବେହେରା, ମାୟାଧର ଭୋଇ, କାନ୍ତ ରଣା, ନରେନ୍ଦ୍ର ସେଲମା, ଅଶୋକ ପାତ୍ର, ଯୁଧିଷ୍ଠିର ସାହୁ, ସନ୍ତୋଷ ପୁଟେଲ, ଶଙ୍କର ଭୋଇ, ଗୋଲାପ ପଧାନ, ସିପୁନ, ଦିପୁନ, ପିଙ୍କୁ, ଲାଲୁ, ଜିତୁ, ଲିଙ୍କୁ, ସୋନୁ, ପିୟୁଷ, ମୁକେଶ ସହଯୋଗ କରୁଛନ୍ତ।

# ଯୁଗ୍ମ ଜନଶୁଣାଣି ଶିବିର, ୧୮୮ ଅଭିଯୋଗ ଶୁଣାଣି

କୋକସରା,୩୦।୧୦(ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଟେମରା ଗ୍ରାମପଞ୍ଚାୟତରେ ଯୁଗ୍ମ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ କ୍ଷିତିରାମ ପାତ୍ରଙ୍କ ସଭାପତିତ୍ୱରେ ବ୍ଲକ ପ୍ରଶାସନର ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଅଭିଯୋଗର ଶୁଣାଣି କରିଥିଲେ। ଟେମରା, କରଲାଗୁଡା, ହଂସପଡ଼ା, ବୋବରିଆ ଗ୍ରାମର ଅନେକ ହିତାଧିକାରୀ ଆବାସ ଯୋଜନା, ମଧୁବାବୁ ପେନସନ, କଳାକାର ପେନସନ, ଜମି ମରାମତି, ପିଡିଏସ ଓ ଅନ୍ୟାନ୍ୟ ଅଭିଯୋଗ କରିଥିଲେ। ଶୀଘ୍ର ସେମାନଙ୍କ ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବା ନେଇ ବ୍ଲକ ଅଧିକାରୀମାନେ କହିଛନ୍ତି। ଯୋଗାଣ ଅଧିକାରୀ ଜଗାରାମ ମୁର୍ମୁ, ସମାଜ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଆକାଶ କୁମାର ଦିଗାଲ, ସାସ୍ଥ୍ୟ କର୍ମୀ, ଅଙ୍ଗନୱାଡି କର୍ମୀ, ମିଶନ ଶକ୍ତି ମହିଳା କର୍ମଚାରୀମାନେ ଉପସ୍ଥିତ ରହିଥିବା ବେଳେ ପଞ୍ଚାୟତ ପିଇଓ ଗୌତମ ନାଗ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଦୁଷ୍ମନ୍ତ କୁମାର ପାତ୍ର, ହେମନ୍ତ ବାଣ୍ଣୁଆ, ଲଳିତ ସତନାମୀ, ପ୍ରକାଶ ପାତ୍ର ସହଯୋଗ କରିଥିଲେ।

# ବାବା ଖଣ୍ଡୁଆଲଙ୍କ ଯାତ୍ରା ଧୁମ୍‌ଧାମରେ ପାଳିତ

ଥୁଆମୂଳ ରାମପୁର ୩୦।୧୦(ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ କର୍ଲାପାଟ ଅଭୟାରଣ୍ୟ ପର୍ବତ ଶିଖରରେ ଥିବା କାଣୀଗୁମାରେ ଧୁମଧାମରେ ପାଳିତ ହୋଇଯାଇଛି ବାବା ଖଣ୍ଡୁଆଲଙ୍କ ଯାତ୍ରା। ଗାଁ ଲୋକେ ବାବା ଖଣ୍ଡୁଆଲଙ୍କୁ ନିଜର ଇଷ୍ଟଦେବତା ମାନ୍ୟତା ଦେଇ କେଉଁ ଅନାଦି କାଳରୁ ପୂଜାର୍ଚ୍ଚନା କରି ଆସୁଛନ୍ତି। ବିଧିବିଧାନ ପୂର୍ବକ ଦେବୀଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ସ୍ଥାନୀୟ ଅଞ୍ଚଳର ମଙ୍ଗଳ କାମନା ପାଇଁ ରାଜରାଜୁଡା ଶାସନ ସମୟରୁ ପାଳିତ ହୋଇ ଆସୁଥିବା ଏହି ଯାତ୍ରାରେ ମାନସିକ ପୂରଣ ପାଇଁ ଭକ୍ତମାନେ ପଶୁବଳି ବି ଦେଇଥାନ୍ତି। ଏହି ଯାତ୍ରା ମାଧ୍ୟମରେ ଖଣ୍ଡୁଆଲ ଦେବତାଙ୍କ ପୂଜାର୍ଚ୍ଚନା ଦ୍ୱାରା ଗାଁକୁ ରୋଗପୋକ ଦାଉରୁ ମଧ୍ୟ ରକ୍ଷା ମିଳିଥାଏ ବୋଲି ଅଞ୍ଚଳବାସୀଙ୍କ ବିଶ୍ୱାସ ରହିଛି। ୧୯୯୨ଠାରୁ ଏହି ଯାତ୍ରାରେ ନିଜକୁ ସାମିଲ କରି ଗାଁର ଖଣ୍ଡୁଆଲ ପୂଜା କମିଟି ଆରମ୍ଭ କଲା ଆଦିବାସୀ ମହିଳାଙ୍କ ବିକାଶ ପାଇଁ ଜୀବନ ଜୀବିକା ତଥା କଳା ସଂସ୍କୃତିକୁ ନେଇ ଅନେକ ପ୍ରତିଯୋଗିତା। ଯାହାକୁ ନେଇ ବେଶ ଉତ୍ସାହିତ ହୋଇ ପଡୁଥିଲେ ଆଦିବାସୀ ମହିଳା। ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୁଲୁକି ଉଠିଥିଲା ଖଣ୍ଡୁଆଲ ଯାତ୍ରା ମଞ୍ଚ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ ପୂର୍ବତନ ବିଧାୟକ ବଳଭଦ୍ର ମାଝି, ଶିକ୍ଷାବିତ୍ ସତ୍ୟନାରାୟଣ ମୁଣ୍ଡ ଚିନା, ବରିଷ୍ଠ ଖବରଦାତା ଅଜିତ ସିଂ ଓ କମିଟି ସଭାପତି ଗୋବିନ୍ଦ ପ୍ରାଧାନୀ ପ୍ରମୁଖ ଯୋଗଦେଇଥିଲେ। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଏଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ଅଞ୍ଚଳର ଲୁକାୟିତ ପ୍ରତିଭାକୁ ଆଗକୁ ଆଣିବା ପାଇଁ ସହାୟକ ହେବ ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ପରେ ଆରମ୍ଭ ହୋଇଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ। ବୀରବାଦ୍ୟ ଘୁମୁରା ସହ ବାଯାଶାଲ ଓ ରସରକେଲି ମାଇଲା ଜଡ ଗୀତରେ ଦୁଲୁକି ଉଠିଥିଲା ମଞ୍ଚ।




ବାବା ଖଣ୍ଡୁଆଲଙ୍କ ଯାତ୍ରାରେ ଯୋଗଦେଇଥିବା ଅତିଥିଗଣ।

# ୨ ଗ୍ରାମପଞ୍ଚାୟତକୁ ନେଇ ନୂତନ ପାକ୍ସ ଗଠନ କର

**ଖଡ଼ିଆଲ-ସିନାପାଲି ମୁଖ୍ୟ ରାସ୍ତା ଅବରୋଧ**

ଖଡ଼ିଆଲ,୩୦।୧୦(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଲ ବ୍ଲକ ଅନ୍ତର୍ଗତ କିଙ୍କିଟା ଓ ସୁନାରୀସିକୁଆଁ ୨ଟି ଗ୍ରାମପଞ୍ଚାୟତକୁ ନେଇ ନୂତନ ପାକ୍ସ ଗଠନ ନେଇ ଖଡ଼ିଆଲ ସିନାପାଲି ମୁଖ୍ୟ ରାସ୍ତା ଅବରୋଧ ଓ ଆନ୍ଦୋଳନ କରାଯାଇଛି। ଅଭିଯୋଗ ଅନୁଯାୟୀ ଜିଲାରେ ୪୦ଟି ନୂତନ ପାକ୍ସ ଗଠନ ହୋଇଥିବା ବେଳେ କିଙ୍କିଟା ଓ ସୁନାରୀସିକୁଆ ୨୩ ନଂ. ପାକ୍ସରେ ଥିଲା। ପାକ୍ସ ଗଠନର ସମସ୍ତ ପ୍ରସ୍ତୁତି ଶେଷ ସତ୍ତ୍ୱେ ବିଭାଗୀୟ ଅଧିକାରୀଙ୍କ ଅସହଯୋଗ ଯୋଗୁ ନୂତନ ପାକ୍ସ ଗଠନ ହୋଇ ପାରି ନ ଥିଲା। ଏ ନେଇ ୨ଟି ପଞ୍ଚାୟତ ଜନସାଧାରଣ ଗୋଟିଏ ନୂତନ ଫାକ୍ସ ଗଠନ ନେଇ ଗତ ୧୬ ତାରିଖରେ ଜିଲାପାଳଙ୍କଠାରେ ଦାବିପତ୍ର ପ୍ରଦାନ କରିଥିଲେ। ଯଦି ଆସନ୍ତା ୨୫ ତାରିଖ ସୁଦ୍ଧା ପାକ୍ସ ଗଠନ ନ ହେଲେ ଅକ୍ଟୋବର ୩୦ରୁ ଅନିର୍ଦ୍ଦିଷ୍ଟକାଳ ପାଇଁ କିଙ୍କିଟା ପଞ୍ଚାୟତ ସମ୍ମୁଖରେ ଧାରଣା ଦେଇ ଖଡ଼ିଆଳ ସିନାପାଲି ମୁଖ୍ୟ ରାସ୍ତା ଅବରୋଧ କରାଯିବ ବୋଲି ଉଭୟ ପଞ୍ଚାୟତ ଜନସାଧାରଣ ଜିଲା ପ୍ରଶାସନକୁ ଅବଗତ କରିଥିଲେ। ପ୍ରଶାସନ ଦେଇଥିବା ଧାର୍ଯ୍ୟ ସମୟରେ ପାକ୍ସ ଗଠନ ନ ହେବାରୁ ସୋମବାର ସକାଳ ୮ଟାରୁ ରାସ୍ତା ଅବରୋଧ କରି ଆନ୍ଦୋଳନ କରିଥିଲେ। ୧ଟାରେ ଜିଲା ଏଆରସିଏସ ବିଜୟ କୁମାର ନାଏକ ଆନ୍ଦୋଳସ୍ଥଳରେ ପହଞ୍ଚି ଆସନ୍ତା ୩ ଦିନ ମଧ୍ୟରେ କିଙ୍କିଟା ଓ ସୁନାରୀସିକୁଆ ପାକ୍ସ ଗଠନ ନେଇ ପଞ୍ଜୀକରଣ କରି ପ୍ରମାଣପତ୍ର ପ୍ରଦାନ କରିବା ଲିଖିତ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହାର ହୋଇଥିଲା। ଜିଲା ପ୍ରଶାସନ ପକ୍ଷରୁ ଖଡ଼ିଆଳ ତହସିଲଦାର ଡ. ଲଳିତ ବାଗ ଓ ଖଡ଼ିଆଳ ଥାନାଧିକାରୀ ପ୍ରଦୀପ ଧରୁଆଙ୍କ ସମେତ ବହୁ ପୋଲିସ ଉପସ୍ଥିତ ଥିଲେ। ଆନ୍ଦୋଳନ ଆବାହକ ରୋହିତ କୁମାର ଦାସଙ୍କ ନେତୃତ୍ୱରେ କିଙ୍କିଟା ସରପଞ୍ଚ ଛବି ମାଝି, ସୁନାରୀସିକୁଆ ସରପଞ୍ଚ ଭାଲେଶ୍ୱରୀ ଦାସ, କିଙ୍କିଟା ସମିତି ସଭ୍ୟା ଗାୟତ୍ରୀ ମାଝି, ଦଳିତ ଅଧିକାର ମଞ୍ଚ ରାଜ୍ୟ ସଭାପତି କମଳ ଚରଣ ତାଣ୍ଡି, ଅନୁପ ସିଂ ବୈଠାରୁ, ପରମେଶ୍ୱର ବାରିକ, ନୀଳଗିରି ଦାସ, ଦୈତାରି ବୈଠାରୁ, ଦୁଲୁପ ସିଂ ମାଝି, ହରିସିଂ ମାଝି, ଅନନ୍ତ ହରିଜନ, ନୀଳକଣ୍ଠ ମାଝି, ଛନ୍ଦା ମାଝି, ସନସାଏ ହଂସ, ରୂପିଚନ ଶବରଙ୍କ ସମେତ ୨ଟି ପଞ୍ଚାୟତ ବହୁ ମହିଳା ଓ ପୁରୁଷ ଯୋଗଦେଇଥିଲେ।



ଖଡ଼ିଆଲ-ସିନାପାଲି ମୁଖ୍ୟ ରାସ୍ତା ଅବରୋଧ କରାଯାଇଛି।

## ସଂକ୍ଷେପରେ

### ଟ୍ରେନ୍‌ରେ କଟି ଯୁବକ ମୃତ

**ବରପାଲି, ୩୦।୧୦(ଚିତ୍ତରଞ୍ଜନ ସାହୁ):** ଟ୍ରେନରେ ଧକ୍କାରେ ବରପାଲି ଥାନା କଲେଜ ଛକର ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ନରେଶ ଶର୍ମା (୩୮)। ଜିଆର୍‌ପି ପୋଲିସ ମୃତଦେହ ଜବତ କରି ତଦନ୍ତ କରୁଛି। ସୂଚନା ଅନୁସାରେ, ନରେଶ ବରପାଲିର ଏକ ଘରୋଇ ବିଦ୍ୟାଳୟରେ ଶିକ୍ଷକତା କରନ୍ତି। ସୋମବାର ସନ୍ଧ୍ୟାରେ ସେ ଜଗନ୍ନାଥ ନଗରରୁ ଟ୍ୟୁଶନ ସାରି ସାଇକେଲରେ ଘରକୁ ଫେରୁଥିଲେ। ସେ ରେଲଧାରଣା ପାରି ହେଉଥିବା ବେଳେ ଏକ ସାପ୍ତାହିକ ଏକ୍ସପ୍ରେସ ଟ୍ରେନ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା।

### ଅଗ୍ନିକାଣ୍ଡରେ ୨ ବଖରା ଜଳିଗଲା

**ଭେଡ଼େନ,୩୦।୧୦(ସୁଦନ ମହାକୁର):** ବରଗଡ଼ ଜିଲା ଭେଡ଼େନ ବ୍ଲକ ମହୁଲପାଲି ପଞ୍ଚାୟତ ଅନ୍ତର୍ଗତ କେଶ୍ରିପାଲି ବାରଝୁଲା ପଡ଼ାରେ ସୋମବାର ସନ୍ଧ୍ୟାରେ ନିଆଁ ଲାଗି ଅର୍ଜୁନ ସନ୍ୟାସୀଙ୍କ ୨ ବଖରା ଛପର ଘର ସମ୍ପୂର୍ଣ୍ଣ ଜଳିଯାଇଛି । ଏହି ଅଗ୍ନିକାଣ୍ଡରେ ଘରେ ଥିବା ଧାନ, ଚାଉଳ, ନଗଦ ଟଙ୍କା, କପଡ଼ା ଓ ଆସବାବପତ୍ର ପୋଡ଼ି ଯାଇଛି। ଅର୍ଜୁନ ସନ୍ୟାସୀ ଗାଁ ଗାଁ ବୁଲି ପୁରୁଣା କପଡ଼ା ସିଲେଇ କରି ପରିବାର ପୋଷଣ କରିଥାନ୍ତି। ଉକ୍ତ ଦମ୍ପତି ସବୁଦିନ ପରି ଅନ୍ୟ ଗ୍ରାମକୁ ସିଲେଇ କରିବାକୁ ଯାଇଥିଲେ। ସେମାନେ ସନ୍ଧ୍ୟା ପର୍ଯ୍ୟନ୍ତ ନ ଫେରିବାରୁ ଘରେ ଥିବା ତାଙ୍କର ମା' ଛେଉଣ୍ଡ ନାତୁଣୀ ସତ୍ୟବତୀ (୧୨) ରୋଷେଇ କରିବାକୁ ଚୂଲିରେ ନିଆଁ ଲଗାଇଥିଲେ। ସତ୍ୟବତୀ ବାରିପଟକୁ ଜାଳେଣି କାଠ ଆଣିବାକୁ ଯାଇଥିବା ବେଳେ ନିଆଁ ହଠାତ୍ ଚାଳରେ ଲାଗିଯାଇଥିଲା। ସେ ପାଟି କରିବାରୁ ପଡ଼ୋଶୀ ନିଆଁକୁ ଆୟତ୍ତ କରିଥିଲେ। ମାତ୍ର ସେତେବେଳକୁ ସବୁ ପୋଡ଼ି ଯାଇଥିଲା। ଏହି ଅଗ୍ନି ବିପନ୍ନ ପରିବାରକୁ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ଦାବି ହେଉଛି।

### ସରକାରୀ ଯୋଜନାର କାର୍ଯ୍ୟକାରିତାକୁ ଗୁରୁତ୍ୱ

**ଝାରବନ୍ଧ, ୩୦।୧୦(ଦେବେନ୍ଦ୍ର ସାହୁ):** ବରଗଡ଼ ଜିଲା ଝାରବନ୍ଧ ବ୍ଲକରେ ନୂତନ ବିଡ଼ିଓ ଭାବେ ପୁରୁଷୋତ୍ତମ ମିର୍ଦ୍ଧା ସୋମବାର ଯୋଗଦାନ କରିଛନ୍ତି। ସେ ମ. ରାମପୁର ବିଡ଼ିଓ ଭାବେ କାର୍ଯ୍ୟରତ ଥିଲେ। ତାଙ୍କର ଝାରବନ୍ଧ ବିଡ଼ିଓ ଭାବେ ବଦଳି ହୋଇଛି । ମିର୍ଦ୍ଧା ସରକାର ଯୋଜନାର ସଫଳ ରୂପାୟନ ସହ ସାଧାରଣ ଜନତା କିପରି ଉପକୃତ ହୋଇପାରିବେ ସେଥିପ୍ରତି ଦୃଷ୍ଟି ଦେବେ ବୋଲି କହିଛନ୍ତି। ଏଥିପାଇଁ ପ୍ରାଥମିକ ପର୍ଯ୍ୟାୟରେ ଆବାସ ଯୋଜନା ଓ ମୋ ଘର ଯୋଜନାର ହିତାଧିକାରୀଙ୍କ ପାଖକୁ ପହଞ୍ଚି ପରିଦର୍ଶନ କରିବେ ବୋଲି ସେ ସୂଚନା ଦେଇଛନ୍ତି।

### ଅସହାୟା ବୃଦ୍ଧାଙ୍କ ମୃତଦେହ ସତ୍କାର କଲେ ସ୍ୱେଚ୍ଛାସେବୀ

**ପାଇକମାଲ,୩୦।୧୦(ବଡ ଶତପଥୀ):** ବରଗଡ ଜିଲା ପାଇକମାଲ ବ୍ଲକ ମିଠାପାଲି ପଞ୍ଚାୟତ ପିପଲଖୁଣ୍ଟା ଗ୍ରାମର ଜଣେ ଅସହାୟ ବୃଦ୍ଧା ମହରଗୀ ମାଝୀ (୭୦)ଙ୍କ ସୋମବାର ମୃତ୍ୟୁ ହୋଇଥିଲା। ମୃତଦେହ ସତ୍କାର ପାଇଁ ତାଙ୍କର କେହି ନ ଥିଲେ। ଖବର ପାଇ ସ୍ଥାନୀୟ ବିଜେଡିର ସ୍ୱେଚ୍ଛାସେବୀମାନେ ପିପାଲଖୁଣ୍ଟା ଗ୍ରାମକୁ ଯାଇ ମୃତଦେହ ସତ୍କାର କରିଥିଲେ। ଏଥିରେ ବିଜୁ ଯୁବ ଜନତା ଦଳ ସଭାପତି ଗୌତମ ସିଂ, ଲାଲ ସାହୁ, ସଞ୍ଜୟ ଭୋଇ, ଦୀପ୍ତି ବାରିକ, ଅଞ୍ଜୁ ସେଠ, ସୁବାସ ଶଗଡିଆ, ନିରଞ୍ଜନ ସୁପକର, ଢୁଲୁଲୁ ଦାସ, ଘନ ସୁପକର, ଶରତ ଦାସ, ବୁନୁ ମିଶ୍ର, ଅମୂଲ୍ୟ ସାହୁ ପ୍ରମୁଖ ସହଯୋଗ କରିଥିଲେ।

### ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ

**ବୌଦ୍ଧ,୩୦।୧୦(ଅଜିତ କୁମାର ବାରିକ):** ବୌଦ୍ଧ ଜିଲାପାଳଙ୍କ କାର୍ଯ୍ୟାଳୟରେ ସୋମବାର ଦୁର୍ନୀତି ନିବାରଣ ପାଇଁ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀଙ୍କ ଆଭାସି ଜରିଆରେ ହୋଇଥିବା କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କୁ ଦୁର୍ନୀତି ବିରୋଧରେ ଶପଥ ପାଠ କରାଯାଇଥିଲା । ଜିଲାପାଳ ନୃସିଂହ ଚରଣ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଡ. ସଂଘମିତ୍ରା ପଣ୍ଡା, ଡେପୁଟି କଲେକ୍ଟର ଶ୍ୱାଶତ ପ୍ରଧାନ, ଜିଲା ମଙ୍ଗଳ ଅଧିକାରୀ ସୂର୍ଯ୍ୟ ନାରାୟଣ ବେହେରା, ଡେପୁଟି କଲେକ୍ଟର ବୁନା ପ୍ରଧାନ, ସହକାରୀ ଜିଲାପାଳ ଚାନ୍ଦନି ମେହେର, ସହକାରୀ ଜିଲାପାଳ କୁମୁଦ ଚନ୍ଦ୍ର ଦଳବେହେରା ଏବଂ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାମିଲ ଥିଲେ।

# ଅଘୋଷିତ ଜରୁରିକାଳୀନ ପରିସ୍ଥିତି ଗଣତନ୍ତ୍ରକୁ ବିପଦ

**ବରଗଡ଼,୩୦।୧୦(ପ୍ରେମାନନ୍ଦ ଖମାରୀ)**



ପାଠଚକ୍ରରେ ମଞ୍ଚାସୀନ ଅତିଥିବୃନ୍ଦ।

ବରଗଡ଼ ଗାନ୍ଧୀ ସ୍ମୃତି ପାଠାଗାର ପରିସରରେ ଗଣଦୃଷ୍ଟି ତରଫରୁ 'ଗଣତନ୍ତ୍ର, ଗଣମାଧ୍ୟମ ଓ ଅଭିବ୍ୟକ୍ତିର ସ୍ୱାଧୀନତା' ପ୍ରସଙ୍ଗ ଉପରେ ଏକ ପାଠଚକ୍ର ଆଲୋଚନା ସୋମବାର ଅନୁଷ୍ଠିତ ହୋଇଛି। ଏହି ପାଠଚକ୍ରରେ ବିଶିଷ୍ଟ ପରିବେଶକର୍ମୀ ତଥା ଗ୍ରୀନ୍ ନୋବେଲ ପୁରସ୍କାରପ୍ରାପ୍ତ ପ୍ରଫୁଲ୍ଲ ସାମନ୍ତରା ଆଲୋଚକ ଭାବେ ଯୋଗଦାନ କରିଥିଲେ। ପ୍ରସଙ୍ଗ ଉପରେ ଆଲୋଚନା କରି ସେ କହିଥିଲେ, ବର୍ତ୍ତମାନ ଦେଶରେ ଏକ ଅଘୋଷିତ ଜରୁରୀକାଳୀନ ପରିସ୍ଥିତି ସୃଷ୍ଟି ହୋଇଛି। ଯେଉଁଥିରେ ଦେଶ ଧ୍ୱଂସ ହେଉଛି, ସମ୍ବିଧାନ ବିପନ୍ନ ହେଉଛି। ତାର ପାର୍ଶ୍ୱ ପ୍ରତିକ୍ରିୟା ପ୍ରତ୍ୟେକ କ୍ଷେତ୍ରରେ ଦେଖିବାକୁ ମିଳୁଛି। ଦେଶରେ ସମାନ ଶିକ୍ଷା କିମ୍ବା ସ୍ୱାସ୍ଥ୍ୟ ବ୍ୟବସ୍ଥା ନାହିଁ। ବ୍ୟକ୍ତି କିମ୍ବା ଗଣମାଧ୍ୟମରେ କହିବାର ସ୍ୱାଧୀନତା ନାହିଁ। କର୍ପୋରେଟ ନିୟନ୍ତ୍ରଣରେ ଗଣମାଧ୍ୟମ ରହିଛି। ଦେଶ ତଥା ରାଜ୍ୟର ଅମୂଲ୍ୟ ସମ୍ପଦଠାରୁ ଆରମ୍ଭ କରି ଅନୁଷ୍ଠାନ ସବୁ ବଡ଼ ବଡ଼ କମ୍ପାନୀମାନଙ୍କୁ ଟେକିଦେବାରେ ସରକାର ଖୁବ୍ ଆଗ୍ରହୀ। ଦେଶର ବିଦେଶୀ ଋଣ ବଢ଼ିବାରେ ଲାଗିଛି। ସ୍ୱର ଉତ୍ତୋଳନ କରିବା ପାଇଁ ବିରୋଧୀ ନାହାନ୍ତି। ଗଣମାଧ୍ୟମ ସଂସ୍ଥା ଉପରେ ମଧ୍ୟ ଚାପ ପକାଯାଉଛି । ଏଣୁ ଗଣତନ୍ତ୍ର ସ୍ଥିତିକୁ ମଜଭୁତ ଓ ସମ୍ବିଧାନକୁ ସୁରକ୍ଷିତ ରଖିବା ପାଇଁ ସଚେତନ ହେବାକୁ ପଡିବ। ସମସ୍ତଙ୍କୁ ପ୍ରଶ୍ନ କରିବା ଶିଖିବାକୁ ହେବ। ପରମ୍ପରାଗତ ବିଷମତା, ଭେଦଭାବ, ବିଭେଦ ସୃଷ୍ଟି ହେଉଥିବା ପରିସ୍ଥିତିରେ ସଙ୍କୁଚିତ ମାନସିକତାରୁ ବାହାରି ପ୍ରଶ୍ନ ପଚାରିବାର ସାହାସ କରିବାକୁ ହେବ। ନଚେତ ଭବିଷ୍ୟତ ଅନ୍ଧାର ହୋଇପଡିବ। ଆଜି ପ୍ରଶ୍ନ କରୁଥିବା ଗଣମାଧ୍ୟମ ପ୍ରତିନିଧିମାନେ ଏପରିକି ସାମାଜିକ ଗଣମାଧ୍ୟମ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ସ୍ୱର ଉତ୍ତୋଳନ କରିବାର ଅଧିକାରକୁ ଛଡ଼ାଇ ନିଆଯାଉଛି। ସୁତରାଂ ପରିବର୍ତ୍ତନ ଆଣିବା ପାଇଁ ସାଧାରଣ ଜନତା, ଚାଷୀ, ଶ୍ରମିକ, ଦଳିତ ସମସ୍ତ ବର୍ଗର ସ୍ୱରକୁ ଶୁଣୁ ନ ଥିବା କ୍ଷମତାକୁ ବଦଳାଇବା ପାଇଁ ଆମକୁ ସାହସ କରିବାକୁ ପଡିବ ବୋଲି ସାମନ୍ତରା କହିଥିଲେ।

ସେ ଆହୁରି କହିଥିଲେ, ଏକ ରାଷ୍ଟ୍ର ଗଠନ କରିବା ପାଇଁ ଗାନ୍ଧୀ, ସୁବାଷ ବୋଷ ଓ ଆମ୍ବେଦକରଙ୍କ ମଧ୍ୟରେ ବିଚାରଗତ ପାର୍ଥକ୍ୟ ଥିଲେ ସୁଦ୍ଧା ଜଣେ ଅନ୍ୟକୁ ସମ୍ମାନ ଓ ଗୁରୁତ୍ୱ ଦେଉଥିଲେ। ମାତ୍ର ଆଜି ସେ ମାନସିକତା ଦେଖିବାକୁ ମିଳୁନାହିଁ। ଏଣୁ ଦେଶ ଓ ସମ୍ବିଧାନକୁ ବଞ୍ଚାଇବା ପାଇଁ ପରିବର୍ତ୍ତନ ଆଣିବାକୁ ହେବ ଏବଂ ସେଥିପାଇଁ ଆମକୁ ସାହସ କରିବାକୁ ହେବ। ଯଦି ପାରିବା ନାହିଁ ତାହେଲେ ଦେଶର ଭବିଷ୍ୟତ ଅନିଶ୍ଚିତ ଓ ଅନ୍ଧାର ହୋଇଯିବ। ଗଣଦୃଷ୍ଟିର ସମ୍ପାଦକ ଉମେଶ ବିଶ୍ୱାଳଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ପାଠଚକ୍ରରେ ଗାନ୍ଧୀ ସ୍ମୃତି ପାଠାଗାର ସଭାପତି ବିମ୍ବାଧର କୁଅଁର ଅଧ୍ୟକ୍ଷତା କରିଥିବା ବେଳେ ବିଶିଷ୍ଟ ଚାଷୀ ନେତା ଲିଙ୍ଗରାଜ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପ୍ରାରମ୍ଭରେ ଏହି ପ୍ରସଙ୍ଗରେ ଆଡ୍‌ଭୋକେଟ କିରଣ ମିଶ୍ର, କଲେଜ ଛାତ୍ର ଅୟସ ପଣ୍ଡା, ବରଗଡ଼ ସାମ୍ବାଦିକ ସଂଘ ଉପସଭାପତି ବିରେନ୍ଦ୍ର ପ୍ରଧାନ, ଡାକ୍ତର ଶକ୍ତି କୁମାର ତ୍ରିପାଠୀ, ଚାଷୀନେତା ସୁଶିଲ ସାହୁ, ନାଟ୍ୟକାର ଅରୁଣ ସାହୁ, ଅବସରପ୍ରାପ୍ତ ବାୟୁସେନା କର୍ମଚାରୀ ସରୋଜ ମହାପାତ୍ର ପ୍ରମୁଖ ନିଜ ମତ ରଖିଥିଲେ। ଖବରଦାତା ପ୍ରବୀଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଦୁର୍ନୀତି ନିବାରଣ ସପ୍ତାହ ଉଦ୍‌ଘାଟିତ

**ପଦ୍ମପୁର ୩୦।୧୦ (ପ୍ରଦୀପ୍ତ ଦାଶ)**

ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଜାତୀୟ ସେବା ଶିବିର ଓ ଦୁର୍ନୀତି ନିବାରଣ ଅଭିଯାନ ଆନୁକୂଲ୍ୟରେ ଦୁର୍ନୀତି ନିବାରଣ ସପ୍ତାହ ସୋମବାର ଉଦ୍‌ଘାଟିତ ହୋଇଛି। ଅଧ୍ୟକ୍ଷ ଡ. ଲଳିତେନ୍ଦୁ ନାୟକ ପୌରୋହିତ୍ୟ କରି ଶପଥ ପାଠ କରାଇଥିଲେ। ଶିକ୍ଷା ବିଭାଗ ମୁଖ୍ୟ ଡ. ତୁଷାରକାନ୍ତ ସାହୁ, ଅର୍ଥନୀତି ବିଭାଗ ମୁଖ୍ୟ ଡ. ବିରଞ୍ଚି ସାହୁ, ଓଡିଆ ବିଭାଗ ମୁଖ୍ୟ ଡ. ସରୋଜ ନାଏକ, ପ୍ରାଣୀ ବିଜ୍ଞାନ ବିଭାଗ ଅଧ୍ୟାପକ ପ୍ରମୋଦ ତ୍ରିପାଠୀ ଯୋଗଦାନ କରି ସ୍ୱେଚ୍ଛାସେବୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ଜାତୀୟ ସେବା ଶିବିର ପ୍ରୋଗ୍ରାମ ଅଫିସର ସଞ୍ଜୟ ଟିଗା ସପ୍ତାହ ବ୍ୟାପୀ କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିଥିଲେ। ଛାତ୍ର କରନ, ଆଲୋକ, ଆଦିତ୍ୟ, ବୃନ୍ଦାବନ, ଛାତ୍ରୀ ମନୀଷା, ପୂଜା, ସସ୍ମିତା, ରୀନା ଓ ଦୀପା ସହଯୋଗ କରିଥିଲେ। ସହ ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ବୁନି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# କ୍ଷତିପୂରଣ ଦାବିକଲା କୃଷକ ସଙ୍ଗଠନ

**ସରଣ୍ଡା, ୩୦।୧୦(ଯୁଧିଷ୍ଠିର ମହାପାତ୍ର)**

**ରୋଗପୋକ ଯୋଗୁ ଧାନ ଫସଲ ନଷ୍ଟ**

ବରଗଡ଼ ଜିଲା ଅତାବିରା ଅଞ୍ଚଳରେ ଆଉ କିଛିଦିନ ମଧ୍ୟରେ ଖରିଫ ଧାନ ଫସଲ ଅମଳ ଆରମ୍ଭ ହେବ। ତେବେ ପ୍ରତିକୂଳ ପାଗ ଓ ରୋଗପୋକ ଯୋଗୁ ଧାନ ଫସଲ ବ୍ୟାପକ କ୍ଷତି ହେବ ବୋଲି ଚାଷୀମାନେ ମତ ଦେଇଛନ୍ତି। ବ୍ଲକର ପ୍ରାୟ ସମସ୍ତ ପଞ୍ଚାୟତରେ ଗଣ୍ଡି ରୋଗ ଯୋଗୁ ଗଛରେ ଧାନକେଣ୍ଡା ଶୁଖିଯାଇଛି। କୁଲୁଣ୍ଡା ଗ୍ରାମର ମକରଧ୍ୱଜ ପ୍ରଧାନ, ତପନ ପ୍ରଧାନ, ପ୍ରେମାନନ୍ଦ ପ୍ରଧାନ, ସଞ୍ଜୀବ ସାହୁ, ବାବେବିରା ଗ୍ରାମର କୁନୁ ନାଏକ, ଦୀପକ ବାରିକ, ଗୁରୁଚରଣ ନାଏକଙ୍କ ଧାନ ଫସଲରେ ଗଣ୍ଡିପୋକ ଯୋଗୁ ବ୍ୟାପକ କ୍ଷତି ହୋଇଥିବା ଜଣାପଡ଼ିଛି। ଯେତେ ପ୍ରକାର ଔଷଧ ସିଞ୍ଚନ କଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା ସେମାନେ ଅଭିଯୋଗ କରିଛନ୍ତି। କ୍ଷୟକ୍ଷତି ଆକଳନ କରି ଚାଷୀଙ୍କୁ ତୁରନ୍ତ କ୍ଷତିପୂରଣ ଅର୍ଥ ପ୍ରଦାନ କରିବା ପାଇଁ ଓଡ଼ିଶା ରାଜ୍ୟ କୃଷକ ସଙ୍ଗଠନ ସଭାପତି ବୀରେନ୍ଦ୍ର କର ଦାବି କରିଛନ୍ତି। ସେ ଅଭିଯୋଗ କରିଛନ୍ତି, ଅତାବିରା ଅଞ୍ଚଳରେ ନକଲି କୀଟନାଶକ ବ୍ୟାପକ ପରିମାଣରେ ବିକ୍ରି ହେଉଛି । ଏ ସମ୍ପର୍କରେ ପ୍ରଶାସନକୁ ବାରମ୍ବାର ଜଣାଇବା ସହ ଏଠାରେ କୀଟନାଶକର ମାନ ନିର୍ଣ୍ଣୟ ପାଇଁ ଲାବୋରେଟୋରୀ ଖୋଲିବାକୁ ଦାବି ହେଉଛି। ମାତ୍ର ପ୍ରଶାସନ କର୍ଣ୍ଣପାତ କରୁନାହିଁ। ଚାଷୀଙ୍କ ଦୁର୍ଦ୍ଦିନରେ ଗ୍ରାମ୍ୟ କୃଷି କର୍ମଚାରୀଙ୍କର ମଧ୍ୟ ଦେଖା ମିଳୁନାହିଁ ବୋଲି ସେ କହିଛନ୍ତି।

# କନସିଂହାରେ ଦେଶୀ ବିହନ, ଖାଦ୍ୟ ମେଳା

**ପଦ୍ମପୁର,୩୦।୧୦(ପ୍ରଦୀପ୍ତ ଦାଶ)**

ଭିତ୍ତିଭୂମି ସେବା ସଙ୍ଗଠନ ଏବଂ ତ୍ରିରଙ୍ଗା ଯୁବକ ସଂଘ ଉଦ୍ୟମରେ ସୋମବାର ପଦ୍ମପୁର ବ୍ଲକ କନସିଂହା ଗ୍ରାମ ବଜାର ପ୍ରାଙ୍ଗଣରେ ଦେଶୀ ବିହନ ଓ ଖାଦ୍ୟ ମେଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପଦ୍ମପୁର ଅଞ୍ଚଳ ୫୦୦ ମହିଳା ପୁରୁଷ ଜୈବିକ ଚାଷୀ ନିଜର ଦେଶୀ ବିହନ ସହ ବିଭିନ୍ନ ପ୍ରକାର ଦେଶୀ ଖାଦ୍ୟମାନ ପ୍ରସ୍ତୁତ କରି ସମସ୍ତଙ୍କୁ ଏହାର ଉପକାରିତା ବୁଝାଇଥିଲେ। କାର୍ଯ୍ୟକ୍ରମରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବବଲୁ ବଗର୍ତ୍ତୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରକଳ୍ପ ନିର୍ଦ୍ଦେଶକ ସରୋଜ ମହାନ୍ତି ଦେଶୀ ବିହନରେ ଜୈବିକ ଚାଷ ସହ ଦେଶୀ ଖାଦ୍ୟର ଗୁରୁତ୍ୱ ବିଷୟରେ କହିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ବରିହା, ମୁଖ୍ୟବକ୍ତା କୃଷିବିଜ୍ଞାନ କେନ୍ଦ୍ର ମୁଖ୍ୟ ନୃସିଂହ ଚରଣ ବାରିକ, ମିଲେଟ ମିଶନର ଜିଲା ପ୍ରକଳ୍ପ ପରିଚାଳକ ସବ୍ୟସାଚୀ ହନୁମାନ, ଖାଦ୍ୟ ବିଶେଷଜ୍ଞ ଡ. ସୁମନ ଅଗ୍ରୱାଲ, ରାଜବୋଡାସମ୍ବର କୃଷକ ସଙ୍ଗଠନର ରମେଶ ମହାପାତ୍ର ଓ ବାଞ୍ଛାନିଧି ନାଏକ, ଜିଲା ଶିଶୁ କଲ୍ୟାଣ ସମିତି ଅଧ୍ୟକ୍ଷ ଏବଂ ତ୍ରିରଙ୍ଗା ଯୁବକ ସଂଘର ଶାଖା ପରିଚାଳକ ହୃଦାନନ୍ଦ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ୯ଟି ଆଦର୍ଶ ଜୈବିକ ଚାଷୀ ଦଳକୁ ସମ୍ମାନିତ କରାଯାଇଥିଲା। ସୁଇସେଡ ଇଣ୍ଡିଆ, ବରଗଡ଼ କୃଷି ବିଭାଗ ଏବଂ ଓଡିଶା ମିଲେଟ ମିଶନର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା।

# ଆମ୍ବେଡକର ଯୁବକ ସଂଘ ପାଳିଲା ନୂଆଁଖାଇ ଭେଟ୍‌ଘାଟ୍


ନୂଆଁଖାଇ ଭେଟ୍‌ଘାଟ୍‌ରେ ପ୍ରତିଭାଧାରୀଙ୍କୁ ସମ୍ମାନିତ କରାଯାଉଛି।

**ପଦ୍ମପୁର,୩୦।୧୦(ପ୍ରଦୀପ୍ତ ଦାଶ)**

ପଦ୍ମପୁର ଫଟାମୁଣ୍ଡା ସ୍ଥିତ ଆମ୍ବେଦକର ଯୁବକ ସଂଘ ପକ୍ଷରୁ ସୋମବାର ୧୧ତମ ନୂଆଁଖାଇ ଭେଟ୍‌ଘାଟ୍ ଅନୁଷ୍ଠିତ ହୋଇଯାଇଛି । ଅଞ୍ଜନ କୁମାର ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ ସଭାରେ ସାମାଜିକ କର୍ମୀ ଭୋଜରାଜ ବାଗ ମୁଖ୍ୟ ଅତିଥି, ନାଟ୍ୟକାର ପ୍ରଫେସର କେଶରଞ୍ଜନ ପ୍ରଧାନ, ନାଟ୍ୟକାର ଅଶୋକ ବହିଦାର, ଚାଷୀ ନେତା ହର ବଣିଆ, କବି ମନୋରଞ୍ଜନ ଲୁହାର ସମ୍ମାନୀତ ଅତିଥି ଏବଂ ନିୟମଗିରି ଆନ୍ଦୋଳନର ନେତା ତଥା ସାମାଜିକ କର୍ମୀ ଲିଙ୍ଗରାଜ ଆଜାଦ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଆମ୍ବେଦକରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସଂଘ ସଭାପତି ଗୋପବନ୍ଧୁ ଶିକା ସ୍ୱାଗତ ଭାଷଣ ଦେଇଥିଲେ। ସୁରେନ୍ଦ୍ର ସାହୁଙ୍କ ନିର୍ଦ୍ଦେଶନାରେ ଛାତ୍ରୀମାନେ ସ୍ୱାଗତ କରିଥିଲେ। ଏହି ଅବସରରେ ଅଭିନେତା ବିଶ୍ରାମ ମେହେର, ସାମାଜିକ କର୍ମୀ ଭୋଜରାଜ ବାଗ, ଲୋକ କଳାକାର ପୁଷ୍ପାରାଣୀ ତାଣ୍ଡି, ଯୋଗ ଶିକ୍ଷାର୍ଥିନୀ ରଞ୍ଜିତା ଭୁଏ, କବି ମନୋରଞ୍ଜନ ଲୁହା, ଏବିସିଡି ଅନୁଷ୍ଠାନ, ଲିପ୍ସାରାଣୀ କୁମ୍ଭାର, ଫଟାମୁଣ୍ଡର ଗାଁର ବୟୋଜ୍ୟେଷ୍ଠ ଭୁବନେଶ୍ୱର ବରିହା ଏବଂ ଖବରଦାତା ରମେଶ ବାରିକଙ୍କୁ ସମ୍ମାନିତ କରାଯାଇଥିଲା। ନୂଆଁଖାଇ ହୃଦୟ ହୃଦୟ ଭିତରେ ସମ୍ପର୍କ ଯୋଡିବାର ଏକ ନିଆରା ଉତ୍ସବ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ଯୋଗଦାନ କରି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ବିଶାମିତ୍ର କୁମ୍ଭାର ଧନ୍ୟବାଦ ଅର୍ପଣ କରିଥିଲେ।

# ୫୪ ଅଭିଯୋଗର ଶୁଣାଣି କଲେ ଜିଲାପାଳ



ଜନଅଭିଯୋଗ ଶୁଣାଣି ଶିବିରରେ ଉପସ୍ଥିତ ଜିଲାପାଳ, ଏସ୍‌ପି ଓ ଅନ୍ୟମାନେ।

**ଭେଡ଼େନ,୩୦।୧୦(ସୁଦନ ମହାକୁର)**

ବରଗଡ଼ ଜିଲା ଭେଡ଼େନ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସୋମବାର ଜିଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ତ୍ରିପୁର ମହାନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ବ୍ଲକର ବିଭିନ୍ନ ଗ୍ରାମରୁ ଆସିଥିବା ୫୪ଟି ଅଭିଯୋଗର ଶୁଣାଣି ହୋଇଥିଲା। ଶିବିରରେ ବିଶେଷ କରି ସାମୂହିକ ସମସ୍ୟା, ଆବାସ ଯୋଜନାରେ ଘର ପ୍ରଦାନ, ଶିକ୍ଷକ ସମସ୍ୟା, ପାନୀୟ ଜଳଯୋଗାଣ, ଉଠା ସେଚପ୍ରକଳ୍ପ, ଅଙ୍ଗନୱାଡ଼ି, ଜମିବାଡ଼ି ସଂକ୍ରାନ୍ତ ସମସ୍ୟା ସମାଧାନ ହୋଇଥିଲା। ଜିଲାପାଳ ମୋନୀଷା ବାନାର୍ଜୀ, ଏସ୍‌ପି ପି. ଏସ୍. ମୀନା, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଆଦିତ୍ୟ ଗୋୟଲ, ଉପ ଜିଲାପାଳ କୁମାର ନାଗ ଭୂଷଣଙ୍କ ସମେତ ସ୍ୱାସ୍ଥ୍ୟ, ପାନୀୟଜଳ, ଜଳସେଚନ, କୃଷି, ଜଙ୍ଗଲ, ପଞ୍ଚାୟତିରାଜ, ଅବକାରୀ, ପ୍ରାଣୀ ସମ୍ପଦ ବିଭାଗର ଅଧିକାରୀ ଏବଂ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଜିଲାପାଳ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ତ୍ରାହିର ହୁସେନ, ବ୍ଲକ ଅଧ୍ୟକ୍ଷା ସୁପ୍ରଭା ମହାଲିଙ୍ଗ, ଅତିରିକ୍ତ ତହସିଲଦାର ଦେବାନନ ସାହୁ, ଏବିଡ଼ିଓ ପ୍ରିତେଶ ଦୋରା, ବିଏସ୍‌ଏସ୍‌ଓ ଚକ୍ରପାଣି ଦାଶ ପ୍ରମୁଖଙ୍କୁ ତୁରନ୍ତ ସମସ୍ୟାଗୁଡ଼ିକର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ ।

# ଦୁର୍ନୀତି ନିବାରଣ ପାଇଁ ଶପଥପାଠ

**ବରଗଡ଼, ୩୦।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସୋମବାର ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମାଧ୍ୟମରେ ଶପଥ ପାଠ କରାଇଥିଲେ। ବରଗଡ଼ ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଲଲାଟ କୁମାର ଲୁହା ଓ ଅନ୍ୟ ଅଧିକାରୀ ଉପସ୍ଥିତ ରହି ଶପଥ କରିଥିଲେ। ଓଡିଶାରେ ଦୁର୍ନୀତି ନିବାରଣ ସହ ଦୁର୍ନୀତି କରୁଥିବା ଅଧିକାରୀଙ୍କ ଉପରେ ରାଜ୍ୟ ସରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। ଏ ନେଇ ବରଗଡ଼ ଜିଲା କିପରି ଦୁର୍ନୀତିମୁକ୍ତ ହୋଇପାରିବ ଏବଂ ଦୁର୍ନୀତି କରୁଥିବା ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଜିଲାପାଳ ବାନାର୍ଜୀ କହିଥିଲେ। ଦୁର୍ନୀତି ହେଲେ ରାଜ୍ୟ ଭିଜିଲାନ୍ସ କଣ୍ଟ୍ରୋଲ ରୁମ୍‌କୁ ଯୋଗାଯୋଗ କଲା ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦିଆଯାଇଥିଲା।


ଜିଲାପାଳଙ୍କ ଅଫିସ ସମ୍ମିଳନୀ କକ୍ଷରେ ଶପଥପାଠ କରାଯାଉଛି।

# ସିନ୍ଦୂରପୁରରେ ନୂଆଁଖାଇ ଭେଟ୍‌ଘାଟ୍

**ବିନିକା,୩୦।୧୦(ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅନ୍ତର୍ଗତ ସିନ୍ଦୁରପୁର ଗ୍ରାମରେ ଶ୍ରୀଗୋପାଳଜୀ ମନ୍ଦିର ପ୍ରାଙ୍ଗଣରେ ନୂଆଖାଇ ଭେଟଘାଟ,ପ୍ରତିଭା ସମ୍ମାନ ଓ ଭଜନ ସନ୍ଧ୍ୟା କାର୍ଯକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି । ଶ୍ରୀ ଗୋପାଳଜୀ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଭକ୍ତ ଚରଣ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଜିଲା ଖାଉଟି ବିବାଦ ସମାଧାନ ମଞ୍ଚ ସଭାପତି ସୁଭାଷ ଚନ୍ଦ୍ର ନାୟକ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ସିଦ୍ଧାର୍ଥ ଡ଼ିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼ ଧିରେନ୍ଦ୍ର କୁମାର ନାୟକ , ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲା ପରିଷଦ ସଭ୍ୟ ସୁଶାନ୍ତ ପଣ୍ଡା, ଶିକ୍ଷକ ସୁଶୀଲ ଭୁଏ , ସାଂସ୍କୃତିକ ସଂଯୋଜକ ଦେବଦତ୍ତ ପଣ୍ଡା ମଞ୍ଚାସୀନ ଥିଲେ । କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ନୃତ୍ୟ ପ୍ରତିଯୋଗିତା ହୋଇଥିଲା। ଯେଉଁଥିରେ ସତ୍ୟଭାମା ଶାଣ୍ଢ ପ୍ରଥମ, କ୍ରିଷ୍ଣାମୟୀ ପଣ୍ଡା ଦ୍ୱିତୀୟ ଓ ଗଙ୍ଗା ଶାଣ୍ଢ ତୃତୀୟ ସ୍ଥାନ ଅଧିକାର କରିଥିଲେ । ନୃତ୍ୟ ନିକେତନ ବିନିକାର ପ୍ରତିଷ୍ଠାତା ତଥା କୋରିଓଗ୍ରାଫର୍ ବିକ୍ରମ ମିଶ୍ର ଓ ନୃତ୍ୟଶିଳ୍ପୀ ଶିଖା ଗରିଆ ବିଚାରକ ଭାବେ ଯୋଗଦାନ କରିଥିଲେ। ଏହି ଅବସରରେ ଗ୍ରାମର ପ୍ରତିଭାବାନ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ଗ୍ରାମର ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ପ୍ରକାଶ ସେଠୀ, ଯୁକ୍ତ ଦୁଇ ଶ୍ରେଣୀରେ ସର୍ବୋଚ୍ଚ ନମ୍ବର ରଖିଥିବା ଓମ ପ୍ରକାଶ ପଣ୍ଡା, କୀର୍ତ୍ତନ ଗାୟକ ତଥା ମୃଦଙ୍ଗ ବାଦକ ଭାବରେ ଅଞ୍ଚଳରେ ସୁନାମ ଅର୍ଜନ କରିଥିବା ନିମାଇଁ ଚରଣ ଶାଣ୍ଢ, ବିଦେଶରୁ ପ୍ରଫେସର ଚାକିରି ଛାଡି ନିଜ ଅଞ୍ଚଳରେ ଇକୋ ଭିଲେଜ ଏବଂ ମୁକ ବଧିର ମାନଙ୍କ ପାଇଁ ମାଗଣା ସ୍କୁଲ ଖୋଲିଥିବା ଶିବାଜୀ ପଣ୍ଡା,ଶାନ୍ତନୁ ପଣ୍ଡାଙ୍କୁ ସମ୍ମାନିତ କରାଯାଇ ଥିଲା। ଶିକ୍ଷକ ବିଘ୍ନେଶ୍ୱର ପଣ୍ଡା ମଞ୍ଚ ପରିଚାଳନା କରିଥିଲେ । ଶିକ୍ଷକ ମାନସ ରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଭକ୍ତି ଆରାଧନା ଗ୍ରୁପ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା।


ସିନ୍ଦୂରପୁର ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ଅତିଥିଙ୍କ ସହିତ ଛାତ୍ରୀଛାତ୍ର।



## ସଂକ୍ଷେପରେ

### ନୂତନ ଭିଜିଲାନ୍ସ କାର୍ଯ୍ୟାଳୟ ଉଦ୍‌ଘାଟିତ

ରାଉରକେଲା,୩୦।୧୦(ସଙ୍ଗୀତା ଜେନା): ରାଉରକେଲା ଖଣ୍ଡ ଦୁର୍ନୀତି ନିବାରଣ ବିଭାଗର ନୂତନ କାର୍ଯ୍ୟାଳୟ ସୋମବାର ଉଦ୍‌ଘାଟିତ ହୋଇଛି। ଏହାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିଥିଲେ। ରାଉରକେଲା ଦୁର୍ନୀତି ନିବାରଣ କାର୍ଯ୍ୟାଳୟରେ ସୁନ୍ଦରଗଡ଼ ଜିଲାପାଳ ହର୍ଷଦ ପରାଗ ଗାଭାଲି, ପଶ୍ଚିମାଞ୍ଚଳ ଡିଆଇଜି ନୀତି ଶେଖର, ଅତିରିକ୍ତ ଜିଲାପାଳ ତଥା ଆରଏମସି କମିଶନର ଡ. ଶୁଭଙ୍କର ମହାପାତ୍ର, ରାଉରକେଲା ଏସ୍‌ପି ମିତ୍ରଭାନୁ ମହାପାତ୍ର, ଭିଜିଲାନ୍ସ ଏସ୍‌ପି ଦେବ ନାରାୟଣ ଦାସ, ଡିଏଫ୍‌ଓ ଯଶୋବନ୍ତ ସେଠୀ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଶପଥ ପାଠ କରାଯାଇଥିଲା। ରାଉରକେଲା ତହସିଲଦାର ଚନ୍ଦ୍ରକାନ୍ତ ମଲ୍ଲିକ, ଜିଲା ଲୋକ ସମ୍ପର୍କ ଓ ସୂଚନା ଅଧିକାରୀ ସୀମା ଫାତିମା ଏକ୍କା, ଭିଜିଲାନ୍ସ ଅତିରିକ୍ତ ଏସ୍‌ପି ବିମଳେନ୍ଦୁ ଶତପଥୀ, ଡିଏସ୍‌ପି ମାନସ ରଞ୍ଜନ ପ୍ରଧାନ, ଇନ୍ସପେକ୍ଟର ରଶ୍ମିତା ଲାକ୍ରା, ଆପାଲୋନୁଆ ତିର୍କୀ, ଲିପିକା ନାୟକ, ସୁଶୀଳା ବାର୍ଲା, ସୁନୀତା ଟପ୍ପୋଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ମୋବାଇଲ ସହ ଧରାପଡିଲେ ଯୁବକ

ରାଉରକେଲା,୩୦।୧୦(ଦିନେଶ ମିଶ୍ର): ସୋମବାର ଅପରାହ୍ଣ ସାଢେ ୧ଟାରେ ଛେଣ୍ଡ ଥାନା ଲୁହାକେରା ବସ୍ତିର ଗୋଲକ ବିହାରୀ ରାଉତ ଡେଲିମାର୍କେଟରୁ ସାଇକେଲ ଯୋଗେ ଘରକୁ ଫେରୁଥିବା ବେଳେ ଏରୋଡ୍ରୋମ ପଡିଆ ରାସ୍ତାରେ ଜଣେ ଯୁବକ ତାଙ୍କ ମୋବାଇଲ ଛଡାଇ ନେଇଥିଲେ। ଗୋଲକ ପଛରେ ଆସୁଥିବା ଜଣେ ବନ୍ଧୁଙ୍କ ବାଇକରେ ପିଛା କରି ଉକ୍ତ ଯୁବକଙ୍କୁ କାବୁ କରି ନେଇଥିଲେ। ପରେ ସ୍ଥାନୀୟ ଲୋକେ ତାଙ୍କୁ ନିସ୍ତୁକ ମାଡ ମାରି ମୋବାଇଲ ଜବତ କରିବା ସହ ବୁଝାଶୁଝା କରି ଛାଡି ଦେଇଥିଲେ।



ରାଉରକେଲା ସିଭିକ ସେଣ୍ଟରରେ ଆୟୋଜିତ କୁଆଁର ପୂର୍ଣ୍ଣିମା ଉତ୍ସବରେ କଳାକାରଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଉଛି।

### ଛାତରୁ ପଡ଼ି ଶ୍ରମିକ ଗୁରୁତର

ରାଉରକେଲା,୩୦।୧୦(ଦିନେଶ ମିଶ୍ର)

ରାଉରକେଲା ଶିଳ୍ପାଞ୍ଚଳରେ ଜଣେ ଶ୍ରମିକ ଛାତରୁ ପଡି ଗୁରୁତର ହୋଇଛନ୍ତି। ସେ ହେଲେ ଶୁକ୍ରା ମିଞ୍ଜ(୩୬)। ତାଙ୍କୁ ଚିକିତ୍ସା ଲାଗି ଆର୍‌ଜିଏଚ୍‌ରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁସାରେ, ଉଦିତନଗର ଥାନା ଅନ୍ତର୍ଗତ କୁମ୍ଭାରଟୋଲା ବସ୍ତିର ଶୁକ୍ରା ରାଉରକେଲା ସହରରେ ଠିକା ଶ୍ରମିକ ଭାବେ କାମ କରନ୍ତି। ଶୁକ୍ରା ସୋମବାର ସକାଳ ସାଢେ ୮ଟାରେ କାମ କରିବାକୁ ରାଉରକେଲା ଶିଳ୍ପାଞ୍ଚଳକୁ ଯାଇଥିଲେ। ସେଠାରେ ତିନି ମହଲା ଛାତ ଉପରେ କାମ କରୁଥିବାବେଳେ ତଳକୁ ଖସି ପଡିଥିଲେ।

# ଅଡୁଆ ସାଜିଛି ଜମି ଅଧିଗ୍ରହଣ

ରାଉରକେଲା,୩୦।୧୦(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ହକି ଛକ ଭାୟା ବନ୍ଧମୁଣ୍ଡା-ଜରେଇକେଲା ୨୫ କି.ମି. ଜାତୀୟ ରାଜପଥ-୩୨୦ଡି ନିର୍ମାଣ କାର୍ଯ୍ୟ କିଭଳି ଶୀଘ୍ର ଆରମ୍ଭ ହେବ ସେ ନେଇ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ରାସ୍ତା ନିର୍ମାଣରେ ବାଧକ ସାଜୁଥିବା ଗଛ ଏବଂ ହାତୀ ଚଲାପଥ ଜନିତ ଜଙ୍ଗଲ ବିଭାଗର ସର୍ତ୍ତାବଳୀକୁ ଜାତୀୟ ରାଜପଥ ବିଭାଗ ମାନି ନେବା ପରେ ବନ ବିଭାଗ ଜନିତ ଅଡୁଆ ତୁଟିଛି। ମାତ୍ର ଜମି ଅଧିଗ୍ରହଣ ବିଭାଗ ପାଇଁ ମୁଣ୍ଡବିନ୍ଧାର କାରଣ ସାଜିଛି।

ବନ୍ଧମୁଣ୍ଡା-ଜରେଇକେଲା ଏନ୍‌ଏଚ ନିର୍ମାଣ ପାଇଁ ମହିପାଣି, ଭାଲୁଲତା, ଜାମମାଲ ଏବଂ ଭୂଲତାବାହାଲ ମୌଜାରେ ୫.୯୮ଏକର ବେସରକାରୀ ଓ ୨୧.୧୪୦ଏକର ସରକାରୀ ଜମି ଅଧିଗ୍ରହଣ କରାଯିବ। ଏହି କ୍ରମରେ ୨୦୨୨ ଫେବୃୟାରୀ ୭ରେ ରାଜପଥ

### ବନ୍ଧମୁଣ୍ଡା-ଜରେଇକେଲା ଜାତୀୟ ରାଜପଥ




ବିଭାଗ ପକ୍ଷରୁ ନୋଟିଫିକେଶନ କରାଗଲା। ନୋଟିସରେ ଜମି ମାଲିକଙ୍କୁ ତା୭।୨।୨୨ରିଖ ଯାଏ ଥିବା ସରକାରୀ ମୂଲ୍ୟ ହିସାବରେ କ୍ଷତିପୂରଣ ପ୍ରଦାନ ପାଇଁ ଅର୍ଥ ମଞ୍ଜୁର ହେଲା। ମାତ୍ର ପରବର୍ତ୍ତୀ ସମୟରେ ଅର୍ଥାତ ୨୦୨୨ ଏପ୍ରିଲ ମାସରେ ରାଜ୍ୟରେ ଜମି ମୂଲ୍ୟ ବଢିଯିବା ପରେ ଉକ୍ତ ୪ଟି ମୌଜାର ଜମି ମାଲିକ ବର୍ତ୍ତମାନର ମୂଲ୍ୟ ଅନୁସାରେ କ୍ଷତିପୂରଣ ପ୍ରଦାନ ନ କଲେ ଜମି ଛାଡିବୁ ନାହିଁ କି କ୍ଷତିପୂରଣ ନେବୁ ନାହିଁ ବୋଲି ଜିଦ୍ ଧରିଛନ୍ତି। ଅନ୍ୟପକ୍ଷେ ଭୂ-ଅର୍ଜନ ବିଭାଗ ପୂର୍ବ ନିର୍ଦ୍ଧାରିତ ମୂଲ୍ୟରେ ଜମି ଅଧିଗ୍ରହଣ ଅର୍ଥରାଶି ପ୍ରଦାନ କରାଯିବ ବୋଲି କହୁଛି। ଫଳରେ ରାସ୍ତା ନିର୍ମାଣରେ ଜମି ଅଧିଗ୍ରହଣ ଅଡୁଆ ବଳବତ୍ତର ରହିଛି।

ଏ ନେଇ ଭୂ-ଅର୍ଜନ ବିଭାଗ ମୁଖ୍ୟ କିରାଣୀ ରବିନ୍ଦ୍ର ଦାସ କୁହନ୍ତି, ପୂର୍ବରୁ ସରକାରୀ ନିର୍ଦ୍ଧାରିତ ମୂଲ୍ୟ ହିସାବରେ କ୍ଷତିପୂରଣ ରାଶି ପ୍ରଦାନ ପାଇଁ ପୁଣିଥରେ ସମସ୍ତ ଖତିୟାନଧାରୀଙ୍କ ପାଖକୁ ନୋଟିସ ପଠାଯାଇଛି। ବର୍ତ୍ତମାନର ଜମି ମୂଲ୍ୟ ହିସାବରେ କ୍ଷତିପୂରଣ ଦେବା ପାଇଁ କୌଣସି ସୂଚନା ଆମକୁ ମିଳିନାହିଁ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ରାଉରକେଲା ଜାତୀୟ ରାଜପଥ ବିଭାଜନ ଯନ୍ତ୍ରୀ ଜ୍ୟୋସ୍ନାମୟୀ ବିଶ୍ୱାଳଙ୍କୁ ପଚାରିବାରୁ ସେ କହିଲେ, ପୂର୍ବଧାର୍ଯ୍ୟ ମୂଲ୍ୟରେ ଜମି ଅଧିଗ୍ରହଣ କରାଯିବ। ଏଥିରେ କୌଣସି ପରିବର୍ତ୍ତନ ହେବନାହିଁ। ସାଧାରଣ ନିର୍ବାଚନ ପରେ ଯୁଦ୍ଧକାଳୀନ ଭିତ୍ତିରେ ଜାତୀୟ ରାଜପଥ ନିର୍ମାଣ କାମ ଚାଲିବ ବୋଲି ବିଶ୍ୱାଳ କହିଥିଲେ।

# ଓଡ଼ିଆ ପରମ୍ପରାକୁ ସ୍ମରଣ କରାଏ କୁମାର ଉତ୍ସବ



ପ୍ରେମ୍ ଆନନ୍ଦ ଓ ଇତି ସାମନ୍ତଙ୍କୁ କୁମାର ଉତ୍ସବ ସମ୍ମାନରେ ସମ୍ମାନିତ କରାଯାଉଛି।

ରାଉରକେଲା,୩୦।୧୦(ବିପ୍ଳବ ରଞ୍ଜନ ଦାଶ)

କୁଆଁର ପୂର୍ଣ୍ଣିମା ଓଡ଼ିଆଙ୍କ ପାଇଁ ଗର୍ବର ପର୍ବ। ଏହି ପର୍ବରେ ଲୁକ୍କାୟିତ ରହିଛି ଓଡିଆ ଜାତିର ପ୍ରାଚୀନ ଐତିହ୍ୟ ଓ ପରମ୍ପରା। ଏହି ପର୍ବ ପ୍ରାଚୀନ ଓଡିଆ କଳା, ସଂସ୍କୃତି ଏବଂ ସଭ୍ୟତା ମଧ୍ୟରେ ଛପି ରହିଥିବା ନିବିଡ ପରମ୍ପରାକୁ ଉଜ୍ଜୀବିତ କରିବା ସହିତ ସ୍ମରଣ କରାଏ ବୋଲି ଭଞ୍ଜ ସାଂସ୍କୃତିକ ନ୍ୟାସ ଆନୁକୂଲ୍ୟରେ ରାଉରକେଲା ସିଭିକ ସେଣ୍ଟରରେ ଆୟୋଜିତ କୁଆଁର ପୂର୍ଣ୍ଣିମା ଉତ୍ସବ-୨୦୨୩ ଉପଲକ୍ଷେ ଆରଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ମୁଖ୍ୟଅତିଥି ଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଉତ୍ସବରେ ପ୍ରକଳ୍ପ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ପି. କେ. ସାହୁ, ସାମଗ୍ରୀ ପରିଚାଳନା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ସୋମନାଥ ତ୍ରିପାଠୀ, କାର୍ମିକ ଓ ପ୍ରଶାସନ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ତଥା ଭଞ୍ଜ ସାଂସ୍କୃତିକ ନ୍ୟାସର ଅଧ୍ୟକ୍ଷ ତରୁଣ ମିଶ୍ର, ବିତ୍ତ ଓ ଲେଖା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏ. କେ. ବେହୁରିଆ, ଦୀପିକା ମହିଳା ସଂହତିର ଉପାଧ୍ୟକ୍ଷା ଡକ୍ଟର ସୁସ୍ମିତା ଦାସ, ପ୍ରଭାତୀ ମିଶ୍ର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ୟୁନିୟନ ଏବଂ ଅଧିକାରୀ ସଂଘର କର୍ମକର୍ତ୍ତା, ସାମାଜିକ ସଙ୍ଗଠନର ସଦସ୍ୟ, ଆରଏସ୍‌ପିର ବହୁ ବରିଷ୍ଠ ଅଧିକାରୀ, ସଂସ୍କୃତି ପ୍ରେମୀ ଏବଂ ରାଉରକେଲା ସହରବାସୀ ଉପସ୍ଥିତ

### ପ୍ରେମ୍ ଆନନ୍ଦ ଓ ଇତି ସାମନ୍ତ ସମ୍ମାନିତ

ଥିଲେ। ପ୍ରଥମେ ମୁଖକରିବା ପରେ ବିଭିନ୍ନ ରୀତିନୀତି, ପ୍ରତୀକ, ଝୋଟିଚିତା, ସୁନ୍ଦର କଳସ ଓ ଚାରୁଚିତ୍ର କଳା ଭରା ଗ୍ରାମ୍ୟ ପରିବେଶ ସଜ୍ଜିତ ପରିଦୃଶ୍ୟ ଉତ୍ସବକୁ ଆକର୍ଷଣୀୟ କରିଥିଲା। ପରେ ଓଡିଆ ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ୍ ଆନନ୍ଦ ଏବଂ କାଦମ୍ବିନୀ ପତ୍ରିକାର ସମ୍ପାଦିକା ଡ. ଇତି ସାମନ୍ତଙ୍କୁ କୁମାର ଉତ୍ସବ-୨୦୨୩ ସମ୍ମାନରେ ସମ୍ମାନୀତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ତାନସେନ ସିଂହ, ଶଶାଙ୍କ ଶେଖର ଓ ପମି ମିଶ୍ରଙ୍କ ଦ୍ୱାରା ଓଡିଆ ସଙ୍ଗୀତ ପରିବେଷଣ ହୋଇଥିଲା। ଏହାସହ ନନସେନ୍ସ ମଣି ନାଁରେ ପରିଚିତ ଲୋକପ୍ରିୟ ହାସ୍ୟ ଅଭିନେତା ସୁଦେବ ମହାପାତ୍ର ବିଶେଷ ଆକର୍ଷଣ ସାଜିଥିଲେ। ସେହିପରି ଭଞ୍ଜ କଳାକେନ୍ଦ୍ର କଳାକାରଙ୍କ ଦ୍ୱାରା ଗୁରୁ ନୀଳାଦ୍ରି ମହାନ୍ତିଙ୍କ ନୃତ୍ୟ ନିର୍ଦ୍ଦେଶନାରେ କୁଆଁର ପୁନେଇ ଜହ୍ନ ଗୋ... ନୃତ୍ୟ ନାଟିକା ପରିବେଷଣ କରାଯାଇଥିଲା। ତରୁଣ ମିଶ୍ର ସ୍ୱାଗତ ଭାଷଣ, ଅନୀଲ ମଲ୍ଲିକ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଗୁରୁ ଜ୍ୟୋତିର୍ମୟୀ ଆଚାର୍ଯ୍ୟ ବେଦମନ୍ତ୍ର ଉଚ୍ଚାରଣ କରିଥିଲେ। ଭଞ୍ଜ ସାଂସ୍କୃତିକ ନ୍ୟାସର ସାଧାରଣ ସମ୍ପାଦକ ଜୀବନ ବଲ୍ଲଭ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଦୂରଦର୍ଶନର ସଂଯୋଜକ ପୁଷ୍ପକ ସାଂସ୍କୃତିକ ସନ୍ଧ୍ୟାକୁ ପରିଚାଳନା କରିଥିଲେ।

## ବାଲି ସହ ସମ୍ପର୍କକୁ ପୁନରୁଦ୍ଧାର ପାଇଁ ପ୍ରୟାସ

ରାଉରକେଲା,୩୦।୧୦(ସଙ୍ଗୀତା ଜେନା)

ଗତ ସେପ୍ଟେମ୍ବର ୨୯ରୁ ଅକ୍ଟୋବର ୨ ଯାଏ କଳିଙ୍ଗ ଇଣ୍ଟରନ୍ୟାଶନାଲ ୟୁଥ ଫାଉଣ୍ଡେଶନ ଇଣ୍ଡୋନେସିଆର ବାଲି ଦ୍ୱୀପରେ ବାଲିଯାତ୍ରା କରିଥିଲା। ଏଥିରେ ରାଉରକେଲାର ନୃତ୍ୟ ମଧୁରମ୍ ସମେତ ଅନ୍ୟ କଳାକାର ପ୍ରତିନିଧି ମଣ୍ଡଳୀ ମଧ୍ୟ ଯାତ୍ରା କରିଥିଲେ। ସେଠାରୁ ଫେରିବା ପରେ ସୋମବାର ରାଉରକେଲା କ୍ଲବରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ କେୱାଇଏଫ୍‌ର ପ୍ରତିଷ୍ଠାତା ଡ. ବିଭୁ ପ୍ରସାଦ ସ୍ୱାଇଁ, ଓଡ଼ିଶୀ ନୃତ୍ୟଗୁରୁ ସୁବ୍ରତ ଭୂୟାଁ, ସଂଯୋଜକ ଅନୀଲ ମଲ୍ଲିକ, ଲୁସି ଦାସ, ପ୍ରତିମା ସାହୁ, ପଦ୍ମିନୀ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ନିଜ ନିଜ ଅଭିଜ୍ଞତା ବଖାଣିଥିଲେ। କେୱାଇଏଫ ଅଧ୍ୟକ୍ଷ ସାହୁ କହିଲେ, ବାଣିଜ୍ୟ ସଙ୍ଗେ ଶହ ଶହ ବର୍ଷ ପୁରୁଣା ବାଲି ସହ ଭାରତର ସମ୍ପର୍କକୁ ପୁନରୁଦ୍ଧାର ଓ ନୂତନତ୍ୱ ଦେବାକୁ ପ୍ରୟାସ କରାଯାଉଛି। ଏ ନେଇ ବାଲିକୁ ଯାତ୍ରା ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହିତ ଛାତ୍ରୀଛାତ୍ରଙ୍କ ସହ ମତବିନିମୟ କାର୍ଯ୍ୟକ୍ରମ ଆଦି ଆୟୋଜନ ହୋଇଥିଲା। ବାଣିଜ୍ୟିକ ସମ୍ପର୍କ ନିବିଡ଼ କରିବାକୁ ସୁକର୍ଣ୍ଣ ସେଣ୍ଟରରେ ଓଡ଼ିଶୀ, ବିହୁ, କ୍ଷେତ୍ରୀୟ ନୃତ୍ୟ, ସମ୍ବଲପୁରୀ ବସ୍ତ୍ରର ପ୍ରଦର୍ଶନୀ ଫ୍ୟାଶନ୍ ଶୋ କରାଯାଇଥିଲା। ସେଥିରେ ଓଡ଼ିଶାରୁ ବକ୍ତା ଭାବେ ପଦ୍ମିନୀ ପାଣିଗ୍ରାହୀ ଯୋଗଦେଇ ମହିଳା ସଶକ୍ତୀକରଣକୁ ଗୁରୁତ୍ୱାରୋପ କରିଥିଲେ। ସିନେଟ୍ ସଦସ୍ୟ ବାଲିର ମୁଖ୍ୟ କର୍ଣ୍ଣଧାର ଆର୍ଯ୍ୟ ଉଦୟକରଣଙ୍କ ଉପସ୍ଥିତିରେ ସମସ୍ତ କାର୍ଯ୍ୟକ୍ରମ କରାଯାଇଥିଲା। ଡ. ତିରୁପତି ପାଣିଗ୍ରାହୀ, ସବିତା ଆଚାର୍ଯ୍ୟ, ନିଗମାନନ୍ଦ ଦାସ, ସଞ୍ଜୟ ଶତପଥୀ, ଡ. ସଞ୍ଜୟ ଷଡ଼ଙ୍ଗୀ, ରବିନ୍ଦ୍ର ସାହୁ, ପଦ୍ମିନୀ ପାଣିଗ୍ରାହୀ, ଅନୁରାଧା ପାଣିଗ୍ରାହୀ ପ୍ରମୁଖଙ୍କୁ କଳିଙ୍ଗ ପ୍ରାଇଡ୍ ଆୱାର୍ଡ ଏବଂ ଆଫଗାନିସ୍ଥାନ ଓ ଅଷ୍ଟ୍ରେଲିଆର ଆରିଜୋ ୟୁନିସେଙ୍କୁ କାରୁବାକୀ ସମ୍ମାନ ପ୍ରଦାନ କରାଯାଇଥିଲା ବୋଲି ସ୍ୱାଇଁ ପ୍ରକାଶ କରିଥିଲେ। ଖବରଦାତା ସମ୍ମିଳନୀକୁ ଅନୀଲ ମଲ୍ଲିକ ସଞ୍ଚାଳନ କରିଥିଲେ।


ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର ସଦସ୍ୟବୃନ୍ଦ।

## ଆଣ୍ଠୁ ଅସ୍ତ୍ରୋପଚାର, ହିପ୍ ପୁନଃସ୍ଥାପନ ସଚେତନତା ଶିବିର



ସଚେତନତା ଶିବିରରେ ମଞ୍ଚାସୀନ ଅତିଥି।

ରାଉରକେଲା,୩୦।୧୦(ଦିନେଶ ମିଶ୍ର)

ସେକ୍ଟର-୨୦ ସ୍ଥିତ ରାଉରକେଲା କ୍ଲବ ପରିସରରେ ଭାରତ ବିକାଶ ପରିଷଦ ପକ୍ଷରୁ ଆଣ୍ଠୁ ଅସ୍ତ୍ରୋପଚାର ଓ ହିପ୍ ପୁନଃସ୍ଥାପନକୁ ନେଇ ଏକ ସଚେତନତା ଶିବିର ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଛି। ଭାରତ ବିକାଶ ପରିଷଦ ସଭାପତି ଅଶୋକ କୁମାର କକ୍କଡଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶିବିରରେ ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର ସନ୍ଦୀପ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଣ୍ଠୁ ଅସ୍ତ୍ରୋପଚାର ସରଳୀକରଣ ଓ ହିପ୍ ରିପ୍ଲେସମେଣ୍ଟର ଆବଶ୍ୟକତା ଉପରେ ମତପ୍ରକାଶ କରିଥିଲେ। ସାଧାରଣ ସମ୍ପାଦକ ଗୋଦାବରୀ ଶତପଥୀ, ଅନୁପମ ଗୁପ୍ତା, ରବି ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଅସ୍ଥି ସମସ୍ୟା ଜନିତ ରୋଗ ସାଧାରଣତଃ ଆମ ଶରୀରରେ ଭିଟାମିନ ଡି ରୁ ଅଭାବରୁ ହୋଇଥାଏ । ତେଣୁ ପ୍ରତ୍ୟେକ ବ୍ୟକ୍ତି ୪୦ ବର୍ଷ ପରେ ଭିଟାମିନ୍ ଡି-୧୨ର ପରୀକ୍ଷା କଲେ ହାଡର ପରିସ୍ଥିତି କଣ ରହିଛି ତାହା ଜାଣିପାରିବେ। ପରେ ଡାକ୍ତର ପରାମର୍ଶ କରି ଔଷଧ ଖାଇଲେ ଅସ୍ଥି ସମସ୍ୟାରୁ ସୁଫଳ ପାଇବେ ବୋଲି ଡାକ୍ତର ସିଂ ତାଙ୍କ ବକ୍ତବ୍ୟରେ କହିଥିଲେ। ପୂର୍ବରୁ ଡାକ୍ତର ସିଂଙ୍କ ସଫଳ ଆଣ୍ଠୁ ଓ ହିପ୍ ଅସ୍ତ୍ରୋପଚାର କରିଥିବା ୧୫ରୁ ଊର୍ଦ୍ଧ୍ୱ ରୋଗୀ ଶିବିରରେ ଯୋଗଦେଇ ସେମାନଙ୍କ ଅନୁଭୂତି ବଖାଣିଥିଲେ। ଏହି ଅବସରରେ ଶହେରୁ ଊର୍ଦ୍ଧ୍ୱ ଲୋକଙ୍କ ମଧ୍ୟରେ ମତ ବିନିମୟ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଅସ୍ଥି ସମସ୍ୟା ଜନିତ ରୋଗକୁ ନେଇ ଡାକ୍ତର ସିଂଙ୍କୁ ପ୍ରଶ୍ନ ପଚରାଯାଇଥିଲା। ଆଣ୍ଠୁ ଅସ୍ତ୍ରୋପଚାର ଓ ହିପ୍ ପୁନଃସ୍ଥାପନ ପରେ ଫିଜିଓଥେରାପିର ଆବଶ୍ୟକତା କେତେ ଜରୁରୀ ସେ ନେଇ ଡାକ୍ତର ଆଲୋକ ସାହୁ ଓ ଶୈଳେଶ ସାହୁ ମତପ୍ରକାଶ କରିଥିଲେ। ଏହି ଅବସରରେ ଭୁବନେଶ୍ୱର କେୟାର ହସ୍ପିଟାଲର କର୍ମଚାରୀ ଦେବବ୍ରତ ପାତ୍ର ଓ ଶୁଶାନ୍ତ ବାଗଙ୍କୁ ପରିଷଦ ସମ୍ମାନିତ କରାଯାଇଥିଲା। ଚକ୍ଷୁରୋଗ ବିଶେଷଜ୍ଞ ଡାକ୍ତର ରାମଚନ୍ଦ୍ର ମେହେର, ବନ୍ଦିତା ମାହାତୋ, ଜିତେନ୍ଦ୍ର ପ୍ରସାଦ, ଜୁଲି ନାଏକ, ଡକ୍ଟର କଲ୍ୟାଣୀ ମିଶ୍ର, ଅସିମ ଗୁପ୍ତା, ମଧୁ ମହାପାତ୍ର, ଉଦିତ ସାହୁ, ରାକେଶ ବାଘା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଝୁନୁ ନାୟକ ମଞ୍ଚ ପରିଚାଳନା ଏବଂ ବୈଷ୍ଣବ ଚରଣ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ମହିଳାଙ୍କୁ ମାଡ଼, ଥାନାରେ ଅଭିଯୋଗ

ରାଉରକେଲା,୩୦।୧୦(ସଙ୍ଗୀତା ଜେନା)

କୋଏଲନଗର ସି ବ୍ଲକ ମାର୍କେଟରେ ପୂଜା ଭୋଗ ସାମଗ୍ରୀ ଦୋକାନ କରି ପରିବାର ଚଳାଉଥିବା ଜଣେ ମହିଳାଙ୍କୁ ମାଡ଼ ମରାଯାଇଛି। ଏ ନେଇ ପୀଡ଼ିତା ମହିଳା ଝିରପାଣି ଥାନାରେ ଏତଲା ଦେଇଛନ୍ତି। ପୋଲିସ ଏହାର ତଦନ୍ତ କରୁଛି। ସୂଚନାଯୋଗ୍ୟ, ମହିଳା ଓ ତାଙ୍କ ୩ ଭଉଣୀ ବୃଦ୍ଧ ବାପାଙ୍କ ସେବା ଯତ୍ନ କରୁଥିଲେ। ତାଙ୍କ ସାନଭାଇ ଓ ଭାଉଜ ରେଳବାଇ ଚାକିରି କରୁଥିଲେ ମଧ୍ୟ ବାପାଙ୍କ ଯତ୍ନ ନେଉ ନ ଥିଲେ। ତେବେ ବାପାଙ୍କ ମୃତ୍ୟୁ ପରେ ଅନ୍ତ୍ୟେଷ୍ଟି କ୍ରିୟା ଏବଂ ଶ୍ରାଦ୍ଧ କାର୍ଯ୍ୟ ଭଉଣୀମାନେ ସମ୍ପାଦନ କରିଥିଲେ। ପରେ ସାନ ଭାଇ ଓ ଭାଉଜ ଆସି କୋଏଲନଗର ଘର ଓ ପୂଜା ଦୋକାନ ଅକ୍ତିଆର କରିବାକୁ ଚାବି ମାଗିଥିଲେ। ଚାବି ଦେବାକୁ ମହିଳା ଅମଙ୍ଗ ହେବାରୁ ତାଙ୍କୁ ଆକ୍ରମଣର ଶିକାର ହେବାକୁ ପଡିଲଶ ବୋଲି ମହିଳା ଜଣଙ୍କ ଅଭିଯୋଗରେ ଉଲ୍ଲେଖ କରିଛନ୍ତି।

## ହକି, ହକି ଖେଳାଳିଙ୍କ ବିକାଶ ଆବଶ୍ୟକ

ରାଉରକେଲା,୩୦।୧୦(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ସୋମବାର ଜାତୀୟ ଖେଳ ହକିର ପ୍ରଚାର ପ୍ରସାର ପାଇଁ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ ହକି ଖେଳର ବିକାଶ ଓ ହକି କ୍ରୀଡାବିତଙ୍କୁ ଅଧିକ ପ୍ରୋତ୍ସାହନ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହଯୋଗକୁ ପ୍ରଶଂସା କରାଯାଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷ ଡାକ୍ତର ଉମାକାନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ପୂର୍ବତନ ହକି କୋଚ୍ ତଥା ଅଧ୍ୟାପକ ଚନ୍ଦ୍ରଧ୍ୱଜ ମାଝୀ ହକିରେ ସୁନାମ ଅର୍ଜନ କରିଥିବା ଦିଲୀପ ତିର୍କୀ, ପ୍ରବୋଧ ତିର୍କୀ, ଇଗ୍ନେଶ ତିର୍କୀ, ଲାଜରୁସ ବାର୍ଲା, ଅମିତ ରୋହିଦାସ, ଜ୍ୟୋତି ସୁନୀତା ଗୁରୁ, ସୁଭଦ୍ରା ପ୍ରଧାନ ତଥା ନିଳିମା ଖେସଙ୍କ ହକି ଇଣ୍ଡିଆ ପ୍ରତି ଥିବା ଅବଦାନ ବିଷୟରେ ବକ୍ତବ୍ୟ ଦେଇଥିଲେ। ଡାକ୍ତର ପଣ୍ଡା ସୁନ୍ଦରଗଡ ଜିଲା ହେଉଛି ହକି କ୍ରୀଡାର ଅନ୍ତୁଡିଶାଳ। ଏଣୁ ହକି କ୍ରୀଡାରେ ବିଶ୍ୱ ଦରବାରରେ ସ୍ୱତନ୍ତ୍ର ପରିଚୟ ହାସଲ କରିଥିବାରୁ ଜିଲାରେ କିଭଳି ହକି ଓ ହକି କ୍ରୀଡାବିତ୍‌ମାନଙ୍କ ଅଧିକ ବିକାଶ ହେବ ତାହା ଉପରେ ଆଲୋକପାତ କରିଥିଲେ। ଡକ୍ଟର ପରମେଶ୍ୱର ଶତପଥି, କାଳୀକିଙ୍କର ପଣ୍ଡା, ଶ୍ୟାମମାଳା ଦାସ, ସନ୍ତୋଷ ଲେଙ୍କା, ରବିନ୍ଦ୍ର କୁମାର ପୃଷ୍ଟି ଉପସ୍ଥିତ ଥିଲେ। କଲେଜର ସମସ୍ତ ଛାତ୍ରୀଛାତ୍ର ସହଯୋଗ କରିଥିଲେ।



ସଚେତନତା ଶିବିରରେ ଉପସ୍ଥିତ ଅତିଥି।

# ଅନଶନ ଭାଙ୍ଗିଲେ ମୁକ୍ତିକାନ୍ତ

ରାଉରକେଲା, ୩୦।୧୦(ସଙ୍ଗୀତା ଜେନା)

ରାଉରକେଲା ଦେଓ ନଦୀରେ ଅସମ୍ପୂର୍ଣ୍ଣ ବ୍ରିଜକୁ ସମ୍ପୂର୍ଣ୍ଣ କରିବା ଦାବିରେ ସାମାଜିକ କର୍ମୀ ମୁକ୍ତିକାନ୍ତ ବିଶ୍ୱାଳ ଅକ୍ଟୋବର ୨ରୁ ୨୪ ତାରିଖ ପର୍ଯ୍ୟନ୍ତ ଧାରଣାରେ ବସିଥିଲେ। ୨୪ ତାରିଖରୁ ସେ ଅନଶନ ଆରମ୍ଭ କରିଥିଲେ। ତେବେ ସୋମବାର ମୁକ୍ତିକାନ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡିଯିବାରୁ ପୋଲିସ ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲା। ସନ୍ଧ୍ୟାରେ ଗ୍ରାମବାସୀ ଓ ଶୁଭେଚ୍ଛୁଙ୍କ ନିବେଦନ କ୍ରମେ ସେ ଫଳରସ ପିଇ ଅନଶନ ଭାଙ୍ଗିଥିବା ମୁକ୍ତିକାନ୍ତଙ୍କ ସହଯୋଗୀ


ପୋଲିସ ମୁକ୍ତିକାନ୍ତଙ୍କୁ ହସ୍ପିଟାଲକୁ ନେଉଛି।

ଗୋପାଳ ଜେନା ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଦେଓ ନଦୀ ଉପରେ ୨୦୧୮ରେ ୬ ପିଲର ବିଶିଷ୍ଟ ବ୍ରିଜ ନିର୍ମାଣ ଆରମ୍ଭ ହୋଇଥିଲା। ୨୦୨୦ରେ ଏହାର କାର୍ଯ୍ୟ ସାରିବା ପାଇଁ ଧାର୍ଯ୍ୟ ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ସମ୍ପୂର୍ଣ୍ଣ ହୋଇ ପାରିନାହିଁ। ବ୍ରିଜ୍‌ର ଆପ୍ରୋଚ ରୋଡ୍ ପାଇଁ ଜମି ଅଧିଗ୍ରହଣ ପ୍ରତିବନ୍ଧକ ଦର୍ଶାଇ ବ୍ରିଜ୍ କାମ ଅସମ୍ପୂର୍ଣ୍ଣ ରହିଛି । ଫଳରେ ୧୨ଟି ପଞ୍ଚାୟତର ହଜାର ହଜାର ଲୋକ ବ୍ରିଜରେ ବିପଦସଙ୍କୁଳ ଅବସ୍ଥାରେ ଯାଆସ କରୁଛନ୍ତି। ଏହାର ପ୍ରତିବାଦରେ ସାମାଜିକ କର୍ମୀ ମୁକ୍ତିକାନ୍ତ ବିଶ୍ୱାଳ ଗତ ୨ତାରିଖରୁ ଧାରଣାରେ ବସିଥିଲେ। ତାଙ୍କ ଆନ୍ଦୋଳନକୁ ଗ୍ରାମବାସୀଙ୍କ ସମର୍ଥନ ବୃଦ୍ଧି ପାଇଥିଲା। ପିସିସି କ୍ୟାମ୍ପେନ କମିଟି ଅଧ୍ୟକ୍ଷ ବିଜୟ ପଟ୍ଟନାୟକ ସେଠାକୁ ଆସି ସମର୍ଥନ ଜଣାଇଥିଲେ। ସେହିପରି ସୋମବାର ପୂର୍ବତନ ଯୁବ କଂଗ୍ରେସ ସଭାପତି ଜ୍ଞାନେନ୍ଦ୍ର ଦାସ, ରଘୁନାଥପାଲି ଯୁବ ସଭାପତି ସୁମିତ କଂସାରୀ, ସମାଜସେବୀ ଶ୍ରଦ୍ଧା ଷଡ଼ଙ୍ଗୀଙ୍କ ସମେତ ଗ୍ରାମବାସୀ ମୁକ୍ତିକାନ୍ତଙ୍କୁ ସମର୍ଥନ ଦେଇଥିଲେ।

## ସଂକ୍ଷେପରେ

### ଟ୍ରେନ୍‌ରେ କଟି ଯୁବକ ମୃତ

ବରପାଲି, ୩୦।୧୦(ଚିତ୍ତରଞ୍ଜନ ସାହୁ): ଟ୍ରେନରେ ଧକ୍କାରେ ବରପାଲି ଥାନା କଲେଜ ଛକର ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ନରେଶ ଶର୍ମା (୩୮)। ଜିଆର୍‌ପି ପୋଲିସ ମୃତଦେହ ଜବତ କରି ତଦନ୍ତ କରୁଛି। ସୂଚନା ଅନୁସାରେ, ନରେଶ ବରପାଲିର ଏକ ଘରୋଇ ବିଦ୍ୟାଳୟରେ ଶିକ୍ଷକତା କରନ୍ତି। ସୋମବାର ସନ୍ଧ୍ୟାରେ ସେ ଜଗନ୍ନାଥ ନଗରରୁ ଟ୍ୟୁଶନ ସାରି ସାଇକେଲରେ ଘରକୁ ଫେରୁଥିଲେ। ସେ ରେଳଧାରଣା ପାରି ହେଉଥିବା ବେଳେ ଏକ ସାପ୍ତାହିକ ଏକ୍ସପ୍ରେସ ଟ୍ରେନ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା।

### ଅଗ୍ନିକାଣ୍ଡରେ ୨ ବଖରା ଜଳିଗଲା

ଭେଡ଼େନ,୩୦।୧୦(ସୁହନ ମହାକୁର): ବରଗଡ଼ ଜିଲା ଭେଡ଼େନ ବ୍ଲକ ମହୁଲପାଲି ପଞ୍ଚାୟତ ଅନ୍ତର୍ଗତ କେଶ୍ରିପାଲି ବାରଝୁଲା ପଡ଼ାରେ ସୋମବାର ସନ୍ଧ୍ୟାରେ ନିଆଁ ଲାଗି ଅର୍ଜୁନ ସନ୍ୟାସୀଙ୍କ ୨ ବଖରା ଛପର ଘର ସମ୍ପୂର୍ଣ୍ଣ ଜଳିଯାଇଛି । ଏହି ଅଗ୍ନିକାଣ୍ଡରେ ଘରେ ଥିବା ଧାନ, ଚାଉଳ, ନଗଦ ଟଙ୍କା, କପଡ଼ା ଓ ଆସବାବପତ୍ର ପୋଡ଼ି ଯାଇଛି। ଅର୍ଜୁନ ସନ୍ୟାସୀ ଗାଁ ଗାଁ ବୁଲି ପୁରୁଣା କପଡ଼ା ସିଲେଇ କରି ପରିବାର ପୋଷଣ କରିଥାନ୍ତି। ଉକ୍ତ ଦମ୍ପତି ସବୁଦିନ ପରି ଅନ୍ୟ ଗ୍ରାମକୁ ସିଲେଇ କରିବାକୁ ଯାଇଥିଲେ। ସେମାନେ ସନ୍ଧ୍ୟା ପର୍ଯ୍ୟନ୍ତ ନ ଫେରିବାରୁ ଘରେ ଥିବା ତାଙ୍କର ମା' ଛେଉଣ୍ଡ ନାତୁଣୀ ସତ୍ୟବତୀ (୧୨) ରୋଷେଇ କରିବାକୁ ଚୂଲିରେ ନିଆଁ ଲଗାଇଥିଲେ। ସତ୍ୟବତୀ ବାରିପଟକୁ ଜାଳେଣି କାଠ ଆଣିବାକୁ ଯାଇଥିବା ବେଳେ ନିଆଁ ହଠାତ୍ ଚାଳରେ ଲାଗିଯାଇଥିଲା। ସେ ପାଟି କରିବାରୁ ପଡ଼ୋଶୀ ନିଆଁକୁ ଆୟତ୍ତ କରିଥିଲେ। ମାତ୍ର ସେତେବେଳକୁ ସବୁ ପୋଡ଼ି ଯାଇଥିଲା। ଏହି ଅଗ୍ନି ବିପନ୍ନ ପରିବାରକୁ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ଦାବି ହେଉଛି।

### ସରକାରୀ ଯୋଜନାର କାର୍ଯ୍ୟକାରିତାକୁ ଗୁରୁତ୍ୱ

ଝାରବନ୍ଧ, ୩୦।୧୦(ଦେବେନ୍ଦ୍ର ସାହୁ): ବରଗଡ଼ ଜିଲା ଝାରବନ୍ଧ ବ୍ଲକରେ ନୂତନ ବିଡ଼ିଓ ଭାବେ ପୁରୁଷୋତ୍ତମ ମିର୍ଦ୍ଧା ସୋମବାର ଯୋଗଦାନ କରିଛନ୍ତି। ସେ ମ. ରାମପୁର ବିଡ଼ିଓ ଭାବେ କାର୍ଯ୍ୟରତ ଥିଲେ। ତାଙ୍କର ଝାରବନ୍ଧ ବିଡ଼ିଓ ଭାବେ ବଦଳି ହୋଇଛି । ମିର୍ଦ୍ଧା ସରକାର ଯୋଜନାର ସଫଳ ରୂପାୟନ ସହ ସାଧାରଣ ଜନତା କିପରି ଉପକୃତ ହୋଇପାରିବେ ସେଥିପ୍ରତି ଦୃଷ୍ଟି ଦେବେ ବୋଲି କହିଛନ୍ତି। ଏଥିପାଇଁ ପ୍ରାଥମିକ ପର୍ଯ୍ୟାୟରେ ଆବାସ ଯୋଜନା ଓ ମୋ ଘର ଯୋଜନାର ହିତାଧିକାରୀଙ୍କ ପାଖକୁ ପହଞ୍ଚି ପରିଦର୍ଶନ କରିବେ ବୋଲି ସେ ସୂଚନା ଦେଇଛନ୍ତି।

### ଅସହାୟା ବୃଦ୍ଧାଙ୍କ ମୃତଦେହ ସତ୍କାର କଲେ ସ୍ୱେଚ୍ଛାସେବୀ

ପାଇକମାଲ,୩୦।୧୦(ବଡ ଶତପଥୀ): ବରଗଡ ଜିଲା ପାଇକମାଲ ବ୍ଲକ ମିଠାପାଲି ପଞ୍ଚାୟତ ପିପଲଖୁଣ୍ଟା ଗ୍ରାମର ଜଣେ ଅସହାୟ ବୃଦ୍ଧା ମହରଗୀ ମାଝୀ (୭୦)ଙ୍କ ସୋମବାର ମୃତ୍ୟୁ ହୋଇଥିଲା। ମୃତଦେହ ସତ୍କାର ପାଇଁ ତାଙ୍କର କେହି ନ ଥିଲେ। ଖବର ପାଇ ସ୍ଥାନୀୟ ବିଜେଡିର ସ୍ୱେଚ୍ଛାସେବୀମାନେ ପିପାଲଖୁଣ୍ଟା ଗ୍ରାମକୁ ଯାଇ ମୃତଦେହ ସତ୍କାର କରିଥିଲେ। ଏଥିରେ ବିଜୁ ଯୁବ ଜନତା ଦଳ ସଭାପତି ଗୌତମ ସିଂ, ଲାଲ ସାହୁ, ସଞ୍ଜୟ ଭୋଇ, ଦୀପ୍ତି ବାରିକ, ଅଜୁ ସେଠ, ସୁବାସ ଶଗଡିଆ, ନିରଞ୍ଜନ ସୂପକର, ଜୁବୁଲୁ ଦାସ, ଘନ ସୁପକର, ଶରତ ଦାସ, ବୁନୁ ମିଶ୍ର, ଅମୂଲ୍ୟ ସାହୁ ପ୍ରମୁଖ ସହଯୋଗ କରିଥିଲେ।

### ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ

ବୌଦ୍ଧ,୩୦।୧୦(ଅଜିତ କୁମାର ବାରିକ): ବୌଦ୍ଧ ଜିଲାପାଳଙ୍କ କାର୍ଯ୍ୟାଳୟରେ ସୋମବାର ଦୁର୍ନୀତି ନିବାରଣ ପାଇଁ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀଙ୍କ ଆଭାସି ଜରିଆରେ ହୋଇଥିବା କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କୁ ଦୁର୍ନୀତି ବିରୋଧରେ ଶପଥ ପାଠ କରାଯାଇଥିଲା । ଜିଲାପାଳ ନୃସିଂହ ଚରଣ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଡ. ସଂଘମିତ୍ରା ପଣ୍ଡା, ଡେପୁଟି କଲେକ୍ଟର ଶ୍ୱାଶତ ପ୍ରଧାନ, ଜିଲା ମଙ୍ଗଳ ଅଧିକାରୀ ସୂର୍ଯ୍ୟ ନାରାୟଣ ବେହେରା, ଡେପୁଟି କଲେକ୍ଟର ବୁନା ପ୍ରଧାନ, ସହକାରୀ ଜିଲାପାଳ ଚାନ୍ଦନି ମେହେର, ସହକାରୀ ଜିଲାପାଳ କୁମୁନ୍ଦ ଚନ୍ଦ୍ର ଦଳବେହେରା ଏବଂ ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ ସାମିଲ ଥିଲେ।

# ଅଘୋଷିତ ଜରୁରିକାଳୀନ ପରିସ୍ଥିତି ଗଣତନ୍ତ୍ରକୁ ବିପଦ

ବରଗଡ଼,୩୦।୧୦(ପ୍ରେମାନନ୍ଦ ଖମାରୀ)


ପାଠଚକ୍ରରେ ମଞ୍ଚାସୀନ ଅତିଥିବୃନ୍ଦ।

ବରଗଡ଼ ଗାନ୍ଧୀ ସ୍ମୃତି ପାଠାଗାର ପରିସରରେ ଗଣଦୃଷ୍ଟି ତରଫରୁ 'ଗଣତନ୍ତ୍ର, ଗଣମାଧ୍ୟମ ଓ ଅଭିବ୍ୟକ୍ତିର ସ୍ୱାଧୀନତା' ପ୍ରସଙ୍ଗ ଉପରେ ଏକ ପାଠଚକ୍ର ଆଲୋଚନା ସୋମବାର ଅନୁଷ୍ଠିତ ହୋଇଛି। ଏହି ପାଠଚକ୍ରରେ ବିଶିଷ୍ଟ ପରିବେଶକର୍ମୀ ତଥା ଗ୍ରୀନ୍ ନୋବେଲ ପୁରସ୍କାରପ୍ରାପ୍ତ ପ୍ରଫୁଲ୍ଲ ସାମନ୍ତରା ଆଲୋଚକ ଭାବେ ଯୋଗଦାନ କରିଥିଲେ। ପ୍ରସଙ୍ଗ ଉପରେ ଆଲୋଚନା କରି ସେ କହିଥିଲେ, ବର୍ତ୍ତମାନ ଦେଶରେ ଏକ ଅଘୋଷିତ ଜରୁରୀକାଳୀନ ପରିସ୍ଥିତି ସୃଷ୍ଟି ହୋଇଛି। ଯେଉଁଥିରେ ଦେଶ ଧ୍ୱଂସ ହେଉଛି, ସମ୍ବିଧାନ ବିପନ୍ନ ହେଉଛି। ତାର ପାର୍ଶ୍ୱ ପ୍ରତିକ୍ରିୟା ପ୍ରତ୍ୟେକ କ୍ଷେତ୍ରରେ ଦେଖିବାକୁ ମିଳୁଛି। ଦେଶରେ ସମାନ ଶିକ୍ଷା କିମ୍ବା ସ୍ୱାସ୍ଥ୍ୟ ବ୍ୟବସ୍ଥା ନାହିଁ। ବ୍ୟକ୍ତି କିମ୍ବା ଗଣମାଧ୍ୟମରେ କହିବାର ସ୍ୱାଧୀନତା ନାହିଁ। କର୍ପୋରେଟ ନିୟନ୍ତ୍ରଣରେ ଗଣମାଧ୍ୟମ ରହିଛି। ଦେଶ ତଥା ରାଜ୍ୟର ଅମୂଲ୍ୟ ସମ୍ପଦଠାରୁ ଆରମ୍ଭ କରି ଅନୁଷ୍ଠାନ ସବୁ ବଡ଼ ବଡ଼ କମ୍ପାନୀମାନଙ୍କୁ ଟେକିଦେବାରେ ସରକାର ଖୁବ୍ ଆଗ୍ରହୀ। ଦେଶର ବିଦେଶୀ ଋଣ ବଢ଼ିବାରେ ଲାଗିଛି। ସ୍ୱର ଉତ୍ତୋଳନ କରିବା ପାଇଁ ବିରୋଧୀ ନାହାନ୍ତି। ଗଣମାଧ୍ୟମ ସଂସ୍ଥା ଉପରେ ମଧ୍ୟ ଚାପ ପକାଯାଉଛି । ଏଣୁ ଗଣତନ୍ତ୍ର ସ୍ଥିତିକୁ ମଜଭୁତ ଓ ସମ୍ବିଧାନକୁ ସୁରକ୍ଷିତ ରଖିବା ପାଇଁ ସଚେତନ ହେବାକୁ ପଡିବ। ସମସ୍ତଙ୍କୁ ପ୍ରଶ୍ନ କରିବା ଶିଖିବାକୁ ହେବ। ପରମ୍ପରାଗତ ବିଷମତା, ଭେଦଭାବ, ବିଭେଦ ସୃଷ୍ଟି ହେଉଥିବା ପରିସ୍ଥିତିରେ ସଙ୍କୁଚିତ ମାନସିକତାରୁ ବାହାରି ପ୍ରଶ୍ନ ପଚାରିବାର ସାହାସ କରିବାକୁ ହେବ। ନଚେତ ଭବିଷ୍ୟତ ଅନ୍ଧାର ହୋଇପଡିବ। ଆଜି ପ୍ରଶ୍ନ କରୁଥିବା ଗଣମାଧ୍ୟମ ପ୍ରତିନିଧିମାନେ ଏପରିକି ସାମାଜିକ ଗଣମାଧ୍ୟମ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ସ୍ୱର ଉତ୍ତୋଳନ କରିବାର ଅଧିକାରକୁ ଛଡ଼ାଇ ନିଆଯାଉଛି। ସୁତରାଂ ପରିବର୍ତ୍ତନ ଆଣିବା ପାଇଁ ସାଧାରଣ ଜନତା, ଚାଷୀ, ଶ୍ରମିକ, ଦଳିତ ସମସ୍ତ ବର୍ଗର ସ୍ୱରକୁ ଶୁଣୁ ନ ଥିବା କ୍ଷମତାକୁ ବଦଳାଇବା ପାଇଁ ଆମକୁ ସାହସ କରିବାକୁ ପଡିବ ବୋଲି ସାମନ୍ତରା କହିଥିଲେ।

ସେ ଆହୁରି କହିଥିଲେ, ଏକ ରାଷ୍ଟ୍ର ଗଠନ କରିବା ପାଇଁ ଗାନ୍ଧୀ, ସୁବାଷ ବୋଷ ଓ ଆମ୍ବେଦକରଙ୍କ ମଧ୍ୟରେ ବିଚାରଗତ ପାର୍ଥକ୍ୟ ଥିଲେ ସୁଦ୍ଧା ଜଣେ ଅନ୍ୟକୁ ସମ୍ମାନ ଓ ଗୁରୁତ୍ୱ ଦେଉଥିଲେ। ମାତ୍ର ଆଜି ସେ ମାନସିକତା ଦେଖିବାକୁ ମିଳୁନାହିଁ। ଏଣୁ ଦେଶ ଓ ସମ୍ବିଧାନକୁ ବଞ୍ଚାଇବା ପାଇଁ ପରିବର୍ତ୍ତନ ଆଣିବାକୁ ହେବ ଏବଂ ସେଥିପାଇଁ ଆମକୁ ସାହସ କରିବାକୁ ହେବ। ଯଦି ପାରିବା ନାହିଁ ତାହେଲେ ଦେଶର ଭବିଷ୍ୟତ ଅନିଶ୍ଚିତ ଓ ଅନ୍ଧାର ହୋଇଯିବ। ଗଣଦୃଷ୍ଟିର ସମ୍ପାଦକ ଉମେଶ ବିଶ୍ୱାଳଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ପାଠଚକ୍ରରେ ଗାନ୍ଧୀ ସ୍ମୃତି ପାଠାଗାର ସଭାପତି ବିଦ୍ୟାଧର କୁଅଁର ଅଧ୍ୟକ୍ଷତା କରିଥିବା ବେଳେ ବିଶିଷ୍ଟ ଚାଷୀ ନେତା ଲିଙ୍ଗରାଜ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପ୍ରାରମ୍ଭରେ ଏହି ପ୍ରସଙ୍ଗରେ ଆଡ୍‌ଭୋକେଟ କିରଣ ମିଶ୍ର, କଲେଜ ଛାତ୍ର ଅୟସ ପଣ୍ଡା, ବରଗଡ଼ ସାମ୍ବାଦିକ ସଂଘ ଉପସଭାପତି ବିରେନ୍ଦ୍ର ପ୍ରଧାନ, ଡାକ୍ତର ଶକ୍ତି କୁମାର ତ୍ରିପାଠୀ, ଚାଷୀନେତା ସୁଶିଲ ସାହୁ, ନାଟ୍ୟକାର ଅରୁଣ ସାହୁ, ଅବସରପ୍ରାପ୍ତ ବାୟୁସେନା କର୍ମଚାରୀ ସରୋଜ ମହାପାତ୍ର ପ୍ରମୁଖ ନିଜ ମତ ରଖିଥିଲେ। ଖବରଦାତା ପ୍ରବୀଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଦୁର୍ନୀତି ନିବାରଣ ସପ୍ତାହ ଉଦ୍‌ଘାଟିତ

ପଦ୍ମପୁର ୩୦।୧୦ (ପ୍ରଦୀପ୍ତ ଦାଶ)

ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଜାତୀୟ ସେବା ଶିବିର ଓ ଦୁର୍ନୀତି ନିବାରଣ ଅଭିଯାନ ଆନୁକୂଲ୍ୟରେ ଦୁର୍ନୀତି ନିବାରଣ ସପ୍ତାହ ସୋମବାର ଉଦ୍‌ଘାଟିତ ହୋଇଛି। ଅଧ୍ୟକ୍ଷ ଡ. ଲଳିତେନ୍ଦୁ ନାୟକ ପୌରୋହିତ୍ୟ କରି ଶପଥ ପାଠ କରାଇଥିଲେ। ଶିକ୍ଷା ବିଭାଗ ମୁଖ୍ୟ ଡ. ତୁଷାରକାନ୍ତ ସାହୁ, ଅର୍ଥନୀତି ବିଭାଗ ମୁଖ୍ୟ ଡ. ବିରଞ୍ଚି ସାହୁ, ଓଡିଆ ବିଭାଗ ମୁଖ୍ୟ ଡ. ସରୋଜ ନାଏକ, ପ୍ରାଣୀ ବିଜ୍ଞାନ ବିଭାଗ ଅଧ୍ୟାପକ ପ୍ରମୋଦ ତ୍ରିପାଠୀ ଯୋଗଦାନ କରି ସ୍ୱେଚ୍ଛାସେବୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ଜାତୀୟ ସେବା ଶିବିର ପ୍ରୋଗ୍ରାମ ଅଫିସର ସଞ୍ଜୟ ଟିଗା ସପ୍ତାହ ବ୍ୟାପୀ କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିଥିଲେ। ଛାତ୍ର କରନ, ଆଲୋକ, ଆଦିତ୍ୟ, ବୃନ୍ଦାବନ, ଛାତ୍ରୀ ମନୀଷା, ପୂଜା, ସସ୍ମିତା, ରୀନା ଓ ଦୀପା ସହଯୋଗ କରିଥିଲେ। ସହ ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ବୁନି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ୭୧ ଅଭିଯୋଗର ଶୁଣାଣି


ଶୁଣାଣି ଶିବିରରେ ଉପସ୍ଥିତ ଜିଲାପାଳ ଓ ଅନ୍ୟ ଅତିଥିବୃନ୍ଦ।

ଦେବଗଡ଼, ୩୦।୧୦(ଶଶାଙ୍କ ଶେଖର ଝାଙ୍କର)

ବାରକୋଟ ବ୍ଲକ ଦନ୍ତାଳିବାହାଳ ପଞ୍ଚାୟତ ସମ୍ମିଳନୀ କକ୍ଷଠାରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ ଯୋଗଦେଇ ୭୧ଟି ଅଭିଯୋଗ ଶୁଣାଣି କରିଥିଲେ। ଏହା ଉପରେ ଆବଶ୍ୟକ ପଦକ୍ଷେପ ପାଇଁ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ୪୨ଟି ବ୍ୟକ୍ତିଗତ ସମସ୍ୟା ଏବଂ ୨୯ଟି ସାମୂହିକ ସମସ୍ୟା ରହିଥିଲା। ପାନୀୟ ଜଳ, ରାସ୍ତା ମରାମତି, ନୂତନ ନଳକୂପ, ୦.୦୪ ଡିସିମିଲି ଜମିର ପଟ୍ଟା, ଧାନର କ୍ଷୟକ୍ଷତି ପୂରଣ ନିମନ୍ତେ ଜନସାଧାରଣ ଅତିରିକ୍ତ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅଭିଯୋଗଗୁଡ଼ିକ ଶୁଣିବା ପରେ ଏଗୁଡ଼ିକ ତୁରନ୍ତ ସମାଧାନ ପାଇଁ ଅତିରିକ୍ତ ଜିଲାପାଳ ବିଲୁଙ୍ଗ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ଆରକ୍ଷୀ ଅଧୀକ୍ଷକ ପ୍ରଦ୍ୟୁମ୍ନ ମିଶ୍ର, ଉପଜିଲାପାଳ ପରିକ୍ଷିତ ସାହୁ, କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲାପରିଷଦ ଧର୍ମାନନ୍ଦ ବେହେରା ଓ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## କନସିଂହାରେ ଦେଶୀ ବିହନ, ଖାଦ୍ୟ ମେଳା

ପଦ୍ମପୁର,୩୦।୧୦(ପ୍ରଦୀପ୍ତ ଦାଶ)

ଭିତ୍ତିଭୂମି ସେବା ସଙ୍ଗଠନ ଏବଂ ତ୍ରିରଙ୍ଗା ଯୁବକ ସଂଘ ଉଦ୍ୟମରେ ସୋମବାର ପଦ୍ମପୁର ବ୍ଲକ କନସିଂହା ଗ୍ରାମ ବଜାର ପ୍ରାଙ୍ଗଣରେ ଦେଶୀ ବିହନ ଓ ଖାଦ୍ୟ ମେଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପଦ୍ମପୁର ଅଞ୍ଚଳ ୫୦୦ ମହିଳା ପୁରୁଷ ଜୈବିକ ଚାଷୀ ନିଜର ଦେଶୀ ବିହନ ସହ ବିଭିନ୍ନ ପ୍ରକାର ଦେଶୀ ଖାଦ୍ୟମାନ ପ୍ରସ୍ତୁତ କରି ସମସ୍ତଙ୍କୁ ଏହାର ଉପକାରିତା ବୁଝାଇଥିଲେ। କାର୍ଯ୍ୟକ୍ରମରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବବଲୁ ବଗର୍ତ୍ତୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରକଳ୍ପ ନିର୍ଦ୍ଦେଶକ ସରୋଜ ମହାନ୍ତି ଦେଶୀ ବିହନରେ ଜୈବିକ ଚାଷ ସହ ଦେଶୀ ଖାଦ୍ୟର ଗୁରୁତ୍ୱ ବିଷୟରେ କହିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ବରିହା, ମୁଖ୍ୟବକ୍ତା କୃଷିବିଜ୍ଞାନ କେନ୍ଦ୍ର ମୁଖ୍ୟ ନୃସିଂହ ଚରଣ ବାରିକ, ମିଲେଟ ମିଶନର ଜିଲା ପ୍ରକଳ୍ପ ପରିଚାଳକ ସବ୍ୟସାଚୀ ହନୁମାନ, ଖାଦ୍ୟ ବିଶେଷଜ୍ଞ ଡ. ସୁମନ ଅଗ୍ରୱାଲ, ରାଜବୋଡାସମ୍ବର କୃଷକ ସଙ୍ଗଠନର ରମେଶ ମହାପାତ୍ର ଓ ବାଞ୍ଛାନିଧି ନାଏକ, ଜିଲା ଶିଶୁ କଲ୍ୟାଣ ସମିତି ଅଧ୍ୟକ୍ଷ ଏବଂ ତ୍ରିରଙ୍ଗା ଯୁବକ ସଂଘର ଶାଖା ପରିଚାଳକ ହୃଦାନନ୍ଦ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ୯ଟି ଆଦର୍ଶ ଜୈବିକ ଚାଷୀ ଦଳକୁ ସମ୍ମାନିତ କରାଯାଇଥିଲା। ସୁଇସେଡ ଇଣ୍ଡିଆ, ବରଗଡ଼ କୃଷି ବିଭାଗ ଏବଂ ଓଡିଶା ମିଲେଟ ମିଶନର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା।

## ସଞ୍ଚୟ ରଥର ଶୁଭାରମ୍ଭ

ଦେବଗଡ଼,୩୦।୧୦(ଶଶାଙ୍କ ଶେଖର ଝାଙ୍କର)

ବିଶ୍ୱ ମିତବ୍ୟୟିତା ଦିବସ ପାଳନ ଅବସରରେ ଦେବଗଡ ଜିଲା ସ୍ୱଳ୍ପ ସଞ୍ଚୟ ବିଭାଗ ପକ୍ଷରୁ ସୋମବାର ସଞ୍ଚୟ ରଥର ଶୁଭାରମ୍ଭ ହୋଇଯାଇଛି। ସ୍ୱଳ୍ପ ସଞ୍ଚୟ ବାର୍ତ୍ତା ପ୍ରଚାର ନିମନ୍ତେ ପ୍ରସ୍ତୁତ ଏହି ସଞ୍ଚୟ ରଥକୁ ସହକାରୀ ଜିଲାପାଳ ତଥା ଭାରପ୍ରାପ୍ତ ସ୍ୱଳ୍ପ ସଞ୍ଚୟ ଅଧିକାରୀ ଈଶ୍ୱର ଗୁରୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ରଥ ପୌରାଞ୍ଚଳର ପୁରୁଣାଗଡ, ବଣିଆସାହି ଓ ନିଳବେର୍ଣ୍ଣୀ ସାହିଦେଇ ବଣିଆଂକିଲିଣ୍ଡା ପଞ୍ଚାୟତ, ସୁଗୁଡା ପଞ୍ଚାୟତ, ଛେପିଲିପାଲି ପଞ୍ଚାୟତ ଏବଂ ବସାଲଇ ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରି ଡାକବାଜି ଯନ୍ତ୍ର ସାହାଯ୍ୟରେ ଅଞ୍ଚଳବାସୀଙ୍କୁ ସ୍ୱଳ୍ପ ସଞ୍ଚୟ ସମ୍ପର୍କରେ ସଚେତନ କରିବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି। ଉଦ୍‌ଘାଟନୀ ଉତ୍ସବରେ ତିଲେଇବଣି ବ୍ଲକର ସିଏଫ୍‌ଏଲ ସଂଯୋଜକା ବିକାଶ କୁମାର ଟପ୍ପୋ, ବରିଷ୍ଠ ରାଜସ୍ୱ ସହାୟିକା ନନ୍ଦିନୀ ନାୟକ, ଶାନ୍ତିଲତା ବେହେରା, ବନଲତା ସାହୁ, ରଶ୍ମୀରେଖା ଦେବୀ, ଅଶ୍ୱିନୀ ବେହେରା, ରାଜେଶ ନାୟକ, ପ୍ରଭାସ ନାୟକ ଓ ସୁମନ ଜିତଙ୍କ ସମେତ ସ୍ୱଳ୍ପ ସଞ୍ଚୟ ବିଭାଗର ବହୁ କର୍ମଚାରୀ ଉପସ୍ଥିତ ଥିଲେ।



ସବୁଜ ପତାକା ଦେଖାଇ ସଞ୍ଚୟ ରଥର ଶୁଭାରମ୍ଭ କରାଯାଉଛି।

## ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଯାପିତ


ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳି ଓ ଅନ୍ୟମାନେ।

ଦେବଗଡ଼,୩୦।୧୦(ଶଶାଙ୍କ ଶେଖର ଝାଙ୍କର)

ତିଲେଇବଣି ବ୍ଲକ ବଣିଆକିଲିଣ୍ଡା ପଞ୍ଚାୟତ ନିକ୍ରିମାଳ ଗ୍ରାମରେ ବାବା ସିଦ୍ଧେଶ୍ୱର କ୍ଲବ ଆନୁକୂଲ୍ୟରେ ଗତ ୨୬ରୁ ଆରମ୍ଭ ହୋଇଥିବା ତୃତୀୟ ବାବା ସିଦ୍ଧେଶ୍ୱର କପ୍ ରାଜ୍ୟ ସ୍ତରୀୟ ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଦେବଗଡର ମନୋରମା କ୍ଲବକୁ ଟାଇବ୍ରେକର ଜରିଆରେ ୪-୨ ଗୋଲରେ ପରାସ୍ତ କରି ସମ୍ବଲପୁର ଜିଲାର ସୁବର୍ଣ୍ଣପାଲି(କୁଚିଣ୍ଡା)ଫୁଟବଲ ଦଳ ଚାମ୍ପିୟନ ହୋଇଥିଲା। ମ୍ୟାଚଗୁଡ଼ିକୁ ରେଫରି ଭାବେ ଲିଙ୍ଗରାଜ ପ୍ରଧାନ, ଯଶୋବନ୍ତ ମିର୍ଦ୍ଧା, ପ୍ରକାଶ କୁମାର ପ୍ରଧାନ ଓ ସୁନୀଲ ଓରାମ ପରିଚାଳନା କରିଥିଲେ। ଭାଷ୍ୟକାର ଭାବେ ପ୍ରଫୁଲ୍ଲ କୁମାର ସାହୁ ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ। ସନ୍ଧ୍ୟାରେ ଆୟୋଜକ କ୍ଲବର ସଭାପତି ସୁନୀଲ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଜେଡି ରାଜ୍ୟ ସମ୍ପାଦକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଓ ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲା ପରିଷଦ ସଦସ୍ୟ ଯୋଗେଶ ପ୍ରଧାନ, ବାରକୋଟ ବ୍ଲକ ବିଜେଡି ସଭାପତି ହୀରାଲାଲ ସାହୁ ପ୍ରମୁଖ ଯୋଗଦେଇ ଚାମ୍ପିୟନ ସୁବର୍ଣ୍ଣପାଲି(କୁଚିଣ୍ଡା)ଫୁଟ୍‌ବଲ ଦଳ ଓ ରନର୍ସ ଅପ୍ ମନୋରମା କ୍ଲବକୁ ଟ୍ରଫି ସହ ନଗଦ ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ। ପ୍ରତିଯୋଗିତା ଆୟୋଜନରେ କ୍ଲବ ଉପସଭାପତି ବିବେକ କୁମାର ପ୍ରଧାନ ଓ କୋଷାଧ୍ୟକ୍ଷ ଆକାଶ କୁମାର ପ୍ରଧାନଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ଓ ଗ୍ରାମବାସୀ ସକ୍ରିୟ ସହଯୋଗ କରିଥିଲେ। ଶେଷରେ କ୍ଲବ ସମ୍ପାଦକ ପ୍ରଭାତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଦୁର୍ନୀତି ନିବାରଣ ପାଇଁ ଶପଥପାଠ

ବରଗଡ଼, ୩୦।୧୦(ପ୍ରେମାନନ୍ଦ ଖମାରୀ) ବରଗଡ଼ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସୋମବାର ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମାଧ୍ୟମରେ ଶପଥ ପାଠ କରାଇଥିଲେ। ବରଗଡ଼ ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଲଲାଟ କୁମାର ଲୁହା ଓ ଅନ୍ୟ ଅଧିକାରୀ ଉପସ୍ଥିତ ରହି ଶପଥ କରିଥିଲେ।

## ପୁରୁଣାପାଣି ଶିବଶଙ୍କର କ୍ଲବ ଚାମ୍ପିୟନ

ଦେବଗଡ଼,୩୦।୧୦(ଶଶାଙ୍କ ଶେଖର ଝାଙ୍କର)

**ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଯାପିତ**

ବାରକୋଟ ବ୍ଲକ କାଦୋପଡା ପଞ୍ଚାୟତ ମସିନ୍ତା ଗ୍ରାମରେ ବିର୍ସା ମୁଣ୍ଡା କ୍ଲବ ଆନୁକୂଲ୍ୟରେ ଶନିବାର ଠାରୁ ଆରମ୍ଭ ହୋଇଥିବା ତ୍ରିଦିବସୀୟ ଫୁଟ୍‌ବଲ ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଭାଲୁଦରି ମା' ଠାକୁରାଣି ଫୁଟ୍‌ବଲ ଦଳକୁ ଟାଇବ୍ରେକର ଜରିଆରେ ୩-୨ ଗୋଲରେ ପରାସ୍ତ କରି ପୁରୁଣାପାଣି ଶିବଶଙ୍କର କ୍ଲବ ଚାମ୍ପିୟନ ହୋଇଥିଲା। ମ୍ୟାଚ ଗୁଡିକୁ ରେଫରୀ ଭାବେ ସରୋଜ ଗଡନାୟକ, ପ୍ରଶାନ୍ତ ସାନି ଓ ଡବ୍ଲୁ ପାତ୍ର ପରିଚାଳନା କରିଥିଲେ। ଭାଷ୍ୟକାର ଭାବେ ଫକୀର ମୋହନ ଦଳବେହେରା ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ। ଅପରାହ୍ନରେ ଆୟୋଜକ କ୍ଲବର ସଭାପତି ସୁଶୀଳ ଗୁଡିଆଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇ ଓ ସମ୍ମାନିତ ଅତିଥିଭାବେ କାଦୋପଡା ପଞ୍ଚାୟତର ସମିତି ସଦସ୍ୟା ରୁନୁବାଳା ପ୍ରଧାନ ଯୋଗଦେଇ ଚାମ୍ପିୟନ ପୁରୁଣାପାଣି ଶିବଶଙ୍କର କ୍ଲବ ଓ ରନର୍ସ ଅପ୍ ଭାଲୁଦରି ମା' ଠାକୁରାଣି ଫୁଟ୍‌ବଲ ଦଳକୁ ଟ୍ରଫି ସହ ନଗଦ ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ। ପ୍ରତିଯୋଗିତା ଆୟୋଜନରେ ସଦସ୍ୟ ସଞ୍ଜୀବ ମୁଣ୍ଡା, ଦୀପକ ଦେହୁରୀ, ରାଜୁ ମୁଣ୍ଡା ଓ ଗୁପୀ ମୁଣ୍ଡାଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ସକ୍ରିୟ ସହଯୋଗ କରିଥିଲେ। ଶେଷରେ କ୍ଲବର ସମ୍ପାଦକ ମିଲୁ ମାଝି ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲା କୃଷକ ସଂଘର୍ଷ ସଂଘ ବୈଠକ

ଦେବଗଡ,୩୦।୧୦(ଶଶାଙ୍କ ଶେଖର ଝାଙ୍କର)

ବାରକୋଟ ବ୍ଲକ ଝରାକଣ୍ଢଳ ପଞ୍ଚାୟତର ପୁରୁଣାପାଣି ଗ୍ରାମରେ ସୋମବାର ଜିଲା କୃଷକ ସଂଘର୍ଷ ସଂଘର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। କୃଷକ ନେତା ଗଣେଶ୍ୱର ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ବୈଠକରେ ମୁଖ୍ୟ ଅତିଥିଭାବେ ଜିଲା କୃଷକ ସଂଘର୍ଷ ସଂଘ ସଭାପତି ସେମ ହେମ୍ବ୍ରମ ଓ ସମ୍ମାନିତ ଅତିଥିଭାବେ ସାଧାରଣ ସମ୍ପାଦକ ଗୁଣନିଧି ବେହେରା ଯୋଗଦେଇ ସମ୍ପୃକ୍ତ ଅଞ୍ଚଳର ଚାଷୀଙ୍କ ସହ ସେମାନଙ୍କର ବିଭିନ୍ନ ସମସ୍ୟା ଓ ଏଗୁଡିକର ସମାଧାନ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ କୃଷକ ସଂଘର୍ଷ ସଂଘର ଏକ ପଞ୍ଚାୟତ ସ୍ତରୀୟ କମିଟି ଗଠନ କରାଯିବା ସହ ଏହାର ସଭାପତି ଭାବେ ଗଣେଶ୍ୱର ପାତ୍ର ଓ ସମ୍ପାଦକଭାବେ ବନୀନ ଚନ୍ଦ୍ର ପାତ୍ର ଓ କୋଷାଧ୍ୟକ୍ଷ ଭାବେ ଦେବାନନ୍ଦ ସାହୁଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା। ଏହି ବୈଠକରେ ସମ୍ପୃକ୍ତ ଅଞ୍ଚଳର ବହୁ ମହିଳା ଓ ପୁରୁଷ ଚାଷୀ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।



## ବିପର୍ଯ୍ୟୟ ପ୍ରସ୍ତୁତି, ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ

ଦେବଗଡ଼,୩୦।୧୦(ଶଶାଙ୍କ ଶେଖର ଝାଙ୍କର)



ଦେବଗଡ଼ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଓ ଜାତୀୟ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ସମ୍ମାନିତ ଅତିଥି ଭାବେ ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ହେମନ୍ତ କୁମାର ପଣ୍ଡା, ଉପଜିଲାପାଳ ପରିକ୍ଷିତ ସାହୁ ଓ ଜିଲା ପରିଷଦର ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ମଲ୍ଲିକ ମଞ୍ଚାସୀନ ରହି ଏହି ଦିବସ ପାଳନର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିବାସହ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା, ପ୍ରସ୍ତୁତି ଓ ଏନେଇ ସଚେତନତା ସୃଷ୍ଟି ଉପରେ ନିଜ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ସମ୍ବନ୍ଧିତ ଶପଥ ପାଠ ମଧ୍ୟ କରାଯାଇଥିଲା। ସେହିପରି ଏହି ଦିବସ ଉପଲକ୍ଷେ ପୂର୍ବରୁ ସ୍କୁଲ ଓ କଲେଜ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜିଲା ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରଭାତ କୁମାର ଲେଙ୍କା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସ୍କୁଲ ଓ କଲେଜ ଛାତ୍ରୀଛାତ୍ର, ଓଡ୍ରାଫ୍ ଟିମ୍, ଅଗ୍ନିଶମ ବିଭାଗ କର୍ମଚାରୀ ଓ ବିଭିନ୍ନ ବିଭାଗର ଜିଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ କେନ୍ଦ୍ର ସରକାର ପୁରସ୍କାର ଦେଇଛନ୍ତି: ମନ୍ତ୍ରୀ

**ଭୁବନେଶ୍ୱର, ୩୦।୧୦(ସୁନିତ୍ ମିଶ୍ର)**

୨୪ ବର୍ଷ ତଳେ ୧୯୯୯ରେ ଓଡ଼ିଶାରେ ମହାବାତ୍ୟା ସଙ୍ଗଠିତ ହୋଇ ହଜାର ହଜାର ଲୋକ ମୃତ୍ୟୁବରଣ କରିବା ସହ ଅନେକ ଧନଜୀବନ ହାନି ହୋଇଥିଲା। ଉପକୂଳ ଓଡ଼ିଶା ପ୍ରାୟ ଛାରଖାର ହୋଇଯାଇଥିଲା କହିଲେ ଭୁଲ୍ ହେବ ନାହିଁ। ଏହି ଅଭୂତପୂର୍ବ ପ୍ରାକୃତିକ ବିପର୍ଯ୍ୟୟର ଆଘାତ ଓ ଅନୁଭବକୁ ପାଥେୟ କରି ବିଗତ ୨୦୦୦ରୁ ଏଯାବତ ଶାସନର ମଙ୍ଗ ଧରିଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ପ୍ରାକୃତିକ ବିପର୍ଯ୍ୟୟର ପ୍ରଭାବଶାଳୀ ମୁକାବିଲା କରିବା ନିମିତ୍ତ ତଥା ତାଙ୍କର କାଳଜୟୀ ଆହ୍ୱାନ ପ୍ରତ୍ୟେକଟି ଜୀବନ ମୂଲ୍ୟବାନ ମନ୍ତ୍ରକୁ ଗ୍ରହଣ କରି ରାଜ୍ୟର ଶାସନ ଓ ପ୍ରଶାସନ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ତଥା ଜନସାଧାରଣ ଯେଭଳି ସହଯୋଗ ଓ ସହଭାଗିତା ପ୍ରଦର୍ଶନ କରିଛନ୍ତି ତାହା ସମଗ୍ର ବିଶ୍ୱରେ ଅଦ୍ୱିତୀୟ। କେନ୍ଦ୍ର ସରକାରଙ୍କ ତରଫରୁ ଓଡ଼ିଶାକୁ ୨୦୨୩ ପାଇଁ ସମ୍ମାନଜନକ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଆପଦ ପ୍ରବନ୍ଧନ ପୁରସ୍କାର ମିଳିଛି। ଜାତୀୟ ଗଣମାଧ୍ୟମ ଓ ଜାତିସଂଘ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ଏ ପ୍ରକାର ପଦକ୍ଷେପକୁ ଭୂୟସୀ ପ୍ରଶଂସା କରିଛନ୍ତି। ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ପାଳିତ ହୋଇଯାଇଥିବା ବେଳେ ସମସ୍ତଙ୍କ ସହଯୋଗ ଓ ସଦିଚ୍ଛା ନିମନ୍ତେ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାର୍ଣ୍ଡି ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ପୂର୍ବତନ ବିଧାୟକ ରବି ଲାବଣ୍ୟଙ୍କ ପରଲୋକ

**ଧର୍ମଶାଳା,୩୦।୧୦(ବଟକୃଷ୍ଣ ପରିଡ଼ା)**

ଯାଜପୁର ଜିଲା ଧର୍ମଶାଳାର ପ୍ରାକ୍ତନ ବିଧାୟକ ରବି ଲାବଣ୍ୟ(୮୬)ଙ୍କ ସୋମବାର ପରଲୋକ ହୋଇଯାଇଛି। ଧର୍ମଶାଳା ବ୍ଲକ ମିର୍ଜାପୁର ପଞ୍ଚାୟତ ଅରଙ୍ଗାବାଦ ଗ୍ରାମର ରବି ଲାବଣ୍ୟ ୧୯୭୭ରେ ଧର୍ମଶାଳା ନିର୍ବାଚନମଣ୍ଡଳୀରୁ ଜନତା ଦଳ ଟିକେଟ୍‌ରେ ବିଜୟୀ ହୋଇ ବିଧାୟକ ହୋଇଥିଲେ। ଛାତ୍ର ଜୀବନରୁ ରାଜନୀତିରେ ରୁଚି ରଖୁଥିବା ଲାବଣ୍ୟ କଟକ ରେଭେନ୍ସା କଲେଜରେ ପଢୁଥିବା ସମୟରେ ଛାତ୍ର ସଂସଦ ସଭାପତି ଭାବେ ନିର୍ବାଚିତ ହୋଇ ନିଜର ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ଛାତ୍ର ରାଜନୀତି ସମୟରେ ତାଙ୍କର ଦକ୍ଷତା ଓ ଉଚ୍ଚକୋଟୀର ଭାଷଣ ତତ୍କାଳୀନ ନେତୃବୃନ୍ଦଙ୍କୁ ଆକର୍ଷିତ କରିଥିଲା। ଶିକ୍ଷା ଶେଷ ପରେ ସେ ଶ୍ୟାମସୁନ୍ଦର ହାଇସ୍କୁଲ ଏବଂ ଧର୍ମଶାଳା ବାଣୀପୀଠରେ ଶିକ୍ଷକତା ଜୀବନ ଆରମ୍ଭ କରିଥିଲେ। ପରେ ସେ ଶିକ୍ଷକ ଚାକିରି ଛାଡ଼ି ଜନତା ଦଳରେ ଯୋଗଦେଇ ପ୍ରତ୍ୟକ୍ଷ ରାଜନୀତିକୁ ଆସିଥିଲେ। ୧୯୭୨ରେ ସେ ଧର୍ମଶାଳା ବ୍ଲକର ଅଧ୍ୟକ୍ଷ ହୋଇଥିଲେ। ପରେ ୧୯୭୭ରେ ସେ ଧର୍ମଶାଳା ନିର୍ବାଚନମଣ୍ଡଳୀରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ଲାବଣ୍ୟ ୪୬ ବର୍ଷ ଧରି ନିଜ



ପ୍ରାକ୍ତନ ବିଧାୟକ ରବି ଲାବଣ୍ୟ

ଗାଁ ଅରଙ୍ଗାବାଦରେ ବନ୍ଦେ ଉତ୍କଳ ଜନନୀ ଅନୁଷ୍ଠାନ ଗଠନ କରି ବୋଇତ ବନ୍ଦାଣ ଉତ୍ସବ ଓ ଶ୍ୟାମସୁନ୍ଦର ମହିଳା ବିକାଶ କେନ୍ଦ୍ର ପ୍ରତିଷ୍ଠା କରି ମହିଳାମାନଙ୍କୁ ଆତ୍ମନିର୍ଭର କରାଇଥିଲେ। ଏହି ସମୟରେ ସେ ରାଜ୍ୟ ଖଦି ବୋର୍ଡର ନିର୍ଦ୍ଦେଶକ ରହିଥିଲେ।

ସେ ଦୀର୍ଘ ଦିନ ହେଲା ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ହୋଇ ଘରେ ଚିକିତ୍ସିତ ହେଉଥିଲେ। ସୋମବାର ପୂର୍ବାହ୍ନରେ ସେ ଗୁରୁତର ହୋଇପଡିବାରୁ ପରିବାର ଲୋକେ ତାଙ୍କୁ ପ୍ରଥମେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍‌ପିଟାଲକୁ ନିଆଯାଉଥିବା ବେଳେ ବାଟରେ ତାଙ୍କର ପରଲୋକ ଘଟିଥିଲା। ଅପରାହ୍ନରେ ତାଙ୍କର ପାର୍ଥିବ ଶରୀର ଗାଁରେ ପହଞ୍ଚିବା ପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଖବର ପାଇ ଯାଜପୁର ପୂର୍ବତନ ଏମ୍‌ପି ରୀତା ତରେଇ, ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ , ଜିଲା ପରିଷଦ ସଭ୍ୟ ଜଳଧର ମହାନ୍ତି, ଡ. ପ୍ରିୟନାଥ ମହାପାତ୍ର, କାହ୍ନୁ ଚରଣ ଦାଶ, ଡ. ଗୌତମ ଜେନା, ନିର୍ମଳ ସାମଲ, ପ୍ରଶାନ୍ତ ସ୍ୱାଇଁ, ଧର୍ମଶାଳା ପ୍ରେସ କ୍ଲବ ସଭାପତି ରମାକାନ୍ତ ଜେନା, ଉପସଭାପତି ସୀତାକାନ୍ତ ସାମଲ, ସମ୍ପାଦକ ଅବିନେଶ୍ୱର ଶତପଥୀ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ। ତାଙ୍କ ବିୟୋଗରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡେଇ, ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ, ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ଧର୍ମଶାଳାର ପୂର୍ବତନ ବିଧାୟକ ଗୁରୁଚରଣ ଟିକାୟତ, ଧର୍ମଶାଳା ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ କିଶାନ ପଣ୍ଡା, ପ୍ରେସକ୍ଲବ ଉପଦେଷ୍ଟା ବଟକୃଷ୍ଣ ପରିଡ଼ା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ମୃତ୍ୟୁବେଳକୁ ସାନପୁଅ ସାଗର ଦାଶ, ଝିଅ ଓ ସ୍ତ୍ରୀ ଉପସ୍ଥିତ ଥିଲେ। ଜାରକା ଗୋକର୍ଣ୍ଣେଶ୍ୱର ବ୍ରାହ୍ମଣୀ ନଦୀ ପଠାସ୍ଥିତ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ବଡ଼ପୁଅ ପ୍ରାଧ୍ୟାପକ ବଳଭଦ୍ର ଦାଶ ମୁଖାଗ୍ନି ଦେଇଥିଲେ।

# ମାଉଣ୍ଟ ରୁଦ୍ରୁଗେରା ଶିଖରରେ କଳାହାଣ୍ଡି ବିଶ୍ୱବିଦ୍ୟାଳୟର ପର୍ବତାରୋହୀ ଦଳ




**ଭବାନୀପାଟଣା,୩୦।୧୦(ଉତ୍ତମ କୁମାର ଦାଶ)**

ଓଡ଼ିଶା ତଥା ଭାରତର ପ୍ରଥମ ବିଶ୍ୱବିଦ୍ୟାଳୟ ଭାବେ କଳାହାଣ୍ଡି ବିଶ୍ୱବିଦ୍ୟାଳୟର ପର୍ବତାରୋହୀ ଦଳ 'ଗୁଡହାଣ୍ଡି ଟିମ୍ ଅଫ୍ ମାଉଣ୍ଟେନେର୍ସ' ସଫଳତାର ସହ ମାଉଣ୍ଟ ରୁଦ୍ରୁଗେରା ଶିଖରରେ ପହଞ୍ଚି ରେକର୍ଡ କରିଛି। ଉତ୍ତରାଖଣ୍ଡ ରାଜ୍ୟର ଗଙ୍ଗୋତ୍ରୀଠାରେ ୫୮୧୯ ମିଟର/୧୯୧୦୦ ଫୁଟ ଉଚ୍ଚତା ବିଶିଷ୍ଟ ମାଉଣ୍ଟ ରୁଦ୍ରୁଗେରା ଅବସ୍ଥିତ। ଏଭେରେଷ୍ଟ ଆରୋହୀ ଯୋଗବ୍ୟାସ ଭୋଇ ଓ ଜାତୀୟସ୍ତରର ଅଭିଜ୍ଞ ପର୍ବତାରୋହୀ ରୋମାଞ୍ଚଳ ଭୋଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅକ୍ଟୋବର ୧୨ରୁ କଳାହାଣ୍ଡିରୁ ଯାତ୍ରା ଆରମ୍ଭ ହୋଇଥିଲା। ଏହାପରେ ପର୍ବତାରୋହୀ ଦଳ ଗତ ୨୩ ତାରିଖରେ ଉତ୍ତରକାଶୀଠାରୁ ଯାତ୍ରା ଆରମ୍ଭ କରି ହାରସିଲ ଗଙ୍ଗୋତ୍ରୀ ଦେଇ ପ୍ରଥମେ ନାଲାକ୍ୟାମ୍ପ ଓ ପରେ ୧୫ହଜାର ଫୁଟ ଉପରେ ଥିବା ମାଉଣ୍ଟ ରୁଦ୍ରୁଗେରା ବେସ୍‌କ୍ୟାମ୍ପରେ ପହଞ୍ଚିଥିଲେ। ସେଠାରେ ୩ଦିନ ରହିବା ପରେ ୨୬ ତାରିଖ ସକାଳ ୫ଟାରୁ ପର୍ବତ ଚଢିବା ଆରମ୍ଭ ହୋଇଥିଲା। ଦୀର୍ଘ ୭ଘଣ୍ଟା ଚାଲିବା ପରେ ମାଉଣ୍ଟ ରୁଦ୍ରୁଗେରା ଶିଖରରେ ଟିମ୍ ପହଞ୍ଚିଥିଲା। ସାଙ୍ଗରେ କଳାହାଣ୍ଡିର ମାଟି, ହାବସପୁରୀ କପଡା, ମା' ମାଣିକେଶ୍ୱରୀଙ୍କ ଆଜ୍ଞାମାଳ, କଳାହାଣ୍ଡିର ଘୁମୁରା ନେଇଯାଇଥିଲେ। ସେଠାରେ କିଛି ସମୟ ରହିବା ପରେ ଉକ୍ତ ଟିମ୍ ୬ ଘଣ୍ଟାରେ ବେସ୍‌କ୍ୟାମ୍ପକୁ ଫେରିଥିଲା। ପର୍ବତାରୋହଣବେଳେ ବହୁତ ଥଣ୍ଡା ସହିତ ବରଫ ପଡିଥିଲା। ଶିଖରରେ ମାଇନସ ୮ ଡିଗ୍ରୀରୁ ୧୦ ଡିଗ୍ରୀ ତାପମାତ୍ରା ରହିଥିଲା। ଅଭିଯାନ ସମ୍ପୂର୍ଣ୍ଣ କରିବାକୁ ୨୦ଦିନ ଲାଗିଥିଲା। ଏହି ଟିମ୍‌ରେ କଳାହାଣ୍ଡି ବିଶ୍ୱବିଦ୍ୟାଳୟର ଦିନେଶ ବାରିକ, ଆୟୁଷ ପାତ୍ର, ଧନଞ୍ଜୟ ଖାଡିଆ, ଦୀପକ କରୁଆଁ, ନୂଆପଡା ନାଶନାଲ କଲେଜ ଛାତ୍ର ଜିତେନ ସାହୁ, ରିଷିଡା ମହାବିଦ୍ୟାଳୟ ଛାତ୍ର ଆର୍ତ୍ତତ୍ରାଣ ମିଶ୍ର, କରଲାପଡା ମହାବିଦ୍ୟାଳୟ ଛାତ୍ର ରମେଶ ଜାଲ, ପ୍ରଗତି ମହାବିଦ୍ୟାଳୟ ଛାତ୍ର ସ୍ମୃତିରଞ୍ଜନ ମାଝୀ, କେସିଙ୍ଗା ମହାବିଦ୍ୟାଳୟ ଛାତ୍ର ଆଦିତ୍ୟ ପ୍ରତାପ ନାୟକ ଓ ଧର୍ମଗଡ ମହାବିଦ୍ୟାଳୟ ଛାତ୍ର ଅଭିମନ୍ୟୁ ଧାଙ୍ଗଡାମାଝୀ, ବିଶ୍ୱବିଦ୍ୟାଳୟ କ୍ରୀଡା ପରିଷଦ ନିର୍ଦ୍ଦେଶକ ଡ. ଘନଶ୍ୟାମ ବେହେରା, ନାଭାଲ ଏନ୍‌ସିସି ଅଧିକାରୀ ଡ. ନଳିନୀକାନ୍ତ ରଣା ଓ ଏନ୍ଏସ୍ଏସ୍ ଅଧିକାରୀ ଡ. ପ୍ରିୟରଞ୍ଜନ ବେହେରା ରହିଛନ୍ତି। ସେମାନେ ମଙ୍ଗଳବାର ଉତ୍ତରକାଶୀରୁ ହରିଦ୍ୱାର ବାହାରିବେ। ଦିଲ୍ଲୀ ଦେଇ ଭୁବନେଶ୍ୱରରେ ପହଞ୍ଚି ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଥିବା ଯୋଗବ୍ୟାସ ସୂଚନା ଦେଇଛନ୍ତି।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ADMISSION OPEN**
Bhava Institute Of Medical Science & Research
Recognised by DMET, ON&MC, Health & FW Dept.,Govt. of Odisha
**GNM** Duration : 3 Year, Eligibility : +2 Pass (Any Stream) 40% Mark
**ANM** Duration : 2 Year, Eligibility : +2 Pass (Any Stream)
**DMRT**
**DMLT** Duration : 2 Year, Eligibility : +2 Science
**CBCA** Certified Blood Collection Assistant Duration : 6 months, Eligibility : 10+
Stipend for SC/ST, OBC & SEBC
•Own Building •Hostel in Campus
•Transport facility •Placement Assistantance
ନର୍ସିଂ ଓ ପାରା-ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୩୨ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15
9040009727
8456845313

**BUSINESS**
ଯୁବକ-ଯୁବତୀଙ୍କ ଆବଶ୍ୟକତା ରହିଛି। ଯେଉଁମାନେ ଘରେ ବସି ମୋବାଇଲ ଦ୍ୱାରା ପାର୍ଟ/ଫୁଲ୍ ଟାଇମ୍ କପି ପେଷ୍ଟ ୱାର୍କ କରିପାରିବେ।
ସୂଚନା ପାଇଁ ମିସ୍‌କଲ୍ କରନ୍ତୁ-
**02240375702**


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ନଭେମ୍ବର ୧୫ରେ କୋଶଳ ମହାବନ୍ଦ ଡାକରା

## ତେଜିଲା ଅଭିନେତା ମନୋଜ ମିଶ୍ରଙ୍କୁ ବ୍ୟାନ୍ ଘୋଷଣା ବିବାଦ

## କୋଶଳ ରାଏଜ୍ ମିଳିତ କ୍ରିୟାନୁଷ୍ଠାନ କମିଟିର ଖବରଦାତା ସମ୍ମିଳନୀ

**ବଲାଙ୍ଗୀର, ୩୦।୧୦ (ବୀରେନ୍ଦ୍ର କୁମାର ଝାଙ୍କର)**

ଅଭିନେତା ମନୋଜ ମିଶ୍ରଙ୍କୁ ଚଳଚ୍ଚିତ୍ର ପ୍ରଯୋଜକ ସଂଘର ଦୁଇବର୍ଷିଆ ବ୍ୟାନ୍ ଘୋଷଣାକୁ ନେଇ ଦେଖାଦେଇଥିବା ବିବାଦ ତେଜିବାରେ ଲାଗିଛି। ପଶ୍ଚିମ ଓଡ଼ିଶାର କେତେକ ଶୀର୍ଷ ରାଜନେତାଙ୍କ ବୟାନବାଜି ପରେ କୋଶଳ ରାଏଜ୍ ମିଳିତ୍ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆସନ୍ତା ନଭେମ୍ବର ୧୫ ତାରିଖ କୋଶଳ ମହାବନ୍ଦ ଡାକରା ଦିଆଯାଇଛି। ସ୍ୱତନ୍ତ୍ର କୋଶଳ ରାଜ୍ୟ ଗଠନ ଏବଂ କୋଶଳାଞ୍ଚଳର ଭାବାବେଗ ପ୍ରସଙ୍ଗକୁ ନେଇ ଏହି ମହାବନ୍ଦ ଡାକରା ଦିଆଯାଇଥିବା କମିଟି ପକ୍ଷରୁ କୁହାଯାଇଛି। ପଶ୍ଚିମ ଓଡ଼ିଶାର ୧୦ଟି ଜିଲା ସମେତ ଅନୁଗୋଳ ଜିଲା ଆଠମଲ୍ଲିକ ସବ୍‌ଡିଭିଜନ୍‌ରେ ଆସନ୍ତା ୧୫ ନଭେମ୍ବରରେ ସମସ୍ତ ସରକାରୀ, ବେସରକାରୀ ଅଫିସ, ଗାଡ଼ି ଚଳାଚଳ, ଦୋକାନ ବଜାର ବନ୍ଦ ରହିବ ବୋଲି ଘୋଷଣା କରାଯାଇଛି।

ସୋମବାର ପୂର୍ବାହ୍ନରେ ସ୍ଥାନୀୟ ସାମ୍ବାଦିକ ଭବନରେ କୋଶଳ ରାଏଜ୍ ମିଳିତ୍ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଖବରଦାତା ସମ୍ମିଳନୀ ଡକାଯାଇଥିଲା। ଏଥିରେ ଅଭିନେତା ମନୋଜ ମିଶ୍ରଙ୍କୁ ଦୁଇବର୍ଷିଆ ବ୍ୟାନ୍ ଘୋଷଣାକୁ ନିନ୍ଦା କରାଯାଇଥିଲା। ଏଭଳି ନିଷ୍ପତ୍ତି ଉପକୂଳ ଅଞ୍ଚଳର ପଶ୍ଚିମ ଓଡ଼ିଶା ବିରୋଧୀ ମନୋଭାବକୁ ପ୍ରଦର୍ଶିତ କରୁଛି ବୋଲି କୁହାଯାଇଥିଲା। ମନୋଜଙ୍କ ବ୍ୟାନ ପ୍ରସଙ୍ଗରେ ମୁହଁ ଖୋଲିଥିବା ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର, ଲୋଇସିଂହା ବିଧାୟକ ଡ. ମୁକେଶ ମହାଲିଙ୍ଗ ଓ ରେଙ୍ଗାଲି ବିଧାୟକ ନାଉରୀ ନାୟକଙ୍କୁ ଖବରଦାତା ସମ୍ମିଳନୀରେ ଧନ୍ୟବାଦ ଜ୍ଞାପନ କରାଯାଇଥିଲା। ଖବରଦାତା ସମ୍ମିଳନୀରେ କୋଶଳ ରାଏଜ୍ ମୁକ୍ତିମୋର୍ଚ୍ଚା ଆବାହକ ସୁବାସ ଚନ୍ଦ୍ର ଆଚାର୍ଯ୍ୟ, ସୁଶୀଲ କୁମାର ଗୁରୁ, କୋଶଳ ସେନା ସଭାପତି କୌସ୍ତୁଭ ସାହୁ, ସମ୍ପାଦକ ବୀରବଳ ମହାକୁର, ଭିଲେଜର୍ସ ଇଣ୍ଡିଆ ପାର୍ଟି ସଭାପତି ଡ ବିପିନ କୁଶଲିଆ, କୋଶଲ୍ ରାଏଜ୍ ମୁକ୍ତି ମୋର୍ଚ୍ଚା ରାଜ୍ୟ ସମ୍ପାଦକ ସିପୁନ୍ ଖମାରୀ, ଟ୍ରେଡ୍ ୟୁନିଅନ୍ ନେତା ବିଭୁଦତ୍ତ ମିଶ୍ର ମଞ୍ଚାସୀନ ଥିଲେ। ଖବରଦାତା ସମ୍ମିଳନୀରେ କୋଶଳାଞ୍ଚଳ ପ୍ରତି ହେଉଥିବା ଅନ୍ୟାୟ, ପାତରଅନ୍ତର ଏବଂ ଆଞ୍ଚଳିକ ବୈଷମ୍ୟ ବିରୁଦ୍ଧରେ ସରକାରଙ୍କୁ ଦୋଷାରୋପ କରାଯାଇଥିଲା। ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀବେଞ୍ଚ, ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟ, ଏମ୍‌ସ ହସ୍ପିଟାଲ, କଟନ୍ କରିଡର ପ୍ରତିଷ୍ଠା ଦାବିକୁ କିଭଳି ଅଣଦେଖା କରାଯାଇଛି କୁହାଯାଇଥିଲା।




ବଲାଙ୍ଗୀର ସାମ୍ବାଦିକ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କୋଶଳ ରାଏଜ୍ ମିଳିତ୍ କ୍ରିୟାନୁଷ୍ଠାନ କମିଟି ସଦସ୍ୟ।

# ବିଳମ୍ବ ଚିହ୍ନଟରୁ ବଢ଼ିଲା ସ୍କ୍ରବ୍ ଟାଇଫସ ସଂକ୍ରମଣ

**ଭୁବନେଶ୍ୱର, ୩୦।୧୦ (ଅସମାପିକା ସାହୁ)**

ବିଳମ୍ବରେ ରୋଗ ଚିହ୍ନଟ ଏବଂ ଚିକିତ୍ସା ଯୋଗୁ ଓଡ଼ିଶାରେ ସ୍କ୍ରବ୍ ଟାଇଫସ୍ ସଂକ୍ରମଣ ବଢ଼ିବା ସହ ଜୀବନ ଯାଇଥିବା କେନ୍ଦ୍ରୀୟ ଟିମ୍ କହିଛି। ଚଳିତ ବର୍ଷ ଏଥିରେ ପଶ୍ଚିମ ଓଡ଼ିଶାରେ ୮ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୨,୮୦୦ରୁ ଊର୍ଦ୍ଧ୍ୱ ଚିହ୍ନଟ ହୋଇଛନ୍ତି। ରାଜ୍ୟରେ ଏହି ସଂକ୍ରମଣ ବଢୁଥିବାରୁ ଏକ କେନ୍ଦ୍ରୀୟ ଦଳ ଓଡ଼ିଶା ଆସି ଝାରସୁଗୁଡ଼ା, ବରଗଡ଼, ସୁନ୍ଦରଗଡ଼, ସମ୍ବଲପୁର ଏବଂ ଭୁବନେଶ୍ୱରରେ ସ୍ଥିତି ଅନୁଧ୍ୟାନ କରିଥିଲେ। ଖାଲି ସେତିକି ନୁହେଁ, ବାହାରେ ମଳତ୍ୟାଗ, ଖାଲି ପାଦରେ ଜଙ୍ଗଲ ଭିତରକୁ ଯିବା ମଧ୍ୟ ଏହି ସଂକ୍ରମଣ ବଢ଼ିବାର ଅନ୍ୟତ କାରଣ। ସେହିଭଳି ମୌସୁମୀ ପୂର୍ବରୁ ସଚେତନତା କରିବାର ଆବଶ୍ୟକ ରହିଥିଲା ବୋଲି କେନ୍ଦ୍ରୀୟ ଟିମ୍ କହିଛି।

## Classified Everyday 0674-2580101, 2549949



REAL ESTATE

**SALE**

ଭୁବନେଶ୍ୱର ଖୋର୍ଦ୍ଧା **NH side Gandhi College** ଲାଗି **60' road, electricity, boundarywall** ଥାଇ **immediatly** ଘର କରିବା ପାଇଁ ପ୍ଲଟ୍ ମିଳୁଛି। **9090963952.** D-75250

ଜଟଣୀଗେଟ୍ NHରୁ ଅଳ୍ପଦୂରତାରେ sqft.-300/-, ଛତାବର-500/-, ନଖରା SC/Gen plot-300/-. 7978663279. D-75249

**Twincity** ମଧ୍ୟଭାଗରେ **Grand Bazar (Nakhara NH-16)** ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି **Plot** ସୁଲଭ ମୂଲ୍ୟରେ କିଣନ୍ତୁ। ଗୃହ ନିର୍ମାଣ କରନ୍ତୁ - **9658562429.** D-75239

ଭୁବନେଶ୍ୱର ରବିଟକିଜ୍ ସାଇ ମନ୍ଦିର ନିକଟରେ ଘରବାରି ପାଚେରି ପ୍ଲଟ୍ ପଟାରୁ ବିକ୍ରିହେବ। 9827119799. D-1670

Bhubaneswar/ Nakhara/ Pahala ଛକ ପାଖରେ ଘରବାରି ବାସୋପଯୋଗୀ ପ୍ଲଟ୍ free boundary, ଇଲେକ୍ଟ୍ରିସିଟି ଥାଇ ତୁରନ୍ତ ଘରକରି ପାରିବେ। 9178704897. D-75247

ଭୁବନେଶ୍ୱର **KIIT University** ଜଗନ୍ନାଥମନ୍ଦିର ପାଖରେ **Boundary,** ଇଲେକ୍ଟ୍ରିସିଟିଥାଇ ପ୍ଲଟ୍ ବିକ୍ରି ହେବ - **9437205314, 9937513595.** D-75243

**ଭୁବନେଶ୍ୱର ତମାଣ୍ଡୋ ଥାନା ପାଖରେ ଏବଂ ଯାଆଁଳା, ଭୁଆସୁଣୀ ମନ୍ଦିର ପାଖରେ (General / SC) possession plot ବହୁତ କମ୍ ମୂଲ୍ୟରେ ବିକ୍ରି ହେଉଛି। 9438315973 / 9938066403.** D-1655

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ
କେବଳ ଟ୨୧୦/-ରୋ ରଙ୍ଗୀନ ଟ୪୨୦/-ରୋ (ଫଟୋ ସହ)
ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**ଭୁବନେଶ୍ୱର ତମାଣ୍ଡୋ Hyundai Showroom ପାଖରେ ଏବଂ ଯାଆଁଳା Overbridgeଠାରୁ 1 Km ଦୂରରେ ସ୍ଥିତିବାନ possession plot ସୁଲଭ ମୂଲ୍ୟରେ ବିକ୍ରି ହେଉଛି। Contact: 9777067303.** D-1656

**ଘରବାରି ପଟ୍ଟା Plots, Resale Hotel / house at Puri Town, ସମୁଦ୍ରକୂଳ ଏବଂ ତା'ର ପାଖାପାଖି ଏରିଆରେ ମିଳୁଅଛି। 7008067338, 9090746445.** D-75242

BDA Town planning ଏରିଆରେ ୩୦ଫୁଟ୍ ରୋଡ୍ ଥାଇ ଘରବାଡ଼ି ପ୍ଲଟ୍ ବର୍ଗଫୁଟକୁ- 850/- କିଣି ଘର କରନ୍ତୁ। (୬୦ଟା ପ୍ଲଟ୍ ଅଛି), 9853150290. D-75254

**ଭୁବନେଶ୍ୱର NH-16 ପିତାପଲ୍ଲୀରୁ 1 K.M. ମଧ୍ୟରେ Carmel School ପାଖରେ 30' road, boundary ପ୍ଲଟ୍ ସୁଲଭ ମୂଲ୍ୟରେ ମିଳୁଛି। 9337166296, 9853474706.** D-75233




Newly open SPA positively health benefit with expert. Contact: 7749976301. D-1681

All types of professional body massage by professional therapy. Contact 7077933109, 9556924059, 8658803018. D-1669

Newly open health benefits Spa special offer @999. Contact: 7749034655. D-75166

**Body spa / saloon by expert therapist, Puja Offer @999/-. 9938843929.** D-75163

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com




Good Running Tile Business with 6 Figure/ month profit at prime location of Chandpur, Nayagarh for sale contact 9124159073. D-1691

### AFFIDAVIT

In the Court of Executive Magistrate, Nischintakoili, I Shri Pradosh Kumar Behera, S/o Sunakara Behera, D.O.B- 08.05.1987 Living At- Othaka, PO/ PS- Nischintakoili, Dist.- Cuttack declared that my Provident Fund name has registered with my nick name as Manas and D.O.B as 21.08.1981. D-1690

### LOST

I, Sri Sachindananda Patra, aged 27 years, S/o.-Antaryami Patra, At.-Sugo, P.O.- Sugo, P.S.-Basudevpur, Dist.- Bhadrak, State.- Odisha, Pin-756124. That, the property under Mouza.- Sugo, P.S.-Basudevpur, P.S. No.111, Khata No.1226/272, Plot No.3293/4779 GB Ac0.28decs stands recorded in my name. That, at the time of purchase I have obtained the Original Link Regd. Sale Deed vide No.1501 dtd.23.05.07 at SRO.- Basudevpur from my vendor Antaryami Patra, S/o.-Ganesh Patra. Lost Date: 27.10.2023. In this regard I lodged FIR Copy lost Service Request No. 24490005230008, Date of FIR is on 30.10.2023. If any person or concern having any claim and objection over the aforesaid property may contact: Balasore Advocate: Subodhakanta Panigrahi Contact No.9861110353, Sachidananda Patra, Mob.9437402116 within 15 days from the date of publication of this Notice. D-1692

## ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ



**ଦେଓ୍ୱାନ କୁମାର ନାଥ**
କଡ଼ତିରା, ଥାନାଗଡ଼ା, ତିର୍ତ୍ତୋଲ ଜଗତ୍‌ସିଂହପୁର
ଆବିର୍ଭାବ: ୧୦।୦୫।୧୯୭୮
ତିରୋଧାନ: ୨୧।୧୦।୨୦୨୩
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ: ପରିବାରବର୍ଗ, ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ।
ସାଇ ମେଡିସିନ୍ ଷ୍ଟୋର, ମଣିଜଙ୍ଗା
ଧ-୧୬୮୯

### ଏକାଦଶାହ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ବିଦ୍ୟାଧର ଭୋଇ**
ପ୍ଲଟ୍ ନଂ. ୧୪୭, ନୂଆସାହି, ରସୁଲଗଡ଼, ଭୁବନେଶ୍ୱର
ଆବିର୍ଭାବ: ୧୯୩୭ ମସିହା
ତିରୋଧାନ: ୨୧।୧୦।୨୦୨୩ (ମହାସପ୍ତମୀ)
ଜାତସ୍ୟ ହି ଧ୍ରୁବୋ ମୃତ୍ୟୁର୍ଧ୍ରୁବଂ ଜନ୍ମ ମୃତସ୍ୟ ଚ।
ତସ୍ମାଦପରିହାର୍ଯ୍ୟେଽର୍ଥେ ନ ତ୍ୱଂ ଶୋଚିତୁମର୍ହସି ॥
ଆପଣଙ୍କ ସ୍ନେହ, ଶ୍ରଦ୍ଧା ଓ ତ୍ୟାଗ ଆମ୍ଭେ କେବେ ବି ଭୁଲିପାରିବୁ ନାହିଁ। ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ: ପତ୍ନୀ- ସୁଷମା, ପୁତ୍ର ଓ ପୁତ୍ରବଧୂ- ବେଦଦ୍ୟୁତ (କାଲୁ), ମମତାମଞ୍ଜରୀ (ମାମି); ପୁସ୍ତ, ଇସୁ, ସ୍ୱସ୍ତିକ୍; ଝିଅଜ୍ୱାଇଁ, ନାତିନାତୁଣୀ, ଆତ୍ମୀୟସ୍ୱଜନ ଓ ବନ୍ଧୁବାନ୍ଧବ।
ଧ-୧୬୮୬

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଭୁବନେଶ୍ୱରରେ 'ଗୋଇଲା ବଟର ଚିକେନ୍'

■ଲିଙ୍ଗରାଜ ଦର୍ଶନ କଲେ ମାଷ୍ଟର ସେଫ୍ ସାରାଂଶ
■ଦହିବରା, ପାହାଳ ରସଗୋଲାକୁ ପ୍ରଶଂସା

ଭୁବନେଶ୍ୱର,୩୦।୧୦
(ଅନୁରାଧା ମହାରଣା)




ପ୍ରସିଦ୍ଧ ମାଷ୍ଟର ସେଫ୍ ସାରାଂଶ ଗୋଇଲାଙ୍କ ସ୍ୱତନ୍ତ୍ର ରେସିପିରେ ପ୍ରସ୍ତୁତ ଗୋଇଲା ବଟର ଚିକେନ୍ ଏଣିକି ଭୁବନେଶ୍ୱରରେ ମଧ୍ୟ ମିଳିବ। ସାରାଂଶ ଏବଂ 'ଗୋଇଲା ଚିକେନ'ର ସହ ପ୍ରତିଷ୍ଠାତା ବିବେକ ସାହାଣୀଙ୍କ ଉଦ୍ୟମରେ ଏହା ରାଜଧାନୀବାସୀଙ୍କୁ ଏଣିକି ହାତପାଆନ୍ତାରେ ବିଭିନ୍ନ ସ୍ୱାଦିଷ୍ଟ ଖାଦ୍ୟ ମିଳିପାରିବ। ସୋମବାର ଗଣମାଧ୍ୟମକୁ ସମ୍ବୋଧିତ କରି ସାରାଂଶ କହିଛନ୍ତି, ଗୋଇଲା ବଟର ଚିକେନ୍ ଯୁବପିଢ଼ିଙ୍କ ପ୍ରଥମ ପସନ୍ଦ ପାଲଟିଥିବାବେଳେ ନାନ୍ ବମ୍ବସ୍, କ୍ଲାସିକ୍ ଚିକେନ୍ ଟିକା, ଗୋଇଲା ବଟର ପନିର, ଦାଲ ମଖନୀ ଆଦିର ମଧ୍ୟ ଖୁବ୍ ଚାହିଦା ରହିଛି। ଭେଜ ହେଉ କି ନନ୍‌ଭେଜ୍, ଷ୍ଟାର୍ଟର ହେଉ କି ମେନ୍ କୋର୍ସ ସବୁଥିରେ ଗୋଇଲାଙ୍କ ସିକ୍ରେଟ୍ ରେସିପି ରହିବ। ଜମାଟୋ ଓ ସ୍ୱିଗିରେ ଅର୍ଡର କରିଲେ ମାତ୍ର କିଛି ସମୟ ମଧ୍ୟରେ ସହରର ଯେକୌଣସି ସ୍ଥାନରେ ମନପସନ୍ଦର ଖାଦ୍ୟ ପହଞ୍ଚିବ ବୋଲି ସେ କହିଛନ୍ତି। ଅନ୍ୟପଟେ ସେ କଟକର ଦହିବରା ଓ ପାହାଳ ଓ ରସଗୋଲା ତାଙ୍କୁ ଖୁବ୍ ଭଲ ଲାଗିଥିବା କହିଛନ୍ତି। ଭୁବନେଶ୍ୱର ଆସିଥିବାରୁ ସେ ଲିଙ୍ଗରାଜଙ୍କ ଦର୍ଶନ କରିବେ ଏବଂ ପୁଣି ଥରେ ଓଡ଼ିଶା ଆସିଲେ ଶ୍ରୀଜଗନ୍ନାଥଙ୍କ ଦର୍ଶନ ମଧ୍ୟ କରିବେ ବୋଲି କହିଛନ୍ତି। ଭୁବନେଶ୍ୱରବାସୀ ବେଶ୍ ଖାଦ୍ୟପ୍ରେମୀ ହୋଇଥିବାବେଳେ 'ଗୋଇଲା ବଟର ଚିକେନ୍' ସ୍ୱାସ୍ଥ୍ୟକର ତଥା ସ୍ୱାଦିଷ୍ଟ ଖାଦ୍ୟ ସେମାନଙ୍କୁ ଯୋଗାଇଦେବ ବୋଲି କହିଛନ୍ତି। ୨୦୧୬ରୁ ସାରାଂଶଙ୍କ 'ଗୋଇଲା ବଟର ଚିକେନ' ଯାତ୍ରା ଆରମ୍ଭ ହୋଇଥିଲା ସାଧାରଣ ଭାବେ ନିଜ ରୋଷେଇ ଘରୁ । ମାତ୍ର କ୍ରମେ ସେ ଜଣେ ପ୍ରସିଦ୍ଧ ଭାରତୀୟ ସେଫ୍ ଭାବେ ପରିଚୟ ଲାଭ କରିଥିଲେ। ତେବେ ମୁମ୍ବାଇରୁ ଆରମ୍ଭ ହୋଇଥିବା ଏହି ଯାତ୍ରା ୧୮ରୁ ଅଧିକ ସହରର ପ୍ରାୟ ୮୦ଟି ଷ୍ଟୋରରେ ପହଞ୍ଚିଛି। ଜଣେ ସଫଳ ଉଦ୍ୟୋଗୀ ତଥା ଲେଖକ ଭାବେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛନ୍ତି। କେବଳ ଭାରତରେ ନୁହେଁ ବରଂ ବିଦେଶରେ ମଧ୍ୟ ସାରାଂଶଙ୍କ ବେଶ୍ ଖ୍ୟାତି ରହିଛି।

## ବିଓବି ପକ୍ଷରୁ ନୋଟ୍ ଓ ମୁଦ୍ରା ବିନିମୟ ମେଳା

ଭୁବନେଶ୍ୱର,୩୦।୧୦

ବ୍ୟାଙ୍କ ଅଫ୍ ବରୋଦା(ବିଓବି) ପକ୍ଷରୁ ବ୍ୟାଙ୍କ ଅଫ୍ ବରୋଦା ଜନପଥ ଶାଖା ଦ୍ୱାରା ନୋଟ୍ ଓ ମୁଦ୍ରା ବିନିମୟ ମେଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଭାରତୀୟ ରିଜର୍ଭ ବ୍ୟାଙ୍କର ମହାପ୍ରବନ୍ଧକ ଡ. ଦେବୀ ପ୍ରସାଦ ପଣ୍ଡା ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ନେଟ୍‌ୱର୍କ ଉପ-ମହାପ୍ରବନ୍ଧକ ଡ. ରମେଶ କୁମାର ମହାନ୍ତି, ଭୁବନେଶ୍ୱର କ୍ଷେତ୍ରର ସହାୟକ ମହାପ୍ରବନ୍ଧକ ରାଜୀବ କ୍ରିଷ୍ଣା, ମୁଖ୍ୟ ପ୍ରବନ୍ଧକ ନିର୍ବିକାର ରଥ, ଜନପଥ ଶାଖାର ମୁଖ୍ୟ ପ୍ରବନ୍ଧକ ଅମୀୟ ରଞ୍ଜନ ପାଢ଼ୀ ଓ କରେନ୍ସି ଚେଷ୍ଟର ଇନଚାର୍ଜର ବାବାଜୀ ଚରଣ ପ୍ରଧାନ ଯୋଗ ଦେଇଥିଲେ। ମେଳାରେ ପୁରୁଣା, ମଇଳା ଓ ଚିରାଫଟା ନୋଟ୍ ବିନିମୟ ସହ କଏନ୍ ମଧ୍ୟ ଯୋଗାଇ ଦିଆଯାଇଥିଲା। ବିଓବି ପକ୍ଷରୁ ନିୟମିତ ଏହି କାର୍ଯ୍ୟ କରାଯାଉଥିବାବେଳେ ପାର୍ବଣ ସମୟରେ ସ୍ୱତନ୍ତ୍ର ଭାବେ ଏପରି କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଥାଏ।

## ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆର ହିନ୍ଦୀ ପକ୍ଷ ସମାରୋହ




ଭୁବନେଶ୍ୱର,୩୦।୧୦

ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆର ସମ୍ବଲପୁର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ବରଗଡ଼ସ୍ଥିତ ବିଜୁ ପଟ୍ଟନାୟକ ଟାଉନ୍‌ହଲ୍‌ଠାରେ ହିନ୍ଦୀ ପକ୍ଷ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସମ୍ବଲପୁର କ୍ଷେତ୍ରର ବିଭିନ୍ନ ଶାଖା ଓ କାର୍ଯ୍ୟାଳୟଗୁଡିକର କର୍ମଚାରୀମାନେ ନିଜ ନିଜର ପରିବାର ସଦସ୍ୟଙ୍କ ସହ ଉପସ୍ଥିତ ଥିଲେ। ଏହି ଅବସରରେ ସମ୍ବଲପୁର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ଧର୍ମେନ୍ଦ୍ର ରାଜୋରିଆ, ଉପ କ୍ଷେତ୍ରୀୟ ମୁଖ୍ୟ ହରେନ୍ଦ୍ର କୁମାର ଜେନା ଏବଂ ଅନ୍ୟ ବରିଷ୍ଠ ସଦସ୍ୟମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ କ୍ଷେତ୍ରୀୟ ମୁଖ୍ୟ ରାଜୋରିଆ ହିନ୍ଦୀ ଭାଷାର ପ୍ରାଧାନ୍ୟ ଉପରେ ଗୁରୁତ୍ୱାରୋପ କରିବା ସହ ଭାରତର ଜନସମ୍ପର୍କର ଭାଷା ହିନ୍ଦୀ ବ୍ୟବସାୟ ପାଇଁ ଅତ୍ୟନ୍ତ ଲାଭଦାୟକ ବୋଲି ଦର୍ଶାଇଥିଲେ। ହିନ୍ଦୀ ଭାଷା ଶିଖିବା ତଥା ଏହାକୁ ଆପଣେଇବା ଉପରେ ଗୁରୁତ୍ୱ ଦେଇଥିଲେ। ଏହି ସମାରୋହରେ ଆୟୋଜିତ ହୋଇଥିବା ସ୍ମୃତି ଶକ୍ତି, ଗୀତ, କଲିଗ୍ରାଫି, ରଙ୍ଗୋଲି ଏବଂ ନିବନ୍ଧ ଲିଖନ ଆଦି ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା। ବର୍ଷସାରା ହିନ୍ଦୀ ଭାଷା ପ୍ରତି ଉଲ୍ଲେଖନୀୟ ଅବଦାନ ରଖିଥିବା ୫ ଜଣଙ୍କୁ ପ୍ରମାଣପତ୍ର ଏବଂ ପୁରସ୍କାର ରାଶି ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ସୁର ମନ୍ଦିରରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସମ୍ବଲପୁରର ଉପ-କ୍ଷେତ୍ରୀୟ ମୁଖ୍ୟ ଗୋପାଳ ଚରଣ ସେଠ୍ ଧନ୍ୟବାଦ ଦେଇଥିଲେ।

## ଜିଓର ଜରୁରିକାଳୀନ ପ୍ରଶମନ ଯୋଗାଯୋଗ ବ୍ୟବସ୍ଥା

ଭୁବନେଶ୍ୱର,୩୦।୧୦

ବନ୍ୟା, ଅଗ୍ନିକାଣ୍ଡ, ଭୂକମ୍ପ ଭଳି ପ୍ରାକୃତିକ ବିପର୍ଯ୍ୟୟ ବେଳେ ଯୋଗାଯୋଗ ବ୍ୟବସ୍ଥା ବାଧାପ୍ରାପ୍ତ ହୋଇଥାଏ । ତେବେ ଏହି ସମସ୍ୟାରୁ ମୁକ୍ତି ପାଇଁ ରିଲାଏନ୍ସ ଜିଓ ପକ୍ଷରୁ ଇଣ୍ଡିଆ ମୋବାଇଲ କଂଗ୍ରେସ-୨୦୨୩ରେ ନିଜର ଜରୁରିକାଳୀନ ପ୍ରଶମନ ଯୋଗାଯୋଗ ବ୍ୟବସ୍ଥାକୁ ପ୍ରଦର୍ଶିତ କରାଯାଇଛି। ଜିଓର ଟ୍ରୁ-୫ଜିରେ ଚାଲୁଥିବା ଏହି ଜରୁରିକାଳୀନ ପ୍ରଶମନ ଯୋଗାଯୋଗ ବ୍ୟବସ୍ଥା ବିଭିନ୍ନ ସ୍ତରରେ ଯୋଗାଯୋଗକୁ ସୁଦୃଢ଼ କରିବ। ସ୍ଥାନୀୟ ଟେଲିକମ ବ୍ୟବସ୍ଥା ଅଚଳ ହୋଇପଡ଼ିଲେ ଏହି ବ୍ୟବସ୍ଥାରେ ଉପଗ୍ରହ ସହ ଯୋଡ଼ିହୋଇଥିବା ଟାୱାର ଅନ ହ୍ୱିଲ କାମ କରିବ ; ଯାହାକୁ ଯେକୌଣସି ସମୟରେ, ଯେକୌଣସି ସ୍ଥାନରେ ଏବଂ ଯେକୌଣସି ସ୍ଥିତିରେ ମୁତୟନ କରାଯାଇପାରିବ। ସହାୟତା ପ୍ରଦାନ କରୁଥିବା ଟିମ୍‌ର କମାଣ୍ଡ ସେଣ୍ଟର ପାଇଁ ରିଲାଏନ୍ସ ଜିଓ ପକ୍ଷରୁ 'ଏକ୍ସଆର୍ କମ୍ପାନିୟନ' ନାମକ ଏକ ଆପ୍ ପ୍ରସ୍ତୁତ କରାଯାଇଛି। ଆପ୍ ଜରିଆରେ କମାଣ୍ଡ ସେଣ୍ଟରରେ କାର୍ଯ୍ୟ ବଣ୍ଟନ, ଉଭୟ ପାର୍ଶ୍ୱରୁ ଅଡିଓ ଭିଡିଓ କଲିଙ୍ଗ, ଜରୁରିକାଳୀନ ଆମ୍ବୁଲାନ୍ସ କଲିଙ୍ଗ, ଟିମ୍‌ର ଗତିବିଧି, କାର୍ଯ୍ୟ ପ୍ରଗତି ରିପୋର୍ଟ ଉପରେ ବାସ୍ତବ ସମୟରେ ନଜର ରଖାଯାଇପାରିବ। ଏହି ଆପ୍‌ରେ ୨୦ଟି ଟିମ୍‌କୁ ଯୋଡାଯାଇଛି। ଦୂରଦୂରାନ୍ତ ସ୍ଥାନରେ ଥିବା ଏନ୍‌ଡିଆର୍‌ଏଫ୍ କିମ୍ବା ସହାୟତା ଅଧିକାରୀ ୫-ଜି ସହ ଯୋଡ଼ି ହୋଇଥିବା ଡ୍ରୋନ ଜରିଆରେ ଦୁର୍ଗମ ସ୍ଥାନରେ ହୋଇଥିବା କ୍ଷତିର ଅନୁଧ୍ୟାନ କରିପାରିବେ । ଏହା ବ୍ୟତୀତ ସହାୟତା ପ୍ରଦାନ କରୁଥିବା କର୍ମୀମାନେ ପରସ୍ପର ସହିତ ଭଏସ ଆକ୍ଟିଭେଟେଡ ୫ଜି ଡିଭାଇସ୍‌ର ବ୍ୟବହାର କରି କଥାବାର୍ତ୍ତା ହୋଇପାରିବେ। ହେଲ୍ମେଟ୍ରେ ଲାଗି ପାରୁଥିବା ଏହି ୫ଜି ଡିଭାଇସରେ କ୍ୟାମେରା, ଫ୍ଲାସ ଲାଇଟ ଏବଂ ଲେଜର ବିମ୍ ଭଳି ସୁବିଧା ରହିଛି, ଯାହାଫଳରେ ଶୀଘ୍ର ସହାୟତା ପହଞ୍ଚାଇ ହେବ । ବିପର୍ଯ୍ୟୟ ସମୟରେ ଜିଓ ପକ୍ଷରୁ ଡିଜିଟାଲ କମ୍ୟୁନିକେଶନ ହାଇୱେରେ ନେଟୱର୍କ ସ୍ଲାଇସିଂ ଜରିଆରେ ଗୁରୁତ୍ୱପୂର୍ଣ୍ଣ ଟେଲିକମ ଆବଶ୍ୟକତା ପୂରଣ କରାଯାଇପାରିବ। ଅତ୍ୟନ୍ତ ଭୟଙ୍କର ବିପର୍ଯ୍ୟୟ ସମୟରେ ମଧ୍ୟ ଏହି ବ୍ୟବସ୍ଥା କାର୍ଯ୍ୟ କରିପାରିବ ।

## ଟିପି ଓଡ଼ିଶା ଡିସ୍‌କମ୍ ପକ୍ଷରୁ ୫୩ ହଜାର ନିଯୁକ୍ତି



ଭୁବନେଶ୍ୱର,୩୦।୧୦

ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ଓଡ଼ିଶା ଡିସ୍‌କମ୍‌ଗୁଡ଼ିକ ପକ୍ଷରୁ ୫୩ ହଜାରରୁ ଅଧିକ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ପ୍ରଦାନ କରାଯାଇଛି। ପ୍ରତ୍ୟକ୍ଷ ନିଯୁକ୍ତି କାର୍ଯ୍ୟକ୍ରମ ବ୍ୟତୀତ ରାଜ୍ୟରେ ଟାଟା ପାୱାର ଯୋଗାଣକାରୀଙ୍କଠାରୁ ଆରମ୍ଭକରି ସେବା ପ୍ରଦାନକାରୀ, ଠିକାଦାର ଏବଂ ସହାୟକ ସେବା ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ପରୋକ୍ଷ ନିଯୁକ୍ତି ସୃଷ୍ଟିରେ ସହାୟକ ହୋଇଛି। କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡଷ୍ଟ୍ରିଆଲ୍ ଟେକ୍ନୋଲୋଜି (କିଟ୍), ଇନ୍ଦିରା ଗାନ୍ଧୀ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଜିଆଇଟି), ସିଲିକନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଏସ୍‌ଆଇଟି), ଭୁବନାନନ୍ଦ ଓଡ଼ିଶା ସ୍କୁଲ ଅଫ୍ ଇଞ୍ଜିନିୟରିଂ (ବୋସ୍), ବୈଷୟିକ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ (ଆଇଟିଇଆର୍) ଏବଂ ବିଶ୍ୱ ଦକ୍ଷତା କେନ୍ଦ୍ର (ଡବ୍ଲ୍ୟୁଏସ୍‌ସି) ଭଳି ପ୍ରତିଷ୍ଠିତ ଅନୁଷ୍ଠାନ ସହ ବିଭିନ୍ନ ରଣନୈତିକ ନିବେଶ ଓ ଭାଗୀଦାରିରେ କମ୍ପାନି ଓଡ଼ିଶାର ସାମାଜିକ-ଅର୍ଥନୈତିକ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ସଂସ୍ଥା ପକ୍ଷରୁ କୁହଯାଇଛି। ଅନ୍ୟପଟେ ପରିଚାଳନା, ସୁରକ୍ଷା, ବୈଷୟିକ ଓ ପ୍ରଶାସନିକ କ୍ଷେତ୍ରସହ ମହିଳାଙ୍କ ଦ୍ୱାରା ମିଟର ପରୀକ୍ଷଣ ଲ୍ୟାବ, ବିଦ୍ୟୁତ୍ ବ୍ୟବସ୍ଥା ନିୟନ୍ତ୍ରଣ କେନ୍ଦ୍ର, ଆଇଟି, ଫାଇନାନ୍ସ ଓ ସତର୍କତା ଆଦିର ପରିଚାଳନା କାର୍ଯ୍ୟ କରୁଛନ୍ତି। ଏ ସମ୍ପର୍କରେ ଟାଟା ପାୱାରର ସଭାପତି ସଞ୍ଜୟ ବାଙ୍ଗା କହିଛନ୍ତି ଯେ, ସ୍ଥାନୀୟ ଯୁବପିଢ଼ିଙ୍କୁ ଦୀର୍ଘସ୍ଥାୟୀ ନିଯୁକ୍ତି ସୁଯୋଗ ପ୍ରଦାନ କରି ଟାଟା ପାୱାର ଓଡ଼ିଶା ଡିସକମ୍‌ଗୁଡ଼ିକ ଗର୍ବିତ। ଓଡ଼ିଶାର ୪ଟି ଡିସକମ୍ ଦ୍ୱାରା ପ୍ରତ୍ୟକ୍ଷ ଭାବେ ୧୪ ହଜାର କର୍ମଚାରୀ ନିୟୋଜିତ ହୋଇଛନ୍ତି।

## ସିମ୍ଫୋନି ଲିମିଟେଡ୍‌ର ଦ୍ୱିତୀୟ ତ୍ରୈମାସ ଫଳାଫଳ

ଭୁବନେଶ୍ୱର,୩୦।୧୦

ପ୍ରମୁଖ ଏୟାରକୁଲର କମ୍ପାନି ସିମ୍ଫୋନି ଲିମିଟେଡ୍ ପକ୍ଷରୁ ଦ୍ୱିତୀୟ ତ୍ରୈମାସ ଫଳାଫଳ ଘୋଷଣା କରାଯାଇଛି। କମ୍ପାନି ୨୭୫ କୋଟି ଟଙ୍କାର ମୋଟ ପରିଚାଳନା ରାଜସ୍ୱ ହାସଲ କରିଛି। ମୋଟ ମାର୍ଜିନ୍ ୧୫.୫ ପ୍ରତିଶତ ରହିଛି। ଘରୋଇ ବଜାରରେ ଏହାର ବିକ୍ରି ୧୯୧ କୋଟି ରହିଛି। ଟିକସ ପରବର୍ତ୍ତୀ ଲାଭ ୧୦ ପ୍ରତିଶତ ବୃଦ୍ଧି ପାଇ ୩୫ କୋଟି ରହିଛି। ସେହିପରି କମତପାନିର ଷ୍ଟାଲାଲୋନ ବ୍ୟବସାୟ ଅନୁସାରେ ପରିଚାଳନା ରାଜସ୍ୱ ୧୯୬ କୋଟି ରହିଛି। ମୋଟ୍ ମାର୍ଜିନ୍ ୪୯.୯ ପ୍ରତିଶତ, ଏବିଟଡା ୨୬.୮ ପ୍ରତିଶତ ଏବଂ ଟିକସ ପରବର୍ତ୍ତୀ ଲାଭ ୧୧ ପ୍ରତିଶତ ବୃଦ୍ଧି ହୋଇ ୫୦ କୋଟି ରହିଛି। ଆର୍ଥିକ ବର୍ଷ ୨୦୨୩-୨୪ ପାଇଁ ଦ୍ୱିତୀୟ ଅନ୍ତରୀଣ ଲାଭାଂଶ ଭାବେ ଇକ୍ୱିଟି ଶେୟାର ପିଛା ୨ ଟଙ୍କା ହିସାବରେ ୧୩.୭୯ କୋଟି ପ୍ରଦାନ କରାଯାଇଛି। ଏନେଇ କମ୍ପାନିର ନିର୍ଦ୍ଦେଶକ ନୃପେଶ କହିଛନ୍ତି ସ୍ୱତନ୍ତ୍ର ଉତ୍ପାଦ ଶୃଙ୍ଖଳା ବିକ୍ରି ଅଭିବୃଦ୍ଧି ଜାରି ରଖିବାରେ ସହାୟକ ହେବ।

# ଅନ୍ୟାନ୍ୟ ଖବର

## ଛତିଶଗଡ଼ ଜନତା କଂଗ୍ରେସକୁ ହରାଇବାକୁ ମନ ବଳାଇଲେଣି: ଧର୍ମେନ୍ଦ୍ର

ଭୁବନେଶ୍ୱର, ୩୦।୧୦(ସୁନିତ୍ ମିଶ୍ର)



ଛତିଶଗଡ଼ର ଜନତା କ୍ଷମତାସୀନ କଂଗ୍ରେସକୁ ପରାଜୟ କରିବା ପାଇଁ ମନ ବଳାଇ ସାରିଲେଣି। ଆଉ ସହିବୁ ନାହିଁ, ବଦଳାଇ କି ହିଁ ରହିବୁ। ବର୍ତ୍ତମାନ ଏହା ଛତିଶଗଡର ଜନତାଙ୍କ ନାରା ହୋଇଛି ବୋଲି ସୋମବାର ଛତିଶଗଡ଼ ନିର୍ବାଚନ ପ୍ରଚାରରେ ସାମିଲ ହେବା ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ରାୟଗଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରେ ଭାଜପାର ବିଜୟ ବିଶ୍ୱାସ ଶୋଭାଯାତ୍ରାରେ କେନ୍ଦ୍ରମନ୍ତ୍ରୀ ସାମିଲ ହୋଇଥିଲେ। ଏହି ଅବସରରେ 'ଜୟ ଜଗନ୍ନାଥ' ପଦଧ୍ୱନିରେ ନିର୍ବାଚନୀ ସଭା ପ୍ରକମ୍ପିତ ହୋଇଥିଲା। ସାଧାରଣ ସଭାରେ ଧର୍ମେନ୍ଦ୍ର କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଡିଏମ୍‌ଏଫ୍ ପାଣ୍ଠି ତିଆରି କରି ରାୟଗଡାର ବଞ୍ଚିତ, ଅବହେଳିତଙ୍କ ସମେତ ସମସ୍ତଙ୍କର ବିକାଶ କରିବାର ଯୋଜନା କରିଛନ୍ତି। ମାତ୍ର ଏଠାରେ ମୋଦି ପଠାଉଥିବା ପାଣ୍ଠିର ଦୁରୁପଯୋଗ କରି ଛତିଶଗଡ଼ର ଅନେକ ଅଧିକାରୀ ଜେଲ ଯାଉଛନ୍ତି। ଏଠାକାର ଭ୍ରଷ୍ଟ ସରକାର ଶାସନ କରୁଛି। କଂଗ୍ରେସ ସରକାରରେ ଗରିବ, ଚାଷୀ, ମହିଳା, ବଞ୍ଚିତ, ଯୁବବର୍ଗମାନେ ସମସ୍ୟା ଘେରରେ ଅଛନ୍ତି। ଚଳିତ ନିର୍ବାଚନରେ ଲୋକମାନେ ଏହାର ନିଷ୍ପତ୍ତି ନେବେ। ଏଥର ଭାଜପାର ବିଜୟ ସୁନିଶ୍ଚିତ। ଭାଜପା ସରକାର ହେବା ପରେ ଛତିଶଗଡ଼ର ସବୁ ଗରିବଙ୍କ ପାଇଁ ପିଏମ ଆବାସ ଯୋଜନାରେ ଘର ଯୋଗାଇ ଦିଆଯିବ। ରାୟଗଡ଼ା, ଧର୍ମଜୟଗଡ଼, ଲେଲୁଙ୍ଗା ଏବଂ ଖରସିଆରେ ଉତ୍ସାହର ସହ ପ୍ରାର୍ଥୀମାନେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଏଠାରେ ବହୁତ ଓଡ଼ିଆ ଭାଷାଭାଷୀ ଲୋକ ବସବାସ କରୁଛନ୍ତି। ଓଡ଼ିଶାର ହଜାର ହଜାର କାର୍ଯ୍ୟକର୍ତ୍ତାମାନେ ଏଠାରେ ଆସି ନିର୍ବାଚନ ପ୍ରଚାର କରୁଛନ୍ତି। ଛତିଶଗଡ଼ ଜନତା ଭାଜପା ପ୍ରତି ଆସ୍ଥା ପ୍ରକଟ କରିଛନ୍ତି। ମୋଦିଙ୍କ ମଡେଲକୁ ବିଶ୍ୱ ଅନୁସରଣ କରୁଛି। ଗରିବ କଲ୍ୟାଣ ଯୋଜନାରେ ଗରିବଙ୍କ ଖାଦ୍ୟ ସୁରକ୍ଷାକୁ ମୋଦି ସରକାର ସୁନିଶ୍ଚିତ କରିଛନ୍ତି। ମୋଦିଙ୍କ ବିକାଶ ନେତୃତ୍ୱରେ ଏଠାରେ ସାମଗ୍ରିକ ବିକାଶ ହେବ। ଡବଲ ଇଞ୍ଜିନ ସରକାର ଲାଗିବ। ଧର୍ମେନ୍ଦ୍ର ରାୟଗଡ଼ା ଜିଲା ଡୁମରମୁଣ୍ଡାଠାରେ କୁଲତା ସମାଜର ଶାଖା ସଭାରେ ମଧ୍ୟ ଯୋଗ ଦେଇଥିଲେ। ମା' ରଣେଶ୍ୱର ରାମଚଣ୍ଡୀଙ୍କ ପବିତ୍ର ପୀଠସ୍ଥଳୀ, ବୀର ସୁରେନ୍ଦ୍ର ସାଏଙ୍କ ସଂଗ୍ରାମୀ ମାଟି ଓ ସଂଗ୍ରାମୀ ସ୍ୱର୍ଗତ କେଶବ ଚନ୍ଦ୍ର ଶାହଙ୍କ କର୍ମଭୂମିକୁ ମୋର ପ୍ରଣାମ ବୋଲି ସେ କହିଛନ୍ତି।

## କଂଗ୍ରେସକୁ ଟିଜେଏସ୍‌ର ସମର୍ଥନ

**ତେଲଙ୍ଗାନା ନିର୍ବାଚନ**

ହାଇଦ୍ରାବାଦ,୩୦।୧୦: ତେଲଙ୍ଗାନା ଜନ ସମିତି (ଟିଜେଏସ୍) ଆସନ୍ତା ବିଧାନସଭାନିର୍ବାଚନରେକଂଗ୍ରେସକୁସମର୍ଥନକରିବବୋଲିସୋମବାରଘୋଷଣା କରିଛି। ହାଇଦ୍ରାବାଦରେ ତେଲଙ୍ଗାନା କଂଗ୍ରେସ ସଭାପତି ରେଭନ୍ତ ରେଡ୍ଡୀଙ୍କୁ ଭେଟିବା ପରେ ଟିଜେଏସ୍ ପାର୍ଟି ମୁଖ୍ୟ ଏମ୍ କୋଦଣ୍ଡରାମ ଏହି ନିଷ୍ପତ୍ତି ନେଇଛନ୍ତି। ଶାସକ ଦଳ ଭାରତ ରାଷ୍ଟ୍ର ସମିତି (ବିଆରଏସ୍) କୁ ଚ୍ୟାଲେଞ୍ଜ କରୁଥିବା କଂଗ୍ରେସର ନେତାମାନେ ଏହି ସମର୍ଥନରେ ଖୁସି ବ୍ୟକ୍ତ କରୁଛନ୍ତି। ଏଥିସହ ରେଭନ୍ତ ରେଡ୍ଡୀ ଟିଜେଏସ୍‌ର ଏହି ପଦକ୍ଷେପକୁ ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି। ଟିଜେଏସ୍ ସଭାପତି ଏମ୍ କୋଦଣ୍ଡରାମ କଂଗ୍ରେସକୁ ସମର୍ଥନ ଘୋଷଣା କରିବା ସହିତ କହିଛନ୍ତି, ତାଙ୍କ ଦଳ ଚଳିତ ବିଧାନସଭା ନିର୍ବାଚନରେ କୌଣସି ପ୍ରାର୍ଥୀ ଦେବ ନାହିଁ। ସୂଚନାଯୋଗ୍ୟ, କଂଗ୍ରେସର ବରିଷ୍ଠ ନେତା ତଥା ତେଲଙ୍ଗାନା କଂଗ୍ରେସ ଦାୟିତ୍ୱରେ ଥିବା ମାଣିକରାଓ ଠାକରେ ଏବଂ ରେଭନ୍ତ ରେଡ୍ଡୀ କୋଦଣ୍ଡରାମଙ୍କୁ ଭେଟିଥିଲେ। ନଭେମ୍ବର ୩୦ରେ ତେଲଙ୍ଗାନା ବିଧାନସଭା ନିର୍ବାଚନ ପାଇଁ ଭୋଟ ଗ୍ରହଣ କରାଯିବ।

## ବିଜେଡିରେ ଭାଜପା, କଂଗ୍ରେସ କର୍ମୀ

ଭଦ୍ରକ, ୩୦।୧୦(ସନାତନ ରାଉତ)

ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ଭଦ୍ରକସ୍ଥିତ ବାସଭବନରେ ସୋମବାର ବିଧାୟକଙ୍କ ଉପସ୍ଥିତିରେ ବନ୍ତ ବ୍ଲକ ଓଡ଼ଙ୍ଗ ପଞ୍ଚାୟତର କଂଗ୍ରେସ ଓ ଭାଜପା ଦଳ ଛାଡ଼ି କର୍ମୀମାନେ ବିଜେଡିରେ ଯୋଗ ଦେଇଛନ୍ତି। କଂଗ୍ରେସ ସମର୍ଥିତ ପୂର୍ବତନ ସରପଞ୍ଚ ଅକ୍ଷୟ ସେଠୀ, କଂଗ୍ରେସ ଯୁବନେତା ହାଡ଼ିବନ୍ଧୁ ଦାସ, ବିଦ୍ୟାଧର ଦାସ ଏବଂ ଗତ ପଞ୍ଚାୟତ ନିର୍ବାଚନରେ ଭାଜପା ସମର୍ଥିତ ସରପଞ୍ଚ ପ୍ରାର୍ଥିନୀ ମୀନତି ମଣ୍ଡଳ, ସମିତିସଭ୍ୟା ପ୍ରାର୍ଥିନୀ ତୁଳସୀ ଜେନାଙ୍କ ସମେତ ଯୁବନେତା ଅମର ଜେନା, ପ୍ରଫୁଲ୍ଲ ଜେନା ବିଧିବଦ୍ଧ ଭାବେ ବିଜେଡିରେ ସାମିଲ ହୋଇଛନ୍ତି। ବିଧାୟକଙ୍କ ଉନ୍ନତିମୂଳକ କାର୍ଯ୍ୟ ଏବଂ ବିଧାୟକଙ୍କ ପ୍ରତିନିଧି ଇଂ. ପ୍ରୟାସକାନ୍ତି ସାମଲଙ୍କ ସାଙ୍ଗଠନିକ ଦକ୍ଷତାରେ ଅନୁପ୍ରାଣିତ ହୋଇ ଦଳରେ ସାମିଲ ହୋଇଥିବା ସେମାନେ କହିଛନ୍ତି। ଏହି ମିଶ୍ରଣ ପର୍ବରେ ବିଜୁ ଛାତ୍ର ଜନତା ଦଳର ବରିଷ୍ଠ ଉପସଭାପତି ଚିନ୍ମୟ କୁମାର ଦାସ, ବ୍ଲକ ବିଜେଡି ସଭାପତି ଲକ୍ଷ୍ମୀକାନ୍ତ ମହାନ୍ତି, ପଞ୍ଚାୟତ ସଭାପତି ତଥା ସରପଞ୍ଚଙ୍କ ପ୍ରତିନିଧି ନାରାୟଣ ଚନ୍ଦ୍ର ଦାସ, ସମିତିସଭ୍ୟାଙ୍କ ପ୍ରତିନିଧି ରାଜୀବ ଲୋଚନ ଜେନା, ପୂର୍ବତନ ସରପଞ୍ଚ ଧନେଶ୍ୱର ପଢ଼ିଆରୀ, ଆଇନଜୀବୀ ଶ୍ୟାମସୁନ୍ଦର ଦାସ, ଶଶିକାନ୍ତ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ରେଳମନ୍ତ୍ରୀଙ୍କ ଇସ୍ତଫା ଦାବିକଲା କଂଗ୍ରେସ

**ରେଳ ଦୁର୍ଘଟଣା**

ଭୁବନେଶ୍ୱର, ୩୦।୧୦(ସୁନିତ୍ ମିଶ୍ର)


ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତା ପଞ୍ଚାନନ କାନୁନ୍‌ଗୋ ଓ ଅନ୍ୟମାନେ।

ଦେଶରେ ଏବଂ ବିଶେଷକରି ପୂର୍ବତଟ ରେଳପଥରେ ବାରମ୍ବାର ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳୁଛି। ଏଥିପାଇଁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଇସ୍ତଫା ଦିଅନ୍ତୁ ବୋଲି କଂଗ୍ରେସ ଦାବି କରିଛି।

କଂଗ୍ରେସ ଭବନଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବରିଷ୍ଠ ନେତା ପଞ୍ଚାନନ କାନୁନ୍‌ଗୋ କହିଛନ୍ତି ଯେ, ଓଡ଼ିଶାରୁ ଉଭୟ ବିଜେଡି ଓ ଭାଜପା ସମର୍ଥନରେ ମିଳିତ ପ୍ରାର୍ଥୀ ଭାବେ ରାଜ୍ୟ ସଭାକୁ ନିର୍ବାଚିତ ହୋଇ କେନ୍ଦ୍ରରେ ରେଳମନ୍ତ୍ରୀ ହୋଇଥିବା ଅଶ୍ୱିନୀ ବୈଷ୍ଣବ ଦେଶବାସୀଙ୍କ ପାଇଁ ଦୁଃଖ ପାଲଟିଛନ୍ତି। ପୂର୍ବରୁ ରେଳ ବିଭାଗ ପାଇଁ ଏକ ସ୍ୱତନ୍ତ୍ର ବଜେଟ ସଂସଦରେ ଉପସ୍ଥାପନ କରାଯାଉଥିଲା। କିନ୍ତୁ ମୋଦି ସରକାରଙ୍କ ସମୟରେ ସାଧାରଣ ବଜେଟ ଭିତରେ ରେଳ ବଜେଟ ମିଶାଇ ଦିଆଯିବା ଫଳରେ ଅନେକ ବୈଷୟିକ କାର୍ଯ୍ୟକଳାପ ଓ ଆର୍ଥିକସ୍ଥିତି ବିଷୟରେ ସାଧାରଣ ଜନତାଙ୍କର ଜାଣିବାର ସୁଯୋଗ ନାହିଁ। ରେଲୱେ ସିଗ୍‌ନାଲ ସିଷ୍ଟମରେ ବ୍ୟାପକ ବୈଷୟିକ ତ୍ରୁଟି ଯୋଗୁ ବାଲେଶ୍ୱର ବାହାନଗା ରେଳ ଦୁର୍ଘଟଣା ଏବଂ ପରବର୍ତ୍ତୀ ଅବସ୍ଥାରେ ଦେଶରେ ବିଭିନ୍ନ ସ୍ଥାନରେ ରେଳ ଦୁର୍ଘଟଣା ଘଟି ବ୍ୟାପକ ଧନଜୀବନ ନଷ୍ଟ ହୋଇଛି। ରବିବାର ସନ୍ଧ୍ୟାରେ ଆନ୍ଧ୍ରପ୍ରଦେଶ ଓଡ଼ିଶା ସୀମାରେ ୨ଟି ପାସେଞ୍ଜର ଟ୍ରେନ ମଧ୍ୟରେ ଘଟିଥିବା ଦୁର୍ଘଟଣା ଅତିବ ଦୁଃଖଦାୟକ। ଏତେ ଦୁର୍ଘଟଣା ସତ୍ତ୍ୱେ ରେଳମନ୍ତ୍ରୀ କିଛି ଶିକ୍ଷାଲାଭ କଲାଭଳି ଲାଗୁନାହିଁ। ତେଣୁ ଓଡ଼ିଶାକୁ ଜାତୀୟସ୍ତରରେ ଅଧିକ ଲଜ୍ଜିତ ହେବାକୁ ନ ଦେଇ ନୈତିକତା ଦୃଷ୍ଟିରୁ ଅଶ୍ୱିନୀ ତୁରନ୍ତ ଇସ୍ତଫା ଦେବା ପାଇଁ ପଞ୍ଚାନନ ଦାବି କରିଛନ୍ତି।

## ସୁବର୍ଣ୍ଣରେଖା ବନ୍ଦର ଉପରେ ନେତାଙ୍କ ନଜର

ବାଲେଶ୍ୱର, ୩୦।୧୦(ମାନସ ବିଶ୍ୱାଳ)



**ଚର୍ଚ୍ଚାରେ ବସ୍ତା ନିର୍ବାଚନମଣ୍ଡଳୀ**
■ ବିଜେଡିରେ ଏକାଧିକ ଆଶାୟୀ, ଉତ୍ତରାଧିକାରୀ ଖୋଜା ଚାଲିଛି
■ ଭାଜପା ଶିବିରରେ ନୀରବତା
■ ସଭାସମିତି ଏବଂ ସାଙ୍ଗଠନିକ ବୈଠକ ଚଳାଇଛି କଂଗ୍ରେସ

୨୦୨୪ ନିର୍ବାଚନ ପାଇଁ ବାଲେଶ୍ୱର ଜିଲା ବସ୍ତା ବିଧାନସଭା ନିର୍ବାଚନମଣ୍ଡଳୀରେ ଆଶାୟୀ ପ୍ରାର୍ଥୀ ଭିଡ଼ ଜମାଇଲେଣି। ଅଣ କଂଗ୍ରେସ ନିର୍ବାଚନମଣ୍ଡଳୀ ଭାବେ ପରିଚିତ ଏହି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ବିଜେଡିରୁ ସଂଖ୍ୟାଧିକ ଆଶାୟୀ ଅଣ୍ଟା ଭିଡ଼ିଲେଣି। ବଙ୍ଗୋପସାଗର କୂଳରେ ଅବସ୍ଥିତ ଉକ୍ତ ନିର୍ବାଚନମଣ୍ଡଳୀ ଅଧୀନ ବାଲିଆପାଳ ବ୍ଲକ ଚୌମୁଖ ପଞ୍ଚାୟତରେ ସୁବର୍ଣ୍ଣରେଖା ବନ୍ଦର ନିର୍ମାଣ ଲାଗି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଞ୍ଜୁର ମିଳିଛି। ବନ୍ଦର ନିର୍ମାଣ ପରେ ଉକ୍ତ ଅଞ୍ଚଳରେ ଅନ୍ୟ ଏକ ନଗରୀ ଉତ୍ଥାନ ହେବାର ସମ୍ଭାବନାକୁ ଦୃଷ୍ଟିରେ ରଖି ବିଭିନ୍ନ ଦଳର ନେତା ନିଜ ପତିଆରା ଜାହିର ଲକ୍ଷ୍ୟରେ ପାଗ ଭିଡିଲେଣି।

ବସ୍ତା ଓ ବାଲିଆପାଳ ବ୍ଲକର ୪୫ଟି ପଞ୍ଚାୟତକୁ ନେଇ ଗଠିତ ଏହି ନିର୍ବାଚନମଣ୍ଡଳୀ ୩୫ବର୍ଷ ଧରି ଜନତା ଦଳ ପରେ ବିଜୁ ଜନତା ଦଳ ଦଖଲରେ ରହିଛି। ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ଏଠାରୁ ୫ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିବା ବେଳେ ନିତ୍ୟାନନ୍ଦ ସାହୁ ୨ଥର ବିଧାୟକ ଭାବେ ବିଜୟୀ ହୋଇଛନ୍ତି। ପ୍ରତିଥର କଂଗ୍ରେସ ସହିତ ଟକ୍କର ହୋଇଆସୁଛି। ବୟସାଧିକ ତଥା ସ୍ୱାସ୍ଥ୍ୟଗତ କାରଣରୁ ବର୍ତ୍ତମାନର ବିଧାୟକ ନିତ୍ୟାନନ୍ଦଙ୍କୁ ବିଜେଡି ଟିକେଟ ନ ମିଳିବା ଚର୍ଚ୍ଚା ହେଉଛି। ବିଜେଡି ରାଜ୍ୟ ନେତୃତ୍ୱ ଏଠାରେ ଉତ୍ତରାଧିକାରୀ ଖୋଜୁଥିବା ଆଲୋଚନା ହେଉଛି। ଅସୁସ୍ଥତା ପାଇଁ ନିତ୍ୟାନନ୍ଦ ନିର୍ବାଚନ ଲଢ଼ି ନ ପାରିଲେ ମଧ୍ୟ ସେ ତାଙ୍କ ପୁଅ ଅଞ୍ଜନଙ୍କୁ ପ୍ରାର୍ଥୀ କରିବା ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ଅନ୍ୟପକ୍ଷରେ ଦୀର୍ଘବର୍ଷ ଧରି ବିଜେଡି ସହ ଜଡ଼ିତ ରହି ତୃଣମୂଳସ୍ତରରୁ ସଙ୍ଗଠନ କରିଆସୁଥିବା ବିଶିଷ୍ଟ ବ୍ୟବସାୟୀ ରବୀନ୍ଦ୍ର ନାଥ ଅଣ୍ଡିଆଙ୍କ ନାମ ସାମ୍ନାକୁ ଆସୁଛି। ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସେ ଲୋକଙ୍କ ନିକଟରେ ଛିଡ଼ା ହୋଇଛନ୍ତି। ଏଥିସହିତ ପୂର୍ବତନ ଏମ୍‌ପି ଇଂ. ରବୀନ୍ଦ୍ର ଜେନାଙ୍କ ସ୍ତ୍ରୀ ତଥା ରାଜ୍ୟ ବିଜୁ ମହିଳା ଜନତା ଦଳର କାର୍ଯ୍ୟକାରିଣୀ ସଭାପତି ସୁବାସିନୀ ଜେନା ଆଶାୟୀ ପ୍ରାର୍ଥୀ ଭାବେ ଅବତୀର୍ଣ୍ଣ ହୋଇଛନ୍ତି। ସେ ବାଲିଆପାଳ ଝିଅ ଓ ବସ୍ତା ବ୍ଲକର ବୋହୂ ଭାବେ ପରିଚୟ ଦେଇ ରାଜନୀତି ମଇଦାନରେ ନିଜର ଉପସ୍ଥିତି ଜାହିର କରିଛନ୍ତି। ସେହିପରି ଦଳର ବରିଷ୍ଠ ନେତା ମହାଦେବ ଦାସ, ଲକ୍ଷ୍ମୀଧର ଦାସ ଦୀର୍ଘଦିନ ଧରି ଦଳରେ କାର୍ଯ୍ୟ କରିଆସୁଥିବା ସହ ବିଭିନ୍ନ ପଦପଦବୀରେ ରହି ନିଜର ଦକ୍ଷତା ପ୍ରତିପାଦନ କରିଥିବାରୁ ୨୦୨୪ ନିର୍ବାଚନରେ ଦଳୀୟ ପ୍ରାର୍ଥୀ ହେବା ପାଇଁ ଅଣ୍ଟା ଭିଡ଼ିଛନ୍ତି।

ବଡ଼ କଥା ହେଲା, ନିର୍ବାଚନମଣ୍ଡଳୀର ବରିଷ୍ଠ ଓ ଅଭିଜ୍ଞ ନେତା ରଘୁନାଥ ମହାନ୍ତି ଚୁପ୍ ରହିଛନ୍ତି। ତାଙ୍କ ନୀରବତା ଭିନ୍ନ ଇଙ୍ଗିତ ଦେଉଥିବା ଚର୍ଚ୍ଚା ହେଉଛି। ଗତ ୨୦୧୪ ନିର୍ବାଚନ ପୂର୍ବରୁ ବିଜେଡିରୁ ବିତାଡ଼ିତ ହେବା ପରେ ରଘୁନାଥ ଭାଜପାରେ ସାମିଲ ହୋଇଥିଲେ। ଗତ ୨୦୧୯ ନିର୍ବାଚନରେ ଭାଜପାରୁ ବିଧାୟକ ପ୍ରାର୍ଥୀ ଭାବେ ଲଢ଼ି ପରାଜିତ ହେବା ପରେ ତାଙ୍କୁ ଭାଜପାର ସଭାସମିତି ଓ ଜିଲା ବୈଠକରେ ପ୍ରାୟ ଦେଖିବାକୁ ମିଳୁନାହିଁ। ଏପରିକି ସଙ୍ଗଠନକୁ ଦୃଢ଼ କରିବାରେ କୌଣସି କାର୍ଯ୍ୟକ୍ରମ କରୁ ନ ଥିବା ଜଣାପଡ଼ିଛି। ତେଣୁ ସେ ପୁଣି ବିଜେଡିକୁ ପ୍ରତ୍ୟାବର୍ତ୍ତନ କରି ପ୍ରାର୍ଥୀ ହୋଇପାରନ୍ତି ବୋଲି କର୍ମୀଙ୍କ ମହଲରେ ଚର୍ଚ୍ଚା ଜୋର୍ ଧରିଲାଣି।

କଂଗ୍ରେସ ମଧ୍ୟ ନିର୍ବାଚନକୁ ଆଖି ଆଗରେ ରଖି ବିଭିନ୍ନ କାର୍ଯ୍ୟକ୍ରମ ଜାରି ରଖିଛି। ନିର୍ବାଚନମଣ୍ଡଳୀରେ ମିଶ୍ରଣ ପର୍ବ ଆୟୋଜନ କରାଯାଉଛି। ସଭା, ସମିତି ଏବଂ ସାଙ୍ଗଠନିକ ବୈଠକ କରି ଲୋକଙ୍କ ନିକଟତର ହେଉଛି ଦଳ। କଂଗ୍ରେସ ନେତା ତଥା ବାଲେଶ୍ୱର ଏମ୍‌ପି ପ୍ରାର୍ଥୀ ନବଜ୍ୟୋତି ପଟ୍ଟନାୟକ ଏହି ଅଞ୍ଚଳକୁ ଘନ ଘନ ଗସ୍ତ କରୁଛନ୍ତି। ବସ୍ତାର ବିଧାୟକ ପ୍ରାର୍ଥୀ ବିଜନ ନାୟକଙ୍କ ନେତୃତ୍ୱରେ ଦଳକୁ ସୁଦୃଢ଼ କରିବା ପାଇଁ ପୁରା ଦମ୍‌ରେ ଲାଗି ପଡ଼ିଛନ୍ତି। ନିର୍ବାଚନମଣ୍ଡଳୀରେ ଗମନାଗମନ, ସ୍ୱାସ୍ଥ୍ୟ ସେବା, ଶିକ୍ଷା ବ୍ୟବସ୍ଥା, ବିଦ୍ୟୁତ୍‌କରଣ, ପାନୀୟଜଳ, ବନ୍ୟାବାତ୍ୟା ତଥା ଚାଷୀଙ୍କ ସମସ୍ୟା ସହ ଯୋଡ଼ି ରହି ଏଭଳି ମୌଳିକ ସମସ୍ୟାଗୁଡ଼ିକ କିପରି ସମାଧାନ ହେବ ଆନ୍ଦୋଳନ, ଧର୍ମଘଟ, ସଭାସମିତି ଦ୍ୱାରା ଲୋକଙ୍କ ସହ ଜଡ଼ିତ ରହୁଛନ୍ତି। କଂଗ୍ରେସର ଏକମାତ୍ର ପ୍ରାର୍ଥୀ ଭାବେ ବିଜନଙ୍କ ଚେହେରା ସାମ୍ନାକୁ ଆସୁଛି। ସେହିପରି ଆସନ୍ତା ନିର୍ବାଚନରେ ରଘୁନାଥଙ୍କୁ ଭାଜପା ପ୍ରାର୍ଥୀ କରିବ କି ନୂଆ ଚେହେରା ସାମ୍ନାକୁ ଆଣିବ ଏନେଇ ଦଳ ସ୍ପଷ୍ଟ କରି ନାହିଁ। କିନ୍ତୁ ଭାଜପା ନେତା ରବୀନ୍ଦ୍ର ଜୈନ ବିଧାୟକ ପ୍ରାର୍ଥୀ ପାଇଁ ଆଶାୟୀ ଥିବା ଜଣାପଡ଼ିଛି।



# ବିପର୍ଯ୍ୟୟ ଘଟାଇବାରେ ଆଫଗାନିସ୍ତାନର ହ୍ୟାଟ୍ରିକ



ଉଇକେଟ ନେବା ପରେ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ଫଜଲକ୍ ଫାରୁକି।

**ପୁଣେ, ୩୦।୧୦**

ପ୍ରଥମେ ଡିଫେଣ୍ଡିଂ ଚାମ୍ପିୟନ ଇଂଲଣ୍ଡ, ଦ୍ୱିତୀୟରେ ପାକିସ୍ତାନ ଓ ଏବେ ଶ୍ରୀଲଙ୍କା। ଅନ୍ତର୍ଜାତୀୟ କ୍ରିକେଟରେ ତିନୋଟି ଶକ୍ତିଶାଳୀ ଦଳକୁ ହରାଇ ଚଳିତ ଦିନିକିଆ କ୍ରିକେଟ ବିଶ୍ୱକପରେ ବିପର୍ଯ୍ୟୟ ଘଟାଇବାରେ ହ୍ୟାଟ୍ରିକ କରିଛି ଆଫଗାନିସ୍ତାନ। ଏଥିସହ ଦଳ ସେମିଫାଇନାଲ ପ୍ରବେଶ ଆଶା ଉଜ୍ଜୀବିତ ରଖିଛି। ଅନ୍ୟପକ୍ଷରେ ୬ ମ୍ୟାଚରୁ ୪ର୍ଥ ପରାଜୟ ସହ ଶ୍ରୀଲଙ୍କାର ଆଶା ମଉଳିଛି। ଆଫଗାନିସ୍ତାନ ବୋଲରଙ୍କୁ ଠିକ୍‌ଭାବେ ମୁକାବିଲା କରି ନ ପାରି ଶ୍ରୀଲଙ୍କା ୪୯.୩ ଓଭରରେ ୨୪୧ ରନକରି ଅଲ୍‌ଆଉଟ ହୋଇଥିଲା। ଜବାବରେ ଆଫଗାନିସ୍ତାନ ରହମତ ଶାହା, ଅଧିନାୟକ ହସମତୁଲା ଶାହିଦି ଓ ଆଜମତୁଲା ଓମାରଜାଇଙ୍କ ଅର୍ଦ୍ଧଶତକ ବଳରେ ୪୫.୨ ଓଭରରେ ୩ ଉଇକେଟ ହରାଇ ୨୪୨ ରନ ସଂଗ୍ରହ କରି ନେଇଥିଲା। ଫଳରେ ଦଳ ୭ ଉଇକେଟରେ ବିଜୟ ସହ ପଏଣ୍ଟ ଟେବୁଲର ୫ମ ସ୍ଥାନକୁ ଉନ୍ନୀତ ହୋଇଛି।

ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା ଆଫଗାନିସ୍ତାନ। ବୋଲରମାନେ ଅଧିନାୟକଙ୍କ ନିଷ୍ପତ୍ତିକୁ ଉଚିତ ସାବ୍ୟସ୍ତ କରିଥିଲେ। ଶ୍ରୀଲଙ୍କା ଦଳର ଅଧିକାଂଶ ବ୍ୟାଟର ଭଲ ଆରମ୍ଭ କରିଥିଲେ ହେଁ ତାକୁ ବଡ଼ ସ୍କୋରରେ ପରିଣତ କରିବାକୁ ଦେଇ ନ ଥିଲେ ଆଫଗାନିସ୍ତାନ ବୋଲର। ଫଳରେ ଶ୍ରୀଲଙ୍କା ଇନିଂସ ପୂରା ୫୦ ଓଭର ତିଷ୍ଠିବା ସମ୍ଭବ ହୋଇ ନ ଥିଲା। ବଡ଼ ପାର୍ଟନରଶିପ୍‌ର ଅଭାବ ମଧ୍ୟ ପରିଲକ୍ଷିତ ହୋଇଥିଲା। ଓପନିଂ ଯୋଡ଼ିରେ ମାତ୍ର ୨୨ ରନ ସଂଗ୍ରହ ପରେ ଦିମୁଥ କରୁଣାରତ୍ନେଙ୍କୁ ଏଲବିଡବ୍ଲ୍ୟୁ ଆଉଟ କରି ଫଜଲକ୍ ଫାରୁକି ଶ୍ରୀଲଙ୍କାକୁ ପ୍ରଥମ ଝଟ୍‌କା ଦେଇଥିଲେ। ଅନ୍ୟତମ ଓପନର ପଥୁମ ନିସଙ୍କା ଦଳ ପକ୍ଷରୁ ସର୍ବାଧିକ ୪୬ ରନ କରିଥିଲେ ହେଁ ଅର୍ଦ୍ଧଶତକ ପୂରଣ କରିପାରି ନ ଥିଲେ। ମିଡିଲ ଅର୍ଡରରେ ଅଧିନାୟକ କୁସାଲ ମେଣ୍ଡିସ ୩୯, ସଦିରା ସମରବିକ୍ରମା ୩୬, ଆଞ୍ଜେଲୋ ମାଥ୍ୟୁସ ୨୩, ଚରିଥ ଆସାଲଙ୍କା ୨୨ ଏବଂ ଲୋୟର ଅର୍ଡରରେ ମହେଶ ଥିକସାନା ୨୯ ରନକରି ପ୍ୟାଭିଲିୟନ ଫେରିଥିଲେ। ଫଳରେ ଶ୍ରୀଲଙ୍କା ଇନିଂସ ୪୯.୩ ଓଭରରେ ୨୪୧ ରନରେ ଶେଷ ହୋଇ ଯାଇଥିଲା। ଆଫଗାନିସ୍ତାନ ପକ୍ଷରୁ ଫଜଲକ୍ ଫାରୁକି ନିଜ ୧୦ ଓଭର ସ୍ପେଲ୍‌ରେ ଗୋଟିଏ ମେଡେନ ନେବା ସହ ମାତ୍ର ୩୪ ରନ ଦେଇ ସର୍ବାଧିକ ୪ଟି ଉଇକେଟ ନେଇଥିଲେ। ମୁଜିବ ଉର୍ ରହମାନ ମଧ୍ୟ ଭଲ ବୋଲିଂ କରି ୧୦ ଓଭରରେ ୩୮ ରନ ଦେଇ ୨ଟି ଉଇକେଟ ପାଇଥିଲେ। ଅଜମତୁଲା ଓମାରଜାଇ ଓ ରଶିଦ ଖାଁ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଏଠାରେ ରଶିଦ କ୍ୟାରିୟରର ୧୦୦ତମ ଦିନିକିଆ ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିଲେ।

ବିଜୟ ଲକ୍ଷ୍ୟ ବଡ଼ ନ ଥିଲେ ମଧ୍ୟ କୌଣସି ସ୍କୋର ହେବା ପୂର୍ବରୁ ରମାନୁଲା ଗୁରବାଜଙ୍କ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା ଆଫଗାନିସ୍ତାନ। ଇବ୍ରାହିମ୍ ଜଦ୍ରାନ ଓ ରହମତ ଶାହା ସତର୍କତାର ସହ ବ୍ୟାଟିଂ କରି ଦ୍ୱିତୀୟ ଉଇକେଟରେ ୭୩ ରନର ଭାଗୀଦାରି ଗଢ଼ି ଇନିଂସ ସମ୍ଭାଳିଥିଲେ। ୧୭ତମ ଓଭରର ୫ମ ବଲ୍‌ରେ ଜଦ୍ରାନଙ୍କୁ ଆଉଟ କରି ଶ୍ରୀଲଙ୍କାକୁ ବ୍ରେକ୍ ଥ୍ରୁ ଦେଇଥିଲେ ଦିଲଶାନ ମଦୁଶଙ୍କା। ଜଦ୍ରାନ ୫୭ ବଲ୍‌ରୁ ୩୯ (୪ ଚୌକା ଓ ୧ ଛକା) ରନ କରିଥିଲେ। ଏହାପରେ ରହମତ ଓ ଅଧିନାୟକ ହଶମତୁଲା ଶାହିଦି ଇନିଂସକୁ ଆଗେଇ ନେଇଥିଲେ। ତୃତୀୟ ଉଇକେଟରେ ଦୁହେଁ ୫୮ ରନର ପାର୍ଟନରଶିପ୍ ଗଢ଼ିଥିଲେ। ସ୍କୋର ୨୮ ଓଭରରେ ୧୩୧ ଥିବାବେଳେ ସେଟ୍ ବ୍ୟାଟର ରହମତ ଶାହାଙ୍କୁ ଆଉଟ କରି ଆଫଗାନିସ୍ତାନକୁ ଶକ୍ତ ଝଟ୍‌କା ଦେଇଥିଲେ କସୁନ ରଜିଥା। ରହମତ ୭୪ ବଲ୍‌ରୁ ୭ ଚୌକା ସହାୟତାରେ ୬୨ ରନକରି ପ୍ୟାଭିଲିୟନ ଫେରିଥିଲେ। ମାତ୍ର ଶାହିଦି ଓ ଅଜମତୁଲା ଓମାରଜାଇ ଶ୍ରୀଲଙ୍କା ବୋଲରଙ୍କୁ ସଫଳ ମୁକାବିଲା କରି ଦଳକୁ ବିଜୟ ଲକ୍ଷ୍ୟରେ ଆଗେଇ ନେଇଥିଲେ। ଦୁହେଁ ଅସମାପ୍ତ ୪ର୍ଥ ଉଇକେଟରେ ୧୦୪ ବଲ୍‌ରୁ ୧୧୧ ରନ ଯୋଗକରି ଆହୁରି ୨୮ ବଲ୍ ବାକିଥାଇ ଆଫଗାନିସ୍ତାନକୁ ବିଜୟୀ କରାଇଥିଲେ। ୬୩ଟି ବଲ୍‌ର ସମ୍ମୁଖୀନ ହୋଇଥିବା ଓମାରଜାଇ ୬ ଚୌକା ଓ ୩ ଛକା ସହାୟତାରେ ୭୩ ଓ ୭୪ ବଲ୍‌ରୁ ୫୮ (୨ ଚୌକା, ୧ ଛକା) ରନକରି ଶାହିଦି ଅପରାଜିତ ରହିଥିଲେ।

**ସଂକ୍ଷିପ୍ତ ସ୍କୋର**

ଶ୍ରୀଲଙ୍କା ୪୯.୩ ଓଭରରେ ୨୪୧/ଅଲ୍‌ଆଉଟ (ପଥୁମ ନିସଙ୍କା–୪୬, କୁସାଲ ମେଣ୍ଡିସ–୩୯, ସଦିରା ସମରବିକ୍ରମା–୩୬, ଫଜଲକ୍ ଫାରୁକି–୪/୩୪, ମୁଜିବ ଉର୍ ରହମନ–୨/୩୮, ଅଜମତୁଲା ଓମାରଜାଇ–୧/୩୭, ରଶିଦ ଖାଁ–୧/୫୦)। ଆଫଗାନିସ୍ତାନ ୪୫.୨ ଓଭରରେ ୨୪୨/୩ (ଅଜମତୁଲା ଓମାରଜାଇ–୭୩, ରହମତ ଶାହା–୬୨, ହସମତୁଲା ଶାହିଦି–୫୮, ଇବ୍ରାହିମ୍ ଜଦ୍ରାନ–୩୯, ଦିଲଶାନ ମଦୁଶଙ୍କା–୨/୪୮, କସୁନ ରଜିଥା–୧/୪୮)।

## ୨୦୨୩ ବିଶ୍ୱକପରେ ଆଫଗାନିସ୍ତାନ
### (ଅକ୍ଟୋବର ୩୦ ସୁଦ୍ଧା)

ଅକ୍ଟୋବର ୭: ବାଂଲାଦେଶଠାରୁ ୭ ଉଇକେଟରେ ପରାସ୍ତ
ଅକ୍ଟୋବର ୧୧: ଭାରତଠାରୁ ୮ ଉଇକେଟରେ ପରାସ୍ତ
ଅକ୍ଟୋବର ୧୫: ଇଂଲଣ୍ଡ ବିପକ୍ଷରେ ୬୯ ରନରେ ବିଜୟୀ
ଅକ୍ଟୋବର ୧୮: ନ୍ୟୁଜିଲାଣ୍ଡଠାରୁ ୧୪୯ ରନରେ ପରାସ୍ତ
ଅକ୍ଟୋବର ୨୩: ପାକିସ୍ତାନ ବିପକ୍ଷରେ ୮ ଉଇକେଟରେ ବିଜୟୀ
ଅକ୍ଟୋବର ୩୦: ଶ୍ରୀଲଙ୍କା ବିପକ୍ଷରେ ୭ ଉଇକେଟରେ ବିଜୟୀ

## ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ୍‌ହାର |
|---|---|---|---|---|---|
| ଭାରତ | ୬ | ୬ | ୦ | ୧୨ | +୧.୪୦୫ |
| ଦକ୍ଷିଣ ଆଫ୍ରିକା | ୬ | ୫ | ୧ | ୧୦ | +୨.୦୩୨ |
| ନ୍ୟୁଜିଲାଣ୍ଡ | ୬ | ୪ | ୨ | ୮ | +୧.୨୩୨ |
| ଅଷ୍ଟ୍ରେଲିଆ | ୬ | ୪ | ୨ | ୮ | +୦.୯୭୦ |
| ଆଫଗାନିସ୍ତାନ | ୬ | ୩ | ୩ | ୬ | −୦.୭୧୮ |
| ଶ୍ରୀଲଙ୍କା | ୬ | ୨ | ୪ | ୪ | −୦.୨୭୫ |
| ପାକିସ୍ତାନ | ୬ | ୨ | ୪ | ୪ | −୦.୩୮୭ |
| ନେଦରଲାଣ୍ଡସ | ୬ | ୨ | ୪ | ୪ | −୧.୨୭୭ |
| ବାଂଲାଦେଶ | ୬ | ୧ | ୫ | ୨ | −୧.୩୩୮ |
| ଇଂଲଣ୍ଡ | ୬ | ୧ | ୫ | ୨ | −୧.୬୫୨ |




ଶ୍ରୀଲଙ୍କାକୁ ହରାଇବା ପରେ ଆଫଗାନିସ୍ତାନ ଦଳର ବିଜୟ ଉଲ୍ଲାସ।

# ଆୟରଙ୍କ ସ୍ଥାନ ସଙ୍କଟରେ

**ନୂଆଦିଲ୍ଲୀ,୩୦।୧୦(ପି.ଟି.)**

ଭାରତର ଦିନିକିଆ କ୍ରିକେଟ ବିଶ୍ୱକପ ଦଳରେ ଶ୍ରେୟସ ଆୟରଙ୍କ ସ୍ଥାନ ସଙ୍କଟରେ ରହିଛି। ହାର୍ଦ୍ଦିକ ପାଣ୍ଡ୍ୟା ଆହତ ଥିବାରୁ ସୂର୍ଯ୍ୟକୁମାର ଯାଦବ ଭାରତୀୟ ଦଳରେ ସ୍ଥାନ ପାଇଥିଲେ। ପ୍ରଥମ ମ୍ୟାଚ୍‌ରେ ସେ ଦୁର୍ଭାଗ୍ୟ ଜନକ ଭାବରେ ରନ୍‌ଆଉଟ ହୋଇଥିବା ବେଳେ ଦ୍ୱିତୀୟ ମ୍ୟାଚ୍‌ରେ ୪୯ ରନ୍ ସ୍କୋର କରିଥିଲେ। ବ୍ୟାଟିଂ ପାଇଁ ପ୍ରତିକୂଳ ଲକ୍ଷ୍ନୌର ଏକାନା ଷ୍ଟାଡିୟମରେ ସେ ଚମତ୍କାର ଢଙ୍ଗରେ ଇଂଲଣ୍ଡ ବୋଲରଙ୍କ ମୁକାବିଲା କରିଥିଲେ। ଯେଉଁଠି ୪ ନମ୍ବର ସ୍ଥାନରେ ବ୍ୟାଟିଂ କରୁଥିବା ଆୟର ଶର୍ଟ ବଲ୍ ବିପକ୍ଷରେ ଅସହଜ ମନେ ହୁଅନ୍ତି ସେଠାରେ ସୂର୍ଯ୍ୟକୁମାରଙ୍କ ବ୍ୟାଟିଂ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ପାଇଁ ସକରାତ୍ମକ ସଙ୍କେତ। ପାଣ୍ଡ୍ୟାଙ୍କ ଗୋଇଠିରେ ଆଘାତ କାରଣରୁ ସେ ବର୍ତ୍ତମାନ ଦଳରୁ ଦୂରେଇ ରହିଛନ୍ତି। ତେବେ ସେ ପ୍ରତ୍ୟାବର୍ତ୍ତନ କଲେ ଜଣେ ଖେଳାଳିଙ୍କୁ ବାହାରେ ବସିବାକୁ ପଡିବ। ବର୍ତ୍ତମାନର ଫର୍ମକୁ ଦୃଷ୍ଟିରେ ରଖିଲେ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ସୂର୍ଯ୍ୟକୁମାରଙ୍କୁ ଟିମ୍‌ରେ ରଖିବାର ସମ୍ଭାବନା ଅଧିକ।

**ଦିନିକିଆ ବିଶ୍ୱକପ**

ICC MEN'S CRICKET WORLD CUP INDIA 2023

**(ଆଜିର ମ୍ୟାଚ)**

**ପାକିସ୍ତାନ ବନାମ ବାଂଲାଦେଶ**

**ସ୍ଥାନ:** କୋଲକାତା,
**ସମୟ:** ଅପରାହ୍ଣ ୨ଟା
**ପ୍ରସାରଣ:** ଷ୍ଟାର ସ୍ପୋର୍ଟ୍ସ

# ସେମି ଆଶା ବଜାୟ ଲକ୍ଷ୍ୟରେ ପାକିସ୍ତାନ

**କୋଲକାତା,୩୦।୧୦(ପି.ଟି.)**

ଦିନିକିଆ କ୍ରିକେଟ ବିଶ୍ୱକପ ସେମି ଫାଇନାଲ ଦୌଡ଼ରୁ ଆପାତତଃ ବାଦ୍ ପଡ଼ିସାରିଥିବା ପାକିସ୍ତାନ ମଙ୍ଗଳବାର ବାଂଲାଦେଶର ସାମ୍ନା କରିବ। ଏହି ମ୍ୟାଚ୍‌କୁ ଜିତିବାକୁ ପ୍ରୟାସ କରିବା ସହିତ ଦଳ ସେମି ନିମନ୍ତେ ଥିବା ସାମାନ୍ୟ ସୁଯୋଗକୁ ବଜାୟ ରଖିବାକୁ ପ୍ରୟାସ କରିବ। ଉଭୟ ଦଳ ପାଇଁ ଏହି ମ୍ୟାଚ୍ ସମାନ ପରିମାଣରେ ଗୁରୁତ୍ୱ ବହନ କରିବ। ବାଂଲାଦେଶ ୬ ମ୍ୟାଚରୁ ୧ ବିଜୟ ହାସଲ କରିଥିବା ବେଳେ ପାକିସ୍ତାନ ଦୁଇଟି ବିଜୟ ହାସଲ କରିଛି। ପ୍ରଥମ ଦୁଇ ମ୍ୟାଚ ଜିତିବା ପରେ ଲଗାତର ୪ ମ୍ୟାଚ୍ ହାରିବା ସହିତ ପାକିସ୍ତାନର ସେମି ଫାଇନାଲ ଆଶା ବର୍ତ୍ତମାନ କ୍ଷୀଣ ହେବାରେ ଲାଗିଛି। ସେମିରେ ପ୍ରବେଶ କରିବାକୁ ହେଲେ ପାକିସ୍ତାନକୁ ଚମତ୍କାରର ଆବଶ୍ୟକତା ରହିବ। ତେବେ ଦଳକୁ ପ୍ରଥମେ ବିଜୟ ହାସଲ କରିବାକୁ ପଡ଼ିବ ଏବଂ ପରେ ଅନ୍ୟ ସମସ୍ତ ସମୀକରଣ ଉପରେ ନଜର ରହିବ। ଅଷ୍ଟ୍ରେଲିଆ ଫର୍ମକୁ ଫେରିଥିବା ବେଳେ ନ୍ୟୁଜିଲାଣ୍ଡ ଅନ୍ୟତମ ଶକ୍ତିଶାଳୀ ଦଳ ଭାବରେ ଉଭା ହେବା ପାକିସ୍ତାନ ପାଇଁ ସମସ୍ୟା ବୃଦ୍ଧି କରିଛି। ଭାରତ ଓ ଦକ୍ଷିଣ ଆଫ୍ରିକା ସେମି ଦୌଡ଼ରେ ଦୁଇ ଫେଭରିଟ୍ ଦଳ ରହିଥିବା ବେଳେ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ପଛକୁ ପଛ ରହିଛନ୍ତି। ମଙ୍ଗଳବାର ପରାଜିତ ହେଲେ ୧୯୯୨ ସଂସ୍କରଣର ଚାମ୍ପିୟନ ପାକିସ୍ତାନ ସେମି ଫାଇନାଲ ଦୌଡ଼ରୁ ବିଦାୟ ନେବ। ତେଣୁ ଦଳ ଏହି ମ୍ୟାଚ୍ ଜିତିବାକୁ ନିଜର ସମସ୍ତ ଜୋର ଲଗାଇବ।

ପାକିସ୍ତାନ ଦଳର ବୋଲିଂ ଆକ୍ରମଣ ଠିକ୍‌ଠାକ୍ ପ୍ରଦର୍ଶନ କରିଥିଲେ ମଧ୍ୟ ଏହାର ବ୍ୟାଟର ମାନେ ନିରାଶ କରିଛନ୍ତି। ସ୍ପିନ୍ ବୋଲିଂରେ ପାକିସ୍ତାନ ଦୁର୍ବଳ ହୋଇଥିବା ବେଳେ ପେସ୍ ବିଭାଗରେ ଏହା ବଢ଼ିଆ ପ୍ରଦର୍ଶନ ଜାରି ରଖିଛି। ସମାନ ଭାବରେ କୋଲକାତାର ଇଡେନ୍ ଗାର୍ଡେନରେ ପେସ୍ ବୋଲରଙ୍କୁ ଅତିରିକ୍ତ ସହାୟତା ମିଳିଥାଏ। ଫଳରେ ଏହା ପାକିସ୍ତାନ ସପକ୍ଷରେ ରହିବ। ଶାହିନ୍ ଶାହ ଆଫ୍ରିଦି, ହାରିସ୍ ରୌଫ୍ ଓ ମହମ୍ମଦ ୱାସିମ୍‌ଙ୍କ ଭଳି ବୋଲର ଏହି ପିଚ୍‌ର ଫାଇଦା ଉଠାଇପାରିବେ। ଦକ୍ଷିଣ ଆଫ୍ରିକା ବିପକ୍ଷ ମ୍ୟାଚ୍‌ରେ ଦଳ ଅଳ୍ପକେ ପରାଜିତ ହୋଇଥିଲେ ହେଁ ଚମତ୍କାର ପ୍ରଦର୍ଶନ କରିଥିବା ମହମ୍ମଦ ୱାସିମ୍ ନିଜ ସ୍ଥାନ ବଜାୟ ରଖିବା ଆଶା କରାଯାଏ। ବାବର ଆଜମ୍ ଚଳିତ ବିଶ୍ୱକପ୍‌ରେ ୩ଟି ଅର୍ଦ୍ଧଶତକ ହାସଲ କରି ସାରିଛନ୍ତି। ତେବେ ଭଲ ଆରମ୍ଭକୁ ବଡ ସ୍କୋରରେ ରୂପାନ୍ତର କରିବାରେ ସେ ସଫଳ ହୋଇ ନାହାନ୍ତି। ଅଦ୍ୟାବଧି ଦଳ ଖେଳିଥିବା ୬ ମ୍ୟାଚ୍‌ରୁ ୪ଟିରେ ଏହା ସମ୍ପୂର୍ଣ୍ଣ ଓଭର ବ୍ୟାଟିଂ କରିବାରେ ସଫଳ ହୋଇନାହିଁ। ମଧ୍ୟକ୍ରମରେ ମହମ୍ମଦ ରିଜୱାନ ଓ ଇଫତିଖାର ଅହମ୍ମଦଙ୍କ ପ୍ରଦର୍ଶନ ଭଲ ଥିବା ବେଳେ ସ୍ପିନ୍ ବିଭାଗକୁ ନେଇ ପାକିସ୍ତାନ ଚିନ୍ତାରେ ରହିଛି।

ଅନ୍ୟପକ୍ଷରେ ବାଂଲାଦେଶ ମଧ୍ୟ ଚଳିତ ଟୁର୍ନାମେଣ୍ଟରେ ଅତ୍ୟନ୍ତ ଦୟନୀୟ ପ୍ରଦର୍ଶନ ଜାରି ରଖିଛି। ଦଳର ବ୍ୟାଟିଂ ବିଫଳ ହୋଇଥିବା ବେଳେ ନେଦରଲାଣ୍ଡସ ବିପକ୍ଷ ଅନ୍ତିମ ମ୍ୟାଚରେ ଏହା ୧୪୨ ରନ୍‌ରେ ଅଲଆଉଟ ହୋଇଥିଲା। ଅଧିନାୟକ ଶାକିବ୍ ଅଲ ହସନ ବିଶ୍ୱକପରେ ଏହାକୁ ଦଳର ସବୁଠାରୁ ଖରାପ ପ୍ରଦର୍ଶନ କହିଥିବା ବେଳେ ଆଗାମୀ ମ୍ୟାଚ୍‌ରେ ଦୃଢ଼ ପ୍ରତ୍ୟାବର୍ତ୍ତନ କରିବ ବୋଲି କହିଛନ୍ତି।



କୋଲକାତାରେ ସୋମବାର ପାକିସ୍ତାନ କ୍ରିକେଟ ଦଳର ଅଭ୍ୟାସ।

# ‘ଅଙ୍କଲ ପର୍ସି’ଙ୍କ ପରଲୋକ



ପର୍ସି ଆବେସେକରା

**କଲମ୍ବୋ, ୩୦।୧୦ (ପି.ଟି.)**

ଶ୍ରୀଲଙ୍କା କ୍ରିକେଟ ଦଳର ଜଣେ ଦୃଢ଼ ସମର୍ଥକ ଭାବେ ପରିଚିତ ପର୍ସି ଆବେସେକରାଙ୍କ ପରଲୋକ ଘଟିଛି। ବିଶ୍ୱବ୍ୟାପୀ ଯେଉଁ ଗ୍ରାଉଣ୍ଡରେ ଶ୍ରୀଲଙ୍କା ଖେଳିଥାଏ ତାଙ୍କର ଉପସ୍ଥିତି ଦେଖିବାକୁ ମିଳିଥାଏ। ଦେଶର ଜାତୀୟ ପତାକା ହଲାଇ ସେ ତାଙ୍କ ଖେଳାଳିମାନଙ୍କୁ ଉତ୍ସାହିତ କରିଥାନ୍ତି। ସେ ‘ଅଙ୍କଲ ପର୍ସି’ ନାମରେ ପରିଚିତ ଥିଲେ। ୧୯୭୯ ବିଶ୍ୱକପ୍ ପରଠାରୁ ପ୍ରାୟ ସମସ୍ତ ପ୍ରମୁଖ କ୍ରିକେଟ ଇଭେଣ୍ଟଗୁଡ଼ିକରେ ତାଙ୍କୁ ଦେଖିବାକୁ ମିଳିଥାଏ। ସେ ଅସୁସ୍ଥ ଥିବା ହେତୁ ଭାରତରେ ଚାଲିଥିବା ଆଇସିସି ଦିନିକିଆ ବିଶ୍ୱକପ୍ ଦେଖିବା ଲାଗି ସେ କେବଳ ଆସି ପାରି ନ ଥିଲେ। ଶ୍ରୀଲଙ୍କାର ଅର୍ଜୁନ ରଣାତୁଙ୍ଗା, ସନଥ ଜୟସୁରିୟା ଓ କୁମାର ସଙ୍ଗକାରାଙ୍କ ଭଳି ବହୁ ଅଗଣୀ କ୍ରିକେଟରଙ୍କ ସହିତ ତାଙ୍କର ବନ୍ଧୁତ୍ୱପୂର୍ଣ୍ଣ ଥିଲା। ଆବେସେକରା ଭାରତୀୟ କ୍ରିକେଟର ଏମ୍‌ଏସ୍ ଧୋନୀ, ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ଭଳି ଖେଳାଳିଙ୍କ ସହ ମଧ୍ୟ ସୁସମ୍ପର୍କ ରଖିଥିଲେ। ନିକଟରେ ଏସିଆ କପ୍ ବେଳେ ରୋହିତ କଲମ୍ବୋସ୍ଥିତ ଆବେସେକରାଙ୍କ ଘରକୁ ଯାଇ ତାଙ୍କୁ ଭେଟିଥିଲେ। ୨୦୧୫ରେ ଶ୍ରୀଲଙ୍କାରେ ଆବେସେକରାଙ୍କ ସହ ବାର୍ତ୍ତାଳାପ କରିବା ଲାଗି କୋହଲି ତାଙ୍କୁ ଭାରତୀୟ ଡ୍ରେସିଂ ରୁମ୍‌କୁ ଡକାଇଥିଲେ। ତେବେ ଆବେସେକରା ବର୍ଷେ ହେଲା ଅସୁସ୍ଥ ଥିଲେ। ତାଙ୍କ ଡାକ୍ତରୀ ଖର୍ଚ୍ଚ ପାଇଁ ଶ୍ରୀଲଙ୍କା କ୍ରିକେଟ ନିକଟରେ ୫ ନିୟୁତ ଶ୍ରୀଲଙ୍କା ମୁଦ୍ରା ସହାୟତା ପ୍ରଦାନ କରିଥିଲା।

ଫ୍ୟାଶନ

# ବିବାହ ସମୟରେ ଲେହେଙ୍ଗା କିଣୁଥିଲେ ...



ବିବାହ ସମୟରେ ବ୍ରାଇଡାଲ ମେକ୍‌ଅପ୍ ବ୍ୟତୀତ ପିନ୍ଧୁଥିବା ଡ୍ରେସ୍ ପ୍ରତି ଅଧିକ ଧ୍ୟାନ ଦିଆଯାଉଛି। ଯଦି ଏହି ସମୟରେ ଲେହେଙ୍ଗା ଚୟନ କରୁଛନ୍ତି ତେବେ ନିମ୍ନଲିଖିତ ଟିପ୍ସ ପ୍ରତି ନଜର ଦିଅନ୍ତୁ...

**ବଜେଟ ଧାର୍ଯ୍ୟ କରନ୍ତୁ:** କୌଣସି ଜିନିଷ କିଣିବା ପୂର୍ବରୁ ବଜେଟ ପ୍ରତି ଧ୍ୟାନଦେବା ଦରକାର। ଏଥିପାଇଁ ଯେତେବେଳେ ବି ଆପଣ ଶପିଂ କରିବାକୁ ଯାଉଛନ୍ତି ନିଜ ବଜେଟ ଧାର୍ଯ୍ୟ କରନ୍ତୁ ଯେ ଆପଣଙ୍କୁ କେତେ ଟଙ୍କାର ଲେହେଙ୍ଗା ନେବାର ଅଛି।

**ଷ୍ଟାଇଲ୍‌ର ଧ୍ୟାନ ରଖନ୍ତୁ :** ସମୟ ସହ ଷ୍ଟାଇଲ୍ ବଦଳୁଥାଏ, ଏଥିପାଇଁ ଏହି କଥାର ଧ୍ୟାନ ରଖନ୍ତୁ ଯେ ଆପଣଙ୍କୁ କେଉଁ ଷ୍ଟାଇଲ୍ ଏବଂ ପ୍ୟାଟର୍ନର ଲେହେଙ୍ଗା କିଣିବାର ଅଛି। ବଜାରରେ ବିଭିନ୍ନ ପ୍ରକାର ପ୍ୟାଟର୍ନ ଏବଂ ଡିଜାଇନ୍ ଦେଖିବାକୁ ମିଳିଥାଏ। ଆପଣ ଏହାକୁ ଟ୍ରାଏ କରିବା ସହ ଫାଇନାଲ କରିପାରିବେ।

**ଫାବ୍ରିକ୍‌ର ଧ୍ୟାନ ରଖନ୍ତୁ :** ସବୁବେଳେ ନିଜ ବଡ଼ି ଟାଇପ୍ ହିସାବରେ କିଣନ୍ତୁ। ମାର୍କେଟ୍‌ରେ ବିଭିନ୍ନ ପ୍ରକାର ଫାବ୍ରିକର ଲେହେଙ୍ଗା ମିଳିଯିବ ଯେମିତିକି ନେଟ୍, ଭେଲ୍‌ଭେଟ୍, ବନାରସୀ ସିଲ୍କ, କ୍ରାପ୍ ଆଦି। ଏହାକୁ ନିଜ ବଡି ଟାଇପ୍, ସିଜନ୍, ଫାବ୍ରିକକୁ ଲକ୍ଷ୍ୟ କରି ସିଲେକ୍‌ଶନ କରନ୍ତୁ।

**କଲର :** ଲେହେଙ୍ଗାର ସବୁଠାରୁ ମୁଖ୍ୟ କଥା ହେଲା ରଙ୍ଗ। ଲେହେଙ୍ଗା କିଣିବା ସମୟରେ ସବୁବେଳେ ରଙ୍ଗ ଚୟନ କରନ୍ତୁ, ଯାହା ଆପଣଙ୍କୁ ଭଲ ମାନିବ। ନିଜ ବଡିକୁ ମ୍ୟାଚ୍ କଲା ଭଳି କଲର ଚୟନ କରନ୍ତୁ।

**କ୍ୱାଲିଟି :** ଲେହେଙ୍ଗା କିଣିବା ସମୟରେ ତାହାର କ୍ୱାଲିଟି ବିଷୟରେ ଧ୍ୟାନରଖନ୍ତୁ। ଏମିତି କ୍ୱାଲିଟିର ଲେହେଙ୍ଗା ଚୟନ ନ କରନ୍ତୁ, ଯାହା ଦେଖିବାକୁ ବେକାର ଲାଗିବ।

**ଫିଟିଂ :** ଲେହେଙ୍ଗା କିଣିବା ସମୟରେ ସାଇଜ୍ ଓ ଫିଟିଂର ଧ୍ୟାନ ରଖନ୍ତୁ। ନିଜ ବଡି ଫିଗର ଅନୁସାରେ ଲେହେଙ୍ଗାର ଷ୍ଟିଚ୍ କରାନ୍ତୁ।

# ଜୀବନରେ ଯଦି ଉନ୍ନତି ଚାହୁଁଥାନ୍ତି

କୁହାଯାଏ ଘରେ କିମ୍ବା ଘର ବାହାରେ ଗଛଲତା ରୁହେ ତେବେ ଏହା ମନରେ ଶାନ୍ତି ଦେଇଥାଏ। କିନ୍ତୁ ସତ ଏହା ଯେ ଏମିତି କେତେକ ଗଛ ରହିଛି ଯାହା ଦୋଷ ନିବାରକ ହୋଇଥାଏ। ଏବେ ଆସନ୍ତୁ ଜାଣିବା କେଉଁ ଗଛ ଘର ପାଖରେ ରହିଲେ ଭଲ ଏବଂ କେଉଁ ଗଛ ରହିଲେ ଖରାପ ଜାଣନ୍ତୁ ଏ ସମ୍ପର୍କରେ...



**ନିମ୍ବ:** କେତେକେ ନିମ୍ବଗଛ ଲଗାଇବାକୁ ପସନ୍ଦ କରନ୍ତି ନାହିଁ। କିନ୍ତୁ ଘର ନିକଟରେ ଏହି ବୃକ୍ଷ ରହିଲେ ଏହା ଶୁଭ ହୋଇଥାଏ। ଏହା ପଜିଟିଭ ଏନର୍ଜି ଦେବା ସହିତ ଏଥିରେ କେତେ ପ୍ରକାର କଲ୍ୟାଣକାରୀ ଗୁଣ ରହିଛି।

**ଆମ୍ବଗଛ:** ଘର ପାଖରେ ଆମ୍ବଗଛ ରହିଲେ ଏହା ପିଲାଙ୍କ ଉପରେ ଖରାପ ପ୍ରଭାବ ପକାଇଥାଏ। ଏପରି ଗଛ କେବେ ସଉକରେ ଲଗାନ୍ତୁ ନାହିଁ। ଯଦି ଆଗରୁ ଏପରି ଗଛ ଅଛି ତେବେ ତା' ପାଖରେ ନଡ଼ିଆ, ନିମ୍ବ, ଅଶୋକ ଆଦି ଗଛ ଲଗାଇ ପାରିବେ।

**ନଡ଼ିଆ:** ଜୀବନରେ ଉନ୍ନତି କାହାକୁ ବା ଆବଶ୍ୟକ ନ ଥାଏ। ତେବେ ଡେରି ନ କରି ଘର ବାହାରେ ଲଗାଇ ଦିଅନ୍ତୁ ନଡ଼ିଆଗଛ। କୁହାଯାଏ ଯାହା ଘରେ ନଡ଼ିଆ ଗଛ ଲାଗିଛି ତାଙ୍କର ମାନ ସମ୍ମାନ ବଢ଼ିଥାଏ।

**କଦଳୀ:** କଦଳୀ ଗଛକୁ ଧାର୍ମିକ କାରଣରୁ ବହୁ ଶୁଭ ବୋଲି ମନାଯାଏ। ଗୁରୁବାର ଦିନ ଏହି ବୃକ୍ଷକୁ ପୂଜା ମଧ୍ୟ କରାଯାଏ। ସାଧାରଣତଃ ପୂଜା ସମୟରେ ଏହାର ପତ୍ର ବିଭିନ୍ନ କାମରେ ଲାଗିଥାଏ। ଏଥିପାଇଁ କଦଳୀ ବୃକ୍ଷ ଐଶାନ୍ୟ କୋଣରେ ରହିଲେ ଭଲ। କୁହାଯାଏ ଯଦି ଏହି ଗଛ ତଳ ଛାଇରେ ପାଠ ପଢ଼ିବେ ତେବେ ସବୁ ପାଠ ଜଲ୍‌ଦି ମନେ ରହିଯାଇଥାଏ।

**ବାଉଁଶ:** ବାଉଁଶଗଛ ଘରେ ଲଗାଇଲେ ତାହା ଶୁଭ ବୋଲି ଅନେକେ କୁହନ୍ତି। ଏହା ଆପଣଙ୍କ ସଫଳତା ଏବଂ ସମୃଦ୍ଧି ଲାଗି ସହାୟତା ହୋଇଥାଏ।

# ମଲ୍‌ଟି ଲେଭେଲ ମାର୍କେଟିଂ

"ଆଜିକାଲି ମହିଳାମାନେ କେବଳ ପାଠପଢ଼ା ନୁହେଁ, ନିଜକୁ ଆତ୍ମନିର୍ଭରଶୀଳ କରିବାକୁ ଆଗେଇ ଆସୁଛନ୍ତି। ଏପରିକି ଅନେକ କ୍ଷେତ୍ରରେ ସେମାନେ ସଫଳତା ହାସଲ କରୁଛନ୍ତି। ଆଜିକାଲି କିଛି ରୋଜଗାର କରିବା ଲାଗି ମାର୍କେଟିଂ ଅନ୍ୟତମ ମାଧ୍ୟମ ବୋଲି ଭାବୁଛନ୍ତି। ତେବେ ଯଦି ଆପଣ ମଲ୍‌ଟି ଲେଭେଲ ମାର୍କେଟିଂ ସହ ଜଡ଼ିତ କିମ୍ବା ତାହାକୁ ଆପଣେଇବାକୁ ଚାହୁଁଛନ୍ତି ତେବେ କେତେକ ବିଷୟ ପ୍ରତି ସଚେତନ ହେବା ନିହାତି ଆବଶ୍ୟକ।"



ବର୍ତ୍ତମାନ ଯୁଗରେ ବିଭିନ୍ନ କମ୍ପାନୀ, ବିଭିନ୍ନ ପ୍ରକ୍ରିୟାରେ ତାଙ୍କର ପ୍ରଡକ୍ଟ କିମ୍ବା ସର୍ଭିସ୍ ଯୋଗାଇବା ପାଇଁ ଚେଷ୍ଟା କରିଥାନ୍ତି। ନେଟ୍‌ୱାର୍କିଂ ମାର୍କେଟିଂ ମଧ୍ୟ ଗୋଟେ ମାର୍କେଟିଂ ଷ୍ଟ୍ରାଟେଜି ଯାହା ବହୁ ଲୋକଙ୍କ ଦ୍ୱାରା ଆଦୃତ ହୋଇଛି। ଯେଉଁ ବ୍ୟକ୍ତି ପାଖରେ ଲିଡରଶିପ ସ୍କିଲ୍, ମୋଟିଭେଶନ ସ୍କିଲ୍ ଏବଂ କମ୍ୟୁନିକେଶନ ସ୍କିଲ୍ ଅଛି ସେମାନେ ନେଟ୍‌ୱାର୍କିଂ ମାର୍କେଟିଂରେ ଯୋଡ଼ିହୋଇ ସଫଳ ହୋଇଛନ୍ତି। କିନ୍ତୁ ଅନେକେ ନେଟ୍‌ୱର୍କ ମାର୍କେଟିଂ ବିଷୟରେ ନ ଜାଣି ଏଥିରେ ଜଡ଼ିତ ହୋଇ ସମୟର ଅପଚୟ ସହ ବୃଥା ପରିଶ୍ରମ, ଧନ ହାନି କରିଥାନ୍ତି। ନେଟ୍‌ୱାର୍କିଂରେ ଜଡ଼ିତ ହେବା ପୂର୍ବରୁ ତାହା ବିଷୟରେ ଜାଣିବା ଜରୁରୀ।

ଆପଣଙ୍କୁ କିଏ କେବେ କମ୍ ଦିନରେ ଧନୀ ହେବାକୁ ସ୍ୱପ୍ନ ଦେଖାଇଥିବେ। ଆପଣଙ୍କୁ ଏମିତି କିଛି ବିଜ୍‌ନେସ୍ ବିଷୟରେ କହିଥିବେ ଯାହା ସହ ଜଡ଼ିତ ରହିବା ଦ୍ୱାରା ଆପଣ କମ୍ ସମୟରେ ଅଧିକ ରୋଜଗାର କରିପାରିବେ। ମଲ୍ଟି ଲେଭେଲ ମାର୍କେଟିଂ କିମ୍ବା ପିରାମିଡ୍ ସ୍କିମ୍, ଯାହା ବିଷୟରେ ଆମେ ଏଠାରେ ଆପଣଙ୍କୁ ସୂଚନା ଦେବାକୁ ଯାଉଛୁ। ଦେଖିବାକୁ ଗଲେ ଆଜିକାଲି ଏହି ମାର୍କେଟିଂ ସ୍କିଲ୍ ଦ୍ୱାରା ଅନେକ ଲୋକଙ୍କୁ ଧୋକା ଦିଆଯାଉଛି। ଏହାର ଶିକାର ଯେଉଁମାନେ ଚାକିରି ଅନ୍ୱେଷଣରେ ଥାନ୍ତି କିମ୍ବା ଯୁବପିଢ଼ି ଏହାର ଶିକାର ହେଉଛନ୍ତି।

**କ'ଣ ହୋଇଥାଏ ମଲ୍ଟି ଲେଭେଲ ମାର୍କେଟିଂ**

ମଲ୍ଟି ଲେଭେଲ ମାର୍କେଟିଂ ବା ଏମ୍‌ଏଲ୍‌ଏମ୍‌କୁ ଅନ୍ୟ ଅର୍ଥରେ କହିବାକୁ ଗଲେ ପିରାମିଡ୍ ସେଲିଂ ବି କୁହାଯାଏ। କାରଣ ଏହାର ଆକାର ଦେଖିବାକୁ ଗଲେ ଏହା ପିରାମିଡ୍ ସଦୃଶ ହୋଇଥାଏ। ଏହାକୁ ଡାଇରେକ୍ଟ ମାର୍କେଟିଂ, ନେଟ୍‌ୱର୍କ ମାର୍କେଟିଂ କିମ୍ବା ଡାଇରେକ୍ଟ ସେଲ୍ ନାମରେ ମଧ୍ୟ ଜଣାଯାଏ। ଏହି ଫିଲ୍ଡରେ ସବୁଠୁ ଉପରେ ବସିଥିବା ବ୍ୟକ୍ତି ଅଧିକ ଲାଭରେ ରହିଥାଏ। ପିରାମିଡ୍ ଉପରେ ବସିଥିବା ବ୍ୟକ୍ତି ତଳେ କେତେଜଣ ଲୋକଙ୍କୁ ଯୋଡ଼ିଥାଏ। କାହିଁକି ନା ଯେତେ ଅଧିକ ଲୋକ ଏଥିରେ ସାମିଲ ହେବେ ସେତେ ଅଧିକ ଲାଭ ମିଳିବ। ନେଟ୍‌ୱର୍କ ମାର୍କେଟିଂ(ଆଇବିଓ) କମ୍ପାନୀ ଗୁଡ଼ିକ ଇଣ୍ଡେପେଣ୍ଡେଣ୍ଟ ବିଜ୍‌ନେସ୍ ମାଲିକାନା ନେଇଥାନ୍ତି, ଯାହା ଗ୍ରାହକ ପର୍ଯ୍ୟନ୍ତ ନିଜର ପ୍ରଡକ୍ଟ, ସେବାକୁ ମାର୍କେଟିଂ କରିଥାନ୍ତି। ଏହା ସହ ଏହାକୁ ଚେନ୍ ସିଷ୍ଟମରେ ଯୋଡ଼ାଯାଏ। ଅନ୍ୟ ଲୋକଙ୍କୁ ବିଜ୍‌ନେସ୍‌ରେ ସାମିଲ କରିବା ଲାଗି କହିଥାନ୍ତି। ଏହିପରି (ଆଇବିଓକୁ) ଅନ୍ୟ ଲୋକଙ୍କୁ ଯୋଡ଼ିବା ଲାଗି କହିଥାନ୍ତି। ଚେନ୍ ସିଷ୍ଟମରେ ଯୋଡ଼ି ହେଉଥିବା ବ୍ୟକ୍ତିଙ୍କୁ ଯୋଡ଼ିହେବା ପାଇଁ କିଛି ଟଙ୍କା ଦେବାକୁ ପଡ଼ିଥାଏ। ଏହା ସହ ସେମାନଙ୍କୁ ଆହୁରି ଅଧିକ ଲୋକଙ୍କୁ ଯୋଡ଼ିବା ଲାଗି ଟାର୍ଗେଟ ଦିଆଯିବା ସହ କିଛି ବୋନସ ମିଳିଥାଏ।






**କିପରି ହୋଇଥାଏ ଧୋକା**

ନେଟ୍‌ୱର୍କ ବେସ୍ଡ ମାର୍କେଟିଂ ଏଥିରେ ୧ରୁ ୨, ୨ରୁ ୩, ୩ରୁ ୪, ଏହିପରି ଭାବେ ଲୋକଙ୍କୁ ଯୋଡ଼ାଯାଇଥାଏ। ଏହି ବିଜ୍‌ନେସ୍‌ରେ ଯୋଡ଼ି ହେଉଥିବା ଲୋକଙ୍କଠାରୁ ପ୍ରଥମରୁ ଟଙ୍କା ନିଆଯାଇଥାଏ। ଏହା ସହ ତାଙ୍କୁ ଅନ୍ୟ ଲୋକଙ୍କୁ ଯୋଡ଼ିବା ଲାଗି ଟାର୍ଗେଟ୍ ଦିଆଯାଇଥାଏ। ଏମାନେ ଅନ୍ୟ ଲୋକଙ୍କୁ ଯୋଡ଼ିବା ଲାଗି ପ୍ରେରିତ କରିଥାନ୍ତି। ଏହିପରି ଭାବେ ଚେନ୍ ସିଷ୍ଟମ ଆଗକୁ ବଢ଼ିଚାଲିଥାଏ ଏବଂ ଏହିପରି ଲୋକମାନେ କମିଶନ ପାଆନ୍ତି। କିନ୍ତୁ ଏଥିରେ ସାମିଲ ହେଉଥିବା ବ୍ୟକ୍ତି ଅନ୍ୟ ଲୋକଙ୍କୁ ଯୋଡ଼ିବାରେ ଅସଫଳ ରୁହନ୍ତି। ଏହାଦ୍ୱାରା ସେ ତାଙ୍କ ଅର୍ଥ ଓ ସମୟ ହରାଇ ବସନ୍ତି।

**କେଉଁମାନେ ହୁଅନ୍ତି ଶିକାର**

ବିଶେଷଭାବରେ ଏଭଳି ମାର୍କେଟିଂ ଜାଲରେ ଚାକିରି ଅନ୍ୱେଷଣରେ ଥିବା ଯୁବପିଢ଼ି ପଡ଼ିଥାନ୍ତି। କାରଣ ସେମାନେ ଏହି ଚେନ୍ ସିଷ୍ଟମର ବିଶଦ ନିୟମାବଳୀକୁ ଭଲଭାବରେ ତର୍ଜମା କରି ନ ଥାନ୍ତି। ଏଥିରେ ଯୁବପିଢ଼ିଙ୍କୁ ଅନେକ ଲୋଭ ଦେଖାଇବା ସହ ତାଙ୍କୁ ପୁଣି ଭ୍ରମିତ କରିଥାନ୍ତି। ଯୁବପିଢ଼ି ଏହାର କ୍ଷତି ବିଷୟରେ ଜାଣି ନ ଥାନ୍ତି। ପ୍ରଥମରୁ ଏହି ନେଟ୍‌ୱାର୍କିଂରେ ଲୋକମାନଙ୍କୁ ଆକର୍ଷିତ କରିବା ଲାଗି ବିଭିନ୍ନ ଗିଫ୍ଟ ଦେଇଥାନ୍ତି। ଯେଉଁମାନେ ନେଟ୍‌ୱାର୍କିଂରେ ନୂଆ ନୂଆ କାମ ଆରମ୍ଭ କରିଥାନ୍ତି ଏମାନେ ପ୍ରଥମେ ନିଜ ପରିବାର, ବନ୍ଧୁବାନ୍ଧବ, ସାଙ୍ଗସାଥୀଙ୍କୁ ଯୋଡ଼ିବା ଲାଗି ଚେଷ୍ଟା କରିଥାନ୍ତି। କିନ୍ତୁ ଏହା ନିର୍ଦ୍ଦିଷ୍ଟ ସୀମା ପର୍ଯ୍ୟନ୍ତ ନିଜର ଟାର୍ଗେଟ୍ ପୂରା କରିପାରି ନ ଥାନ୍ତି।

**ସାବଧାନତା**

ଯେଉଁମାନେ ଆପଣଙ୍କୁ ଏହି ଚେନ୍ ସିଷ୍ଟମରେ ସାମିଲ କରିବାକୁ କହୁଛନ୍ତି ତାଙ୍କଠୁ ନିଜକୁ ଦୂରତ୍ୱ ଅବଲମ୍ବନ କରନ୍ତୁ।

– ନେଟ୍‌ୱାର୍କିଂ ମାର୍କେଟିଂ ଯିବା ପୂର୍ବରୁ ସେ କମ୍ପାନୀ ବିଷୟରେ ସମ୍ପୂର୍ଣ୍ଣ ରୂପେ ତଥ୍ୟ ସଂଗ୍ରହ କରନ୍ତୁ, ଯାହା ପୋଜିଂ ସ୍କିମ୍ କିମ୍ବା ପିରାମିଡ୍ ସ୍କିମ୍।

–ଯଦି ଆପଣଙ୍କ ସାଙ୍ଗ କିମ୍ବା ସମ୍ପର୍କୀୟ କିଏ ବି କୁହନ୍ତି ଏହି ଚେନ୍ ସିଷ୍ଟମ୍‌ରେ ଯୋଡ଼ିହେବା ଲାଗି ତେବେ ତାକୁ ମନାକରନ୍ତୁ। ଏଥିପାଇଁ ଆପଣଙ୍କ ସମ୍ପର୍କ ଯେପରି ଖରାପ ନ ହୁଏ।

–ଯଦି ଆପଣ କିମ୍ବା ଆପଣଙ୍କର କୌଣସି ଚିହ୍ନା ପରିଚିତ ବ୍ୟକ୍ତି ଫସିଥାନ୍ତି ତେବେ ତା' ସହ ଠକାମିର ଶିକାର ହୋଇଛି ବୋଲି ସାଇବର କ୍ରାଇମ୍ ପୋଲିସ ଷ୍ଟେଶନ କିମ୍ବା ନ୍ୟାଶନାଲ ସାଇବର କ୍ରାଇମ୍ ରିପୋର୍ଟିଂ ପୋର୍ଟାଲ୍‌ରେ ସୂଚିତ କରନ୍ତୁ। କୌଣସି ଅଜଣା କମ୍ପାନୀ କିମ୍ବା ଯୋଜନାରେ ବିନା ଭାବିଚିନ୍ତି ଟଙ୍କା ନିବେଶ କରନ୍ତୁ ନାହିଁ।

–କୌଣସି ବି ସାଇବର କ୍ରାଇମରୁ ବଞ୍ଚିବାକୁ ହେଲେ ଆପଣ ସତର୍କତା ଅବଲମ୍ବନ କରନ୍ତୁ। ଯେଉଁ ଯୋଜନା ଏବଂ କମ୍ପାନୀରେ ଆପଣ ଟଙ୍କା ନିବେଶ କରୁଛନ୍ତି ତା'ର ସବିଶେଷ ତଥ୍ୟ ସଂଗ୍ରହ କରନ୍ତୁ।



ସୌନ୍ଦର୍ଯ୍ୟ

# ଆଳୁରେ ରୂପଚର୍ଯ୍ୟା

ଆଳୁ ଏଭଳି ଏକ ପରିବା ଯାହା ଖାଦ୍ୟ ପ୍ରସ୍ତୁତ କରିବା ସମୟରେ ପ୍ରଥମେ ଦରକାର ପଡ଼ିଥାଏ। ତେବେ ରୂପଚର୍ଯ୍ୟା ପାଇଁ ଏହାକୁ ଆପଣ ବ୍ୟବହାର କରିପାରନ୍ତି। ସେ ସମ୍ପର୍କରେ ଟିପ୍ସ....



- ଆଳୁକୁ ଗୋଲ ଗୋଲ ଆକାରରେ କାଟି ଦିଅନ୍ତୁ। ଆଖି ଡୋଳା ଉପରେ ୧୦ମିନିଟ୍ ପର୍ଯ୍ୟନ୍ତ ରଖନ୍ତୁ। ଏହା ପରେ ନଖ ଉଷୁମ ପାଣିରେ ମୁହଁକୁ ଭଲଭାବେ ଧୋଇ ଦିଅନ୍ତୁ। ଏହା ଆଖିର ଚର୍ମ କୁଞ୍ଚନ ଦୂରକରିଥାଏ। ଆଳୁରେ ପୋଟାସିୟମ୍, ଆଇରନ୍, କ୍ୟାଲ୍‌ସିୟମ୍, ଭିଟାମିନ ଏ, ସି ଓ ଡି ପର୍ଯ୍ୟାପ୍ତ ମାତ୍ରାରେ ରହିଥାଏ।
- ସିଝା ହୋଇଥିବା ଆଳୁ ପାଣିରେ ଗୋଟିଏ ଆଳୁ ଚକଟି କେଶକୁ ଧୋଇବା ଦ୍ୱାରା କେଶ୍ ସାଇନିଂ, ମୁଲାୟମ, ମୂଳରୁ ଷ୍ଟ୍ରଙ୍ଗ୍ ହୋଇଥାଏ। ମୁଣ୍ଡରେ ରୂପି, କେଶ ଧଳା ହେବା ସମସ୍ୟା ଦୂର ହେବା ସହ ଏହା କେଶ ମୂଳରୁ ଷ୍ଟ୍ରଙ୍ଗ୍ ହେବ।
- ୧ଚାମଚ ଆଳୁ ରସ ଏବଂ ୨ ଚାମଚ ଲେମ୍ବୁରସ, ମୁଲତାନୀ ମାଟି ମିଶାଇ ପତଳା ଘୋଳ ପ୍ରସ୍ତୁତ କରନ୍ତୁ। ପୁଣି ଏହାକୁ ମୁହଁରେ ଲଗାନ୍ତୁ। ଏହା ଶୁଖିଗଲା ପରେ ଖାଲି ପାଣିରେ ମୁହଁକୁ ଭଲଭାବେ ଧୋଇଦିଅନ୍ତୁ। ଏହି ପ୍ୟାକ୍ ସବୁ ପ୍ରକାର ଦାଗ ଦୂର କରିବା ସହ ମୁହଁରେ ଚମକ ଆଣିଥାଏ।



- ଆଳୁରସ ଏବଂ ଟମାଟୋ ରସ ସମାନ ପରିମାଣରେ ନେଇ ପେଷ୍ଟ ପ୍ରସ୍ତୁତ କରନ୍ତୁ। ପ୍ରତିଦିନ ରାତିରେ ଶୋଇବା ପୂର୍ବରୁ ଏହି ମିଶ୍ରଣକୁ ତୁଳା ସାହାଯ୍ୟରେ ମୁହଁରେ ଲଗାନ୍ତୁ। ସକାଳୁ ଉଠି ଏହି ପ୍ୟାକ୍‌କୁ ପାଣିରେ ଧୋଇଦିଅନ୍ତୁ। ଦେଖିବେ ଏହାଦ୍ୱାରା ମୁହଁରେ ଥିବା ଦାଗ ଧୀରେ ଧୀରେ ଦୂରହୋଇଯାଉଛି।

ଖାଦ୍ୟରୁଚି

# ମସଲା ଖେଚୁଡ଼ି

**ଆବଶ୍ୟକ ସାମଗ୍ରୀ :** ୧ ଗିନା ଚାଉଳ, ୧ କପ ମୁଗ ଡାଲି, ୨ଟି ପିଆଜ, ଅଧାଚାମଚ ସିଝା ହୋଇଥିବା ଗାଜର, ଅଧା ଚାମଚ ଚିଲି ପାଉଡର , ବିନ୍ସ, ଗ୍ରିନ୍ ମଟର, ଅଧା ଚାମଚ ଗରମ ମସଲା ପାଉଡର, ୨ ବଡ଼ ଚାମଚ ଘିଅ, ୨ଟି କଟାହୋଇଥିବା ଆଳୁ, ଅଧା କପ୍ ସିଝା ଶିମ୍‌ଲା ମିର୍ଚ୍ଚ, ଅଳ୍ପ ଅଦା, ୧ ଚାମଚ ରିଫାଇନ୍ ତେଲ ଓ ସ୍ୱାଦ ଅନୁସାରେ ଲୁଣ, ଯଦି ଶିମ୍‌ଲା ମିର୍ଚ୍ଚ ନାହିଁ ତେବେ ସେହି ସ୍ଥାନରେ ଆପଣ କଞ୍ଚାଲଙ୍କା କାଟି ପକାଇପାରିବେ। ଏହିସବୁ ଜିନିଷ ସାହାଯ୍ୟରେ ଆପଣ ସ୍ୱାଦିଷ୍ଟ ଏବଂ ହେଲ୍‌ଦୀ ମସଲା ଖେଚେଡ଼ି ପ୍ରସ୍ତୁତ କରିପାରିବେ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଆପଣ ଡାଲି ଓ ଚାଉଳକୁ ଭଲଭାବେ ଧୋଇଦିଅନ୍ତୁ। ପୁଣି ଚାଉଳ ଏବଂ ଡାଲିକୁ ଅଲଗା ଅଲଗା ପାତ୍ରରେ ୧୫ ମିନିଟ୍ ପାଇଁ ପାଣିରେ ଭିଜାଇ ରଖିଦିଅନ୍ତୁ। ଏବେ ଆପଣ ୧ ଚପିଂ ବୋର୍ଡ ସାହାଯ୍ୟରେ ପିଆଜ, କଞ୍ଚାଲଙ୍କା, କ୍ୟାପ୍‌ସିକମ୍, ଗାଜର, ବିନ୍ସ, ଆଳୁ, ଅଦା ଆଦି ଛୋଟ ଆକାରରେ କାଟି ଦିଅନ୍ତୁ। ପୁଣି ଗ୍ୟାସ୍ ଉପରେ ପ୍ରେସର କୁକର ରଖନ୍ତୁ। ଏଥିରେ ୧ ଚାମଚ ତେଲ ପକାନ୍ତୁ। ତେଲ ଗରମ ହୋଇଗଲେ ସେଥିରେ ପିଆଜ କିଛି ସମୟ ପକାନ୍ତୁ। ପିଆଜ ଭଲଭାବେ ଭାଜି ହୋଇଗଲା ପରେ ସେଥିରେ ଗୋଟା ସୋରିଷ ଏବଂ କଞ୍ଚାଲଙ୍କା ପକାନ୍ତୁ। ଏହାପରେ ଚିଲି ପାଉଡର ଏବଂ ଗରମ ମସଲା ପକାନ୍ତୁ। ଏହାଦ୍ୱାରା ଖେଚୁଡ଼ିର ବାସ୍ନା ଆସିଥାଏ। ଏହିସବୁ ଜିନିଷକୁ କିଛି ସମୟ ଭାଜି ହେଲା ପରେ ଚାଉଳ ଏବଂ ଡାଲିକୁ ୨/୩ ମିନିଟ୍ ପର୍ଯ୍ୟନ୍ତ ଘାଣ୍ଟନ୍ତୁ। ଏଥିରେ ସବୁ ପନିପରିବା ପକାନ୍ତୁ। ଏବେ ଆପଣ ଏଥିରେ ୨ଗ୍ଲାସ୍ ପାଣି ଦିଅନ୍ତୁ ଏବଂ ଆଳୁ ପକାଇ କୁକର ଢାଙ୍କୁଣିକୁ ବନ୍ଦ କରିଦିଅନ୍ତୁ। ପୁଣି ପ୍ରେସର କୁକରରେ ତିନୋଟି ସିଟି ଆସିବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ। ସିଟି ଆସିଲା ପରେ ଗ୍ୟାସ୍‌କୁ ବନ୍ଦ କରିଦିଅନ୍ତୁ। ପ୍ରେସର କୁକରରୁ ଗ୍ୟାସ୍ ବାହାରିଲା ପରେ ପ୍ରେସର ଢାଙ୍କୁଣି କାଢ଼ି ଚାମଚ ସାହାଯ୍ୟରେ ସେସବୁକୁ ଭଲଭାବେ ମିଶାଇ ଦିଅନ୍ତୁ। ଏବେ ଏହା ଉପରେ ଘିଅ ପକାଇ ପରଷନ୍ତୁ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୩୧/୨୦୨୩ Bhubaneswar, Tuesday, October 31/ 2023



# ରୁବେଲ୍ସଙ୍କୁ ୩ ବର୍ଷ ବାସନ୍ଦ କଲା ଫିଫା

**ଜେନେଭା, ୩୦।୧୦ (ଏପି)**

ଫେଡେରେଶନ ଅଫ୍ ଇଣ୍ଟରନ୍ୟାଶନାଲ ଫୁଟ୍‌ବଲ ଆସୋସିଏଶନ୍ସ (ଫିଫା) ସୋମବାର ସ୍ପେନ ଫୁଟ୍‌ବଲ ମହାସଂଘର ପୂର୍ବତନ ସଭାପତି ଲୁଇସ ରୁବେଲ୍ସଙ୍କୁ ୩ ବର୍ଷ ବାସନ୍ଦ କରିଛି। ମହିଳା ବିଶ୍ୱକପ୍ ଫାଇନାଲ ପରେ ଟ୍ରଫି ପ୍ରଦାନ ଉତ୍ସବ ବେଳେ ସେ ଜଣେ ଖେଳାଳିଙ୍କ ଓଠକୁ ବଳପୂର୍ବକ ଚୁମ୍ବନ କରିଥିଲେ। ଫିଫାର ଶୃଙ୍ଖଳା କମିଟି ଏହି ଘଟଣାର ତଦନ୍ତ କରିଥିଲେ। କମିଟି ଦେଇଥିବା ରାୟର ବିଶଦ ବିବରଣୀ ଫିଫା ପ୍ରକାଶ କରି ନାହିଁ। ରୁବେଲ୍ସଙ୍କ ବିରୋଧରେ ସ୍ପେନରେ ମଧ୍ୟ ଏକ ଅପରାଧିକ ତଦନ୍ତ ଚାଲିଛି। ସୂଚନାଯୋଗ୍ୟ, ଅଷ୍ଟ୍ରେଲିଆର ସିଡ୍‌ନୀଠାରେ ଅଗଷ୍ଟ ୨୦ରେ ଇଂଲଣ୍ଡ ବିପକ୍ଷରେ ସ୍ପେନର ୧-୦ ଗୋଲ୍‌ରେ ବିଜୟ ପରେ ଉଲ୍ଲସିତ ହୋଇ ଜେନି ହର୍ମୋସୋ ନାମ୍ନୀ ଖେଳାଳିଙ୍କୁ ଚୁମ୍ବନ କରିଥିଲେ। ସେତେବେଳେ ଏହି ଘଟଣା ନିକଟରେ ସ୍ପେନ ରାଣୀ ଲିଟିଜା ଏବଂ ୧୬ ବର୍ଷୀୟା ଯୁବରାଣୀ ଛିଡା ହୋଇଥିଲେ। ତଦନ୍ତ କାର୍ଯ୍ୟ ପ୍ରଭାବିତ ହେବା ଆଶଙ୍କାରେ ଫିଫାର ଜଜ୍‌ମାନେ ରୁବେଲ୍ସଙ୍କୁ ତାଙ୍କ ପଦବୀରୁ ବହିଷ୍କୃତ କରିଥିଲେ। ସ୍ପେନ ଫୁଟ୍‌ବଲ ମହାସଂଘର ପୂର୍ବତନ ସଭାପତିଙ୍କ ବିରୋଧରେ ଅନ୍ୟ ଜଣେ ଖେଳାଳି ଆଥେନେଆ ଡେଲ୍ କାଷ୍ଟିଲୋ ମଧ୍ୟ ଏକ ଅଭିଯୋଗ ଆଣିଥିଲେ। ମ୍ୟାଚ ପରେ ବିଜୟ ହର୍ଷ ଉଲ୍ଲାସ ଚାଲିଥିବା ବେଳେ ରୁବେଲ୍ସ ତାଙ୍କୁ କାନ୍ଧରେ ପକାଇ ନେଇଥିଲେ। ସ୍ପାନିଶ ସରକାର ଏବଂ ଜାତୀୟ ଦଳର ଖେଳାଳିଙ୍କ ଚାପର ବଶବର୍ତ୍ତୀ ହୋଇ ରୁବେଲ୍ସ ସେପ୍ଟେମ୍ବରରେ ତାଙ୍କ ପଦବୀରୁ ଇସ୍ତଫା ଦେବାକୁ ବାଧ୍ୟ ହୋଇଥିଲେ।

STEWART SCHOOL BHUBANESWAR
An Institution under the Management of Diocese of Cuttack, Church of North India
UNIT- VIII, CRP SQUARE, BHUBANESWAR-751012
Affiliated to Council for the Indian School Certificate Examinations, New Delhi
Ph. No.- 8480743569
E-mail: stewartbbsr@gmail.com
Website: www.stewartschoolbbsr.in
ADMISSION OPEN
For Nursery, Junior KG, Senior KG and Std - I to Std - 9 for Academic Session 2024-25
Application Forms may be downloaded from the School website and to be submitted along with a Bank Challan of Rs.500/- at the Office of the Principal

# ଭର୍ଷ୍ଟାପେନ୍ ଜିତିଲେ ମେକ୍ସିକୋ ସିଟି ଗ୍ରାଁ ପ୍ରି

**ମେକ୍ସିକୋ ସିଟି, ୩୦।୧୦ (ଏପି)**

ରେଡବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍ ଫର୍ମୁଲାୱାନ ମେକ୍ସିକୋ ସିଟି ଗ୍ରାଁ ପ୍ରି ଜିତିଛନ୍ତି। ସିଜନରେ ଏହା ହେଉଛି ତାଙ୍କର ରେକର୍ଡ ୧୬ତମ ବିଜୟ। ରେଡ୍‌ବୁଲର ୩ଥର ସିଜନ ଚାମ୍ପିୟନ ରବିବାର ଅଟୋଡ୍ରୋମୋ ହର୍ମାନସ ରୋଡ୍ରିଗୁଏଜ୍‌ଠାରେ ତାଙ୍କର କ୍ରମାଗତ ତୃତୀୟ ବିଜୟ ହାସଲ କରିଛନ୍ତି। ଏଥିସହିତ ସେ ଗତବର୍ଷ କରିଥିବା ତାଙ୍କ ସିଜନ ବିଜୟ ରେକର୍ଡକୁ ଭଙ୍ଗ କରିଛନ୍ତି। ଭର୍ଷ୍ଟାପେନ୍ ୩ୟ ସ୍ଥାନରୁ ରେସ୍ ଆରମ୍ଭ କରିଥିଲେ। ୨୦୨୧ରେ ମଧ୍ୟ ସେ ଏହି ସ୍ଥାନରୁ ରେସ୍ ଆରମ୍ଭ କରି ବିଜୟ ଲାଭ କରିଥିଲେ। ମର୍ସିଡିଜର ଲୁଇସ ହାମିଲଟନ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଫେରାରିର ଦୁଇ ଡ୍ରାଇଭର ଚାର୍ଲ୍ସ ଲେକ୍‌ରେକ୍ ଓ କାର୍ଲୋସ ସେଞ୍ଜ ଜୁନିୟର ୩ୟ ଓ ୪ର୍ଥ ସ୍ଥାନ ଅଧିକାର କରିଥିଲେ। ଡଚ୍ ଡ୍ରାଇଭର ଭର୍ଷ୍ଟାପେନ୍ ଏହା ହେଉଛି କ୍ୟାରିୟରର ୫୧ତମ ବିଜୟ। ଫର୍ମୁଲା-୧ ଇତିହାସରେ ଅଧିକ ରେସ୍ ଜିତିବାରେ ସେ ଆଲେନ ପ୍ରଷ୍ଟଙ୍କ ସହ ମିଳିତ ଚତୁର୍ଥ ହୋଇଛନ୍ତି। ଏହି ତାଲିକାରେ ମର୍ସିଡିଜ ଡ୍ରାଇଭର ୧୦୩ ବିଜୟ ସହ ସର୍ବାଗ୍ରେ ରହିଛନ୍ତି। ରବିବାର ରେସ୍‌ରେ ଯଥାକ୍ରମେ ୫ରୁ ୧୦ମ ସ୍ଥାନ ଅଧିକାର କରିଥିବା ଡ୍ରାଇଭରମାନେ ହେଲେ ଲାଣ୍ଡୋ ନୋରିସ (ମ୍ୟାକଲେରେନ), ଜର୍ଜ ରସେଲ (ମର୍ସିଡିଜ୍), ଡାନିଏଲ ରିକାର୍ଡୋ (ଆଲ୍‌ଫା ଟାଉରି), ଓସ୍କାର ପିଆଷ୍ଟ୍ରି (ମ୍ୟାକଲରେନ), ଆଲେକ୍ଜାଣ୍ଡର ଆଲ୍‌ବନ (ୱିଲିୟମ୍ସ) ଓ ଏଷ୍ଟିବାନ ଓକନ (ଅଲ୍‌ପାଇନ)। ସୂଚନାଯୋଗ୍ୟ, ଚଳିତ ସିଜନରେ ଆଉ ୩ଟି ରେସ୍ ବାକି ରହିଛି। ସେଗୁଡ଼ିକ ହେଲା ବ୍ରାଜିଲିଆନ ଗ୍ରାଁପ୍ରି (ନଭେମ୍ବର ୫), ଲାସ ଭେଗାସ ଗ୍ରାଁପ୍ରି (ନଭେମ୍ବର ୧୯) ଓ ଆବୁଧାବି ଗ୍ରାଁପ୍ରି (ନଭେମ୍ବର ୨୬)।



ଟ୍ରଫି ସହ ମାକ୍ସ ଭର୍ଷ୍ଟାପେନ୍।

## ଭୁବନେଶ୍ୱର ଭଲିବଲ ଦଳ ପାଇଁ ଖେଳାଳି ଚୟନ

**ଭୁବନେଶ୍ୱର, ୩୦।୧୦ (ତପନ ସ୍ୱାଇଁ):** ଓଡ଼ିଶା ଭଲିବଲ ଆସୋସିଏଶନ ଆନୁକୂଲ୍ୟରେ ଆନ୍ତଃଜିଲା ଭଲିବଲ ପ୍ରତିଯୋଗିତା ଆସନ୍ତା ନଭେମ୍ବରରେ ବୌଦ୍ଧଠାରେ ଅନୁଷ୍ଠିତ ହେବ। ଏଥିରେ ଭୁବନେଶ୍ୱର ଦଳ ଅଂଶଗ୍ରହଣ କରିବ। ଏଥିପାଇଁ ଦଳ ଚୟନ ପ୍ରକ୍ରିୟା ନଭେମ୍ବର ୧୧ ତାରିଖରେ ୟୁନିଟ-୪ସ୍ଥିତ ପୁରୁଣା ଏଜି କଲୋନୀରେ ଥିବା ଏଜି ରିକ୍ରିଏଶନ କ୍ଲବରେ ଅନୁଷ୍ଠିତ ହେବ ବୋଲି ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା ସୂଚନା ଦେଇଛନ୍ତି। ଆଗ୍ରହୀ ଖେଳାଳିମାନେ ଚୟନ ଟ୍ରାଏଲ ଦିନ ସକାଳ ୭ଟା ସୁଦ୍ଧା ଚୟନକର୍ତ୍ତାଙ୍କୁ ରିପୋର୍ଟ କରିବେ। ଅଧିକ ବିବରଣୀ ପାଇଁ ଆସୋସିଏଶନର ଭଲିବଲ ସମ୍ପାଦକ ରାଜେଶ ସାହୁଙ୍କ ସହ ଯୋଗାଯୋଗ କରାଯାଇପାରିବ ବୋଲି ସୌର୍ଯ୍ୟରଞ୍ଜନ ପ୍ରକାଶ କରିଛନ୍ତି।

# ପଦକ ଲକ୍ଷ୍ୟରେ ଓଡ଼ିଶା ଲନ୍‌ବୋଲ୍ ଦଳ

**ଭୁବନେଶ୍ୱର, ୩୦।୧୦ (ତପନ ସ୍ୱାଇଁ)**

ଗୋଆରେ ଚାଲିଥିବା ୩୭ତମ ଜାତୀୟ କ୍ରୀଡ଼ା ପାଇଁ ସୋମବାର ଓଡ଼ିଶା ଲନ୍ ବୋଲ ଦଳ ଘୋଷିତ ହୋଇଛି। ଏଥିରେ ୬ ମହିଳା ଓ ୬ ପୁରୁଷ ଖେଳାଳି ସାମିଲ ଅଛନ୍ତି। ଗତ ମାସରେ ଗୁଆହାଟୀରେ ଅନୁଷ୍ଠିତ ସିନିୟର ଏବଂ ୨୫ ବର୍ଷରୁ କମ୍ ଜାତୀୟ ଚାମ୍ପିୟନଶିପ୍‌ରେ ଓଡ଼ିଶା ଦଳ ୭ଟି ପଦକ ହାସଲ କରିଥିଲେ। ତେଣୁ ଜାତୀୟ କ୍ରୀଡ଼ାପାଇଁ ଦଳର ମନୋବଳ ବେଶ୍ ଉଚ୍ଚରେ ଅଛି ବୋଲି ରାଜ୍ୟ ବୋଲିଂ ଆସୋସିଏଶନ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ସୂଚନା ଦେଇଛନ୍ତି। ପ୍ରତିଷ୍ଠିତ କୋଚ୍ ନୀତୀନ ଭାସୱାନୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓଡ଼ିଶା ଦଳର ପ୍ରସ୍ତୁତି ଶିବିର ଦିଲ୍ଲୀରେ ଅକ୍ଟୋବର ୧୦ରୁ ୨୯ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଏଥିପାଇଁ ସମସ୍ତ ପ୍ରକାର ସମର୍ଥନ ଯୋଗାଇ ଦେଇଥିଲା। ଜାତୀୟ କ୍ରୀଡ଼ାରେ ଲନ୍‌ବୋଲ୍ ଇଭେଣ୍ଟ ନଭେମ୍ବର ୧ରୁ ୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଓଡ଼ିଶା ଦଳ (ପୁରୁଷ): କୈଳାସ ମାଝି, ନରସିଂହ ରାଣା, ଦୀନେଶ ନନ୍ଦ, ସୌରଭ ରଞ୍ଜନ ମହାରଣା, ଲଳିତ ଶର୍ମା, ତାରିଣୀ ପ୍ରସାଦ ନାୟକ। ମହିଳା: ସ୍ୱେତଲାନା ବକ୍ସି, ରାଜେଶ୍ୱରୀ ସେଠ୍, ପ୍ରତିମା ସେଠ୍, ବିଷ୍ଣୁପ୍ରୀୟା ବୋହିଦାର, ରୋଶନି ସାହୁ, ପଦ୍ମସିନି ପୁଟେଲ। କୋଚ୍: ସୁମିତ ରଞ୍ଜନ ପୁରୋହିତ, ମ୍ୟାନେଜର: ଅନ୍ୱେଷ ରାଉତ, ବୈଷୟିକ ଅଧିକାରୀ: ରିଙ୍କୁ ନାଏକ।



ଜାତୀୟ କ୍ରୀଡ଼ା ପାଇଁ ମନୋନୀତ ଓଡ଼ିଶା ଲନ୍‌ବୋଲ୍ ଦଳ।

# ଲିଓନ୍ ଫୁଟବଲ୍ ଟିମ୍ ବସ୍ ଉପରେ ଆକ୍ରମଣ

**ପ୍ୟାରିସ୍,୩୦।୧୦(ପି.ଟି)**

### ୯ ଜଣଙ୍କୁ ଅଟକ ରଖିଲା ଫ୍ରାନ୍ସ ପୋଲିସ

ଫ୍ରାନ୍ସର ଫୁଟବଲ୍ କ୍ଲବ୍ ଲିଓନ୍‌ର ଟିମ୍ ବସ୍ ଉପରେ ଆକ୍ରମଣ ଘଟଣାରେ ପୋଲିସ୍ ୯ ଜଣଙ୍କୁ ଅଟକ ରଖିଛି। ଏହା ସହିତ ଅନ୍ୟ ଆକ୍ରମଣକାରୀଙ୍କ ସନ୍ଧାନରେ ରହିଛି ପୋଲିସ୍। ଏହି ଆକ୍ରମଣରେ କୋଚ୍ ଫାବିଓ ଗ୍ରୋସୋଙ୍କ ମୁଣ୍ଡ ଫାଟି ଯାଇଥିବା ବେଳେ ମାର୍ସେଲିରେ ଥିବା ମ୍ୟାଚକୁ ସ୍ଥଗିତ ରଖାଯାଇଛି। ରବିବାର ରାତିରେ ଲିଓନ୍ ଟିମ୍‌ର ଖେଳାଳି ବସ୍‌ରେ ଫେରୁଥିବା ବେଳେ ବସ୍ ଉପରକୁ ଟେକା ପଥର ମାଡ କରାଯାଇଥିଲା। ଏଥିରେ କୋଚ୍‌ଙ୍କ ଆଖିର ଉପରଭାଗ ଫାଟି ଯାଇଥିଲା। ସେହିପରି ୫ ଜଣ ପୁଲିସ କର୍ମୀ ମଧ୍ୟ ଏହି ଆକ୍ରମଣରେ ଆହତ ହୋଇଛନ୍ତି। ଫ୍ରାନ୍ସର ଗୃହ ମନ୍ତ୍ରୀ ଜେରାଲ୍ଡ ଡାର୍ମାନିନ୍ ପୋଲିସ୍ କର୍ମୀ ଆହତ ହୋଇଥିବା ନେଇ ସୂଚନା ଦେଇଥିଲେ। ଷ୍ଟାଡିୟମ ବାହାରେ ଏହି ଘଟଣା ଘଟିଥିବାରୁ ଏଥିପାଇଁ ପୋଲିସ କର୍ମୀଙ୍କୁ ଦାୟୀ କରାଯାଇଛି। ଲିଓନ୍‌ର କୋଚ୍ ରାଫେଲେ ଲୋଙ୍ଗୋ ମଧ୍ୟ ଆହତ ହୋଇଛନ୍ତି । ଏହା ସହିତ ଲିଓନ୍ ଫ୍ୟାନ ମାନଙ୍କୁ ନେଇ ଯାଉଥିବା ବସ୍ ଉପରେ ମଧ୍ୟ ଆକ୍ରମଣ କରାଯାଇଛି।



ଫାବିଓ ଗ୍ରୋସୋ

# ଓଡ଼ିଶା ୩୧ ରନରେ ବିଜୟୀ

**ଭୁବନେଶ୍ୱର, ୩୦।୧୦ (ତପନ ସ୍ୱାଇଁ)**

### ସିନିୟର ମହିଳା ଟି୨୦

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଘରୋଇ ସିଜନ ଅନ୍ତର୍ଗତ ରାୟପୁରରେ ଚାଲିଥିବା ସିନିୟର ମହିଳା ଟି୨୦ ଟ୍ରଫିର ସୋମବାର ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ୩୧ ରନରେ ଜମ୍ମୁ-କଶ୍ମୀରକୁ ପରାସ୍ତ କରିଛି। ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିବା ଓଡ଼ିଶା ୨୦ ଓଭରରେ ୭ ଉଇକେଟ ହରାଇ ୧୪୯ ରନ କରିଥିଲା। ଦଳ ପକ୍ଷରୁ ପ୍ରଜ୍ଞା ପାରମିତା ମହାନ୍ତି ୪୧ ବଲ୍‌ରୁ ସର୍ବାଧିକ ୫୩ (୮ ଚୌକା) ଓ ତନ୍ମୟୀ ବେହେରା ୨୯ ରନ ସ୍କୋର କରିଥିଲେ। ବିପକ୍ଷ ଦଳର ସରଳା ଦେବୀ ସର୍ବାଧିକ ୨ଟି ଉଇକେଟ ନେଇଥିଲେ। ୧୫୦ ରନ ବିଜୟ ଲକ୍ଷ୍ୟରେ ଜମ୍ମୁ-କଶ୍ମୀର ୨୦ ଓଭରରେ ୫ ଉଇକେଟ ହରାଇ ୧୧୮ ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ରୁବିୟା ସୟଦ ୪୨ ଓ ଚିତ୍ରା ସିଂ ଜମୱାଲ ୩୩ ରନ କରିଥିଲେ ହେଁ ଦଳକୁ ଜିତାଇପାରି ନ ଥିଲେ। ଓଡ଼ିଶା ବୋଲରଙ୍କ ମଧ୍ୟରେ ବର୍ଷାରାଣୀ ସିଂ ୨ଟି ଉଇକେଟ ନେଇଥିଲେ।

# ଇସ୍ତଫା ଦେଲେ ଇଞ୍ଜାମାମ

**ଇସଲାମାବାଦ,୩୦।୧୦**

ଦିନିକିଆ କ୍ରିକେଟ ବିଶ୍ୱକପରେ ପାକିସ୍ତାନର ଦୟନୀୟ ପ୍ରଦର୍ଶନ ଜାରି ରହିଥିବା ବେଳେ ପାକିସ୍ତାନ କ୍ରିକେଟ ଦଳର ମୁଖ୍ୟ ଚୟନକର୍ତ୍ତା ଇଞ୍ଜାମାମ୍ ଉଲ୍ ହକ୍ ନିଜ ପଦରୁ ଇସ୍ତଫା ପ୍ରଦାନ କରିଛନ୍ତି। ପାକିସ୍ତାନ ଲଗାତାର ୪ ମ୍ୟାଚରେ ପରାଜିତ ହୋଇଥିବା ବେଳେ ଇଞ୍ଜାମାମଙ୍କ ଇସ୍ତଫାକୁ ନେଇ ସୋସିଆଲ ମିଡିଆରେ ଚାପା ଗୁଞ୍ଜରଣ ଦେଖିବାକୁ ମିଳିଛି। ଏକ ବଡ ଟୁର୍ନାମେଣ୍ଟ ମଝିରେ ମୁଖ୍ୟ ଚୟନକର୍ତ୍ତାଙ୍କ ଇସ୍ତଫା ଦଳର ମନୋବଳକୁ ଦୁର୍ବଳ କରିଦେବ ବୋଲି କୁହାଯାଉଛି। ପାକିସ୍ତାନ କ୍ରିକେଟ ବୋର୍ଡ(ପିସିବି)ର ମୁଖ୍ୟ ଜାକା ଅଶ୍ରଫଙ୍କ ନିକଟକୁ ଇଞ୍ଜାମାମ ନିଜର ଇସ୍ତଫା ପତ୍ର ପଠାଇଛନ୍ତି। ତେବେ ଇଞ୍ଜାମାମଙ୍କ ଇସ୍ତଫାର ପ୍ରକୃତ କାରଣ କନଫ୍ଲିକ୍ଟ ଅଫ୍ ଇଣ୍ଟ୍ରେଷ୍ଟ(ଦ୍ୱୈତ ସ୍ୱାର୍ଥ) ବୋଲି ଅଭିଯୋଗ ଆସିଛି। ସ୍ପୋର୍ଟ୍ସ ମ୍ୟାନେଜମେଣ୍ଟ କମ୍ପାନୀ 'ୟାଜୋ ଇଣ୍ଟରନ୍ୟାଶନାଲ ଲିମିଟେଡ୍' ଯାହାର ମାଲିକ ତାଲ୍ହା ରେହମାନୀ ଅଟନ୍ତି ସେଥିରେ ଇଞ୍ଜାମାମଙ୍କ ଅଂଶଧନ ରହିଛି। ଏହି କମ୍ପାନୀ ଅନେକ ପାକିସ୍ତାନୀ କ୍ରିକେଟରଙ୍କୁ ମ୍ୟାନେଜ କରୁଛି। ଏହି ଅଭିଯୋଗ ଆସିବା ପରେ ପିସିବି ପକ୍ଷରୁ ମାମଲାର ଯାଞ୍ଚ କରିବା ପାଇଁ ଏକ ୫ ଜଣିଆ ଦଳ ଗଠନ କରାଯାଇଛି। ମାମଲାର ତଦନ୍ତ ଶେଷ ନ ହେବା ପର୍ଯ୍ୟନ୍ତ ଇଞ୍ଜାମାମ ନିଜ ପଦରୁ ଇସ୍ତଫା ପ୍ରଦାନ କରିଛନ୍ତି।

## ଇଣ୍ଡିଆ ଡି ଦଳରେ ୨ ଓଡ଼ିଆ

**ଭୁବନେଶ୍ୱର, ୩୦।୧୦ (ସରୋଜ ଜେନା)**

୧୯ ବର୍ଷରୁ କମ୍ ଚ୍ୟାଲେଞ୍ଜର ଟ୍ରଫିରେ ଓଡ଼ିଶାର ଦୁଇ ଜଣ ଖେଳାଳି ସ୍ଥାନ ପାଇଛନ୍ତି। ଇଣ୍ଡିଆ-ଡି ଦଳରେ ଓଡ଼ିଆ ଖେଳାଳି ଆଶୀର୍ବାଦ ସ୍ୱାଇଁ ଓ ଶ୍ରୀରାଜ ପଟ୍ଟନାୟକଙ୍କୁ ସ୍ଥାନ ମିଳିଛି। ଭିନୁ ମଙ୍କଡ ଟ୍ରଫିରେ ପ୍ରଦର୍ଶନ ଆଧାରରେ ଉଭୟଙ୍କୁ ଚୟନ କରାଯାଇଛି। ଖେଳାଳି ମାନଙ୍କୁ ଇଣ୍ଡିଆ ଏ, ବି, ସି ଓ ଡି ପରି ୪ଟି ଦଳରେ ବିଭକ୍ତ କରାଯାଇଛି। ଗୁଆହାଟୀରେ ଖେଳାଯିବାକୁ ଥିବା ଏହି ଟୁର୍ନାମେଣ୍ଟ ନଭେମ୍ବର ୩ରୁ ୯ ତାରିଖ ମଧ୍ୟରେ ଖେଳାଯିବ। ଉଭୟ ଖେଳାଳିଙ୍କୁ ଓଡ଼ିଶା କ୍ରିକେଟ ଆସୋସିଏଶନ୍(ଓସିଏ) ସଭାପତି ପ୍ରଣବପ୍ରକାଶ ଦାସ, ସମ୍ପାଦକ ସଞ୍ଜୟ ବେହେରା ଶୁଭେଚ୍ଛା ଜଣାଇଛନ୍ତି।

# ବିଜୟ ଧାରାକୁ ଫେରିବା ଲକ୍ଷ୍ୟରେ ଓଏଫ୍‌ସି



ଖବରଦାତା ସମ୍ମିଳନୀରେ ସର୍ଗିଓ ଲୋବେରା ଓ ପ୍ରିନ୍ସଟନ୍ ରେବେଲୋ (ଫଟୋ: ବିକାଶ ନାୟକ)

**ଭୁବନେଶ୍ୱର,୩୦।୧୦ (ସରୋଜ ଜେନା)**

### ଇଣ୍ଡିଆନ୍ ସୁପର୍ ଲିଗ୍

ଐତିହାସିକ କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାର ବେଙ୍ଗାଲୁରୁ ଏଫ୍‌ସି ବିପକ୍ଷରେ ଖେଳିବ ଓଡ଼ିଶା ଏଫ୍‌ସି(ଓଏଫ୍‌ସି)। ଏହି ମ୍ୟାଚ୍‌କୁ ଜିତି ବିଜୟଧାରାକୁ ଫେରିବା ଲକ୍ଷ୍ୟରେ ରହିଛି ଓଏଫ୍‌ସି। କ୍ରମାଗତ ଦୁଇଟି ଆୱେ ମ୍ୟାଚ୍‌ରେ ପରାଜିତ ହୋଇଥିବା ବେଳେ ଘରୋଇ ଦର୍ଶକଙ୍କ ସମ୍ମୁଖରେ ମ୍ୟାଚ୍ ଜିତିବାକୁ ଚାହିଁବ ଓଡ଼ିଶା। ଉଭୟ ଦଳ ଚଳିତ ସିଜନରେ ୪ଟି ଲେଖାଏ ମ୍ୟାଚ୍ ଖେଳି ସାରିଥିବା ବେଳେ ଗୋଟିଏ ଲେଖାଏ ମ୍ୟାଚ୍‌ରେ ବିଜୟୀ ହୋଇଛନ୍ତି। ଗୋଟିଏ ମ୍ୟାଚ ଡ୍ର ରହିଥିବା ବେଳେ ଦୁଇଟି ଲେଖାଏ ମ୍ୟାଚ୍‌ରେ ଉଭୟ ଦଳ ପରାଜିତ ହୋଇଛନ୍ତି। ଓଏଫ୍‌ସି ପଏଣ୍ଟ ଟେବୁଲର ୮ମ ସ୍ଥାନରେ ରହିଥିବା ବେଳେ ବେଙ୍ଗାଲୁରୁ ୧୦ମ ସ୍ଥାନରେ ରହିଛି। ଘରୋଇ ମ୍ୟାଚ୍‌ରେ ଓଏଫ୍‌ସିର ରେକର୍ଡ ଅତ୍ୟନ୍ତ ଚମତ୍କାର। ଏହା ସହିତ ବେଙ୍ଗାଲୁରୁ ସହିତ ଖେଳିଥିବା ଅନ୍ତିମ ଦୁଇ ମ୍ୟାଚ୍‌କୁ ମଧ୍ୟ ଦଳ ଜିତିବାରେ ସଫଳ ହୋଇଛି। ଗତ ସିଜନରେ କଳିଙ୍ଗରେ ଖେଳାଯାଇଥିବା ମ୍ୟାଚ୍‌କୁ ଦଳ ୧-୦ରେ ଜିତିଥିବା ବେଳେ ସୁପର କପ୍ ଫାଇନାଲକୁ ୨-୧ରେ ଜିତିଥିଲା। ସୋମବାର ଖବରଦାତା ସମ୍ମିଳନୀରେ ଓଏଫ୍‌ସି ମୁଖ୍ୟ କୋଚ୍ ସର୍ଗିଓ ଲୋବେରା ଓ ପ୍ରିନ୍ସଟନ୍ ରେବେଲୋ ଯୋଗ ଦେଇଥିଲେ। ବେଙ୍ଗାଲୁରୁ ଏଫ୍‌ସି ଏକ ଶକ୍ତିଶାଳୀ ଦଳ। ସୁନୀଲ ଛେତ୍ରୀଙ୍କ ପରି ଅଭିଜ୍ଞ ଖେଳାଳି ଏହି ଦଳରେ ଥିଲେ ମଧ୍ୟ ଏହି ମ୍ୟାଚ୍ ପାଇଁ ଆମେ ପ୍ରସ୍ତୁତ ବୋଲି କହିଛନ୍ତି ଓଏଫ୍‌ସି ମୁଖ୍ୟ କୋଚ୍ ଲୋବେରା। ବେଙ୍ଗାଲୁରୁ ଏହି ମ୍ୟାଚକୁ କଷ୍ଟସାଧ୍ୟ କରିବାକୁ ପ୍ରୟାସ କରିବ, ତେବେ ଆମ ଖେଳାଳିମାନେ ମାନସିକ ଓ ଶାରୀରିକ ଭାବେ ପ୍ରସ୍ତୁତ ବୋଲି ସେ କହିଛନ୍ତି। ବେଙ୍ଗାଲୁରୁ ଏଫ୍‌ସିର ଚାପକୁ ସାମ୍ନା କରିବା ପାଇଁ ଆମେ ପ୍ରସ୍ତୁତ ବୋଲି କହିଛନ୍ତି ପ୍ରିନ୍ସଟନ୍।

## ଅନିଶ ଭାନୱାଲଙ୍କୁ ଅଲିମ୍ପିକ କୋଟା

**ନୂଆଦିଲ୍ଲୀ, ୩୦।୧୦ (ପି.ଟି.):** ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ବିଜେତା ଅନିଶ ଭାନୱାଲା କୋରିଆର ଚାଙ୍ଗଓପନଠାରେ ଚାଲିଥିବା ଏସିଆନ ଚାମ୍ପିୟନଶିପ୍‌ରେ ପୁରୁଷ ୨୫ ମିଟର ରାପିଡ୍ ପିସ୍ତଲ ଫାୟାର ଇଭେଣ୍ଟରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏଥିସହିତ ସେ ଭାରତର ଦ୍ୱାଦଶ ଅଲିମ୍ପିକ କୋଟା ହାସଲ କରିଛନ୍ତି। କର୍ନଲର ଏହି ୨୧ ବର୍ଷୀୟ ଫାଇନାଲରେ ୨୮ ହିଟ୍ ଲଗାଇଥିଲେ। ଜାପାନର ଦାଇ ୟୋଶିଓକାଙ୍କଠାରୁ ଗୋଟିଏ ଶଟ୍ ପଛରେ ରହିଥିଲେ। ୟୋଶିଓକା ରୌପ୍ୟ ଜିତିଥିଲେ। ସ୍ଥାନୀୟ ଫେଭରାଇଟ୍ ଲି' ଗୁନ୍‌ୟକ୍ ୩୪ ସ୍କୋର ସହ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ଭାନୱାଲ ଫାଇନାଲକୁ ଯୋଗ୍ୟତା ହାସଲ କରିବାପରେ ପ୍ୟାରିସ ଗେମ୍ସ ପାଇଁ କୋଟା ହାସଲ କରିଥିଲେ। କାରଣ ଚାଇନା, ଜାପାନ ଓ କୋରିଆ ପୂର୍ବରୁ ଏହି ଇଭେଣ୍ଟରେ ସେମାନଙ୍କର ୨ଟି ଲେଖାଏ କୋଟା ହାସଲ କରିସାରିଛନ୍ତି। ଭାନୱାଲାଙ୍କୁ ଛାଡ଼ିଦେଲେ ଚାଇନା, ଜାପାନ ଓ କୋରିଆରୁ ଅନ୍ୟ ଶୁଟରମାନେ ଫାଇନାଲକୁ ଉନ୍ନୀତ ହୋଇଥିଲେ।

# ଭୁବନେଶ୍ୱର ଦଳଗତ ଚାମ୍ପିୟନ

**ଭୁବନେଶ୍ୱର, ୩୦।୧୦ (ତପନ ସ୍ୱାଇଁ)**

### ରାଜ୍ୟ ସବ୍‌ଜୁନିୟର କରାଟେ

ଓଡ଼ିଶା ରାଜ୍ୟ କରାଟେ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ସବ୍‌ଜୁନିୟର କରାଟେ ପ୍ରତିଯୋଗିତା ଶେଷ ହୋଇଛି। ଉତ୍କଳ କରାଟେ ସ୍କୁଲ ପରିସରରେ ଗତ ୨୮ ଓ ୨୯ ତାରିଖରେ ଅନୁଷ୍ଠିତ ଉକ୍ତ ପ୍ରତିଯୋଗିତାରେ ଭୁବନେଶ୍ୱର ଦଳଗତ ଚାମ୍ପିୟନ ହୋଇଛି। ଓଡ଼ିଶା କରାଟେ ସଂଘ ସ୍ୱିକୃତିପ୍ରାପ୍ତ ରାଜ୍ୟର ୧୬ଟି ଜିଲା କରାଟେ ଆସୋସିଏଶନରୁ ମୋଟ ୪୨୩ କରାଟେକା ଏଥିରେ ଅଂଶଗ୍ରହଣ କରିଥିଲେ। ଭୁବନେଶ୍ୱର ଦଳ ୪୦ ସ୍ୱର୍ଣ୍ଣ, ୨୪ ରୌପ୍ୟ ଓ ୪୩ ବ୍ରୋଞ୍ଜ ସହ ମୋଟ ୧୦୭ ପଦକ ହାସଲ କରି ପ୍ରଥମସ୍ଥାନ ଅଧିକାର କରିଛି। କୋରାପୁଟ ୧୨ ସ୍ୱର୍ଣ୍ଣ, ୧୫ ରୌପ୍ୟ ଓ ୧୦ ବ୍ରୋଞ୍ଜ ସହ ରନରଅପ୍ ହୋଇଛି। ପ୍ରତିଯୋଗିତା ଅବସରରେ ସନତ କୁମାର ନାୟକ, କାଳି ପ୍ରସାଦ ନନ୍ଦ, ଦୁର୍ଗା ପ୍ରସାଦ ସାମନ୍ତରାୟ, ବ୍ରହ୍ମ ପ୍ରକାଶ ପଟ୍ଟନାୟକ ପ୍ରମୁଖ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସୁରେଶ ଚନ୍ଦ୍ର ଜାଲ, ସମୀର ବହିଦାର, ହୃଦୟ ଶବର, ସୁମନ୍ତ ପଣ୍ଡା, ଏମ.ଡି. ରହମଦ, ଭବାନୀ ପଣ୍ଡା, ସର୍ବେଶ ଅଗ୍ରୱାଲ, ଦେବବ୍ରତ ସମାଦାର, ଦେବେନ୍ଦ୍ର ରାଣା, କ୍ରିଷ୍ଣା ଶିକାରୀ, ଖାରବେଳ ମଲିକ, ଦୀପକ ସାମନ୍ତରା, ମହେଶ ବରାଳ, ସନକ ଦେଓ, ଅରବିନ୍ଦ ବାରିକ ଓ ରାଜୀବ ସିଂ ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ। ରାଜ୍ୟ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତିଥିବା ପ୍ରତିଯୋଗୀଙ୍କ ପ୍ରଦର୍ଶନକୁ ଭିତ୍ତି କରି ଆସନ୍ତା ୧୭ରୁ ୧୯ ପର୍ଯ୍ୟନ୍ତ ଦିଲ୍ଲୀରେ ହେବାକୁଥିବା ଆନ୍ତଃଜୋନ ଓ ଜାତୀୟ ସବ୍‌ଜୁନିୟର ପ୍ରତିଯୋଗିତା ନିମନ୍ତେ ଦଳ ପଠାଯିବ ବୋଲି ଓଡ଼ିଶା ରାଜ୍ୟ କରାଟେ ସଂଘ ସମ୍ପାଦକ ଗୌରୀ ମହାନ୍ତି ସୂଚନା ଦେଇଛନ୍ତି।



ରାଜ୍ୟ ସବ୍‌ଜୁନିୟର କରାଟେରେ ଦଳଗତ ଚାମ୍ପିୟନ ଭୁବନେଶ୍ୱର ଟିମ୍।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ